# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୪/୨୦୧୯ (୨୦ ପୃଷ୍ଠା) Bhubaneswar, Sunday, March 24/2019 (ଛୁଟିଦିନ ସହ) ★★★★★★

୪୫ଶ ଭାଗ ୧୧୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଜୟଲଲିଥାଙ୍କ ବାୟୋପିକ୍‌ରେ କଙ୍ଗନା**

ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ୍ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଲିଥାଙ୍କ ବାୟୋପିକ୍‌ରେ ଅଭିନୟ କରିବାକୁ ଯାଉଛନ୍ତି।

୦୭

୧୮

**ଜ୍ୟାକ୍ସଙ୍କ ଦ୍ରୁତ ଶତକ**

ଇଂଲିଶ କାଉଣ୍ଟି କ୍ରିକେଟ କ୍ଲବ ସରେ ବ୍ୟାଟ୍ସମ୍ୟାନ ୱିଲ୍ ଜ୍ୟାକ୍ସ ମାତ୍ର ୨୫ ବଲ୍‌ରେ ଶତକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି।








# ଟିକେଟ ପାଇଁ ବାୟା

## ଦଳଡିଆଁ ଖୁସ୍, ଅନେକ ଆଶାୟୀ ହତାଶ

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ଲୋକ ସଭା ଓ ବିଧାନସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜ୍ୟରେ ରାଜନୈତିକ ଉଷ୍ମତା ସେତିକି ବଢ଼ିଚାଲିଛି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବିଜେଡି, କଂଗ୍ରେସ ଓ ଭାଜପାରେ ରାଜନୈତିକ ହଟଚମଟ ଜୋରଦାର ହୋଇଛି। ଟିକେଟ ନ ମିଳିବାରୁ ଏମ୍‌ପି, ବିଧାୟକ, ଆଶାୟୀମାନେ ଦଳୀୟ ନେତୃତ୍ୱଙ୍କ ବିରୋଧରେ ବିଷୋଦ୍‌ଗାର କରୁଛନ୍ତି। ପରିସ୍ଥିତି ଏଭଳି ସ୍ତରକୁ ଯାଇଛି ଯେ, ପ୍ରତ୍ୟେକ ଦଳରେ ନେତାମାନେ ଟିକେଟ ପାଇବା ପାଇଁ ବାୟା ହୋଇଯାଇଛନ୍ତି। ନିଜ ଦଳରୁ ହତାଶ ହେବା ପରେ ସେମାନେ ଅନ୍ୟ ଦଳକୁ ଆବୋରି ନେଉଛନ୍ତି। ଦଳବଦଳକାରୀ ଟିକେଟ ପାଇ ଖୁସି ହେଉଥିବାବେଳେ ଦୀର୍ଘବର୍ଷ ଦଳ ପାଇଁ ଖଟୁଥିବା ଆଶାୟୀମାନେ ନିରାଶ ହେବାରେ ଲାଗିଛନ୍ତି। ଟିକେଟ ବଣ୍ଟନ ପରେ ୩ ପ୍ରମୁଖ ଦଳ ମଧ୍ୟରେ ଦେଖାଦେଇଛି ପ୍ରବଳ ଉତ୍ତେଜନା। ଦଳୀୟ ନେତା ଓ କର୍ମୀମାନେ ପାର୍ଟି କାର୍ଯ୍ୟାଳୟ ଆଗରେ ଧାରଣା ଦେବା ସହ କେତେକ ସ୍ଥାନରେ ଭଙ୍ଗାରୁଜା ମଧ୍ୟ କରିଛନ୍ତି। ଟିକେଟ ପାଇ ନ ଥିବା ଦଳୀୟ ଆଶାୟୀ ନେତାଙ୍କ ଅଭିଯୋଗ ହେଲା ଦୀର୍ଘବର୍ଷ ଧରି ଦଳ ପାଇଁ କାର୍ଯ୍ୟ କରୁଥିଲେ ମଧ୍ୟ ଦଳ ପ୍ରକୃତ କର୍ମୀଙ୍କୁ ଅଣଦେଖା କରି ଦଳବଦଳଙ୍କୁ ଟିକେଟ ଦେଉଛି। ଏ ନେଇ ଚାରିଆଡ଼େ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷର ନିଆଁ ବ୍ୟାପିବାରେ ଲାଗିଛି।



ପାଟଣା ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଚୟନକୁ ନେଇ ଅସନ୍ତୁଷ୍ଟ କର୍ମୀମାନେ କେନ୍ଦୁଝର ଜିଲା ଭାଜପା କାର୍ଯ୍ୟାଳୟରେ ଭଙ୍ଗାରୁଜା କରୁଛନ୍ତି। (ରିପୋର୍ଟ ପୃଷ୍ଠା-୧୦)

ଟିକେଟ ପାଇ ନ ଥିବା ବିଜେଡି, ଭାଜପା ଓ କଂଗ୍ରେସର ଆଶାୟୀମାନେ ଦଳୀୟ ନେତୃତ୍ୱଙ୍କୁ ମଧ୍ୟ ଖୋଲାଖୋଲି ଚ୍ୟାଲେଞ୍ଜ କରିଛନ୍ତି। ଟିକେଟରୁ ବଞ୍ଚିତ ଅନେକ ଏମ୍‌ପି, ବିଧାୟକ ଓ ଆଶାୟୀ ଦଳରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ସୁନ୍ଦରଗଡ, ନୟାଗଡ, କଳାହାଣ୍ଡି, କୋରାପୁଟ, ବରଗଡ, ସଇଁତଳା, ପାରଳାଖେମୁଣ୍ଡି, ବ୍ରହ୍ମଗିରି, ଫୁଲବାଣୀ, ଦିଗପହଣ୍ଡି, କନ୍ଧମାଳ, ଝାରସୁଗୁଡା, ନୀଳଗିରି, ମୋହନା ଆଦି ଆସନରୁ ଟିକେଟ ନ ମିଳିବାରୁ ଦଳ ବିରୋଧରେ ବିଦ୍ରୋହ ଆରମ୍ଭ ହୋଇଛି।

କଂଗ୍ରେସରୁ ବିଜେଡିକୁ ଯାଇଥିବା ପୂର୍ବତନ ବିରୋଧୀ ଦଳ ନେତା ଭୂପିନ୍ଦର ସିଂ, ପୂର୍ବତନ ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ନବ କିଶୋର ଦାଶ ଓ ଯୋଗେଶ ସିଂଙ୍କୁ ବିଜେଡି ଚଳିତ ନିର୍ବାଚନରେ ଟିକେଟ ଦେଇଛି। ଏପରି କି କେତେକ ଆସନରେ ସମ୍ପୂର୍ଣ୍ଣ ନୂଆମୁହଁଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଯାଇଛି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ତାରିଖ ଘୋଷଣା ହେବା ପରେ ବିଜେଡି ୯ ଏମ୍‌ପି ଓ ୧୪ ଜଣ ବିଧାୟକଙ୍କୁ ଟିକେଟ ଦେଇନାହିଁ। ଏ ନେଇ ମଧ୍ୟ ଦଳରେ ଅସନ୍ତୋଷର ନିଆଁ କୁହୁଳୁଛି।

ଭାଜପାରେ ମଧ୍ୟ ଅନୁରୂପ ଅବସ୍ଥା ସୃଷ୍ଟି ହୋଇଛି। ବିଜେଡିରୁ ଇସ୍ତଫା ଦେଇ ଭାଜପାରେ ସଦ୍ୟ ଯୋଗଦେଇଥିବା ଏମ୍‌ପି ବଳଭଦ୍ର ମାଝି, ☞ପୃଷ୍ଠା-୪

# ଭାଜପାରେ ପ୍ରତ୍ୟୁଷା

**ଲଢ଼ିବେନି ନିର୍ବାଚନ**



ଭୁବନେଶ୍ୱର,୨୩।୩(ବ୍ୟୁରୋ)

ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ଟିକେଟ ନ ମିଳିବାରୁ ଜଣକ ପରେ ଜଣେ ଏମ୍‌ପି, ବିଧାୟକ ଓ ଆଶାୟୀ ଦଳବଦଳ କରୁଛନ୍ତି। ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି ବିଜେଡିରୁ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇଥିବାବେଳେ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଶନିବାର ଭାଜପାରେ ଯୋଗଦେଇଛନ୍ତି। ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପସଭାପତି ତଥା ମୁଖପାତ୍ର ବୈଜୟନ୍ତ ପଣ୍ଡା, ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ପ୍ରତ୍ୟୁଷା ଭାଜପାରେ ଯୋଗଦାନ କରିଛନ୍ତି। ତାଙ୍କୁ ଦଳୀୟ ଟୋପି, ☞ପୃଷ୍ଠା-୪


**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


# ଏପ୍ରିଲ ୨ରୁ ସକାଳୁଆ ସ୍କୁଲ

## ମେ’ ୬ରୁ ଗ୍ରୀଷ୍ମଛୁଟି

ଭୁବନେଶ୍ୱର, ୨୩।୩(ବ୍ୟୁରୋ)

ଆସନ୍ତା ୨ ତାରିଖରୁ ସକାଳୁଆ ସ୍କୁଲ ହେବ। ସକାଳ ସାଢ଼େ ୬ଟାରୁ ସ୍କୁଲ ଆରମ୍ଭ ହୋଇ ପୂର୍ବାହ୍ନ ସାଢ଼େ ୧୦ଟାରେ ଶେଷ ହେବ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍କୁଲ ସମୟରେ ଏହି ପରିବର୍ତ୍ତନ କରାଯାଇଛି। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶନିବାର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ☞ପୃଷ୍ଠା-୪

# ଚାପରେ ବିଜେଡି, ଝୁଲିଲା ତାଲିକା

## ଖୁବ୍‌ଶୀଘ୍ର ପ୍ରାର୍ଥୀ ଘୋଷଣା: ନବୀନ

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ବିଜେଡି ପକ୍ଷରୁ ଖୁବ୍‌ଶୀଘ୍ର ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏହା କହିଛନ୍ତି। ଖରିଆର ବିଧାୟକ ଦୁର୍ଯ୍ୟୋଧନ ମାଝିଙ୍କ ମିଶ୍ରଣ ପରେ ନବୀନ ଗଣମାଧ୍ୟମକୁ ଏନେଇ ପ୍ରତିକ୍ରିୟା ଦେଇଥିଲେ। ବିଜେଡି ପ୍ରଥମ ଦଫାରେ ୯ ଲୋକ ସଭା ଏବଂ ୫୪ ବିଧାନସଭା ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ରାଜ୍ୟର ଆହୁରି ୧୨ ଲୋକ ସଭା ଏବଂ ୯୩ ବିଧାନସଭା ପ୍ରାର୍ଥୀ ତାଲିକା ଝୁଲିରହିଛି। ଏପରି କି ପ୍ରଥମ ଦୁଇଟି ପର୍ଯ୍ୟାୟରେ ହେବାରୁ ଥିବା ୯ ବିଧାନସଭା ପାଇଁ ମଧ୍ୟ ପ୍ରାର୍ଥୀ ଘୋଷଣା ହୋଇନାହିଁ। ରବିବାର ଦଳ ପକ୍ଷରୁ ପ୍ରାର୍ଥୀ ☞ପୃଷ୍ଠା-୪

**କରମବୀର ସିଂ ହେବେ ନୌସେନା ମୁଖ୍ୟ**

୪








# ଆଡଭାନୀଙ୍କ ଆସନ ଛଡ଼ାଇନେଲେ ଶାହ

ନୂଆଦିଲ୍ଲୀ,୨୩।୩





ଭାରତୀୟ ଜନତା ପାର୍ଟି (ଭାଜପା)ର ସର୍ବବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡଭାନୀଙ୍କ ଗାନ୍ଧୀନଗର ଆସନକୁ ତାଙ୍କଠାରୁ ଦଳ ଅଧ୍ୟକ୍ଷ ଅମିତ ଶାହ ଛଡ଼ାଇ ନେଇଛନ୍ତି। ଉକ୍ତ ଆସନରୁ ଆଡଭାନୀ ଲଗାତର ୬ ଥର ଲୋକ ସଭାକୁ ନିର୍ବାଚିତ ହୋଇଥିଲେ ଏବଂ ଅତୀତରେ ସେ ସ୍ୱରାଷ୍ଟ୍ରମନ୍ତ୍ରୀ ଏବଂ ଉପପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଏଥର ଉକ୍ତ ଆସନରୁ ଅମିତ ଶାହଙ୍କୁ ପ୍ରାର୍ଥୀ କରିଛି ଭାଜପା। ଫଳରେ ୯୧ ବର୍ଷୀୟ ଉତ୍ତୁଙ୍ଗ ନେତାଙ୍କ ରାଜନୈତିକ କ୍ୟାରିୟରରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡିଛି। ଭାଜପାକୁ ନାମମାତ୍ର ସ୍ଥିତିରୁ ବୃହତ ରାଜନୈତିକ ଦଳର ପରିଚୟ ଦେବାରେ ଆଡଭାନୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ତେବେ ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ପ୍ରଧାନମନ୍ତ୍ରୀ ପ୍ରାର୍ଥିତ୍ୱକୁ ବିରୋଧ କରିବା ତାଙ୍କ ପାଇଁ ମହଙ୍ଗା ପଡିଥିଲା। ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ବୟସାଧିକ୍ୟ କାରଣ ଦର୍ଶାଇ ଆଡଭାନୀଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରି ନ ଥିଲେ କି କୌଣସି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇ ନ ଥିଲେ। ତାଙ୍କୁ ନାମକୁ ମାତ୍ର ମାର୍ଗଦର୍ଶକ ମଣ୍ଡଳର ସଦସ୍ୟ ପଦରେ ରଖାଯାଇଥିଲା। ପ୍ରଣବ ମୁଖାର୍ଜୀଙ୍କ ପରେ ☞ପୃଷ୍ଠା-୪

### ଆଜିର ମନ୍ତବ୍ୟ

“ ଶହୀଦଙ୍କୁ ଅପମାନିତ କରି ଜାତୀୟ ନିରାପତ୍ତା ଉପରେ ପ୍ରଶ୍ନ ଉଠାଇଛି କଂଗ୍ରେସ।

– ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

### ଆଜିର ସମ୍ପାଦକୀୟ

ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା

### କିଛି ତଥ୍ୟ

ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ୩.୬୦୨ ବିଲିୟନ ଡଲାର ବୃଦ୍ଧି ଘଟି ୪୦୫.୬୩୮ ବିଲିୟନ ଡଲାର ଛୁଇଁଛି।

–ଆର୍‌ବିଆଇ

### ପାଠିକା/ପାଠକଙ୍କ ପାଇଁ ସୂଚନା

କିଛିସ୍ଥାନରେ ପାଠିକା/ପାଠକମାନେ ପ୍ରତିଦିନ ଧରିତ୍ରୀ ଖବରକାଗଜ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ପାଠିକା/ପାଠକମାନଙ୍କୁ ଆମର ଅନୁରୋଧ ଯେ, ସେମାନେ ନିଜ ଖବରକାଗଜ ବିତରକଙ୍କୁ ଧରିତ୍ରୀ ଦେବା ପାଇଁ ଦାବି କରନ୍ତୁ। ତଥାପି ଧରିତ୍ରୀ ନିୟମିତ ନ ପାଇଲେ ନିମ୍ନଲିଖିତ ମୋବାଇଲ ଫୋନ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଧରିତ୍ରୀ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବ।

୯୪୩୭୦୦୯୪୪୧, ୯୯୩୭୬୧୨୮୪୧
୯୦୪୦୮୦୦୩୭୪


NATIONAL EGG CO-ORDINATION COMMITTEE 23.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 95 | 152 | 162 |
| CTC | 95 | 152 | 162 |
| DKL | 95 | 152 | 162 |
| BDK | 97 | 154 | 164 |
| BLS | 97 | 154 | 164 |
| ANG | 95 | 152 | 162 |

*Conditions Apply

Eggs Retail Price- 43/-Dozen
Issued in the Interest of Consumers












ଭାଜପାର ବିହାର ପ୍ରଭାରୀ ଭୁପେନ୍ଦ୍ର ଯାଦବଙ୍କ ସହ ରାଜ୍ୟ ସଭାପତି ନିତ୍ୟାନନ୍ଦ ରାୟ, ଜେଡିୟୁ ରାଜ୍ୟ ସଭାପତି ବଶିଷ୍ଠ ନାରାୟଣ ଏବଂ ଏଲ୍‌ଜେପି ରାଜ୍ୟମୁଖ୍ୟ ପଶୁପତି ପାରସ ଏନ୍‌ଡିଏର ପ୍ରାର୍ଥୀ ତାଲିକା ଦେଖାଉଛନ୍ତି।




ଝାଡ଼ଖଣ୍ଡର ରାଞ୍ଚିରେ ମତଦାନ ପାଇଁ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ପକ୍ଷରୁ ଲଗାଯାଇଥିବା ହୋର୍ଡିଂ।



ଉତ୍ତର-ପୂର୍ବ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଇଡିଏ)ର ମିଳିତ ବୈଠକରେ ଆବାହକ ହିମନ୍ତ ବିଶ୍ୱଶର୍ମାଙ୍କ ସହ ଆସାମ ଭାଜପା ରାଜ୍ୟ ସଭାପତି ରଞ୍ଜିତ କୁମାର ଦାସ ଏବଂ ଏଜିପି ସଭାପତି ଅତୁଲ ବରା ।

## ସଂକ୍ଷେପରେ

### ଭାଜପାରେ ଗୌତମ ଗମ୍ଭୀର



**ନୂଆଦିଲ୍ଲୀ, ୨୩।୩:** ପୂର୍ବତନ କ୍ରିକେଟର ଗୌତମ ଗମ୍ଭୀର ଶୁକ୍ରବାର ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି। ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ତାଙ୍କୁ ଦିଲ୍ଲୀରୁ ପ୍ରାର୍ଥୀ କରାଇବା ଆଶା କରାଯାଉଛି। ପୂର୍ବତନ ଓପନିଂ ବ୍ୟାଟ୍ସମ୍ୟାନ୍ କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏବଂ ରବିଶଙ୍କର ପ୍ରସାଦଙ୍କ ଉପସ୍ଥିତିରେ ଦଳରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ପ୍ରଭାବିତ ହୋଇ ଭାଜପାରେ ଯୋଗ ଦେଇଛନ୍ତି ବୋଲି ଗମ୍ଭୀର ପ୍ରକାଶ କରିଛନ୍ତି। ନୂଆଦିଲ୍ଲୀ ଲୋକ ସଭା ଆସନରୁ ଗମ୍ଭୀରଙ୍କୁ ପ୍ରାର୍ଥୀ କରାଯାଇପାରେ ।

### ଉମା ଭାରତୀ ଭାଜପା ଉପାଧ୍ୟକ୍ଷ



**ନୂଆଦିଲ୍ଲୀ, ୨୩।୩(ପି.ଟି.):** କେନ୍ଦ୍ରମନ୍ତ୍ରୀ ଉମା ଭାରତୀଙ୍କୁ ଭାଜପା ଶନିବାର ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ନିଯୁକ୍ତ କରିଛି। ସେ ଲୋକ ସଭା ନିର୍ବାଚନ ଲଢ଼ିବେନି ବୋଲି ପୂର୍ବରୁ ନିଷ୍ପତ୍ତି ନେଇଥିଲେ। ଝାନ୍ସି ଆସନରୁ ପ୍ରତିନିଧିତ୍ୱ କରୁଥିବା ଉମା ଭାରତୀ ଏ ସମ୍ପର୍କରେ ଦଳୀୟ ନେତୃତ୍ୱଙ୍କୁ ଜଣାଇଦେବା ପରେ ତାଙ୍କୁ ବଡ଼ ଦାୟିତ୍ୱ ମିଳିଛି।

### କେରଳରୁ ପ୍ରାର୍ଥୀ ହୋଇପାରନ୍ତି ରାହୁଲ

**ନୂଆଦିଲ୍ଲୀ, ୨୩।୩:** କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆମେଠି ସମେତ କେରଳର ୱାୟାନାଡ ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇପାରନ୍ତି । କେରଳ କଂଗ୍ରେସ ନେତାଙ୍କ ସମେତ ଏଆଇସିସି ସାଧାରଣ ସମ୍ପାଦକ ଓମେନ ଚାଣ୍ଡି ଏବଂ ବିରୋଧୀ ଦଳ ନେତା ରାମେଶ ଚେନ୍ନିଥାଲା ଏଥିପାଇଁ ରାହୁଲଙ୍କୁ ଅନୁରୋଧ କରିଛନ୍ତି। କୋଟ୍ଟାୟାମଠାରେ ଗଣମାଧ୍ୟମକୁ ଚେନ୍ନିଥାଲା ସୂଚନା ଦେଇ କହିଛନ୍ତି, ରାହୁଲ କେରଳ ଗସ୍ତରେ ଆସିଥିବାବେଳେ ତାଙ୍କୁ ଏନେଇ ଜଣାଇ ଦିଆଯାଇଥିଲା। ଶନିବାର ପୁଣି ଥରେ ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

ଭାଜପା ପ୍ରାର୍ଥୀ ତାଲିକା: ମୋଦି ବାରାଣସୀ, ରାଜନାଥ ଲକ୍ଷ୍ନୌରୁ ଲଢ଼ିବେ

# ବାକି ରହିଲା ୨୫୭

ନୂଆଦିଲ୍ଲୀ, ୨୩।୩(ପି.ଟି.)





ଭାଜପା ଦୁଇ ପର୍ଯ୍ୟାୟରେ ୨୮୬ ଲୋକ ସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରପ୍ରଦେଶର ବାରାଣସୀ ଆସନରୁ ପ୍ରାର୍ଥୀ ହୋଇଥିବା ବେଳେ ଦଳର ଅଧ୍ୟକ୍ଷ ଅମିତ ଶାହ ଗୁଜରାଟର ଗାନ୍ଧୀନଗରର ଆସନରୁ ଲଢ଼ିବେ। ଏହି ଆସନରେ ପୂର୍ବରୁ ଦଳର ବରିଷ୍ଠ ଭାଜପା ନେତା ଲାଲକୃଷ୍ଣ ଆଡଭାନୀ ଲୋକ ସଭାକୁ ନିର୍ବାଚିତ ହୋଇ ଆସୁଥିଲେ। ଗୁରୁବାର ପ୍ରଥମ ପର୍ଯ୍ୟାୟରେ ପ୍ରକାଶ ପାଇଥିବା ୧୮୪ ପ୍ରାର୍ଥୀଙ୍କ ମଧ୍ୟରେ ଭାଜପାର ଅନେକ ହେଭିଓ୍ୱେଟ ନେତା ଅଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କୁ ଲକ୍ଷ୍ନୌରୁ ପ୍ରାର୍ଥୀ କରାଯାଇଥିବାବେଳେ ସଡକ ପରିବହନ ମନ୍ତ୍ରୀ ନୀତୀନ ଗଡକରୀ ନାଗପୁର ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନି ଆମେଠିରୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବିରୋଧରେ ଲଢ଼ିବେ। ଗତଥର ସେ ଏହି ଆସନରୁ ହାରିଯାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଭି.କେ. ସିଂ, ମହେଶ ଶର୍ମା, କିରେନ ରିଜିଜୁ, ଡି.ଭି. ସଦାନନ୍ଦ ଗୌଡ଼ା, ବାବୁଲ ସୁପ୍ରିୟୋ ଯଥାକ୍ରମେ ଗାଜିଆବାଦ, ଗୌତମବୁଦ୍ଧ ନଗର, ଅରୁଣାଚଳ ପଶ୍ଚିମ, ବେଙ୍ଗାଲୁରୁ ଉତ୍ତର, ଆସାନସୋଲ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଉତ୍ତରପ୍ରଦେଶର ୨୮ ଆସନରେ ପ୍ରାର୍ଥୀ ଘୋଷଣା କରାଯାଇଥିବାବେଳେ କେନ୍ଦ୍ରମନ୍ତ୍ରୀ କ୍ରିଷ୍ଣ ରାଜ, ଅନୁସୂଚିତ ଜାତି କମିଶନ ମୁଖ୍ୟ ତଥା ଆଗ୍ରା ଏମ୍‌ପି ରାମ ଶଙ୍କର କଠେରିଆଙ୍କ ସମେତ ୬ ଏମ୍‌ପି ବାଦ୍ ପଡିଛନ୍ତି। ମଥୁରା ଆସନରୁ ପୂର୍ବତନ ବଲିଉଡ ଅଭିନେତ୍ରୀ ହେମା ମାଳିନୀ ପୁଣି ଥରେ ପ୍ରାର୍ଥୀ ହୋଇଛନ୍ତି। ସେହିପରି ବିହାରରେ ଦଳ ପ୍ରଥମ ପର୍ଯ୍ୟାୟରେ ସମସ୍ତ ୧୭ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହୋଇଥିବାବେଳେ ଓଡିଶାରେ ୧୦, ମହାରାଷ୍ଟ୍ରରେ ୧୬, ଆସାମରେ ୮, ଅରୁଣାଚଳପ୍ରଦେଶରେ ୨ ଏବଂ ଛତିଶଗଡରେ ୫ ଲୋକ ସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା। ଅନ୍ୟ ରାଜ୍ୟ ମଧ୍ୟରେ ଜମ୍ମୁ-କଶ୍ମୀର ପାଇଁ ୫, କେରଳ ପାଇଁ ୧୩, ରାଜସ୍ଥାନ ପାଇଁ ୧୬, ତାମିଲନାଡୁ ୫, ତେଲେଙ୍ଗାନା ୧୦, ଉତ୍ତରାଖଣ୍ଡ ୫, ପଶ୍ଚିମବଙ୍ଗ ପାଇଁ ୨୮ ଏବଂ ଆନ୍ଧ୍ରପ୍ରଦେଶ ପାଇଁ ୨ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହୋଇଛି। କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ପାଟନା ସାହିବରୁ ପ୍ରାର୍ଥୀ ହୋଇଥିବାବେଳେ ଅନ୍ୟତମ ମନ୍ତ୍ରୀ ଗିରିରାଜ ସିଂ ବେଗୁସରାଇରୁ ପ୍ରାର୍ଥୀ ହୋଇଛନ୍ତି।

ଦ୍ୱିତୀୟ ପର୍ଯ୍ୟାୟରେ ଶନିବାର ଆଉ ୧୦୨ ଜଣଙ୍କ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ, ନରେନ୍ଦ୍ର ସିଂ ତୋମାର, ଜୟନ୍ତ ସିହ୍ନା, ଶ୍ରୀପଦ ନାଏକ, ଦଳର ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ପ୍ରମୁଖ। ରବିଶଙ୍କର ବିହାରର ପାଟନାରୁ ଓ ସମ୍ବିତ ଓଡିଶାରୁ ପୁରୀ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ତୋମାର, ଜୟନ୍ତ, ଶ୍ରୀପଦ ଯଥାକ୍ରମେ ମଧ୍ୟପ୍ରଦେଶର ମୋରେନା, ଝାଡଖଣ୍ଡର ହଜାରିବାଗ ଏବଂ ଉତ୍ତର ଗୋଆରୁ ଲଢ଼ିବେ। ହମିରପୁରରୁ ଅନୁରାଗ ଠାକୁରଙ୍କୁ ଭାଜପା ପ୍ରାର୍ଥୀ କରିଥିବାବେଳେ କଙ୍ଗ୍ରା ଏମ୍‌ପି ଶାନ୍ତା କୁମାରଙ୍କୁ ଟିକେଟ ଦିଆଯାଇନାହିଁ। ଏମାନଙ୍କୁ ମିଶାଇ ଦଳ ମୋଟ ୨୮୬ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରିଛି।

ବିହାରର ୪୦ ଆସନ ମଧ୍ୟରୁ ଭାଜପା ୧୭ ଆସନ ଲାଗି ପ୍ରାର୍ଥୀ ଦେଇଥିବା ବେଳେ ଏହାର ସହଯୋଗୀ ଜେଡିୟୁକୁ ୧୭ ଏବଂ ଏଲ୍‌ଜେପିକୁ ୬ ଆସନ ଛାଡିଛି।

# ମୋଦିଙ୍କ ବିରୋଧରେ ଲଢ଼ିବେ ୧୧୧ କୃଷକ

ତିରୁଚିରାପଲ୍ଲୀ, ୨୩।୩



ପି. ଆୟାକାନ୍ନୁ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ନିର୍ବାଚନରେ ତାମିଲନାଡୁର କୃଷକମାନଙ୍କଠାରୁ ବଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ଯାଉଛନ୍ତି। ରାଜଧାନୀ ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରି ଏହି କୃଷକମାନେ ଦାବି ଉପସ୍ଥାପନ କରିଥିଲେ ମଧ୍ୟ କେନ୍ଦ୍ର ସରକାର ତାହାକୁ ଅଣଦେଖା କରିଥିଲେ। ଏବେ ସେମାନେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ବାରାଣସୀ ଆସନରୁ ତାଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ୧୧୧ କୃଷକ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ସେମାନଙ୍କ ନେତା ପି. ଆୟାକାନ୍ନୁ ଶନିବାର ସୂଚନା ଦେଇଛନ୍ତି। ଜାତୀୟ ଦକ୍ଷିଣ ଭାରତୀୟ ନଦୀ ସଂଯୋଗୀକରଣ କୃଷକ ସଂଗଠନର ଅଧ୍ୟକ୍ଷ ଥିବା ଆୟାକାନ୍ନୁ କହିଛନ୍ତି, କୃଷି ଉତ୍ପାଦିତ ସାମଗ୍ରୀର ଲାଭଦାୟକ ମୂଲ୍ୟ ପ୍ରଦାନ ସାଙ୍ଗକୁ ଭାଜପା ନିର୍ବାଚନୀ ଇସ୍ତାହାରରେ କୃଷକମାନଙ୍କ ଦାବିକୁ ସ୍ଥାନ ଦେବା ନିମନ୍ତେ ସେମାନେ ଆହ୍ୱାନ ଦେଇଛନ୍ତି। ଏଥିପାଇଁ ସେମାନେ ଉତ୍ତରପ୍ରଦେଶରୁ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ୨୦୧୭ରେ ଦିଲ୍ଲୀରେ ତାମିଲନାଡୁ କୃଷକମାନଙ୍କ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଆୟାକାନ୍ନୁ। ଏହି ଆନ୍ଦୋଳନ ୧୦୦ରୁ ଅଧିକ ଦିନ ଧରି ଚାଲିଥିଲା। ଏଥର ଦାବି ପୂରଣ କରାଯିବ ବୋଲି ଭାଜପା ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଲେ କୃଷକମାନେ ନିର୍ବାଚନ ଲଢ଼ିବା ନିଷ୍ପତ୍ତିରୁ ଓହରିଯିବେ ବୋଲି ଆୟାକୁନ୍ନୁ କହିଛନ୍ତି। କଂଗ୍ରେସ କୃଷିଋଣ ଛାଡ ପ୍ରତିଶ୍ରୁତି ଦେଇଥିବାବେଳେ ତାମିଲନାଡୁରେ ଡିଏମ୍‌କେ ଏବଂ ଆମ୍ମା ମକ୍କାଲ ମୁନେତ୍ରା କାଝଗମ୍ ଦଳ କ୍ଷମତାକୁ ଆସିଲେ କୃଷିଋଣ ଛାଡ କରିବ ବୋଲି ନିର୍ବାଚନୀ ଇସ୍ତାହାରରେ ଉଲ୍ଲେଖ କରିଛି। ତେଣୁ କେବଳ ଶାସକ ଦଳ ଭାଜପା ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରୋଧରେ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନିଆଯାଇଥିବା କୃଷକ ନେତା କହିଛନ୍ତି।

## ମେ ୧୯ ସନ୍ଧ୍ୟାରେ ଏକ୍‌ଜିଟ ପୋଲ୍

ନୂଆଦିଲ୍ଲୀ, ୨୩।୩(ପି.ଟି.)

### ୱେବ୍‌ସାଇଟ, ସୋସିଆଲ ମିଡିଆ ସାମିଲ

ଲୋକ ସଭା ନିର୍ବାଚନ ୭ ପର୍ଯ୍ୟାୟରେ ହେବାକୁ ଥିବାବେଳେ ମେ' ୧୯ ଚୂଡ଼ାନ୍ତ ପର୍ଯ୍ୟାୟ ମତଦାନ ଶେଷ ହେବା ପରେ ସେଦିନ ସନ୍ଧ୍ୟାରେ ବୁଥ୍‌ଫେରନ୍ତା ଜନମତ ସର୍ଭେ (ଏକ୍‌ଜିଟ ପୋଲ୍)ର ପ୍ରସାରଣ କରାଯାଇପାରିବ। ନିର୍ବାଚନ କମିଶନ(ଇସି)ଙ୍କ ପକ୍ଷରୁ ଗଣମାଧ୍ୟମ ଲାଗି ଶନିବାର ପ୍ରକାଶିତ ଆଡଭାଇଜରିରେ ଏହା କୁହାଯାଇଛି। ଏଥିରେ ପ୍ରଥମ ଥର ଲାଗି ୱେବସାଇଟ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମକୁ ସାମିଲ କରାଯାଇଛି। ଟିଭି, ରେଡିଓ ଚ୍ୟାନେଲ, କେବୁଲ ନେଟୱର୍କ, ୱେବସାଇଟ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମ ପ୍ରତ୍ୟେକ ପର୍ଯ୍ୟାୟ ନିର୍ବାଚନ ଶେଷ ହେବାର ପୂର୍ବ ୪୮ ଘଣ୍ଟା ମଧ୍ୟରେ କୌଣସି ଦଳ କିମ୍ବା ପ୍ରାର୍ଥୀଙ୍କ ମତାମତ ଅଥବା ଅନୁରୋଧ ଇତ୍ୟାଦିକୁ ପ୍ରସାରଣ କରିପାରିବେ ନାହିଁ। ଉକ୍ତ ଆଡଭାଇଜରି ବିଧାନସଭା ନିର୍ବାଚନ ହେବାକୁ ଥିବା ଓଡିଶା, ଆନ୍ଧ୍ରପ୍ରଦେଶ, ସିକ୍କିମ ଓ ଅରୁଣାଚଳପ୍ରଦେଶ କ୍ଷେତ୍ରରେ ମଧ୍ୟ ଲାଗୁ ହେବ। ନିର୍ବାଚନ ଆରମ୍ଭ ଠାରୁ ଫଳାଫଳ ଘୋଷଣା ପର୍ଯ୍ୟନ୍ତ ଖବର ପ୍ରସାରଣକାରୀ ସଂସ୍ଥାଗୁଡିକ ଉପରେ ନିର୍ବାଚନ କମିଶନ ପୂରା ନଜର ରଖିବେ। ପ୍ରସାରଣକାରୀ ସଂସ୍ଥା ନିୟମ ଉଲ୍ଲଂଘନ କରୁଥିବା ଇସିଙ୍କ ପକ୍ଷରୁ ଖବର ପ୍ରସାରଣ ମାନକ କର୍ତ୍ତୃପକ୍ଷ (ଏନବିଏସ୍ଏ)ଙ୍କ ନିକଟରେ ଅଭିଯୋଗ ହେଲେ ଉକ୍ତ ସଂସ୍ଥା ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

## ଆର୍‌ଜେଡି ୨୦, କଂଗ୍ରେସ ୯ ଆସନରେ ଲଢ଼ିବ

ନୂଆଦିଲ୍ଲୀ, ୨୩।୩

### ବିହାର ମହାମେଣ୍ଟ

ବିହାରରେ ମହାମେଣ୍ଟ ପକ୍ଷରୁ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଉକ୍ତ ରାଜ୍ୟରେ ୪୦ ଲୋକ ସଭା ଆସନ ମଧ୍ୟରୁ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ୨୦ଟି ଆସନରେ ଲଢ଼ିବାକୁ ଥିବା ବେଳେ କଂଗ୍ରେସ ୯ଟିରେ, ଉପେନ୍ଦ୍ର କୁଶ୍‌ୱାହାଙ୍କ ରାଷ୍ଟ୍ରୀୟ ଲୋକ ସମତା ପାର୍ଟି ୫ଟି ଆସନରେ, ଜିତନ ରାମ ମାନ୍‌ଜିଙ୍କ ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା (ଧର୍ମନିରପେକ୍ଷ) ୩ଟିରେ, ମୁକେଶ ସାହନିଙ୍କ ବିକାଶୀଳ ଇନ୍‌ସାନ ପାର୍ଟି ୩ଟି ଆସନରେ ନିର୍ବାଚନ ଲଢ଼ିବ। ଆରଜେଡି ନିଜ ଭାଗରୁ ଗୋଟିଏ ଆସନ ସିପିଆଇ (ଏମ୍-ଏଲ୍)କୁ ଛାଡିଦେଇଛି। ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ମତଦାନ ପାଇଁ ମହାମେଣ୍ଟର ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଚଏଏମ୍(ଏସ) ନେତା ଜିତନ ରାମ ମାନ୍‌ଝି ଗୟା ଆସନରୁ ଲଢ଼ିବାକୁ ଥିବାବେଳେ ଆରଏଲ୍ଏସପି ପ୍ରାର୍ଥୀ ଭୁଦେଓ ଚୌଧରୀ ଜାମୁଇ ଆସନରୁ, ଏଚ୍ଏଏମ୍(ଏସ୍) ପ୍ରାର୍ଥୀ ଉପେନ୍ଦ୍ର ପ୍ରସାଦ ଔରଙ୍ଗାବାଦରୁ ଏବଂ ଆରଜେଡିର ବିଭା ଦେବୀ ନୱାଦା ଆସନରୁ ଲଢ଼ିବେ। ଆରଜେଡି ରାଜ୍ୟ ନେତା ରାମଚନ୍ଦ୍ର ପୁର୍ଭେ ଏବଂ ରାଜ୍ୟସଭା ଏମ୍‌ପି ମନୋଜ ଝା ଉପରୋକ୍ତ ଘୋଷଣା କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀଙ୍କ ବାସଭବନରେ ମହାମେଣ୍ଟ ନେତାମାନଙ୍କ ମାରାଥନ ବୈଠକ ପରେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇଥିଲା। ବୈଠକରେ ତେଜସ୍ୱୀ ଯାଦବ, ଲୋକତନ୍ତ୍ରିକ ଜନତା ଦଳ ନେତା ଶରଦ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ସେ ଆରଜେଡି ଟିକେଟରେ ନିର୍ବାଚନ ଲଢ଼ିପାରନ୍ତି ବୋଲି କୁହାଯାଉଛି। ନିର୍ବାଚନ ପରେ ତାଙ୍କ ଦଳ ଆରଜେଡିରେ ମିଶିବ।

## ବେଗୁସରାଇରେ ଗିରିରାଜଙ୍କୁ ଟକ୍କର ଦେବେ କହ୍ନେୟା କୁମାର





**ନୂଆଦିଲ୍ଲୀ, ୨୩।୩:** ଆଗାମୀ ଲୋକ ସଭା ନିର୍ବାଚନ ଲାଗି ଏନ୍‌ଡିଏ ବିହାର ପାଇଁ ପ୍ରାର୍ଥୀ ଘୋଷଣା କରିବା ପରେ ଏବେ ବେଗୁସରାଇ ହଟ୍ ସିଟ୍‌ରେ ପରିଣତ ହୋଇଛି। ଏହି ଆସନକୁ ନେଇ ସବୁଠୁ ବେଶି ଚର୍ଚ୍ଚା। ଭାଜପା ଏଠାରେ ଅଗ୍ନିବର୍ଷୀ ନେତା ତଥା କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂଙ୍କୁ ପ୍ରାର୍ଥୀ କରିଥିବାବେଳେ ଜେଏନ୍‌ୟୁର ପୂର୍ବତନ ଛାତ୍ରସଂସଦ ସଭାପତି ତଥା ଯୁବନେତା କହ୍ନେୟା କୁମାରଙ୍କୁ ପ୍ରାର୍ଥୀ କରିଛି ସିପିଆଇ। ଉଭୟେ ଭୂମିହାର ସମ୍ପ୍ରଦାୟର। ଗିରିରାଜ ଜଣେ କଠୋରପନ୍ଥୀ ହିନ୍ଦୁବାଦୀ ହୋଇଥିବା ବେଳେ କହ୍ନେୟାକୁମାରଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହୋଇଥିଲା।

■ ରାହୁଲଙ୍କ ସଭାରେ ବିଶୃଙ୍ଖଳା

# ମୋଦି, ମମତାଙ୍କୁ ଟାର୍ଗେଟ

ମାଲଦା, ୨୩।୩

ପଶ୍ଚିମବଙ୍ଗର ମାଲଦାଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଉଭୟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ କଡା ସମାଲୋଚନା କରିଛନ୍ତି। ଉଭୟଙ୍କ କାର୍ଯ୍ୟଧାରା ସମାନ। ସେମାନେ ଭାଷଣରେ କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ଜାଣନ୍ତି ବୋଲି ରାହୁଲ କହିଛନ୍ତି। ପୂର୍ବରୁ ବାମ ଦଳଗୁଡିକ ଯେଉଁ କୌଶଳ ଆପଣାଉଥିଲେ ଏବେ ମମତା ସେହି କୌଶଳରେ କାର୍ଯ୍ୟ କରୁଛନ୍ତି। ମୋଦି ଓ ମମତା କାହାର ପରାମର୍ଶ ନ ନେଇ ଶାସନ କରୁଛନ୍ତି। ସେମାନେ ଜନସାଧାରଣଙ୍କ ମତକୁ ଅଣଦେଖା କରୁଛନ୍ତି ବୋଲି କଂଗ୍ରେସ ଅଧ୍ୟକ୍ଷ କହିଥିଲେ।

ମାଲଦାଠାରେ କଂଗ୍ରେସ ସଭାରେ ବିଶୃଙ୍ଖଳା ଦେଖାଦେଇଛି। ଶନିବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଉକ୍ତ ସଭାରେ ଯୋଗଦେଇଥିବା ବେଳେ କିଛି ବିଶୃଙ୍ଖଳିତ କର୍ମୀ ବାରିକେଡ ଭଙ୍ଗାରୁଜା କରିବା ସହ ଚେୟାର ଫିଙ୍ଗିଥିଲେ। ସେତେବେଳେ ରାହୁଲ ସଭାରେ ଉପସ୍ଥିତ ନ ଥିଲେ। ସେ ଅପରାହ୍ନରେ ପହଞ୍ଚିବାର କାର୍ଯ୍ୟକ୍ରମ ଥିଲା। ଆଖପାଖ ଅଞ୍ଚଳରୁ ଆସିଥିବା ଦଳୀୟ କର୍ମୀ ସେମାନଙ୍କ ବସିବା ଲାଗି ଉପଯୁକ୍ତ ବ୍ୟବସ୍ଥା ହୋଇ ନ ଥିବା ଦେଖି ରାଜ୍ୟ ନେତୃତ୍ୱ ବିରୋଧରେ ନାରାବାଜି କରିଥିଲେ।



ପଶ୍ଚିମବଙ୍ଗର ମାଲ୍‌ଦାରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ।

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୪, ୨୦୧୯



ପୁଲ୍‌ୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ମୁଦାସିର୍‌ଙ୍କ ଘନିଷ୍ଠ ସହଯୋଗୀ ତଥା ଜୈଶ-ଇ-ମହମ୍ମଦ୍ ଆତଙ୍କବାଦୀ ସଜାଦ୍ ଖାନ୍‌ଙ୍କୁ ନୂଆଦିଲ୍ଲୀରେ ଗିରଫ କରାଯାଇଛି। ସଜାଦ୍(୨୭) ହେଉଛନ୍ତି ପୁଲ୍‌ୱାମାର ବାସିନ୍ଦା। ଗୁରୁବାର ରାତିରେ ଲାଜପତ୍ ରାୟ ମାର୍କେଟ ନିକଟରେ ତାଙ୍କୁ ଗିରଫ କରାଯାଇଛି। ନିକଟରେ ଜମ୍ମୁ-କଶ୍ମୀରରେ ନିରାପତ୍ତା ବାହିନୀ ସହ ଗୁଳି ବିନିମୟରେ ପୁଲ୍‌ୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ମୁଦାସିର୍ ନିହତ ହୋଇଥିବା ଡେପୁଟି କମିଶନର ଅଫ୍ ପୋଲିସ (ସ୍ୱତନ୍ତ୍ର ସେଲ୍) ପ୍ରମୋଦ ସିଂ କୁଶୱାହ ସୂଚନା ଦେଇଛନ୍ତି। ଶନିବାରଠାରୁ ତାଙ୍କୁ ଏନ୍ଆଇଏ ହାତକୁ ନିଆଯାଇଛି।






# ବିଜୟଙ୍କୁ ମନାଇବା ପାଇଁ ଭାଜପାର ପ୍ରୟାସ ଜାରି

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ ମନାଇବା ପାଇଁ ଭାଜପା ତା'ର ସମସ୍ତ ଉଦ୍ୟମ ଜାରି ରଖିଛି। ଏହି କ୍ରମରେ ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ ଏବଂ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଶନିବାର ବିଜୟଙ୍କୁ ସାକ୍ଷାତ କରିଛନ୍ତି। ସାକ୍ଷାତ ସମ୍ପର୍କରେ ଉଭୟ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ଭାଜପାରୁ ଇସ୍ତଫା ଦେବା ପରେ ବି ବିଜୟ ଏଯାଏ କେଉଁଆଡ଼େ ଯାଇନାହାନ୍ତି। ତେଣୁ ତାଙ୍କୁ ମନାଇ ପୁନର୍ବାର ଭାଜପାକୁ ଆଣିବା ପାଇଁ ଚେଷ୍ଟା ଚାଲିଛି। ବିଜୟଙ୍କ ସହ ଭାଜପା ନେତାଙ୍କ ସାକ୍ଷାତ୍‌କୁ ଦଳୀୟ ମହଲରେ ସକାରାତ୍ମକ ବୋଲି କୁହାଯାଇଛି। ହେଲେ ବିଜୟ ନିଜ ନିଷ୍ପତ୍ତି ସ୍ପଷ୍ଟ କରି ନ ଥିବାରୁ ତାଙ୍କ ପରବର୍ତ୍ତୀ ରଣନୀତି କ'ଣ ହେବ ତା' ଉପରେ ସମସ୍ତଙ୍କ ନଜର ରହିଛି। ଦୁଇରୁ ତିନିଦିନ ମଧ୍ୟରେ ବିଜୟ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଏହି ସାକ୍ଷାତ ବିଜୟଙ୍କ ବାସଭବନରେ ହୋଇଥିଲା।


ବିଜୟ ମହାପାତ୍ରଙ୍କ ବାସଭବନ ସମ୍ମୁଖରେ ଭାଜପା ନେତା ବୈଜୟନ୍ତ ପଣ୍ଡା, କେ.ଭି. ସିଂଦେଓ ଓ ଅନ୍ୟମାନେ।

- କେ.ଭି, ବୈଜୟନ୍ତ ବିଜୟଙ୍କୁ ଭେଟିଲେ
- ଦିଲୀପଙ୍କୁ ବିଜେଡିର ଆଶା

ସେହିପରି ବିଜୟଙ୍କ ରାଜନୈତିକ ସହଯୋଗୀ ଦିଲୀପ ରାୟ କିଛିଦିନ ତଳେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଥିଲେ। ଉଭୟଙ୍କ ସାକ୍ଷାତ୍ ପରେ ବିଜେଡିରେ ତାଙ୍କ ଯୋଗଦାନ ନେଇ ଚର୍ଚ୍ଚା ଜୋର ଧରିଥିଲା। ଉକ୍ତ ସାକ୍ଷାତ୍‌କୁ ସପ୍ତାହେ ପୂରିଥିଲେ ବି ଦିଲୀପ ବିଜେଡିରେ ସାମିଲ ହୋଇନାହାନ୍ତି। ପଶ୍ଚିମ ଓଡ଼ିଶାରୁ ଆସିଥିବା କଂଗ୍ରେସର ନବ ଦାସଙ୍କୁ ବିଜେଡି ଗୁରୁତ୍ୱ ଦେଉଥିବାରୁ ଦିଲୀପଙ୍କ ରୋଷର ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ଏତେସବୁ ପରେ ମଧ ବିଜେଡି ଆଉଥରେ ଦିଲୀପଙ୍କୁ ମନାଇବାକୁ ପ୍ରୟାସ ଆରମ୍ଭ କରିଛି। ଦଳ ପକ୍ଷରୁ ଏବେ ବି କେନ୍ଦ୍ରାପଡ଼ା ପାଇଁ ତାଙ୍କ ନାଁ ବିଚାର କରାଯାଉଥିବା ସୂତ୍ରରୁ ପ୍ରକାଶ। ତେଣୁ ଦିଲୀପ ବିଜେଡି ଫେରୁଛନ୍ତି ନା ଅନ୍ୟ କିଛି ନିଷ୍ପତ୍ତି ନେଉଛନ୍ତି, ତା' ଉପରେ ସମସ୍ତଙ୍କ ନଜର ରହିଛି।

# ବିଜେଡି ଛାଡ଼ିଲେ ବୃନ୍ଦାବନ ମାଝି

ଭୁବନେଶ୍ୱର/କୁଚିଣ୍ଡା, ୨୩।୩ (ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ଜିଲା କୁଚିଣ୍ଡା ଓ ଝାରସୁଗୁଡ଼ା ଜିଲା ଲଇକେରାରର ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ ଶନିବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ମାଝିଙ୍କ ସହ ତାଙ୍କର କେତେକ ସମର୍ଥକ ମଧ ଦଳରୁ ଇସ୍ତଫା ଦେଇଛନ୍ତି। ଏଥର ସେ କୁଚିଣ୍ଡା ନିର୍ବାଚନମଣ୍ଡଳୀ ପାଇଁ ଟିକେଟ ଆଶାୟୀ ଥିଲେ। ମାତ୍ର ଭାଜପା ନେତା କିଶୋର ନାୟକ ବିଜେଡିରେ ଯୋଗଦେବା ପରେ ତାଙ୍କର ଟିକେଟ ଏକ ପ୍ରକାରର ବୃତାନ୍ତ ହୋଇଯାଇଛି। କିଶୋରଙ୍କ ପ୍ରାର୍ଥୀତ୍ୱକୁ ମାଝିଙ୍କ ନେତୃତ୍ୱରେ ୬ଜଣ ଆଶାୟୀ ପ୍ରାର୍ଥୀ ବିରୋଧ କରିଥିଲେ। ଏପରି କି ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ମଧ ପ୍ରଦାନ କରିଥିଲେ। ମାତ୍ର ଦଳ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ବୃନ୍ଦାବନ ତାଙ୍କର ସମର୍ଥକ ଜମନକିରା ବ୍ଲକ ବିଜେଡି ଉପସଭାପତି ପ୍ରମୋଦ କୁମାର ପଟ୍ଟନାୟକ, ବଡମାଳ ଗ୍ରାମ ପଞ୍ଚାୟତ ବିଜେଡି ସଭାପତି ଭରତ ଚନ୍ଦ୍ର ମହାକୁଳ, କୁଲୁଣି ଗ୍ରାମ ପଞ୍ଚାୟତ ସଭାପତି ଅକ୍ଷୟ ବିଶ୍ୱାଳ ପ୍ରମୁଖଙ୍କ ସହ ଦଳରୁ ଇସ୍ତଫା ଦେଇଛନ୍ତି।




**STATE BANK OF INDIA**
**BC & DM Dept., SBI, Local Head Office, Bhubaneswar**
**PUBLIC NOTICE**

Public at large is hereby informed that **Sri Jyoti Prakash,** Officer in MMGS-II, P.F. No. 3767868 working in State Bank of India, presently posted at its Balasore Branch as Dy. Manager, has been **dismissed** from Bank's service by virtue of **Order No.: HO/BC & DM /409 dated 21/03/2019** of the Appointing Authority, General Manager, Network-II, SBI at Local Head Office, Bhubaneswar. The said order has been sent through speed post on **21/03/2019 vide receipt No. 6979432668171 & 6979432668185** to his residential address at Balasore and Berhampur, recorded at SBI. Since Sri Jyoti Prakash is not available at his place of posting at Balasore, the said order was pasted at his residence at Balasore and also sent to him by e-mail & WhatsApp in his registered mobile number with SBI. He is requested to come & collect the above order from the **Chief Manager, SBI, Balasore Branch.** The Public at large is advised not to deal with Sri Jyoti Prakash in any manner in connection with Bank's affairs and if anybody does so inspite of the present notice, he will be doing so at his own risk and responsibility.

**Date: 21.03.2019** **Asst. General Manager**

# ବିଜେଡିକୁ ଫେରିଲେ ଦୁର୍ଯ୍ୟୋଧନ ମାଝି

ଭୁବନେଶ୍ୱର, ଖରିଆର, ୨୩।୩(ବ୍ୟୁରୋ)

ନୂଆପଡ଼ା ଜିଲା ଖରିଆର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦୁର୍ଯ୍ୟୋଧନ ମାଝି ଶନିବାର ବିଜେଡିରେ ଯୋଗଦେଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ମାଝି ଶୁକ୍ରବାର ଭାଜପାରୁ ଇସ୍ତଫା ଦେଇଥିଲେ। ଭାଜପାରେ ତାଙ୍କ ଭଳି ବରିଷ୍ଠ ନେତାଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ କରି ସେ ଇସ୍ତଫା ଦେଇଥିଲେ। ଭାଜପା ଯାଦବ କାର୍ଡ ଖେଳି ଚିଟ୍‌ଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ ଥିବା ଖରିଆରର ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତିଙ୍କ ସ୍ତ୍ରୀ ରୀତାରାଣୀ ବଗର୍ତ୍ତିଙ୍କୁ ଟିକେଟ ପ୍ରଦାନ କରିଛି।



ଆଗାମୀ ନିର୍ବାଚନରେ ବିଧାୟକ ମାଝି ପୁଣିଥରେ ଭାଜପା ଟିକେଟରୁ ନିର୍ବାଚନ ଲଢ଼ିବା ପାଇଁ ଆଶାୟୀ ଥିଲେ । ଅନ୍ୟପକ୍ଷେ ଦୁର୍ଯ୍ୟୋଧନଙ୍କ ଇସ୍ତଫା ପ୍ରସଙ୍ଗରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଗଣମାଧ୍ୟମକୁ କହିଥିଲେ ଯେ, ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ପ୍ରାର୍ଥୀଙ୍କୁ ଦଳ ଟିକେଟ ଦେବନାହିଁ ବୋଲି ନିଷ୍ପତ୍ତି ନେଇଛି, ସେଥିପାଇଁ ତାଙ୍କୁ ଟିକେଟ ମିଳିନାହିଁ । ଦୁର୍ଯ୍ୟୋଧନ ୧୯୯୦ ଓ ୧୯୯୫ରେ ଜନତା ଦଳ ଏବଂ ୨୦୦୦ ଓ ୨୦୦୪ ନିର୍ବାଚନରେ ବିଜୁ ଜନତା ଦଳ ଟିକେଟରେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ୨୦୦୯ରେ ବିଜୁ ଜନତା ଦଳ ଟିକେଟରେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ୨୦୧୪ ନିର୍ବାଚନରେ ତାଙ୍କୁ ବିଜେଡି ଟିକେଟ ଦେଇ ନ ଥିଲା। ତେଣୁ ସେ ଭାଜପା ଟିକେଟରେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ।

# ବିଜେଡିର ତାରକା ପ୍ରଚାରକଙ୍କ ତାଲିକା ଜାରି

ଭୁବନେଶ୍ୱର,୨୩।୩(ବ୍ୟୁରୋ)

- ବହୁ ବରିଷ୍ଠ ନେତା ସାମିଲ
- ସିନେ ଷ୍ଟାରଙ୍କୁ ମଧ ମିଳିଛି ସ୍ଥାନ

ବିଜେଡି ପକ୍ଷରୁ ବିଧାନସଭା ଓ ସାଧାରଣ ନିର୍ବାଚନ ପ୍ରଚାର ପାଇଁ ଶନିବାର ତାରକା ପ୍ରଚାରକଙ୍କ ତାଲିକା ପ୍ରକାଶ ପାଇଛି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରକାଶିତ ଏହି ୪୦ ଜଣିଆ ତାଲିକାରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସମେତ କେତେଜଣ ମନ୍ତ୍ରୀ, ବିଧାୟକ ଏବଂ ଦଳୀୟ କାର୍ଯ୍ୟକର୍ତ୍ତା ସ୍ଥାନ ପାଇଛନ୍ତି। ତାଲିକାରେ ଦଳର ଉପସଭାପତି ଅନଙ୍ଗ ଉଦୟ ସିଂଦେଓ, ପ୍ରସନ୍ନ ଆଚାର୍ଯ୍ୟ, ସୂର୍ଯ୍ୟ ନାରାୟଣ ପାତ୍ର, ଡ. ପ୍ରସନ୍ନ ପାଟଶାଣୀ, ଏନ୍. ଭାସ୍କର ରାଓ ଏବଂ ପ୍ରମିଳା ମଲିକ ପ୍ରମୁଖଙ୍କ ନାମ ରହିଛି। ଦଳର ସାଧାରଣ ସମ୍ପାଦକ ପଦ୍ମନାଭ ବେହେରା, ପ୍ରଣବ ପ୍ରକାଶ ଦାସ ଓ ସଞ୍ଜୟ ଦାସବର୍ମାଙ୍କୁ ଏହି ତାଲିକାରେ ସ୍ଥାନ ମିଳିଛି।

ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରତାପ କେଶରୀ ଦେବ, ପ୍ରଶାନ୍ତ ନନ୍ଦ ଏବଂ ଅନୁଭବ ମହାନ୍ତିଙ୍କୁ ମଧ ଷ୍ଟାର କ୍ୟାମ୍ପେନର ତାଲିକାରେ ସ୍ଥାନ ମିଳିଛି। ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିକ୍ରମ କେଶରୀ ଆରୁଖ, ପ୍ରତାପ ଜେନା, ଚନ୍ଦ୍ରସାରଥି ବେହେରା, ପ୍ରଫୁଲ୍ଲ ମଲିକ, ସୁଶାନ୍ତ ସିଂ ଏବଂ ରମେଶ ମାଝିଙ୍କୁ ଏଥିରେ ସାମିଲ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରବି ନାରାୟଣ ପାଣି, କିଶୋର ମହାନ୍ତି, ନବ ଦାସ, ଦିଲୀପ ତିର୍କୀ, ସୁବାସ ସିଂ, ଅନନ୍ତ ନାରାୟଣ ଜେନା, ବିଧାୟକ ଆକାଶ ଦାସନାୟକ, ମୁନ୍ନା ଖାଁ ଏବଂ ମହିଳା ବିଜେଡି ସଭାନେତ୍ରୀ ମିନତି ବେହେରାଙ୍କୁ ସ୍ଥାନ ମିଳିଛି। ଚଳଚ୍ଚିତ୍ର ଅଭିନେତା ଅରିନ୍ଦମ ରାୟ, କୁନା ତ୍ରିପାଠୀଙ୍କୁ ମଧ ଏହି ତାଲିକାରେ ରଖାଯାଇଛି। ସେହିପରି ଯୁବ ବିଜେଡି ସଭାପତି ଅମରେଶ ପତ୍ରି, ଛାତ୍ର ବିଜେଡି ସଭାପତି ରାଣା ପ୍ରତାପ ପାତ୍ର, ମହିଳା ନେତ୍ରୀ କସ୍ତୁରୀ ମହାପାତ୍ର, ଶ୍ରୀମୟୀ ମିଶ୍ର, ଲୋପାମୁଦ୍ରା ବକ୍ସିପାତ୍ରଙ୍କୁ ତାରକା ପ୍ରଚାରକ ଭାବେ ସ୍ଥାନ ମିଳିଛି। ଯୁବନେତା ତେଜେଶ୍ୱର ପରିଡ଼ା ଏବଂ ଆଇନଜୀବୀ ଅସିତ୍ ଅମିତାଭ ଦାସଙ୍କୁ ମଧ ଏହି ତାଲିକାରେ ଥିବା ଦେଖିବାକୁ ମିଳିଛି।









## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ନୁମାନ୍
ପରିବାରବର୍ଗ



ଶଶିକାନ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କରମବୀର ସିଂ ହେବେ ନୌସେନା ମୁଖ୍ୟ

**ନୂଆଦିଲ୍ଲୀ,୨୩।୩(ପି.ଟି.)**

ଭାଇସ୍ ଆଡମିରାଲ କରମବୀର ସିଂଙ୍କୁ ଦେଶର ପରବର୍ତ୍ତୀ ନୌସେନା ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ବର୍ତ୍ତମାନର ନୌସେନା ମୁଖ୍ୟ ଆଡମିରାଲ ସୁନୀଲ ଲାନ୍‌ବା ଆସନ୍ତା ମେ ୩୦ରେ ଅବସର ନେବାକୁ ଯାଉଥିବାବେଳେ ତାଙ୍କ ଉତ୍ତରାଧିକାରୀ ଭାବେ କରମବୀରଙ୍କୁ ଚୟନ କରାଯାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ନୌସେନା ମୁଖ୍ୟ ନିଯୁକ୍ତିରେ ପାରମ୍ପରିକ ଭାବେ ସର୍ବବରିଷ୍ଠ ଯୋଗ୍ୟ ଅଧିକାରୀଙ୍କୁ ଚୟନ କରାଯାଇ ଆସୁଥିବାବେଳେ ଏଥର ମେଧା ଭିତ୍ତିରେ କରମବୀରଙ୍କୁ ବଛାଯାଇଛି। ବରିଷ୍ଠତା ଦୃଷ୍ଟିରୁ ଆଣ୍ଡାମାନ ନିକୋବର କମାଣ୍ଡର ମୁଖ୍ୟ ଥିବା ଭାଇସ୍ ଆଡମିରାଲ ବିମଳ ବର୍ମା ଏହି ଦୌଡରେ ଥିଲେ। ଭାଇସ୍ ଆଡମିରାଲ କରମବୀର ବିଶାଖାପାଟଣାସ୍ଥିତ ଇଷ୍ଟର୍ନ ନାଭାଲ କମାଣ୍ଡର ଫ୍ଲାଗ୍ ଅଫିସର କମାଣ୍ଡିଂ ଇନ୍ ଚିଫ୍ ଅଛନ୍ତି। ଏହା ପୂର୍ବରୁ ସେ ନାଭାଲ ଷ୍ଟାଫ୍‌ର ଡେପୁଟି ଚିଫ୍ ଏବଂ ଭାଇସ୍ ଚିଫ୍ ଭାବେ କାର୍ଯ୍ୟ କରିଥିଲେ। ମେ ୩୧ରେ ସେ ନୌସେନା ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବେ। ୧୯୫୯ ନଭେମ୍ବର ୩ରେ ଜନ୍ମିତ ଭାଇସ୍ ଆଡମିରାଲ କରମବୀର ୧୯୮୦ ଜୁଲାଇରେ ଭାରତୀୟ ନୌସେନାରେ ଭର୍ତ୍ତି ହୋଇଥିଲେ। ସେ ପ୍ରଥମ ହେଲିକପ୍ଟର ପାଇଲଟ, ଯିଏ ନୌସେନା ମୁଖ୍ୟ ହେବାକୁ ଯାଉଛନ୍ତି ବୋଲି ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି।

# ପରଲୋକରେ ଦାମୋଦରଙ୍କ ସ୍ତ୍ରୀ



ସ୍ନେହଲତା ମହାପାତ୍ର

ତିର୍ତ୍ତୋଲ,୨୩।୩(ଡି.ଏନ.ଏ.): ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତଙ୍କ ସ୍ତ୍ରୀ ସ୍ନେହଲତା ମହାପାତ୍ରଙ୍କ ଗୁରୁବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଚିକିତ୍ସାଧୀନ ଥିଲେ। ସ୍ନେହଲତାଙ୍କ ପରଲୋକ ଖବରପାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବିଭିନ୍ନ ଦଳର ନେତା, ବହୁ ବରିଷ୍ଠ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଅପରାହ୍ନରେ ମରଶରୀରକୁ ତିର୍ତ୍ତୋଲସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ସ୍ଥାନୀୟ ଜନସାଧାରଣ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଗ୍ରାମ ପରିକ୍ରମା ପରେ ମରଶରୀରକୁ ତିର୍ତ୍ତୋଲ ବାଳିକା ଉଚ୍ଚ ବିଦ୍ୟାଳୟକୁ ନିଆଯାଇଥିଲା। ସେଠାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଶେଷ ଦର୍ଶନ କରିଥିଲେ। ସ୍ନେହଲତା ଏହି ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରିବା ସହ ତିର୍ତ୍ତୋଲ ଶିକ୍ଷାଜିଲା ଅଧିକାରୀ ଭାବେ ୨୦୦୬ରେ ଅବସର ନେଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ସମ୍ବିତ ରାଉତରାୟ ମୁଖାଗ୍ନି ଦେଇଥିଲେ।

# କଂଗ୍ରେସରୁ ବାଲାରାଜୁଙ୍କ ଇସ୍ତଫା

**ମାଲକାନଗିରି,୨୩।୩ (ଡି.ଏନ୍.ଏ.)**

ମାଲକାନଗିରି ଜିଲା କଂଗ୍ରେସର ଯୁବନେତା ବାଲାରାଜୁ କପେ ଶନିବାର କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି। କପେ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। ଏହି ଆସନରେ ଦଳ ମହିଳା ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ନାୟକଙ୍କୁ ଟିକେଟ ଦେବା ପ୍ରତିବାଦରେ କପେ ଏବଂ ତାଙ୍କର ସମର୍ଥକ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

# ଟିକେଟ...

ବୈଜୟନ୍ତ ପଣ୍ଡା, ପାରାଦୀପ ବିଧାୟକ ଡା. ଦାମୋଦର ରାଉତ, ସାଲେପୁର ବିଧାୟକ ପ୍ରକାଶ ବେହେରା, ବାବୁ ସିଂଙ୍କୁ ଗୈରିକ ଦଳ ଟିକେଟ ଦେଇ ନିର୍ବାଚନ ମୈଦାନକୁ ଓହ୍ଲାଇଛି। ତେବେ ନିକଟରେ ବିଜେଡିରୁ ଇସ୍ତଫା ଦେଇଥିବା ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଏବଂ ନୀଳଗିରି ବିଧାୟକ ସୁକାନ୍ତ ନାୟକ ଭାଜପାରେ ଯୋଗଦେଇଛନ୍ତି। ସେମାନଙ୍କୁ ଦଳ ପକ୍ଷରୁ ଟିକେଟ ଦେବା ନେଇ ଚର୍ଚ୍ଚା ହେଉଛି। ତେବେ ପ୍ରତ୍ୟୁଷା ଚଳିତ ନିର୍ବାଚନ ଲଢିବେ ନାହିଁ ବୋଲି ଘୋଷଣା କରିଛନ୍ତି। ଖଡିଆଳ ବିଧାୟକ ଦୁର୍ଯ୍ୟୋଧନ ମାଝି ଟିକେଟ ନ ମିଳିବାରୁ ଶନିବାର ଭାଜପାରୁ ଇସ୍ତଫା ଦେଇ ବିଜେଡିକୁ ଫେରିଥିବାବେଳେ ଲୋକ ସଭା ପ୍ରାର୍ଥୀ ଟିକେଟ ଚୟନକୁ ନେଇ ବରଗଡ଼ ଓ କଳାହାଣ୍ଡିରେ ଭାଜପା କର୍ମୀ ଓ ନେତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୨୦୧୪ରେ ଭାଜପାରୁ ବରଗଡ ଲୋକ ସଭା ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିବା ସୁବାସ ଚୌହାନଙ୍କୁ ଚଳିତ ଥର ଟିକେଟରୁ ବଞ୍ଚିତ କରାଯାଇଛି। ଏହାକୁ ନେଇ ତାଙ୍କ ସମର୍ଥକମାନେ ହୋହଲ୍ଲା କରିବା ସହ ଦଳୀୟ ନେତାଙ୍କ ବିରୋଧରେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତା ପ୍ରଦୀପ ନାଏକ କଳାହାଣ୍ଡି ଆସନରୁ ଲୋକ ସଭା ପ୍ରାର୍ଥୀ ହେବାକୁ ଚାହୁଁଥିବାବେଳେ ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡାଙ୍କୁ ସେଠାରୁ ଦଳୀୟ ପ୍ରାର୍ଥୀ କରାଯିବାକୁ ନେଇ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେହିପରି ଭୁବନେଶ୍ୱର ଏକାମ୍ର ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିବା ବାବୁ ସିଂଙ୍କୁ ବିରୋଧ କରି ଅମିୟ ଦାଶଙ୍କ ସମର୍ଥକମାନେ ରାଜ୍ୟ ଭାଜପା କାର୍ଯ୍ୟାଳୟ ଫାଟକକୁ ତାଲା ପକାଇ ଧାରଣାରେ ବସିରହିଛନ୍ତି। ଦିଗପହଣ୍ଡିରେ ଅଭିନେତ୍ରୀ ପିଙ୍କି ପ୍ରଧାନଙ୍କୁ ଟିକେଟ ଦିଆଯାଇଥିବାରୁ ସ୍ଥାନୀୟ ଆଶାୟୀମାନେ ପ୍ରବଳ ବିରୋଧ କରିଛନ୍ତି। ୨୦୧୪ ବିଧାନସଭା ନିର୍ବାଚନରେ ସୁନ୍ଦରଗଡ଼ରୁ ବିଜେଡି ପ୍ରାର୍ଥୀ ହୋଇଥିବା କୁସୁମ ଟେଟେଙ୍କୁ ଭାଜପା ଚଳିତ ନିର୍ବାଚନରେ ପ୍ରାର୍ଥୀ କରିଛି। ସେଠାରେ ମଧ୍ୟ ତାଙ୍କୁ ବିରୋଧ କରାଯାଉଛି।

ଟିକେଟ ବଣ୍ଟନକୁ ନେଇ ରାଜ୍ୟ କଂଗ୍ରେସ ମଧ୍ୟ କଡା ବିରୋଧର ସମ୍ମୁଖୀନ ହୋଇଛି । କେଇଦିନ ତଳେ କଂଗ୍ରେସରେ ଯୋଗଦେଇଥିବା ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କୁ ଢେଙ୍କାନାଳ ବିଧାନସଭା ଆସନ ପାଇଁ ଟିକେଟ ଦିଆଯାଇଛି। ସୁନ୍ଦରଗଡରେ ଅମିତା ବିଶ୍ୱାଳଙ୍କୁ ପ୍ରାର୍ଥୀ କରାଯିବାରୁ ଆଶାୟୀ ପ୍ରାର୍ଥୀ ଜଟିଆ ମୁଣ୍ଡାଙ୍କ ସମର୍ଥକ ତାଙ୍କୁ କଡା ବିରୋଧ କରିଛନ୍ତି। ଝାରସୁଗୁଡାରେ କଂଗ୍ରେସ ମହେନ୍ଦ୍ର ନାୟକଙ୍କୁ ଟିକେଟ ଦେଇଥିବାରୁ ସେଠାରେ ବିରୋଧ ଆରମ୍ଭ ହୋଇଛି। ନୀଳଗିରିରେ ମନୋଜମଞ୍ଜରୀ ଦେବୀଙ୍କୁ ଟିକେଟ ମିଳିବା ପରେ ସେଠାରେ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଛି। ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଟିକେଟ ବଣ୍ଟନକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଟିକେଟ ବଣ୍ଟନକୁ ନେଇ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ମଧ୍ୟ ଶନିବାର ଭଙ୍ଗାରୁଜା ହୋଇଛି।

# ଭାଜପାରେ...

ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ଦଳ ପକ୍ଷରୁ ସ୍ୱାଗତ କରାଯାଇଛି। ପ୍ରତ୍ୟୁଷା କହିଛନ୍ତି ଯେ, ବିଜେଡିରୁ ନିର୍ବାଚିତ ହୋଇଥିଲେ ମଧ୍ୟ ମୋ ସ୍ୱାମୀ ସ୍ୱର୍ଗତ ହେମେନ୍ଦ୍ର ଚନ୍ଦ୍ର ସିଂଙ୍କ ପ୍ରତିମୂର୍ତ୍ତି ସେ ଅଞ୍ଚଳରେ ସ୍ଥାପନ କରିବାକୁ ମନା କରାଗଲା। ମୁଁ ଏଥିପାଇଁ ଦୁଃଖିତ। ବିଜେଡି ଶାସନରେ ବିକାଶ ଏବଂ ପ୍ରଗତି ଅସମ୍ଭବ ବୋଲି କହିବା ସହ ଶାସକ ଦଳର କୁଶାସନରେ ଅତିଷ୍ଠ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱଚ୍ଛ ଶାସନ ଓ ବିକାଶଧାରାରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଛନ୍ତି ବୋଲି ସେ କହିଛନ୍ତି । ଏଥିସହ ନୟାଗଡ଼ ସମେତ ରାଜ୍ୟର ବିକାଶ ପାଇଁ ଭାଜପା ହିଁ ଏକମାତ୍ର ବିକଳ୍ପ। ବିଜେଡି ନେତାମାନେ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଲିପ୍ତ ବୋଲି ସିଂ ଅଭିଯୋଗ କରିଛନ୍ତି। ମୁଁ ସର୍ବଦା ନୟାଗଡ଼ବାସୀଙ୍କ ସେବା କରିଚାଲିଥିବି ବୋଲି କହିଛନ୍ତି। ଏହି ମିଶ୍ରଣ ପର୍ବରେ ବଲାଙ୍ଗୀର ଏମ୍‌ପି ପ୍ରାର୍ଥୀ ସଙ୍ଗୀତା ସିଂଦେଓ, ପୂର୍ବତନ ମନ୍ତ୍ରୀ ତଥା ରଣପୁର ବିଧାନସଭା ପ୍ରାର୍ଥୀ ସୁରମା ପାଢ଼ୀ ଏବଂ ନୟାଗଡ଼ ବିଧାନସଭା ପ୍ରାର୍ଥୀ ଇରାନି ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏଥର ଲୋକସଭା ନିର୍ବାଚନ ଲଢିବେ ନାହିଁ ବୋଲି ପ୍ରତ୍ୟୁଷା ସ୍ପଷ୍ଟ କରିଛନ୍ତି।

# ଏପ୍ରିଲ ୨ରୁ...

ଆଦି ୧୦ ବିଭାଗକୁ ଚିଠି କରାଯାଇଛି। ଏହି ନିୟମ ସରକାରୀ, ବେସରକାରୀ ତଥା ପବ୍ଲିକ୍ ସ୍କୁଲଗୁଡ଼ିକ ପାଇଁ ଉଦ୍ଦିଷ୍ଟ ଅଟେ। ତେବେ ସରକାରୀ ସ୍କୁଲ୍‌ରେ ମଧ୍ୟାହ୍ନଭୋଜନ ପୂର୍ବାହ୍ନ ୧୦ଟାରେ ପ୍ରଦାନ କରାଯିବ। କୌଣସି ସ୍ଥିତିରେ ବି ସ୍କୁଲଗୁଡ଼ିକ ୧୧ଟା ପରେ ଖୋଲା ରହିବ ନାହିଁ। ଆସନ୍ତା ୩୦ ତାରିଖ ସୁଦ୍ଧା ସମସ୍ତ ବିଦ୍ୟାଳୟରେ ପରୀକ୍ଷା ଶେଷ ହେବ ଏବଂ ପରୀକ୍ଷା କେନ୍ଦ୍ରରେ ପାଣି ଓ ଫାଷ୍ଟଏଡ୍ ସୁବିଧା ରଖିବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଏପ୍ରିଲ ୩ରୁ ୨୦୧୯-୨୦ ଶିକ୍ଷାବର୍ଷ ଆରମ୍ଭ ହେବ। ଏପ୍ରିଲ ୨କୁ ପ୍ରବେଶ ଉତ୍ସବ ଭାବେ ପାଳନ କରାଯିବ। ଆଗୁଆ ପରୀକ୍ଷା ସାରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ମାର୍ଚ୍ଚ ୩୦ ପର୍ଯ୍ୟନ୍ତ କୋର୍ସ ରିଭିଜନ ବ୍ୟବସ୍ଥା କରାଯିବ। ବିଦ୍ୟାଳୟକୁ ଆସିବାବେଳେ ଛାତ୍ରୀଛାତ୍ରମାନେ ଛତା ଓ ପାଣି ବୋତଲ ଆଣିବେ। ଯେଉଁ ବିଦ୍ୟାଳୟରେ ନଳକୂପ ନାହିଁ ସେଠାରେ ପିଇବା ପାଣି ବ୍ୟବସ୍ଥା କରିବାକୁ ବିଦ୍ୟାଳୟ ପ୍ରଧାନଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଖରାଦିନେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ଶାରୀରିକ ପ୍ରଶିକ୍ଷଣ ବାଧ୍ୟତାମୂଳକ ନୁହେଁ। ଆସନ୍ତା ମେ' ୬ ତାରିଖରୁ ଗ୍ରୀଷ୍ମକାଳୀନ ଛୁଟି ଆରମ୍ଭ ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି।

# ଆଡଭାନୀଙ୍କ...

ଆଡଭାନୀଙ୍କୁ ରାଷ୍ଟ୍ରପତି କରାଯାଇପାରେ ବୋଲି ଚର୍ଚ୍ଚା ହେଉଥିଲେ ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡିଥିଲା। ଶେଷରେ ଲୋକ ସଭା ନିର୍ବାଚନ ପାଇଁ ତାଙ୍କୁ ଦଳୀୟ ଟିକେଟରୁ ବଞ୍ଚିତ କରାଯାଇଛି। ରାଜ୍ୟ ସଭା ସଦସ୍ୟ ଶାହ ଏହି ଆସନରୁ ପ୍ରଥମ ଥର ପାଇଁ ଲୋକ ସଭା ନିର୍ବାଚନ ଲଢ଼ିବେ।

ଅନ୍ୟପକ୍ଷରେ ଲୋକ ସଭାରେ ଆଡଭାନୀ ରହନ୍ତୁ ଅବା ନ ରହନ୍ତୁ ସେ ଭାଜପାର ସର୍ବୋଚ୍ଚ ନେତା ହୋଇ ରହିବେ ବୋଲି ଶିବସେନା ପକ୍ଷରୁ କୁହାଯାଇଛି। ଶିବସେନା ଏହାର ମୁଖପତ୍ର 'ସାମନା'ର ସମ୍ପାଦକୀୟରେ ଉଲ୍ଲେଖ କରିଛି, ଆଡଭାନୀଙ୍କ ସ୍ଥାନରେ ଅମିତ ଶାହ ନିର୍ବାଚନ ଲଢ଼ିବା ଦ୍ୱାରା ଭାରତୀୟ ରାଜନୀତିର ଭୀଷ୍ମାଚାର୍ଯ୍ୟଙ୍କୁ ଅବସର ନେବାକୁ ବାଧ୍ୟ କରାଯାଇଛି। ଭାଜପା ପ୍ରାର୍ଥୀ ତାଲିକାରେ ଆଡଭାନୀଙ୍କ ନାଁ ସ୍ଥାନ ନ ପାଇବା କିଛି ଆଶ୍ଚର୍ଯ୍ୟ କଥା ନୁହେଁ। ତାଙ୍କୁ ଦୀର୍ଘଦିନ ହେଲା ସକ୍ରିୟ ରାଜନୀତିରୁ ଦୂରେଇ ରଖାଯାଇଥିଲା। ପ୍ରାର୍ଥୀ କରା ନ ଯିବା ଫଳରେ ଭାଜପାରେ ଆଡଭାନୀଙ୍କ ଯୁଗର ଅବସାନ ହେଲା ବୋଲି ସେନା କହିଛି।

ଆଡଭାନୀ ଭାଜପାର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ। ସେ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଦଳର ମଙ୍ଗ ଧରି ଏହାକୁ ଆଗେଇ ନେଇଥିଲେ। ଏବେ ସେମାନଙ୍କ ସ୍ଥାନ ନେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳ ଅଧ୍ୟକ୍ଷ ଅମିତ ଶାହ । ଫଳରେ ବରିଷ୍ଠଙ୍କୁ ଏଥର କୌଣସି ଦାୟିତ୍ୱ ମିଳୁ ନ ଥିବା ଭଳି ଏକ ବାତାବରଣ ଦଳ ଭିତରେ ସୃଷ୍ଟି ହୋଇଛି ବୋଲି ସାମନାରେ ପ୍ରକାଶ ପାଇଛି।

# ଚାପରେ ବିଜେଡି...

ତାଲିକା ଘୋଷଣା ହେବାର ସମ୍ଭାବନା ରହିଛି। ପ୍ରାର୍ଥୀ ଘୋଷଣା ହୋଇ ନ ଥିବା ବିଧାନସଭା ଆସନଗୁଡ଼ିକ ହେଉଛି- ବ୍ରଜରାଜ ନଗର, ମାଲକାନଗିରି, ଝରିଗାଁ, ବଲାଙ୍ଗୀର, ବୀରମିତ୍ରପୁର, ଲୋଇସିଂହା, ଲାଞ୍ଜିଗଡ଼, ପଟାଙ୍ଗୀ ଏବଂ ଫୁଲବାଣୀ। ଦୁଇଦିନ ପୂର୍ବେ ଭାଜପା ପ୍ରାର୍ଥୀ ତାଲିକା ବିଳମ୍ବ କରୁଥିବା କହି ବିଜେଡି ସମାଲୋଚନା କରୁଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଭାଜପା ଏବଂ କଂଗ୍ରେସ ଅଧିକାଂଶ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ତେଣୁ ବିଜେଡି ଚାପରେ ରହିଥିବା ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ବିଜେଡି ପ୍ରଥମ ଦଫା ପ୍ରାର୍ଥୀ ତାଲିକା ଘୋଷଣା କରିବା ପରେ ଅନେକ ନେତା ଭାଜପାମୁହାଁ ହୋଇଥିଲେ। ତେଣୁ ଦଳଡିଆଁକୁ ହ୍ରାସ କରିବା ପାଇଁ ବିଜେଡି ଏପରି ବିଳମ୍ବ କରୁଥିବା କୁହାଯାଉଛି।

# ତପସ୍ୱିନୀ ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ



ଅଗ୍ନିକାଣ୍ଡରେ ପୋଡ଼ିଯାଇଥିବା ବଗି।

- ଜଳିଗଲା ୩ ସ୍ଲିପର କୋଚ
- କେହି ନିଆଁ ଲଗାଇଥିବା ସନ୍ଦେହ
- ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଜାରି
- ସିସିଟିଭି ଫୁଟେଜ ଯାଞ୍ଚ, ୨ ଅଟକ
- ଯାତ୍ରୀଙ୍କ ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ

**ପୁରୀ ଅଫିସ,୨୩।୩**

ହୋଲିକୁ ନେଇ ପୁରୀ ସହର ଉତ୍ସବମୁଖର ଥିଲା ବେଳେ ଶୁକ୍ରବାର ମଧ୍ୟାହ୍ନରେ ପୁରୀ ଷ୍ଟେଶନରେ ଘଟିଥିଲା ବଡ଼ ଧରଣର ଅଗ୍ନିକାଣ୍ଡ। ପୁରୀ-ହାଟିଆ ତପସ୍ୱିନୀ ଏକ୍ସପ୍ରେସ୍‌ରେ ଲାଗିଥିଲା ନିଆଁ। ସୌଭାଗ୍ୟବଶତଃ ସେହି ସମୟରେ ଟ୍ରେନ୍‌ରେ କୌଣସି ଯାତ୍ରୀ ନ ଥିଲେ। କିନ୍ତୁ ୩ଟି ସ୍ଲିପର କୋଚ ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ଜଣାପଡି ନ ଥିଲେ ମଧ୍ୟ ଷ୍ଟେଶନରେ ଏକାଧିକଥର ଅଗ୍ନିକାଣ୍ଡ ହେବା ଘଟଣା ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ଛିଡା କରିଛି। ଟ୍ରାକ୍‌ରେ ଟ୍ରେନ ରହିଥିବା ବେଳେ କିପରି ନିଆଁ ଲାଗିଲା ସେ ନେଇ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିଛି। ଅନ୍ୟପକ୍ଷରେ ଷ୍ଟେଶନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚକୁ ଆଧାର କରି ଜିଆର୍‌ପି ପୋଲିସ ୨ ଜଣଙ୍କୁ ଅଟକ ରଖିଛି।

ତପସ୍ୱିନୀ ଏକ୍ସପ୍ରେସ୍ ଶୁକ୍ରବାର ସକାଳ ୭ଟା ୩୫ରେ ପୁରୀରେ ପହଞ୍ଚିଥିଲା। ରାତିରେ ଏହା ହାଟିଆ ଅଭିମୁଖେ ଯାଇଥାନ୍ତା। ହେଲେ ଏହା ପୂର୍ବରୁ ଘଟିଥିଲା ଅଘଟଣ। ୪ ନଂ. ପ୍ଲାଟଫର୍ମରେ ଠିଆ ହୋଇଥିବା ବେଳେ ମଧ୍ୟାହ୍ନ ପ୍ରାୟ ୧୨ଟା ୫୦ରେ ହଠାତ୍ ନିଆଁ ଲାଗିଥିଲା। ସ୍ଲିପର କୋଚ୍ ଏସ୍-୪(୦୧୮୨୪୫)ରେ ପ୍ରଥମେ ଧୂଆଁ ବାହାରିଥିଲା। ସଙ୍ଗେ ସଙ୍ଗେ ପାଖ ବଗିକୁ ନିଆଁ ବ୍ୟାପି ଯାଇଥିଲା। ଏସ୍-୩ (୦୧୮୨୦୩) ଏବଂ ଏସ୍-୫(୧୫୨୩୨)ରେ ନିଆଁ ଲାଗି ଯାଇଥିଲା। ହୁତୁହୁତୁ ହୋଇ ଜଳିଥିଲା ତପସ୍ୱିନୀ ଏକ୍ସପ୍ରେସ୍‌ର ଏହି ୩ଟି ସ୍ଲିପର କୋଚ୍। ଷ୍ଟେଶନ କର୍ତ୍ତୃପକ୍ଷ ପୁରୀ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଅଗ୍ନିଶମ କର୍ମଚାରୀ ନିଆଁ ଲିଭା କାର୍ଯ୍ୟରେ ସାମିଲ ହୋଇଥିଲେ। ୧ ଘଣ୍ଟା ପରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିଲା।

କେଉଁ ପରିସ୍ଥିତିରେ ଏବଂ କିପରି ନିଆଁ ଲାଗିଲା ସେ ନେଇ ଜିଆର୍‌ପି ଖୋଳତାଡ଼ ଚଳାଇଛି। ଖବର ପାଇ ପୂର୍ବତଟ ରେଳପଥର ୫ ଜଣିଆ ଟିମ୍ ପହଞ୍ଚି ଅନୁଧ୍ୟାନ କରିଥିଲେ। କେହି ନିଆଁ ଲଗାଇ ଦେଇଥିବା ତଦନ୍ତକାରୀ ଦଳ ସନ୍ଦେହ କରିଛନ୍ତି। ବିଦ୍ୟୁତ୍ ସରବରାହ ବନ୍ଦ ଥିବାରୁ ଶର୍ଟସର୍କିଟ ଆଶଙ୍କା କରିପାରୁନାହାନ୍ତି ଏହି ଟିମ୍। ଅନ୍ୟପକ୍ଷରେ ଷ୍ଟେଶନରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଇଛି। ଏସ୍-୪ ବଗିରେ ନିଆଁ ଲାଗିବା ପରେ ୩/୪ ଜଣ ସେହି ବଗିରୁ ବାହାରି ଯାଉଥିବା ଫୁଟେଜରୁ ଜଣାପଡିଛି। ଏହାକୁ ଆଧାର କରି ଜିଆର୍‌ପି ୨ ଜଣଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା କରୁଛି। କିନ୍ତୁ ଅଟକଦ୍ୱୟ ସିସିଟିଭି ଫୁଟେଜରେ ଯେଉଁମାନେ ପଳାଇ ଯାଉଛନ୍ତି ସେମାନେ କି ନୁହେଁ, ତାହା ଜିଆର୍‌ପି ସ୍ପଷ୍ଟ କରିନାହିଁ। ଅପରପକ୍ଷେ ଶନିବାର ପୂର୍ବାହ୍ନରେ ଭୁବନେଶ୍ୱରରୁ ଏକ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବା ସହ ନମୂନା ସଂଗ୍ରହ କରିଛନ୍ତି। କୋଲକାତାରୁ ଏକ ସାଇଣ୍ଟିଫିକ୍ ଟିମ୍ ରବିବାର ପୁରୀ ଆସିବାର ଅଛି। ଏଥିରେ କେମିକାଲ ବ୍ୟବହାର ହୋଇଛି କି ନାହିଁ ତାହା ଏହି ଟିମ୍ ଯାଞ୍ଚ କରିବ। ସେମାନେ ରିପୋର୍ଟ ଦେବା ପରେ ଅଗ୍ନିକାଣ୍ଡ ସମ୍ପର୍କରେ ଅଧିକ କିଛି ସ୍ପଷ୍ଟ ହୋଇପାରିବ ବୋଲି ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଜିଆର୍‌ପି ଥାନାରେ ଏକ ମାମଲା (ନଂ.୨୫/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଏସ୍‌ସିବି ଏବେ ତାଲିମ କେନ୍ଦ୍ର

# ବଦଳିବ ଏମ୍‌ବିବିଏସ୍ ପାଠ୍ୟସୂଚୀ

**କଟକ ଅଫିସ,୨୩।୩**

**ତାଲିମ ନେଉଛନ୍ତି ଦେଶର ୨୩ ମେଡିକାଲ କଲେଜର ଡାକ୍ତର**

୨୦ ବର୍ଷ ପରେ ଏମ୍‌ବିବିଏସ୍ ପାଠ୍ୟସୂଚୀରେ ପରିବର୍ତ୍ତନ ଅଣାଯିବ। ୧୯୯୭ ମସିହାରୁ ପ୍ରଚଳିତ ପାଠ୍ୟସୂଚୀ ଅନୁଯାୟୀ ଡାକ୍ତରୀ ଛାତ୍ରୀଛାତ୍ରମାନେ ପାଠ ପଢୁଥିଲେ। ହେଲେ ମେଡିକାଲ କାଉନ୍‌ସିଲ ଅଫ ଇଣ୍ଡିଆ(ଏମ୍‌ସିଆଇ) ପକ୍ଷରୁ ଆସନ୍ତା ଅଗଷ୍ଟ ମାସରୁ ଆରମ୍ଭ ହେଉଥିବା ଶିକ୍ଷାବର୍ଷରୁ ଏଥିରେ ଆମୂଳଚୂଳ ପରିବର୍ତ୍ତନ କରାଯିବ। ନୂଆ ପାଠ୍ୟସୂଚୀ ସହିତ ମେଡିକାଲ କଲେଜ ଅଧ୍ୟାପକମାନଙ୍କୁ ଅଭ୍ୟସ୍ତ କରିବାକୁ ଏମ୍‌ସିଆଇ ପକ୍ଷରୁ ଏସ୍‌ସିବି ମେଡିକାଲ କଲେଜକୁ ଆଞ୍ଚଳିକ ତାଲିମ କେନ୍ଦ୍ରଭାବେ ଚୟନ କରାଯାଇଛି। ଏହି ତାଲିମ କେନ୍ଦ୍ରରେ ରାଜ୍ୟର ସମସ୍ତ ମେଡିକାଲ କଲେଜର ଅଧ୍ୟାପକମାନଙ୍କ ସହିତ ଛତିଶଗଡ, ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟର ମୋଟ୍ ୨୩ଟି ମେଡିକାଲ କଲେଜର ଅଧ୍ୟାପକମାନେ ତାଲିମ ନେବେ। ଏଥିପାଇଁ ଏମ୍‌ସିଆଇ ପକ୍ଷରୁ ଏସ୍‌ସିବିରେ ଏକ ତାଲିମଦାତା ଟିମ୍ ଗଠନ କରାଯାଇଛି। ସର୍ଜରୀ ବିଭାଗର ସହଯୋଗୀ ପ୍ରଫେସର ଡା. ଶ୍ରୀକାନ୍ତ ପଣ୍ଡା ଉକ୍ତ ଟିମ୍‌ର ଆବାହକ ଥିବାବେଳେ ଏଫଏମ୍‌ଟି ବିଭାଗର ଡା. ଗୀତା ସାହୁ, ଡା. ଅମରେନ୍ଦ୍ର ନାୟକ, ଫାର୍ମାକୋଲୋଜି ବିଭାଗର ଡା. ସବିତା ମହାପାତ୍ର, କମ୍ୟୁନିଟି ମେଡିସିନ ବିଭାଗର ଡା. ସିକତା ନନ୍ଦ, ମୀନାକ୍ଷୀ ମହାନ୍ତି, ପାଥୋଲୋଜି ବିଭାଗର ଡା. ଅସରନ୍ତି କର, ଶରୀରଗଠନ ବିଭାଗର ଡା. ମଧୁସ୍ମିତା ପଣ୍ଡା, ଶିଶୁଶଲ୍ୟ ବିଭାଗର ଡା. ପି.କେ. ଜେନା, ଶିଶୁ ରୋଗ ବିଭାଗର ଡା. ଲିପ୍ସା ସିଂ ଓ ବାଇଓକେମିଷ୍ଟ୍ରି ବିଭାଗର ଡା. ରମା ରତନ ପ୍ରମୁଖ ରହିଛନ୍ତି। ଇତିମଧ୍ୟରେ ଗତ ୧୩ରୁ ୧୫ ତାରିଖ ମଧ୍ୟରେ ପ୍ରଥମ ବ୍ୟାଚରେ ୨୬ଜଣ ଡାକ୍ତର ତାଲିମ ନେଇ ଫେରିଥିବାବେଳେ ଆସନ୍ତା ୨୭ରୁ ଦ୍ୱିତୀୟ ପର୍ଯ୍ୟାୟରେ ୩୨ଜଣ ଡାକ୍ତର ତାଲିମ ନେବେ। ଏପ୍ରିଲ ସୁଦ୍ଧା ବିଭିନ୍ନ ପର୍ଯ୍ୟାୟରେ ମୋଟ୍ ୧୧୦ଜଣ ଡାକ୍ତରଙ୍କୁ ତାଲିମ ଦିଆଯିବ ବୋଲି ଟିମ୍‌ର ଆବାହକ ଡା. ପଣ୍ଡା କହିଛନ୍ତି। ଡା. ପଣ୍ଡାଙ୍କ କହିବାନୁଯାୟୀ, ନୂଆ ପାଠ୍ୟସୂଚୀ ଅନୁଯାୟୀ, ଏଣିକି ଏମ୍‌ବିବିଏସ ଛାତ୍ରୀଛାତ୍ରମାନେ କେବଳ ଶ୍ରେଣୀଗୃହରେ ବସି ପାଠ ପଢିବେ ନାହିଁ। ବିଭିନ୍ନ ସମୟରେ ସେମାନଙ୍କୁ ପ୍ରାଥମିକ, ଗୋଷ୍ଠୀ ଓ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନରେ ପଠାଯିବ। ସେଠାରେ ସେମାନେ ଚିକିତ୍ସିତ ହେଉଥିବା ରୋଗୀ ଓ ରୋଗ ସମ୍ପର୍କରେ ଅବଗତ ହୋଇ ଶ୍ରେଣୀଗୃହରେ ଶିକ୍ଷକମାନଙ୍କୁ ସିଧାସଳଖ ପ୍ରଶ୍ନ ପଚାରିବେ। ଏହାଦ୍ୱାରା ଛାତ୍ରୀଛାତ୍ର ଓ ଶିକ୍ଷକ ଏଣିକି ଭଲ ଭାବେ ପ୍ରସ୍ତୁତ ହୋଇ ଶ୍ରେଣୀଗୃହକୁ ଆସିବାକୁ ବାଧ୍ୟ ହେବେ ବୋଲି ଡା. ପଣ୍ଡା କହିଛନ୍ତି।

# ଓୟୁଏଟି କୁଳପତି ପଦବୀରୁ ହଟିଲେ ପଶୁପାଳକ

**ଭୁବନେଶ୍ୱର, ୨୩।୩(ବ୍ୟୁରୋ)**



ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର କୁଳପତି ପଦବୀରୁ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକଙ୍କୁ ହଟାଇ ଦିଆଯାଇଛି। ଗତ ମଙ୍ଗଳବାର ପଶୁପାଳକ ଡାକ ଯୋଗେ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ନିକଟକୁ ତାଙ୍କର ଇସ୍ତଫାପତ୍ର ପଠାଇଥିଲେ। ଏହି ଆଧାରରେ କୁଳାଧିପତି ତାଙ୍କୁ ବୁଧବାର ମଧ୍ୟରେ ରାଜଭବନରେ ହାଜର ହେବାକୁ କହିଥିଲେ। କିନ୍ତୁ ପଶୁପାଳକ ହାଜର ହୋଇ ନ ଥିବାରୁ ଶନିବାର ତାଙ୍କୁ ବିଧିବଦ୍ଧ ଭାବେ ଓୟୁଏଟି କୁଳପତି ପଦବୀରୁ ପଦଚ୍ୟୁତ କରାଯାଇଥିବା ରାଜଭବନ ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ଚଳିତ ମାସରେ ପଶୁପାଳକ ଚାକିରିରୁ ଅବସର ନେଇଥାନ୍ତେ। କିନ୍ତୁ ଏହାପୂର୍ବରୁ ପଶୁପାଳକ ତାଙ୍କ ପଦବୀର ଅପବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଓୟୁଏଟିରେ ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ଜାଲିଆତି ହୋଇଥିବା ନେଇ ତାଙ୍କ ନାଁରେ ଅଭିଯୋଗ ଥିଲା। ଭିଜିଲାନ୍ସ ମଧ୍ୟ ଏହାର ତଦନ୍ତ କରୁଥିଲା। ଅଭିଯୋଗକୁ ଭିତ୍ତିକରି କୁଳାଧିପତି ପଶୁପାଳକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। କିନ୍ତୁ ପଶୁପାଳକ ଏହାର କୌଣସି ଉତ୍ତର ଦେଇ ନ ଥିଲେ। କିଛିଦିନ ପୂର୍ବରୁ ତାଙ୍କୁ ରାଜ୍ୟପାଳ ଛୁଟିରେ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପଶୁପାଳକ ଏହାକୁ ବିରୋଧ କରି କହିଥିଲେ ଯେ, ମୁଁ କିଛି ଭୁଲ କରିନାହିଁ, ଜାଣିଶୁଣି କିଛି କୁଚକ୍ରୀ ବ୍ୟକ୍ତି ମୋ ବିରୋଧରେ ଷଡ଼ଯନ୍ତ୍ର କରିଛନ୍ତି। ଏପରି କି ପକ୍ଷ ରଖିବା ପାଇଁ ତାଙ୍କୁ ସୁଯୋଗ ଦିଆଯାଉ ନାହିଁ ବୋଲି ପଶୁପାଳକ ଅଭିଯୋଗ ଆଣିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରେ ଆଜି ପାରିବାରିକ ସ୍ଥିତି, କର୍ମକ୍ଷେତ୍ର ଓ ଅର୍ଥ ସମ୍ପର୍କ ଭଲ ରହିବ। ମିତ୍ରମାନେ ପ୍ରଶଂସା ଗାଇ କାମ ହାସଲର ଅପଚେଷ୍ଟା କରିପାରନ୍ତି। ଏକ ନିର୍ଦ୍ଦିଷ୍ଟ କାମ ସକାଶେ ରଖିଥିବା ଧନ ଭିନ୍ନ ବାଟରେ ଖର୍ଚ୍ଚ ହୋଇ ଯାଇପାରେ। ଅବହେଳା ଜନିତ କର୍ମକ୍ଷେତ୍ରରେ ଉପରିସ୍ଥ କର୍ମଚାରୀଙ୍କ ରୋଷର ଶିକାର ହୋଇପାରନ୍ତି।

**ବୃଷ**
ବିଭିନ୍ନ ପ୍ରକାର କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଦୀର୍ଘ ଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଖୁସି ରହିପାରନ୍ତି। ଦେବଦର୍ଶନର ସୁଯୋଗ ପାଇବେ। ରବି ଓ ଚନ୍ଦ୍ରଙ୍କ ଷଡ଼ାଷ୍ଟକ ସ୍ଥିତି ଯୋଗୁ ଉଚ୍ଚ ଆଶା ଆଶାରେ ହିଁ ରହିଯିବ।

**ମିଥୁନ**
ରବିଙ୍କ ଦୃଷ୍ଟିରୁ ନୂତନ ବନ୍ଧୁଙ୍କ ସମ୍ପର୍କ ସୃଷ୍ଟି ହେବାର ସୂଚନା ରହିଛି। ସଂଗଠନ, ରାଜନୀତି କିମ୍ବା ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ମୃଗଶିରା ନକ୍ଷତ୍ର ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ଯାତ୍ରା ପାଇଁ ସମସ୍ୟା ରହିବ ନାହିଁ।

**କର୍କଟ**
ରାଶିରେ ରାହୁ ପ୍ରଭାବରେ ପ୍ରତ୍ୟେକ କାର୍ଯ୍ୟ କୁଶଳତାର ସହ ସମାପନ କରିପାରିବେ। ଆତ୍ମୀୟମାନଙ୍କ ସାହାଯ୍ୟରେ ସମସ୍ୟା ସମାଧାନ ହେବା କଷ୍ଟକର ହୋଇପାରେ । ପରିବାରରେ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ଆନୁଷ୍ଠାନିକ କାମରେ କିମ୍ବା ଧର୍ମ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ସିଂହ**
କର୍ମକ୍ଷେତ୍ରରେ ଫାଇଲ୍ କାମରେ ବ୍ୟସ୍ତ ରହିବା ସହ ଅଧିକାଂଶ ଟେନ୍‌ସନ ଲାଗି ରହିବ। ଆଗାମୀ ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ବିଭିନ୍ନ ଘରୋଇ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିପାରନ୍ତି। ଯାତ୍ରା ସମୟରେ ସତର୍କତା ଅବଲମ୍ବନ ନ କଲେ ବିବାଦ ଘେରରେ ପଡିବେ। କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର, ଯାତ୍ରା, ବାଣିଜ୍ୟ, ରାଜନୀତି, ଆଲୋଚନା କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**
ବୁଧଙ୍କ ଅଶୁଭତ୍ୱ କାରଣରୁ ଯେତେ ଭଲ କାମ କଲେ ମଧ୍ୟ କର୍ମ କ୍ଷେତ୍ରରୁ ଅଭିଯୋଗ ଆସିପାରେ। ଆତ୍ମୀୟମାନଙ୍କ ଆକସ୍ମିକ ଦୁର୍ବଳ କାର୍ଯ୍ୟରେ ବ୍ୟସ୍ତତା ବୃଦ୍ଧି ପାଇବ। ବନ୍ଧୁଙ୍କ ନିକଟରୁ ବକେୟା ଆଦାୟକୁ କେନ୍ଦ୍ର କରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଔଷଧ, ବହିପତ୍ର, ଲୁଗାପଟା ତଥା ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

**ତୁଳା**
ଶନିକ୍ଷେତ୍ରସ୍ଥ ଶୁକ୍ର ଆପଣଙ୍କ ମନ ପସନ୍ଦର କାମକୁ ପୂର୍ଣ୍ଣତଃ କରାଇଦେବେ ନାହିଁ। ଭୁଲ୍ ବୁଝାମଣାରେ ନିକଟସ୍ଥ ବ୍ୟକ୍ତି ବିଶେଷଙ୍କ ଆପଣଙ୍କ ପ୍ରତି ଥିବା ମନୋଭାବ ବଦଳିଯିବ। କଚେରି ମାମଲା କ୍ଷେତ୍ରରେ ସମସ୍ୟା ସମାଧାନ ହେବାର ସମ୍ଭାବନା ରହିଛି। ପୂର୍ବରୁ କଳହ ଲାଗିଥିବା ସହକର୍ମୀଟି ପ୍ରତି ସତର୍କ ରୁହନ୍ତୁ।

**ବିଛା**
ସ୍ୱାସ୍ଥ୍ୟହାନି ସାଙ୍ଗକୁ ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତା କାରଣରୁ ମନୋବଳ କ୍ରମଶଃ ହ୍ରାସ ପାଇବ। ତଥାପି ଆପଣ ମନ ବୁଝିଲା ଭଳି କଥା କହି ପାଖ ପଡ଼ୋଶୀଙ୍କୁ ଆପଣେଇ ନେବେ। ସକାଳ ସମୟରେ ଶୁଣା କଥାକୁ ବିଶ୍ୱାସ କରି ଟେନସନ୍ ବଢ଼ିପାରେ। ଅଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଓ ଆଳସ୍ୟ ଅନୁଭବ କରିପାରନ୍ତି।

**ଧନୁ**
ଆପଣଙ୍କୁ ସହାନୁଭୂତି ଦେଖାଇ ନିଜ ପରିସରର ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଚେଷ୍ଟା କରୁଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବେ। ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ବିପଦ ଘଟିବାର ସମ୍ଭାବନା ନାହିଁ। ନିଜର ଭୁଲ୍‌କୁ ଆଖିବୁଜି ଦେଇ ଅନ୍ୟ ଉପରେ ଦୋଷ ଢାଳିବାର ଅପଚେଷ୍ଟା କଲେ ସମାଲୋଚିତ ହେବାକୁ ପଡ଼ିପାରେ।

**ମକର**
ଦୀର୍ଘଦିନରୁ ପରିବାରରେ ଜୁହୁଳୁଥିବା ଅଶାନ୍ତି ହଠାତ୍ ପରିବେଶକୁ ବଦଳାଇ ଦେଇପାରେ। ପରିବାରର ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ତୁଲାଇ ନେବେ। ଈର୍ଷାପରାୟଣ ମନୋଭାବ ପୋଷଣ କରି କୌଣସି ନିକଟ ସମ୍ପର୍କୀୟମାନେ ଟାହିଟାପରା କରିପାରନ୍ତି। ସବୁ କଥା ପଛକୁ ପକାଇ ଅନ୍ୟମାନଙ୍କ ମନ ଧରି ଚଳିବାକୁ ଚେଷ୍ଟା କଲେ ଉପକୃତ ହେବେ।

**କୁମ୍ଭ**
ଆଜିର କର୍ମକ୍ଷେତ୍ରରେ ମନ ଭୁଲାଣିଆ କଥା କହି ସହକର୍ମୀଙ୍କ ଦ୍ୱାରା କାମଟି କରାଇନେବେ। ପରିବାର, ବନ୍ଧୁ ସମ୍ପର୍କ, ସଭାସମିତି କ୍ଷେତ୍ରରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ। କିଣାବିକା କାରବାରରେ ସତର୍କତା ଅଭାବରୁ ଅପଦସ୍ଥ ହେବାର ସମ୍ଭାବନା ରହିଛି। ଯାତ୍ରା ସମୟରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ କିଛି ହରାଇବାକୁ ପଡ଼ିପାରେ।

**ମୀନ**
କର୍ମକ୍ଷେତ୍ରରେ ଦକ୍ଷତାକୁ ନେଇ ପ୍ରତିଷ୍ଠା ଓ ପ୍ରଶଂସା ପାଇବେ। ବୁଧଙ୍କ ଦୁର୍ବଳତା କାରଣରୁ ଦାୟିତ୍ୱ ନେଇଥିବା ଲୋକଟି ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ଅର୍ଥ ଆଦାୟ କରିବାରେ ଯେତେ ଚେଷ୍ଟା କଲେ ମଧ୍ୟ ନେଇଥିବା ବ୍ୟକ୍ତିଟି ବିଭିନ୍ନ କଥା କହି କେବଳ ମିଥ୍ୟା ପ୍ରତିଶ୍ରୁତି ଦେବ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ସୂଚନା ରହିଛି।

ଆଜି ଚୈତ୍ର କୃଷ୍ଣ ଚତୁର୍ଥୀ ରବିବାର, ମାର୍ଚ୍ଚ ୨୪ ତାରିଖ, ବିଶ୍ୱ ଯକ୍ଷ୍ମା ଦିବସ, ରାଶିନକ୍ଷତ୍ର-ସକାଳ ଘ୯।୨୦ମି. ପର୍ଯ୍ୟନ୍ତ ସ୍ୱାତୀ/ତୁଳା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତବାର, ସକାଳ ଘ୭।୨୧ମି. ଗତେ ଘ୮।୫୧ମି. ମଧ୍ୟେ ଅମୃତବେଳା। ଦିବା ଘ୮।୫୧ମି. ଗତେ ଘ୧୦।୨୧ମି. ମଧ୍ୟେ, ଘ୧।୨୧ମି. ଗତେ ଘ୨।୫୧ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୨୪ମି. ଗତେ ଘ୫।୫୫ମି. ମଧ୍ୟେ ରାହୁକାଳ।





## ସଂକ୍ଷେପରେ

### ଭାଜପା ଛାଡ଼ିବେନି ପ୍ରଦୀପ ନାୟକ

ଭୁବନେଶ୍ୱର,୨୩।୩(ବ୍ୟୁରୋ): ବରିଷ୍ଠ ଭାଜପା ନେତା ପ୍ରଦୀପ ନାୟକ ବିଜେଡିରେ ସାମିଲ ହେବେ ନାହିଁ। ଏ ସମ୍ପର୍କରେ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ପ୍ରଚାର କରାଯାଉଥିବା ଖବରରେ ସତ୍ୟତା ନାହିଁ। ଏ ସମ୍ପର୍କରେ ପ୍ରଦୀପ ଶନିବାର ରାତିରେ ଖବରଦାତା ସମ୍ମିଳନୀ କରି ସ୍ପଷ୍ଟୀକରଣ ଦେଇଛନ୍ତି। ପ୍ରଦୀପ କହିଛନ୍ତି ଯେ, ମୁଁ ଭାଜପାରେ ରହିଛି ଏବଂ ମୋର ଅନ୍ୟ କୌଣସି ଦଳକୁ ଯିବାର ନାହିଁ। କେତେଜଣ ଅସାଧୁ ଲୋକ ମିଛରେ ଏପରି ଚର୍ଚ୍ଚା କରୁଛନ୍ତି। ଦଳ ପାଇଁ ଯାହା ଉତ୍ତମ, ସେହିପରି ଭାବେ କାର୍ଯ୍ୟ କରିବି ବୋଲି ପ୍ରଦୀପ କହିଛନ୍ତି। ପ୍ରକାଶ ଯେ, କଳାହାଣ୍ଡି ଲୋକ ସଭା ଆସନରୁ ପ୍ରଦୀପଙ୍କୁ ପ୍ରାର୍ଥୀ କରାଯାଇ ନ ଥିଲା। ଏହାକୁ ବିରୋଧ କରି ସେ ବିଜେଡିକୁ ଯାଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଥିଲା।

### ସବୁ କ୍ଷେତ୍ରକୁ ଦିଆଯିବ ଗୁରୁତ୍ୱ

**■ବିଜେଡି ଇସ୍ତାହାର କମିଟି ବୈଠକ**

ଭୁବନେଶ୍ୱର,୨୩।୩(ବ୍ୟୁରୋ): ବିଜେଡି ପକ୍ଷରୁ ନିର୍ବାଚନ ଇସ୍ତାହାର ପ୍ରସ୍ତୁତ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହିକ୍ରମରେ ଦଳୀୟ କାର୍ଯ୍ୟାଳୟରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇସ୍ତାହାର କମିଟିର ସଦସ୍ୟ ଏବଂ ପଦାଧିକାରୀମାନେ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଦେଇଛନ୍ତି। ୩ ସପ୍ତାହ ମଧ୍ୟରେ ଦଳ ପକ୍ଷରୁ ଇସ୍ତାହାର ପ୍ରକାଶ ପାଇବ ବୋଲି ଜଣାପଡିଛି। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଶିଳ୍ପକୁ ସମାନ ପରିମାଣରେ ଗୁରୁତ୍ୱ ଦିଆଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। କମିଟି ଅଧ୍ୟକ୍ଷ ବେଦପ୍ରକାଶ ଅଗ୍ରୱାଲ ଅନୁପସ୍ଥିତ ଥିବା କାରଣରୁ ପ୍ରସନ୍ନ ଆଚାର୍ଯ୍ୟଙ୍କ ଆବାହକତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଭର୍ତ୍ତୃହରି ମହତାବ, ପଦ୍ମନାଭ ବେହେରା, ଅମର ପଟ୍ଟନାୟକ, କସ୍ତୁରୀ ମହାପାତ୍ର, ସୌମ୍ୟରଞ୍ଜନ ପଟ୍ଟନାୟକ, ଲୋପାମୁଦ୍ରା ବକ୍ସିପାତ୍ର, ଚିନ୍ମୟ ସାହୁ, ଅମର ପଟ୍ଟନାୟକ, ରାଣାପ୍ରତାପ ପାତ୍ର, ଅମରେଶ ପତ୍ରି, ଶ୍ରୀମୟୀ ମିଶ୍ର, ମିନତୀ ବେହେରା, ଅରୁଣ ସାହୁ, ନଳିନୀ ପ୍ରଧାନ ଏବଂ ମୁନ୍ନା ଖାଁ ପ୍ରମୁଖ ଯୋଗଦେଇଥିଲେ। ଖୁବ୍‌ଶୀଘ୍ର କମିଟିର ଆଉ ଏକ ବୈଠକ ବସିବ ବୋଲି ଦଳୀୟ ସୂତ୍ରରୁ ପ୍ରକାଶ।

**■ ଆସିକା ଲୋକ ସଭା ଆସନ: ବିଳମ୍ବରେ ଘୋଷଣା ହେଲା ଭାଜପା ପ୍ରାର୍ଥୀ ତାଲିକା**

# ଭାଜପାରୁ ଅନୀତା, ବିଜେଡିରୁ ପ୍ରମିଳା

ବ୍ରହ୍ମପୁର ଅଫିସ,୨୩।୩

ବ୍ରହ୍ମପୁର ଓ ଆସିକା ଲୋକ ସଭା କ୍ଷେତ୍ର ପାଇଁ ବିଳମ୍ବରେ ଭାଜପା ପକ୍ଷରୁ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ଆସିକା ଏମ୍‌ପି ପ୍ରାର୍ଥୀ ହୋଇଛନ୍ତି ଅନୀତା ଶୁଭଦର୍ଶିନୀ । ସେ ହେଉଛନ୍ତି ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କ ଝିଅ । ବିଜେଡିରୁ ପ୍ରମିଳା ବିଶୋୟୀ ଏମ୍‌ପି ପ୍ରାର୍ଥୀ ହୋଇଛନ୍ତି । ଅପରପକ୍ଷେ ଏହି ଲୋକ ସଭା କ୍ଷେତ୍ରର ଖଲ୍ଲିକୋଟ, କବିସୂର୍ଯ୍ୟନଗର ଓ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୩ ମହିଳାଙ୍କୁ ଟିକେଟ ଦେଇଛି ବିଜେଡି। ଭାଜପା ମାତ୍ର ଜଣେ ମହିଳା ଭାରତୀ ବେହେରାଙ୍କୁ ଖଲ୍ଲିକୋଟ ସେଗମେଣ୍ଟରୁ ପ୍ରାର୍ଥୀ କରିଛି। ବ୍ରହ୍ମପୁର ଲୋକ ସଭା ଆସନର ପାରଳାଖେମୁଣ୍ଡି, ଚିକିଟି ଓ ସାନଖେମୁଣ୍ଡି ସେଗମେଣ୍ଟରେ ମହିଳାଙ୍କୁ ବିଜେଡି ଟିକେଟ ମିଳିଥିବା ବେଳେ ଅଭିନେତ୍ରୀରୁ ରାଜନୀତି କରୁଥିବା ପିଙ୍କି ପ୍ରଧାନଙ୍କୁ ଦିଗପହଣ୍ଡି ସେଗମେଣ୍ଟ ପାଇଁ ପ୍ରାର୍ଥୀ କରିଛି ଭାଜପା। ଦୁଇ ଲୋକ ସଭା କ୍ଷେତ୍ରରେ ବିଜେଡିରେ ୬ ମହିଳା ପ୍ରାର୍ଥୀ ହୋଇଥିବା ବେଳେ ଭାଜପା ମାତ୍ର ଦୁଇଜଣ ମହିଳାଙ୍କୁ ପ୍ରାର୍ଥୀ କରିଛି।

ଅପରପକ୍ଷେ ୨ ଲୋକ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୫ ବିଧାନସଭା କ୍ଷେତ୍ର ଲାଗି ଭାଜପା ପକ୍ଷରୁ ଶନିବାର ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନ ମଣ୍ଡଳୀ ହିଞ୍ଜିଳିରେ ଭାଜପାରୁ କିଏ ଲଢ଼ିବେ ତାହା ଅସ୍ପଷ୍ଟ ରହିଛି। ବ୍ରହ୍ମପୁର ସେଗମେଣ୍ଟରୁ ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି ଏବଂ ଗୋପାଳପୁର ପାଇଁ ଭାଜପା ରାଜ୍ୟ ସମ୍ପାଦକ ବିଭୂତି ଭୂଷଣ ଜେନାଙ୍କୁ ପ୍ରାର୍ଥୀ କରାଯାଇଛି । ଜେନା ତୃତୀୟଥର ଲାଗି ଏହି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । ଛତ୍ରପୁର ପ୍ରଶାନ୍ତ କର, ଚିକିଟି ମନୋରଞ୍ଜନ ଦ୍ୟାନସାମନ୍ତରା, ସାନଖେମୁଣ୍ଡି ବିଜୟ ସ୍ୱାଇଁ, ପୋଲସରା ଗୋକୁଳାନନ୍ଦ ମଲିକ, କବିସୂର୍ଯ୍ୟନଗର ରଞ୍ଜନ ପଲେଇ, ଭଞ୍ଜନଗର ପ୍ରଦ୍ୟୁମ୍ନ ନାୟକ, ସୋରଡ଼ା ନୀଳମଣି ବିଶୋୟୀ, ମୋହନାରୁ ପ୍ରଶାନ୍ତ ମଲିକ ପ୍ରାର୍ଥୀ ହୋଇଛନ୍ତି। ବିଜେଡି ଟିକେଟରୁ ବଞ୍ଚିତ ବିଧାୟକ ଦେବରାଜ ମହାନ୍ତି ଭାଜପାରେ ଯୋଗଦେବା ପରେ ତାଙ୍କୁ ଆସିକା ସେଗମେଣ୍ଟରୁ ଏବଂ ବିଜେଡି ଟିକେଟ ନ ପାଇ ଭାଜପାରେ ସାମିଲ ହୋଇଥିବା ପୂର୍ବତନ ବିଧାୟକ କେ. ନାରାୟଣ ରାଓଙ୍କୁ ଦଳ ପକ୍ଷରୁ ପାରଳାଖେମୁଣ୍ଡି ଆସନରେ ପ୍ରାର୍ଥୀ କରାଯାଇଛି।

ଭାଜପାର ପ୍ରାର୍ଥୀ ଘୋଷଣା ପରେ ଅସନ୍ତୁଷ୍ଟମାନେ ବିଦ୍ରୋହୀ ସାଜିଛନ୍ତି। ଶନିବାର ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ନିର୍ବାଚନ କାର୍ଯ୍ୟାଳୟ ଆଗରେ ଦିଗହପଣ୍ଡି ସେଗମେଣ୍ଟରୁ ଆଶାୟୀ ମହନ୍ତ ଚିନ୍ମୟାନନ୍ଦ ଟିକେଟ ପାଇ ନ ଥିବାରୁ ସେ ଓ ତାଙ୍କ ସମର୍ଥକମାନେ ହୋହଲ୍ଲା କରିଥିଲେ । ନିର୍ବାଚନ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ପାରଳାଖେମୁଣ୍ଡି ଗସ୍ତରେ ଥିବା ଏମ୍‌ପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଟେଲିଫୋନ ଯୋଗେ ବୁଝାଶୁଝା କରିବାରୁ ଆନ୍ଦୋଳନରୁ ଓହରିଥିଲେ । ଭୃଗୁ ଫେରିବା ପରେ ପୁଣି ଆଲୋଚନା ହେବ ଓ ବିଫଳ ହେଲେ ଗଣଧାରଣା ସହ ବିକ୍ଷୋଭ କରାଯିବ ବୋଲି ମହନ୍ତ ଚେତାବନୀ ଦେଇଥିଲେ। ସେହିପରି ଦିଗପହଣ୍ଡି ଆସନରେ ଭାଜପା ପ୍ରାର୍ଥୀ ପାଇଁ ଦୀର୍ଘଦିନରୁ ଆଶାୟୀ ଥିବା ଏବଂ ତାଲିକାରେ ନାଁ ନ ଥିବାରୁ ଇଂ. ଉତ୍ତମ ପାଣିଗ୍ରାହୀ ତାଙ୍କ ସମର୍ଥକଙ୍କୁ ନେଇ ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଯାଇଛନ୍ତି। ଯିବା ପୂର୍ବରୁ ଦିଗପହଣ୍ଡିରେ ବିଦ୍ରୋହ କରାଯାଇଥିବା ବ୍ରହ୍ମପୁର ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ଖବର ମିଳିଛି। ତେଣୁ ପ୍ରାର୍ଥୀ ତାଲିକାକୁ ନେଇ ଅସନ୍ତୋଷର ନିଆଁ ଜଳିବା ଆରମ୍ଭ ହୋଇଛି। ସମସ୍ୟାର ଖୁବଶୀଘ୍ର ସମାଧାନ ହୋଇଯିବ ବୋଲି ଜିଲା ଭାଜପା ଉପସଭାପତି ସୁନୀଲ କୁମାର ସାହୁ ସୂଚନା ଦେଇଛନ୍ତି ।


ଅନୀତା ଶୁଭଦର୍ଶିନୀ


ପ୍ରମିଳା ବିଶୋୟୀ

**ବ୍ରହ୍ମପୁର, ଆସିକା ସଂସଦୀୟ କ୍ଷେତ୍ର**

- ପ୍ରଥମକରି ଆସିକା ସଂସଦୀୟ କ୍ଷେତ୍ରରେ ଲଢ଼ିବେ ୨ମହିଳା
- ନିର୍ବାଚନ କାର୍ଯ୍ୟାଳୟରେ ତାଲା ପକାଇଲେ ଟିକେଟରୁ ବଞ୍ଚିତ ଆଶାୟୀ

# ପ୍ରତ୍ୟୁଷାଙ୍କୁ ନେଇ ହଡ଼ବଡ଼େଇଲେ ନିରଞ୍ଜନ

ଭୁବନେଶ୍ୱର, ୨୩।୩ (ବ୍ୟୁରୋ)

ବିଜୁ ଜନତା ଦଳ (ବିଜେଡି)ରୁ ଟିକେଟ ନ ପାଇ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ଦଳରୁ ଇସ୍ତଫା ଦେବା ପରେ ସେ କେଉଁଥିରେ ଯୋଗଦେବେ ତାହାକୁ ନେଇ ଚର୍ଚ୍ଚା ଚାଲିଥିଲା। କେତେକେ କହୁଥିଲେ ସେ କଂଗ୍ରେସ ଯିବେ, ଆଉ କିଛି ଭାଜପା କଥା ଉଠାଉଥିଲେ। ଏଭଳି ଆଲୋଚନା ହେଉଥିବା ବେଳେ ପ୍ରତ୍ୟୁଷା କଂଗ୍ରେସରେ ଯୋଗ ଦେଉଥିବା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଆଗୁଆ କହିଥିଲେ। କିନ୍ତୁ ଶନିବାର କଳ୍ପନାଜଳ୍ପନାର ଅବସାନ ଘଟାଇ ଶେଷରେ ପ୍ରତ୍ୟୁଷା ଭାଜପାକୁ ଆପଣାଇଛନ୍ତି।

ପ୍ରତ୍ୟୁଷା ବିଜେଡିରୁ ଯିବା ପରେ ୨୧ ମାର୍ଚ୍ଚରେ ପିସିସି ସଭାପତି ନିରଞ୍ଜନ କହିଲେ ଯେ ସେ ଖୁବ୍‌ଶୀଘ୍ର ତାଙ୍କ ଦଳରେ ସାମିଲ ହେବାକୁ ଯାଉଛନ୍ତି। ମାର୍ଚ୍ଚ ୨୩ କିମ୍ବା ୨୪ରେ ଆନୁଷ୍ଠାନିକ ଭାବେ ପ୍ରତ୍ୟୁଷା କଂଗ୍ରେସରେ ମିଶିବେ ବୋଲି ନିରଞ୍ଜନ ଗଣମାଧ୍ୟମକୁ କହିଥିଲେ। ତେବେ ତାଙ୍କୁ କେଉଁଠାରୁ ପ୍ରାର୍ଥୀ କରାଯିବ ସେନେଇ ସୂଚନା ଦେଇ ନ ଥିଲେ। ଶନିବାର ନିରଞ୍ଜନଙ୍କ ଅଙ୍କକଷା ଭୁଲ ପ୍ରମାଣିତ ହେଲା ଯେତେବେଳେ ପ୍ରତ୍ୟୁଷା ଭାଜପାରେ ଯୋଗଦେଲେ। ଏ କଥା ପ୍ରଚାର ହେବା ପରେ ନିରଞ୍ଜନ ହଡ଼ବଡ଼େଇ ଯାଇଛନ୍ତି। କେବଳ ପ୍ରତ୍ୟୁଷାଙ୍କ କଥା ନୁହେଁ, ଅନେକ କ୍ଷେତ୍ରରେ ନିରଞ୍ଜନ ହଡ଼ବଡ଼େଇ ଯାଉଥିବା ଦେଖିବାକୁ ମିଳିଛି। ପିସିସି ଦାୟିତ୍ୱ ନେବା ପରେ ଦଳର ନେତା ରାହୁଲ ଗାନ୍ଧୀ ଓଡ଼ିଶା ଆସିବେ ବୋଲି ବାରମ୍ବାର କହୁଥିଲେ। ହେଲେ ଛତିଶଗଡ଼, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ କଂଗ୍ରେସ ସରକାର ଗଢ଼ିବା ପରେ ରାହୁଲ ଓଡ଼ିଶା ଆସିଥିଲେ। ଏପରି କି ରାହୁଲଙ୍କ ଜୟପୁର ଓ ବରଗଡ଼ ଗସ୍ତ ତାରିଖ ଘୋଷଣା ନେଇ ମଧ୍ୟ ନିରଞ୍ଜନ ହଡ଼ବଡ଼େଇ ଯାଇଥିଲେ। ସେହିପରି ଗତବର୍ଷ ଜୁଲାଇରୁ ସାଧାରଣ ନିର୍ବାଚନ ଲାଗି ପ୍ରାର୍ଥୀ ଘୋଷଣା ହେବ କହି ଆସୁଥିଲେ ହେଁ ନିକଟରେ ତାଲିକା ପଦାକୁ ଆଣିଛନ୍ତି। ପରିବାର ପିଛା ଗୋଟିଏ ଟିକେଟ ମିଳିବ ବୋଲି ସେ କହୁଥିଲେ। ପରେ ପରିବାରରେ ଏକାଧିକ ବ୍ୟକ୍ତି ରାଜନୀତିରେ ସକ୍ରିୟ ଥିଲେ ସେମାନଙ୍କୁ ସୁଯୋଗ ମିଳିବ ବୋଲି କହିବା ନିରଞ୍ଜନଙ୍କ ହଡ଼ବଡ଼କୁ ପଦାରେ ପକାଇଛି।


ନିରଞ୍ଜନ ପଟ୍ଟନାୟକ

# ବିଜେଡି ଛାଡ଼ି ଭାଜପାରେ ମିଶିଲେ ବିଧାୟିକା ବାସନ୍ତୀ ମଲିକ


ଭାଜପା କାର୍ଯ୍ୟାଳୟରେ ମୋହନା ବିଧାୟିକା ବାସନ୍ତୀ ମଲିକ ଓ ଅନ୍ୟମାନେ ।

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ବିଜେଡି ନେତ୍ରୀ ତଥା ମୋହନା ବିଧାୟିକା ବାସନ୍ତୀ ମଲିକ ବିଜେଡି ଛାଡି ଭାଜପାରେ ଯୋଗଦେଇଛନ୍ତି। ବିଜେଡି ପକ୍ଷରୁ ତାଙ୍କୁ ଟିକେଟ ନ ମିଳିବାରୁ ସେ ଦଳ ଛାଡିଥିବା ଜଣାପଡିଛି। ତାଙ୍କ ବଦଳରେ ବିଜେଡି ପୂର୍ଣ୍ଣବାସୀ ନାୟକଙ୍କୁ ପ୍ରାର୍ଥୀ କରିଛି। ଭାଜପା କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଏକ ମିଶ୍ରଣ ପର୍ବରେ ବାସନ୍ତୀ ଦଳରେ ସାମିଲ ହୋଇଥିଲେ। ରାଜ୍ୟ ସଭାପତି ବସନ୍ତ ପଣ୍ଡା, ବରିଷ୍ଠ ନେତା ପ୍ରତାପ ଷଡ଼ଙ୍ଗୀ, ରାଜ୍ୟ ଉପସଭାପତି ସମୀର ମହାନ୍ତି ପ୍ରମୁଖ ମଲିକଙ୍କୁ ଦଳୀୟ ଟୋପି ଏବଂ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ । ବିଧାୟିକା ମଲିକଙ୍କ ସମେତ ଜି.ଉଦୟଗିରି ବିଜେଡି ବ୍ଲକ ସଭାପତି ଭୀମସେନ ଘଡ଼ାଇ, ବିଜେଡି ନେତା ଅମ୍ବିକା ପ୍ରସାଦ ଘଡ଼ଇ, ଲାବଣ୍ୟ ମଲ୍ଲିକ, ଅନୁକ ଶବର, ବିପ୍ରଚରଣ ବଳିଆରସିଂହ, କାହ୍ନୁ ପାଢ଼ୀ, ଅଜିତ କୁମାର ପାତ୍ର, ଉପେନ୍ଦ୍ର ବଳିଆରସିଂହ, ଗୁଣମଣି ନାୟକ, ଶେଖର ମଲ୍ଲିକ, ଜୁନେଓ ଶବର, କୁନା ଘଡ଼େଇ, ଗୋପାଳ ରାଉତ ପ୍ରମୁଖ ଭାଜପାରେ ଯୋଗଦାନ କରିଛନ୍ତି।

# ପ୍ରଶାନ୍ତ ନନ୍ଦଙ୍କ ପୁଅ ଭାଜପାରେ



ଭାଜପାରେ ମିଶିବା ଅବସରରେ ରିଷଭ ନନ୍ଦ ଓ ଦଳୀୟ ନେତୃବୃନ୍ଦ ।

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ରାଜନୀତିରେ କେହି କାହାର ଶତ୍ରୁ କିମ୍ବା ମିତ୍ର ନୁହନ୍ତି। ସେହିପରି ଗୋଟିଏ ପରିବାର ଲୋକ ମଧ୍ୟ ଭିନ୍ନଭିନ୍ନ ଦଳରେ ରହିଥାନ୍ତି। ଜାତୀୟସ୍ତରରୁ ଆରମ୍ଭ କରି ରାଜ୍ୟସ୍ତରରେ ଏହାର ଅନେକ ଉଦାହରଣ ରହିଛି। ଏହି କ୍ରମରେ ବିଜେଡି ରାଜ୍ୟ ସଭା ସଦସ୍ୟ ତଥା ସୁନ୍ଦରଗଡ଼ ଜିଲା ପର୍ଯ୍ୟବେକ୍ଷକ ପ୍ରଶାନ୍ତ ନନ୍ଦଙ୍କ ପୁତ୍ର ରିଷଭ ନନ୍ଦ ଭାଜପାରେ ଯୋଗଦେଇଛନ୍ତି। ଦୋଳପୂର୍ଣ୍ଣିମା ତଥା ଗୁରୁବାର ରିଷଭ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂହଦେଓ ପ୍ରମୁଖ ରିଷଭଙ୍କୁ ଦଳୀୟ ଟୋପି ଏବଂ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ । ରିଷଭଙ୍କ ଯୋଗଦାନ ଖୋର୍ଦ୍ଧା ଜିଲା ବିଶେଷକରି ବେଗୁନିଆ-ବୋଲଗଡ଼ ରାଜନୀତିକୁ ବହୁଳ ଭାବେ ପ୍ରଭାବିତ କରିବ। ଦଳ ପକ୍ଷରୁ ଏଯାଏ ଏହି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇନାହିଁ। ତେଣୁ ରିଷଭ ଭାଜପା ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ରିଷଭଙ୍କ ବ୍ୟତୀତ ଭୁବନେଶ୍ୱର ଜିଲା ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ମାନସ ରଞ୍ଜନ ନାୟକଙ୍କ ନେତୃତ୍ୱରେ ପ୍ରସନଜିତ୍ ମଲ୍ଲ, ସୁଧୀର କୁମାର ବେବର୍ତ୍ତା, ଅଶୋକ ଦାଶ, ସନାତନ ମଲ୍ଲିକ, ଦେବାଶିଷ ଦାଶ, ଉମାକାନ୍ତ ସାହୁ, ସଦାଶିବ ସ୍ୱାଇଁ, ସଞ୍ଜୟ ସାମନ୍ତରାୟ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ପଳାଶୁଣୀ ଓ ରସୁଲଗଡ଼ ଅଞ୍ଚଳର ସଞ୍ଜୟ ଦାଶ, ମନୋରଞ୍ଜନ ସାହୁ, ବିଶ୍ୱଜିତ୍ ପ୍ରଧାନ, ଆଶୀର୍ବାଦ ମହାନ୍ତି, ଗୌରୀ ପ୍ରସାଦ ଦାଶ ଓ ବିଶିଷ୍ଟ ଶିକ୍ଷାବିତ ତଥା ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଶଶାଙ୍କ ଶେଖର ସାହୁ ଭାଜପାରେ ସାମିଲ ହୋଇଛନ୍ତି।

ସେହିପରି ଖୋର୍ଦ୍ଧା ଜିଲା ଜୟଦେବ ନିର୍ବାଚନମଣ୍ଡଳୀରୁ ପୂର୍ବତନ ଜିଲା ପରିଷଦ ସଭ୍ୟ ବାବୁନି ସାହୁ, ବାଲିପାଟଣାର ଯୁବନେତା ସୁବାସ ଚନ୍ଦ୍ର ଜେନା, ଜୀବନ ପରିଡା, ଅକ୍ଷୟ ବେହେରା, ବିଷ୍ଣୁପ୍ରସାଦ ବେହେରା ମଧ୍ୟ ପଦ୍ମ ଦଳରେ ସାମିଲ ହୋଇଛନ୍ତି। ଢେଙ୍କାନାଳ ଜିଲା କାମାକ୍ଷାନଗରରୁ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରବାଳକାନ୍ତି ସାହୁ, ଭୁବନ ବ୍ଲକ ବିଜେଡି ନେତା ସଞ୍ଜୟ କୁମାର ଦାସ, ପୂର୍ବତନ କାଉନ୍‌ସିଲର ସନ୍ତୋଷ ପୃଷ୍ଟି, ପୁରୁଷୋତ୍ତମ ପୃଷ୍ଟି, ଅରବିନ୍ଦ ସାହୁ, ଅନାମ ମହାଳିକ, ଚୈତନ୍ୟ ବେହେରା, ଅଶୋକ ଦତ୍ତ, ବିଜୟ କୁମାର ଦାସ, ସମୀର କୁମାର ସାହୁ ପ୍ରମୁଖ ଭାଜପାରେ ମିଶିଛନ୍ତି। ପରଜଙ୍ଗ ନିର୍ବାଚନମଣ୍ଡଳୀରୁ ପୂର୍ବରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ହୋଇଥିବା ଲକ୍ଷ୍ମୀଧର ସାହୁ, ସନ୍ତୋଷ ବିଶ୍ୱାଳ, ପାପୁନ ବିଶ୍ୱାଳ, ପ୍ରହଲ୍ଲାଦ ବିଶ୍ୱାଳ, ସୁଧାକର ସାହୁ, ଦୁଷ୍ମନ୍ତ ନାୟକ, ନବକୃଷ୍ଣ ବେହେରା, ଅମର ବେହେରା, ପ୍ରିୟବ୍ରତ ବିଶ୍ୱାଳ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ହିନ୍ଦୋଳରୁ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ବିନୋଦିନୀ ସାମଲ, କିଶୋର ଚନ୍ଦ୍ର ପାଲ, ମନୋରଞ୍ଜନ ସାମଲ, ସୁବ୍ରତ କୁମାର ପାଲ, କୃଷ୍ଣଚନ୍ଦ୍ର ନାୟକ, ବିନୋଦ ନାୟକ, ପ୍ରଫୁଲ୍ଲ ନାୟକ, ରତ୍ନପ୍ରଭା ସର, ରଣଜିତ ବେହେରା, ପ୍ରାଣବନ୍ଧୁ ଖୁଣ୍ଟିଆ, କିଶୋର ଚନ୍ଦ୍ର ପାଲ, ସୁବ୍ରତ କୁମାର ପାଲ, ବରୁଣ କୁମାର ସର, ପଦ୍ମଚରଣ ନାୟକ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି କିନ୍ନର ନେତ୍ରୀ ମେନକା ପରିଡାଙ୍କ ନେତୃତ୍ୱରେ ଶୁଭା ରଥ, ଶ୍ରୀୟା କିନ୍ନର, ସୋନାଲି କିନ୍ନର, କୁମାରୀ କିନ୍ନର, ପାୟଲ କିନ୍ନର, ବିଷ୍ଣୁପ୍ରିୟା କିନ୍ନର, ପୂଜା କିନ୍ନର ପ୍ରମୁଖ ଭାଜପାରେ ଯୋଗଦେଇଛନ୍ତି।

**■ ସାମିଲ ହେଲେ ଭୁବନେଶ୍ୱର, ଢେଙ୍କାନାଳର ଶତାଧିକ କର୍ମୀ**

# ୩ ଉପସଭାପତି ନିଯୁକ୍ତ କଲା ଭାଜପା

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ଭାଜପା ଟିକେଟରୁ ବଞ୍ଚିତ ହୋଇଥିବା ନେତାମାନଙ୍କୁ ବିଭିନ୍ନ ସାଙ୍ଗଠନିକ ପଦପଦବୀରେ ଥଇଥାନ କରାଯାଇଛି। ବିଜେଡି ଛାଡ଼ି ଶନିବାର ଭାଜପାରେ ଯୋଗଦେଇଥିବା କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ବରଗଡ଼ ଭାଜପା ନେତା ସୁବାସ ଚୌହାନ ଏବଂ ଦଳର ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟଙ୍କୁ ରାଜ୍ୟ ଉପସଭାପତି ଭାବେ ମନୋନୀତ କରାଯାଇଛି। ରାଜ୍ୟ ସଭାପତି ବସନ୍ତ କୁମାର ପଣ୍ଡା ଉପରୋକ୍ତ ସମସ୍ତ ନେତାଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ଦଳୀୟ ମୁଖପାତ୍ର ଗୋଲକ ମହାପାତ୍ର ଏହି ନିଯୁକ୍ତି ସମ୍ପର୍କରେ ଗଣମାଧ୍ୟମକୁ ଅବଗତ କରାଇଛନ୍ତି। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, କଟକ ଲୋକ ସଭାରେ ପୂର୍ବତନ ପୋଲିସ ଡିଜି ପ୍ରକାଶ ମିଶ୍ରଙ୍କୁ ଦଳ ପ୍ରାର୍ଥୀ କରିପାରେ। ତେଣୁ କଟକରୁ ଆଶାୟୀ ଥିବା ପୀତାମ୍ବର ଆଚାର୍ଯ୍ୟଙ୍କୁ ରାଜ୍ୟ ଉପସଭାପତି ଭାବେ ଥଇଥାନ କରାଯାଇଛି।






ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। –ଶ୍ରୀମା



# ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା



ଆକାର ପଟେଲ

ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଚାଲିଛି ଏବଂ ପ୍ରାର୍ଥୀମାନଙ୍କୁ ମାର୍ଚ୍ଚ ୨୫ ସୋମବାର ପୂର୍ବରୁ ଏହା ଦାଖଲ କରିବାକୁ ପଡ଼ିବ। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲର ଧାର୍ଯ୍ୟ ଅନ୍ତିମ ଦିବସ ହେଉଛି ମଙ୍ଗଳବାର। ମୁଁ ଏଠାରେ କେତେକ ବିଷୟ ଆଲୋଚନା କରିବାକୁ ଚାହୁଁଛି, ଯାହା ପ୍ରାର୍ଥୀମାନଙ୍କ ପାଇଁ ସାଧାରଣ କଥା ମାତ୍ର ଭୋଟରମାନେ ସେ ବିଷୟରେ ସଚେତନ ନ ଥାନ୍ତି। ପ୍ରାର୍ଥୀପତ୍ର ଦାଖଲର ଅନ୍ତିମ ଧାର୍ଯ୍ୟ ଦିବସ ଅଲଘଂନୀୟ, ଯାହା ଭିତରେ ସମସ୍ତେ ପ୍ରାର୍ଥୀପତ୍ର ଦାଖଲ କରିବାକୁ ବାଧ୍ୟ। ଅନେକ ବର୍ଷ ତଳେ ପୂର୍ବତନ କୂଟନୀତିଜ୍ଞ ସୟଦ ଶାହବୁଦ୍ଦିନ ମୋତେ କହିଥିଲେ ଯେ, ବିହାରର କିଷନଗଞ୍ଜ ନିର୍ବାଚନମଣ୍ଡଳୀ ପାଇଁ ତାଙ୍କର ନାମାଙ୍କନପତ୍ର ଦାଖଲ କରିବାର ଥିଲା। କିନ୍ତୁ ତାଙ୍କୁ ଶାରୀରିକଭାବେ ଅଟକେଇ ଦିଆଗଲା। ସେତେବେଳେ ତାଙ୍କର ବିପକ୍ଷ ଥିଲେ ଜଣେ କଂଗ୍ରେସ ନେତା। ସେ ଏବେ ଭାଜପାରେ ଅଛନ୍ତି। ଏହା ୧୯୮୦ ଦଶକ ଶେଷାର୍ଦ୍ଧର ଘଟଣା।

ମୁଁ ଭାବୁଛି ନିର୍ବାଚନ ଏବେ ଅଧିକ ସ୍ୱଚ୍ଛନ୍ଦ ହୋଇଯାଇଛି। ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଉପରେ ଆଖି ପକାନ୍ତୁ। ପ୍ରାର୍ଥୀଙ୍କ ବୟସ ୨୫ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ ଏବଂ ତାଙ୍କୁ ନିର୍ବାଚନ ଆୟୋଗର ଫର୍ମ ୨ଏ ଦାଖଲ କରିବାକୁ ପଡ଼ିବ। ଏହା ଲୋକ ସଭା ନିର୍ବାଚନ ଲଢ଼ିବା ପାଇଁ ନାମାଙ୍କନପତ୍ର ଏବଂ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ଯେଉଁ ଫର୍ମରେ ନାମାଙ୍କନପତ୍ର ଦାଖଲ ହୁଏ, ତାହା ହେଉଛି ଫର୍ମ ୨ବି। ଜଣେ ଭୋଟରଙ୍କ ଦ୍ୱାରା ଏହି ଫର୍ମ ପୂରଣ କରିବାକୁ ହୁଏ, ଯିଏ ପ୍ରାର୍ଥୀଙ୍କୁ ଜାଣିଥାନ୍ତି ଏବଂ ସେ ତାଙ୍କୁ ପ୍ରାର୍ଥୀ ହେବା ପାଇଁ ପ୍ରସ୍ତାବ ଦିଅନ୍ତି। ରିଟର୍ନିଂ ଅଫିସରଙ୍କ ପାଖରେ ଫର୍ମ ଦାଖଲ କରିବା ପୂର୍ବରୁ ପ୍ରାର୍ଥୀ ଜଣକ ଭାରତୀୟ ସମ୍ବିଧାନ, ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ପ୍ରତିବଦ୍ଧ ବୋଲି ଶପଥ କରିବାକୁ ହୁଏ। କେତେକ ପ୍ରାର୍ଥୀ ଏକାଧିକ ସ୍ଥାନରୁ ନିର୍ବାଚନ ଲଢ଼ନ୍ତି, ଯେପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୦୧୪ ନିର୍ବାଚନ ବେଳେ ବାରାଣସୀ ଓ ବଡ଼ୋଦରାରୁ ଠିଆ ହୋଇଥିଲେ। ଉଭୟ ସ୍ଥାନରୁ ଜିତିଲେ ତାଙ୍କୁ ଗୋଟିଏ ସ୍ଥାନ ଛାଡ଼ିବାକୁ ପଡ଼େ। ଅବଶ୍ୟ ଦ୍ୱିତୀୟ ସ୍ଥାନ ପାଇଁ ଦାଖଲ କରାଯାଇଥିବା ଅମାନତ ତାଙ୍କୁ ଆଉ ଫେରସ୍ତ ମିଳେ ନାହିଁ। ଯେଉଁ ପ୍ରାର୍ଥୀମାନେ ଜେଲରୁ ନାମାଙ୍କନପତ୍ର ଦାଖଲ କରନ୍ତି, ସେ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଆଗରେ ଶପଥ ନେଇପାରିବେ। ଆପଣ ଈଶ୍ୱରଙ୍କ ନାମରେ ଶପଥ ନେଇପାରନ୍ତି କିମ୍ବା ଆପଣ ଯଦି ନାସ୍ତିକ ହୋଇଥାନ୍ତି, ତେବେ 'ମୁଁ ସତ୍ୟନିଷ୍ଠାପୂର୍ବକ ଦୃଢ଼ୋକ୍ତି କରୁଛି' (I solemnly affirm) ବୋଲି କହିପାରିବେ। ତା'ପରେ ପ୍ରାର୍ଥୀମାନଙ୍କୁ ତାଙ୍କ ବିରୋଧରେ କିଛି ଆପରାଧିକ ଅଭିଯୋଗ ଥିଲେ ତା'ର ପୁଙ୍ଖାନୁପୁଙ୍ଖ ବିବରଣୀ ଦାଖଲ କରିବାକୁ ପଡ଼େ।

ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ଆସନରୁ ଲଢ଼ିବାକୁ ଚାହିଁଲେ ପ୍ରାର୍ଥୀ ଜଣଙ୍କ ନାମ ଭାରତର ଯେକୌଣସି ସ୍ଥାନରେ ଅନୁସୂଚିତ ଜାତି ତାଲିକାରେ ଥିବା ଦରକାର। (ଅନୁସୂଚିତ ଜାତି ପାଇଁ ଭାରତରେ ମୋଟ ୮୪ଟି ଆସନ ସଂରକ୍ଷିତ ଅଛି।) କିନ୍ତୁ ଆସାମ ବା ଲାକ୍ଷାଦ୍ୱୀପରେ ଅନୁସୂଚିତ ଉପଜାତି ପାଇଁ ସଂରକ୍ଷିତ ଆସନରୁ ଲଢ଼ିବାକୁ ହେଲେ ସେହି ଆସାମ ବା ଲାକ୍ଷାଦ୍ୱୀପରେ ହିଁ ନିର୍ଦ୍ଦିଷ୍ଟ ଅନୁସୂଚିତ ଉପଜାତି ତାଲିକାରେ ତାଙ୍କର ନାମ ରହିଥିବା ଦରକାର।

ଯେଉଁ ପ୍ରାର୍ଥୀଙ୍କୁ କୋର୍ଟ ମାନସିକ ବିକାରଗ୍ରସ୍ତ ବା ପାଗଳ ବୋଲି ଘୋଷଣା କରିଥାନ୍ତି ବା ଯିଏ ଦେବାଳିଆ ଘୋଷିତ ହୋଇଥାନ୍ତି, ସେ ପ୍ରାର୍ଥୀ ହୋଇପାରିବେ ନାହିଁ। ତେବେ ଏହି ଦୁଇ କାରଣରୁ କେବେ କାହାକୁ ଅଯୋଗ୍ୟ ଘୋଷଣା କରାଯାଇଥିବା ଆଜିଯାଏ ମୁଁ ଜାଣିନାହିଁ। ବୋଧହୁଏ ବର୍ତ୍ତମାନର ଦେବାଳିଆ ନିୟମ ଅନୁସାରେ ଏଥିରେ ପରିବର୍ତ୍ତନ ଆବଶ୍ୟକ। ଯେଉଁ ବ୍ୟକ୍ତି ନିର୍ଦ୍ଦିଷ୍ଟ କେତେକ ଅପରାଧ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥାନ୍ତି, ସେ ମଧ୍ୟ ପ୍ରାର୍ଥୀ ହୋଇପାରିବେ ନାହିଁ। ଏହି ଅପରାଧଗୁଡ଼ିକ ମଧ୍ୟରେ ରହିଛି ବିଭିନ୍ନ ଗୋଷ୍ଠୀ ଭିତରେ ଘୃଣାର ପ୍ରସାର କରିବା, ଲାଞ୍ଚ, ବଳାତ୍କାର, ଜାତିଆଣ ଭେଦଭାବ ସୃଷ୍ଟି, ଚୋରା କାରବାର, ଆତଙ୍କବାଦ, ଡ୍ରଗ୍ସ କାରବାର, ଜାତୀୟ ପତାକାକୁ ଅସମ୍ମାନ କରିବା ଏବଂ ସତୀପ୍ରଥାକୁ ପ୍ରୋତ୍ସାହନ ଦେବା। ତେବେ ଏହି ବ୍ୟକ୍ତିମାନେ ଦୋଷୀ ସାବ୍ୟସ୍ତ ହେବା ତାରିଖଠାରୁ ଛଅବର୍ଷ ପାଇଁ ଅଯୋଗ୍ୟ ଘୋଷିତ ହୋଇଥାନ୍ତି। ଯଦି କୌଣସି ପ୍ରାର୍ଥୀଙ୍କ ପ୍ରାର୍ଥୀତ୍ୱ ବିରୋଧରେ ଅଭିଯୋଗ ଆସେ, ତେବେ ଏ ଅଭିଯୋଗ ଭିତ୍ତିହୀନ ବୋଲି ପ୍ରାର୍ଥୀ ନିଜେ ରିଟର୍ନିଂ ଅଫିସରଙ୍କ ପାଖରେ ଯୁକ୍ତି ଓ ତଥ୍ୟ ଉପସ୍ଥାପନ କରିପାରିବେ। ତାଙ୍କର ଯୁକ୍ତି ଗ୍ରହଣୀୟ ନ ହେଲେ ନାମାଙ୍କନପତ୍ର ରଦ୍ଦ ହୋଇପାରିବ। ମୁଁ ଭାବୁଛି ଏ ପ୍ରକ୍ରିୟା ବହୁତ ଭଲ। କେବଳ ଅମାନତ ବାଜ୍ୟାପ୍ତି କଥାଟାକୁ ମୁଁ ଗ୍ରହଣ କରିପାରୁନି। ବର୍ତ୍ତମାନର ନିୟମ ଅନୁସାରେ ଜଣେ ପ୍ରାର୍ଥୀ ପଡ଼ିଥିବା ମୋଟ ଭୋଟର ୧୬.୬ ପ୍ରତିଶତରୁ କମ୍ ଭୋଟ ପାଇଲେ ତାଙ୍କର ଅମାନତ ରାଶି ବାଜ୍ୟାପ୍ତ କରାଯାଏ। ଗଣମାଧ୍ୟମରେ ଏହା ପ୍ରକାଶ ପାଏ ଏବଂ ବିରୋଧୀମାନେ ହସନ୍ତି।

ପ୍ରଥମ ନିର୍ବାଚନଠାରୁ ଆରମ୍ଭ କରି ଆଜିଯାଏ ୭୫ ପ୍ରତିଶତ ପ୍ରାର୍ଥୀ ଅର୍ଥାତ୍ ୬୪,୦୦୦ରୁ ଅଧିକ ବ୍ୟକ୍ତି ଅମାନତ ହରାଇଛନ୍ତି। ନିର୍ବାଚନ ଆୟୋଗଙ୍କ ହ୍ୟାଣ୍ଡବୁକ୍ ଅନୁଯାୟୀ ଏହି ଅମାନତ ରାଶିର ପରିମାଣ ୧୦,୦୦୦ ଟଙ୍କା ଏବଂ ଅନୁସୂଚିତ ଜାତି ଓ ଉପଜାତିର ପ୍ରାର୍ଥୀଙ୍କ ପାଇଁ ୫,୦୦୦ ଟଙ୍କା। ଏ ପରିମାଣ ବେଶି ନୁହେଁ। ଏହି ସାମାନ୍ୟ ପରିମାଣ ଯୋଗୁ ମାତ୍ରାଧିକ ସଂଖ୍ୟକ ଲୋକ ନିର୍ବାଚନରେ ଅଂଶଗ୍ରହଣ କରି ବ୍ୟାଲଟ୍ ପେପରକୁ ବହୁତ ଗହଳିଆ ଓ ଲମ୍ବା କରିଦିଅନ୍ତି। କିଛି ଲୋକ ମନ୍ଦ ଉଦ୍ଦେଶ୍ୟ ରଖି ନାମାଙ୍କନପତ୍ର ଦାଖଲ କରିଥାନ୍ତି ଏବଂ ପରେ ଅନ୍ୟ ପ୍ରାର୍ଥୀଙ୍କଠାରୁ ବିପୁଳ ପରିମାଣର ଲାଞ୍ଚ ନେଇ ନାମାଙ୍କନପତ୍ର ପ୍ରତ୍ୟାହାର କରନ୍ତି। ଅମାନତ ରାଶି ବାଜ୍ୟାପ୍ତ କରାଯିବା ପ୍ରଥା ଅଧିକାଂଶ ରାଜ୍ୟଗୋଷ୍ଠୀ ଦେଶରେ ରହିଛି। ଭାରତ ଭଳି ଜନବହୁଳ ଦେଶରେ ମାତ୍ର ୧୬% ଭୋଟ ପାଇ ନ ପାରିବା ଏକ ବଡ଼ ବିଫଳତା ଭାବେ ଗଣାଯାଏ। ଏ ଅମାନତ ବ୍ୟବସ୍ଥା ଯୋଗୁ ଛୋଟ ଛୋଟ ଗୋଷ୍ଠୀର ଲୋକେ ନିର୍ବାଚନ ଲଢ଼ିବାରୁ ବିରତ ରହନ୍ତି। କିନ୍ତୁ ସବୁ ଭାରତୀୟଙ୍କୁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଆମେ ଉତ୍ସାହିତ କରିବା ଉଚିତ। ତେଣୁ ଯେଉଁ ବ୍ୟବସ୍ଥା ଯୋଗୁ ଲୋକମାନେ ଏଥିପ୍ରତି ନିରୁତ୍ସାହିତ ହେଉଛନ୍ତି, ତାହାର ପୁନର୍ବିଚାର କରାଯିବା ଆବଶ୍ୟକ।

Email: aakar.patel@gmail.com

# କିଉ୍ୱି ଆଖିରେ ଲୁହ



ପ୍ରକାଶ ତ୍ରିପାଠୀ

ମାତ୍ର ପାଞ୍ଚ ମିନିଟ୍‌ର ଭିଡିଓଟି କୌଣସି ଏକ ଆକ୍ସନଧର୍ମୀ ସିନେମାର ଲୋମ ଟାଙ୍କୁରା ଦୃଶ୍ୟଠାରୁ କମ୍ ନ ଥିଲା। ଏକ ଅତ୍ୟାଧୁନିକ ବନ୍ଧୁକ ହାତରେ ଧରି ବୀରଠାଣିରେ ଦୁଇ ଦୁଇଟି ମସଜିଦ୍ ଭିତରେ ଶାନ୍ତିର ରାହା ଖୋଜୁଥିବା ମଣିଷଗୁଡାଙ୍କୁ ପୋକମାଛି ପରି ମାରି ପକାଇବାଠାରୁ ବଳି ନାରକୀୟ ହିଂସା ଆଉ କ'ଣ ହୋଇପାରେ। ଘଟଣାଟି ଘଟିଛି ବିଶ୍ୱର ସର୍ବାଧିକ ଶାନ୍ତିପୂର୍ଣ୍ଣ ଦେଶ ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ନ୍ୟୁଜିଲାଣ୍ଡରେ । ଏବେ ସେଠାରେ ଭୟ, ଆତଙ୍କ ଓ ଅଶାନ୍ତିର ରାଜୁତି। ଗତ ମାର୍ଚ୍ଚ ୧୫ ତାରିଖ ଶୁକ୍ରବାର ନ୍ୟୁଜିଲାଣ୍ଡର ଖ୍ରୀଷ୍ଟଚର୍ଚ୍ଚ ସହରର ଦୁଇଟି ମସ୍‌ଜିଦରେ ଜଣେ ୨୮ ବର୍ଷୀୟ ଯୁବକ ଯେଭଳି ଭାବେ ୫୦ ଜଣ ନିରୀହ ମଣିଷଙ୍କୁ ନିର୍ମମ ହତ୍ୟା କରି ସୋସିଆଲ ମିଡିଆରେ ଏହାର ସିଧାପ୍ରସାରଣ କରିବାରେ ସଫଳ ହୋଇପାରିଲେ, ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇପାରିଛି ଯେ, ବିଶ୍ୱର କୌଣସି ରାଷ୍ଟ୍ର ଆତଙ୍କବାଦର ଲୋଲୁପ ଦୃଷ୍ଟିରୁ ମୁକ୍ତ ନୁହନ୍ତି। କିଏ କହିବ, କେଉଁ ମୁହୂର୍ତ୍ତରେ କେଉଁଠି କିଏ ଏହାର ଶିକାର ନ ହେବ!

ନ୍ୟୁଜିଲାଣ୍ଡରେ ଘଟିଥିବା ଗଣନରସଂହାର ପୁଣି ପ୍ରମାଣିତ କରିଛି ଯେ, ବିଶ୍ୱରେ ବର୍ଣ୍ଣବିଦ୍ୱେଷ ଓ ଧର୍ମୀୟ ଅସହିଷ୍ଣୁତା ମରିନାହିଁ। ଏହା ଜୀବିତ ଅଛି ଓ ପୁଷ୍ଟ ବି ହେଉଛି। ବୀଭତ୍ସ ନରସଂହାର ଘଟାଇଥିବା ୨୮ ବର୍ଷୀୟ ଯୁବକ ହେଉଛନ୍ତି ବ୍ରିଟେନ୍‌ର ମୂଳବାସିନ୍ଦା ଅଷ୍ଟ୍ରେଲୀୟ ବ୍ରେଣ୍ଟନ ଟେରଣ୍ଟ। ନରସଂହାର ଘଟାଇବା ପୂର୍ବଦିନ ସୋସିଆଲ ମିଡିଆରେ ସେ ଏକ ଦୀର୍ଘ ବାର୍ତ୍ତା ପୋଷ୍ଟ କରିଥିଲେ, ଯେଉଁଥିରେ କି ଇସଲାମଧର୍ମୀ ଅନୁପ୍ରବେଶକାରୀ ଶରଣାର୍ଥୀ ତଥା ଅଣଶ୍ୱେତାଙ୍ଗମାନଙ୍କ ପ୍ରତି ଥିବା ତାଙ୍କ ତୀବ୍ର ଘୃଣାଭାବ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା। ତା' ପରଦିନ ୫ ମିନିଟର ନରସଂହାରର ଭିଡିଓକୁ ସିଧାପ୍ରସାରଣ କରି ସେ ପ୍ରମାଣ କରିଦେଲା ଯେ ଏ ବିଶ୍ୱରେ କେବଳ ଶ୍ୱେତାଙ୍ଗମାନେ ହିଁ ଶ୍ରେଷ୍ଠ ଓ ବଞ୍ଚିବାର ଅଧିକାର କେବଳ ସେହିମାନଙ୍କର ଅଛି। ତାଙ୍କ ପୈଶାଚିକ କାର୍ଯ୍ୟର ପ୍ରତିଟି ମୁହୂର୍ତ୍ତ ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା ଓ ଏହି ସଙ୍କେତ ଦେଇଥିଲା ଯେ, ଧର୍ମୀୟ ଅସହିଷ୍ଣୁତା, ଆପ୍ରବାସୀ ବିଦେଶୀ, ଉଗ୍ର ଦକ୍ଷିଣପନ୍ଥୀ ରାଷ୍ଟ୍ରବାଦର ବିଷ ସମଗ୍ର ବିଶ୍ୱକୁ ସଞ୍ଚରିଯିବାକୁ ବେଶି ସମୟ ଲାଗିବ ନାହିଁ।

ବ୍ରେଣ୍ଟନ ଭଲ ଭାବେ ଜାଣିଥିଲେ ଯେ, ଶୁକ୍ରବାର ଖ୍ରୀଷ୍ଟଚର୍ଚ୍ଚରେ ଥିବା ଦୁଇଟି ପ୍ରମୁଖ ମସ୍‌ଜିଦ ଅଲନୁର ଓ ଲିନବୁଡ୍‌ରେ ନିଶ୍ଚିତ ଅଣଶ୍ୱେତାଙ୍ଗ ମୁସଲମାନମାନେ ପ୍ରାର୍ଥନା ପାଇଁ ଉପସ୍ଥିତ ଥିବେ ଓ ସେମାନଙ୍କୁ ନିପାତ କରି ଅତିକମ୍‌ରେ ବିଶ୍ୱରୁ କିଛି ଅଣଶ୍ୱେତାଙ୍ଗ ତଥା ଇସ୍‌ଲାମଧର୍ମୀଙ୍କ ସଂଖ୍ୟାକୁ କମାଇଦେବ। ଅତ୍ୟାଧୁନିକ ଲେଜର ସଂଯୁକ୍ତ ବନ୍ଧୁକରେ ମସ୍‌ଜିଦ ଭିତରେ ଥିବା ଆବାଳବୃଦ୍ଧବନିତାଙ୍କୁ ମାରିସାରିବା ପରେ ମଧ୍ୟ ଦ୍ୱିତୀୟ ଦଫାରେ ଶବଗୁଡିକ ଉପରକୁ ପୁନର୍ବାର ଗୁଳିଚାଳନା ପ୍ରମାଣ ଦେଉଥିଲା ତାଙ୍କ ନିଷ୍ଠୁରତା ଓ ତୀବ୍ର ଧର୍ମୀୟ ଅସହିଷ୍ଣୁତାର। ସୋସିଆଲ ମିଡିଆରେ ସେ ପୋଷ୍ଟ କରିଥିବା ଦୀର୍ଘ ବାର୍ତ୍ତାକୁ ଅନେକ ବିଶେଷଜ୍ଞ 'ଦି ଗ୍ରେଟ ରିପ୍ଲେସମେଣ୍ଟ' ସହ ତୁଳନା କରନ୍ତି। ପ୍ରକାଶଯୋଗ୍ୟ ଯେ ଦି ଗ୍ରେଟ ରିପ୍ଲେସମେଣ୍ଟ ସ୍ଲୋଗାନ ଫ୍ରାନ୍ସରୁ ସୃଷ୍ଟି ଓ ଏହା ୟୁରୋପରେ ବସବାସ କରୁଥିବା ଅଣୟୁରୋପୀୟଙ୍କ ବିରୋଧରେ ଥିଲା ଏକ ଆନ୍ଦୋଳନ ଓ ଅଭିଯାନ। କିଛି କଟ୍ଟରବାଦୀ ଓ ମୌଳବାଦୀ ଶ୍ୱେତାଙ୍ଗଙ୍କର ଏହା ଥିଲା ଏକ ଆନ୍ଦୋଳନ, ଯାହା ମାଧ୍ୟମରେ ୟୁରୋପରେ ବସବାସ ପୂର୍ବକ ପ୍ରତି କ୍ଷେତ୍ରରେ ନିଜର ସ୍ଥିତି ଜାହିର କରୁଥିବା ଅଣଶ୍ୱେତାଙ୍ଗଙ୍କୁ ଦେଶରୁ ବହିଷ୍କାର କରାଯିବା ପାଇଁ ଦାବି କରାଯାଉଥିଲା। ବ୍ରେଣ୍ଟନ ତାଙ୍କ ବାର୍ତ୍ତାରେ ଉଲ୍ଲେଖ କରିଥିଲେ ଯେ, ଶ୍ୱେତାଙ୍ଗମାନଙ୍କ ଦେଶରେ ଅଣଶ୍ୱେତାଙ୍ଗମାନଙ୍କ ସ୍ଥାନ ନାହିଁ। ସେମାନେ କଦାପି ୟୁରୋପୀୟମାନଙ୍କ ସ୍ଥାନ ନେଇ ପାରିବେ ନାହିଁ। ସେ ଆଶଙ୍କା ପ୍ରକାଶ କରିଥିଲେ ଯେ ଯେଉଁପରି ଭାବେ ୟୁରୋପୀୟ ଦେଶଗୁଡିକରେ ଅଣୟୁରୋପୀୟ, ବିଶେଷକରି ଏସୀୟ ଦେଶଗୁଡିକର ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଚାଲିଛି, ତାହାଦ୍ୱାରା ନିଜ ଦେଶରେ ୟୁରୋପୀୟମାନେ ଅର୍ଥାତ୍ ଶ୍ୱେତାଙ୍ଗମାନେ ସଂଖ୍ୟାଲଘୁ ହେବା ପାଇଁ ବେଶି ସମୟ ଲାଗିବ ନାହିଁ।

୫୦ ଜଣ ଇସଲାମ୍‌ଧର୍ମୀଙ୍କୁ ହତ୍ୟା କରିବା ପରେ ଆତ୍ମସମର୍ପଣ କରିଥିଲେ ବ୍ରେଣ୍ଟନ ଓ ସେ ସମୟରେ ତାଙ୍କ ମୁଖମଣ୍ଡଳରେ କୌଣସି ଦୁଃଖ ବା ଅନୁଶୋଚନାର ଚିହ୍ନ ନ ଥିଲା। କୋର୍ଟରେ ହାଜର ହେଲାବେଳେ ସେ ହସୁଥିଲେ ଓ ନିଜ ପାଇଁ କୌଣସି ଓକିଲଙ୍କ ଆବଶ୍ୟକତା ନାହିଁ ବୋଲି ଘୋଷଣା କରିଥିଲେ। ନିଜ ପାଇଁ ନିଜେ ଓକିଲାତି କରିବାକୁ ଘୋଷଣା କରିଥିବା ବ୍ରେଣ୍ଟନ 'ଯାହା କରିଛି ଠିକ୍ କରିଛି' ଓ ସେଥିପାଇଁ ତାଙ୍କ ପାଖରେ ବଳିଷ୍ଠ ଯୁକ୍ତି ଥିବା କହିବା ପଛରେ ତାଙ୍କ ଉଗ୍ର ମୌଳବାଦୀ ତଥା ଧର୍ମୀୟ ଅସହିଷ୍ଣୁତା ସ୍ୱଭାବର ପରିଚୟ ମିଳେ। ୱାର୍ଲଡ ଟ୍ରେଡ୍ ସେଣ୍ଟର ଓ ବିଶ୍ୱର ଅନ୍ୟାନ୍ୟ ଅଞ୍ଚଳରେ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଯୋଡୁଥିବା ଲୋକଙ୍କ ଧାରଣାକୁ ଭୁଲ୍ ପ୍ରମାଣିତ କରିଛନ୍ତି ବ୍ରେଣ୍ଟନ ଓ ପୁଣିଥରେ ଏକଥା କୁହାଯାଇପାରେ ଯେ, ଆତଙ୍କବାଦୀର କୌଣସି ଧର୍ମ ନାହିଁ। ଅଷ୍ଟ୍ରେଲିଆରେ ରହୁଥିବା ବ୍ରେଣ୍ଟନଙ୍କ ଜେଜେମା'ଙ୍କ ବୟାନ ଅନୁଯାୟୀ ୨୦୧୪ରେ ବ୍ରେଣ୍ଟନ କିଛି ଏସୀୟ ରାଷ୍ଟ୍ର ଓ ଇସ୍ରାଏଲ ଗସ୍ତ କରି ଫେରିବା ପରେ ତା' ସ୍ୱଭାବ ଓ ଆଚରଣରେ ଅନେକ ପରିବର୍ତ୍ତନ ଆସିଥିଲା। କିନ୍ତୁ ମୌଳବାଦୀ ଓ ଦକ୍ଷିଣପନ୍ଥୀ ରାଷ୍ଟ୍ରବାଦୀଙ୍କ ସଂସ୍ପର୍ଶରେ ଆସି ଏଭଳି ଜଘନ୍ୟ କାଣ୍ଡ ଘଟାଇଥିବା ସେ ଅନୁମାନ କରନ୍ତି। ଏହା ନିଶ୍ଚିତ ଯେ ସାରା ବିଶ୍ୱରେ ଶ୍ୱେତରାଷ୍ଟ୍ରବାଦ ମୁଣ୍ଡ ଟେକିବାକୁ ଯାଉଛି ଓ ଏହାକୁ ପରୋକ୍ଷ ପ୍ରୋତ୍ସାହନ ଦେଉଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କର କେତେଜଣ ୟୁରୋପୀୟ ରାଷ୍ଟ୍ରମୁଖ୍ୟ। ଭାଷା, ଜାତି, ସମ୍ପ୍ରଦାୟ ଓ ଧର୍ମ ଆଧାରରେ ଲୋକଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରାଯାଇ ସେମାନଙ୍କର ବାସ୍ତବ ଓ ଜରୁରୀ ସମସ୍ୟାକୁ ଗୌଣ କରିଦିଆଯାଉଛି। ଗରିବୀ, ବେରୋଜଗାରୀ, କ୍ଷୁଧା, ବେମାରୀ ଆଦି ସମସ୍ୟାରୁ ସୃଷ୍ଟି ହେଉଥିବା ଅସନ୍ତୋଷ ଓ କ୍ରୋଧକୁ ଧର୍ମାନ୍ଧତାରେ ଉପଯୋଗ କରାଯାଇ ଆତଙ୍କବାଦର ରୂପରେଖ ଦିଆଯାଉଛି। ଆପ୍ରବାସୀମାନଙ୍କ ପାଇଁ ସେଠାକାର ଲୋକମାନଙ୍କର ସମସ୍ୟା ସୃଷ୍ଟି ହେଉଛି ବୋଲି ଧାରଣା ସୃଷ୍ଟି କରାଯାଇ ଅସନ୍ତୋଷ ଓ ଅସହିଷ୍ଣୁତାର ମଞ୍ଜି ପୋତାଯାଉଛି। ବିଦେଶୀମାନଙ୍କ ପାଇଁ ବିଶେଷକରି ଏସୀୟ ଓ ଆଫ୍ରିକୀୟ ରାଷ୍ଟ୍ରଗୁଡିକର ଲୋକମାନଙ୍କ ଲାଗି ସେମାନଙ୍କର ରୋଜଗାର, ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟର ସୁବିଧା ସୁଯୋଗ ବାଧାପ୍ରାପ୍ତ ହେଉଛି ବୋଲି ଭ୍ରାନ୍ତ ଧାରଣା ସୃଷ୍ଟି କରାଯାଉଛି। ଦକ୍ଷିଣପନ୍ଥୀ ରାଷ୍ଟ୍ରବାଦ, ଚରମ ବର୍ଣ୍ଣବିଦ୍ୱେଷ ଓ ଧର୍ମୀୟ ଅସହିଷ୍ଣୁତା ତଥା ଆପ୍ରବାସୀମାନଙ୍କୁ ନେଇ ଜନ୍ମନେଉଥିବା ଆତଙ୍କବାଦକୁ କିଛି ସମୃଦ୍ଧିଶାଳୀ ରାଷ୍ଟ୍ରମୁଖ୍ୟଙ୍କ ପରୋକ୍ଷ ସମର୍ଥନ ବିଶ୍ୱକୁ ଆଗାମୀ ଦିନରେ ଅଧିକ ଅଶାନ୍ତ କରିବ ଏଥିରେ ସନ୍ଦେହ ନାହିଁ।

ନ୍ୟୁଜିଲାଣ୍ଡରେ ସଂଘଟିତ ଗଣସଂହାର ପରେ ଶାନ୍ତିପ୍ରିୟ ଦେଶବାସୀ ଅସୀମ ଧୈର୍ଯ୍ୟ ଓ ସହନଶୀଳତାର ପ୍ରମାଣ ଦେଇଛନ୍ତି। ଦେଶରେ ବସବାସ କରୁଥିବା ପ୍ରାୟ ପଚାଶ ହଜାର ମୁସଲିମ୍ ସମ୍ପ୍ରଦାୟର ଅଧିବାସୀଙ୍କୁ ସେମାନେ ଗଭୀର ସମବେଦନା ଜ୍ଞାପନ ସହ ଉତ୍ତମ ଭାଇଚାରାର ସନ୍ଦେଶ ପ୍ରଦାନ କରିଛନ୍ତି। ସବୁଠାରୁ ବଡ଼ ଆଶ୍ୱାସନାର କଥା ହେଲା ଯେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ୫୦ ଜଣଙ୍କୁ ନିର୍ମମ ହତ୍ୟା ଘଟଣା ପରେ ବି ନ୍ୟୁଜିଲାଣ୍ଡରେ ଏହାକୁ ନେଇ କୌଣସି ସାମ୍ପ୍ରଦାୟିକ ଦଙ୍ଗା ବା ଗଣ୍ଡଗୋଳ ଘଟିନାହିଁ। ଏହା ହିଁ ପ୍ରମାଣିତ କରେ ନ୍ୟୁଜିଲାଣ୍ଡ ଅଧିବାସୀଙ୍କ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ଉତ୍ତମ ଭାଇଚାରା। ଅପରପକ୍ଷେ ଏହି ନୃଶଂସ ହତ୍ୟାକାଣ୍ଡକୁ ତୀବ୍ର ନିନ୍ଦା ପୂର୍ବକ ହିଂସାର ଶିକାର ହୋଇଥିବା ପରିବାରଗୁଡିକୁ ସମଗ୍ର ନ୍ୟୁଜିଲାଣ୍ଡ ସମବେଦନା ଜଣାଇଛି। ଦେଶ ସାରା ବଡ ବଡ ହୋର୍ଡିଂରେ ନ୍ୟୁଜିଲାଣ୍ଡର ଜାତୀୟ ପକ୍ଷୀ କିଉ୍ୱିର ଆଖିରୁ ଲୁହ ଝରୁଥିବାର ଚିତ୍ର ଦର୍ଶାଯାଇ ଏହା ପାଖରେ ଏକ ହୃଦୟସ୍ପର୍ଶୀ ବାର୍ତ୍ତା ଲେଖାଯାଇଛି ଏହିପରି– "ଏ ଦେଶ ତୁମର ଘର। ଏଠାରେ ତୁମକୁ ସୁରକ୍ଷା ଦିଆଯାଇ ପାରି ନ ଥିବାରୁ ଆମେ ଦୁଃଖିତ ଓ ଲଜ୍ଜିତ।" ସୋସିଆଲ ମିଡିଆ ଓ ଗଣମାଧ୍ୟମରେ ଏହି ବାର୍ତ୍ତାର ବହୁଳ ପ୍ରସାରଣ ପ୍ରମାଣ ଦିଏ ଆତଙ୍କବାଦ ନୁହେଁ, ଶାନ୍ତିପୂର୍ଣ୍ଣ ସହାବସ୍ଥାନରେ ନ୍ୟୁଜିଲାଣ୍ଡ ବିଶ୍ୱାସ କରେ। ନ୍ୟୁଜିଲାଣ୍ଡ ଘଟଣାରୁ ଭାରତ ଅନେକ କିଛି ଶିକ୍ଷା ଲାଭ କରିବ ବୋଲି ଆଶା କରାଯାଏ।

ମୋ–୯୪୩୭୨୩୨୪୬୩

# ପରିବେଶ ଚିନ୍ତକ

## ବ୍ୟକ୍ତିତ୍ୱ



ଅଞ୍ଜଳି ଚଢ଼ା

ପରିବେଶ ପ୍ରସଙ୍ଗକୁ ନେଇ ଏବେ ପୃଥିବୀବ୍ୟାପୀ ଆଲୋଚନା ହେଉଛି। ବିଭିନ୍ନ କାରଣ ଯୋଗୁ ପରିବେଶ ପ୍ରଦୂଷିତ ହେବା ଚିନ୍ତାର ବିଷୟ ହୋଇଥିବା ବେଳେ ଏ ଦିଗରେ କ୍ୱଚିତ ଭାବୁଛନ୍ତି। ଏଭଳି ସମୟରେ ୪ ଜଣ ଭାରତୀୟ ଆମେରିକୀୟ ଛାତ୍ରୀ ପରିବେଶ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରି ପୁରସ୍କୃତ ହେବା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଏହି ଛାତ୍ରୀମାନେ ହେଲେ କେଣ୍ଟୁକୀର ଅଞ୍ଜଳି ଚଢ଼ା, ଡେଲାୱେରର ପ୍ରୀତି ସାଇ କ୍ରିଷ୍ଣାମଣି, ନର୍ଥ କରୋଲିନାର ନଭାମି ଜୈନ ଏବଂ ପେନ୍‌ସିଲଭାନିଆର ସାଇ ପ୍ରୀତି ମମିଡାଲା। ଅନ୍ୟ ସମସ୍ତେ ୧୭ ବର୍ଷ ବୟସର ହୋଇଥିବା ବେଳେ ଅଞ୍ଜଳିଙ୍କୁ ୧୬ ବର୍ଷ। ହେଲେ ତାଙ୍କ କାର୍ଯ୍ୟ ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ। ସାମାଜିକ ନେତୃତ୍ୱ ଓ ପରିବେଶ କ୍ଷେତ୍ରରେ ଅଭିନବତ୍ୱ ଆଣିପାରିଥିବାରୁ ଏବେ ତାଙ୍କ ବ୍ୟକ୍ତିତ୍ୱ ସାଥୀମାନଙ୍କଠାରୁ ସର୍ବାଗ୍ରେ ରହିଛି।

ଅଞ୍ଜଳି ଆମେରିକା କେଣ୍ଟୁକୀ ପ୍ରଦେଶର ଡୁପଣ୍ଟ ମାନୁଆଲ ମାଗ୍‌ନେଟ୍ ହାଇସ୍କୁଲର ସିନିୟର ଛାତ୍ରୀ। ତାଙ୍କର ପ୍ରଯୁକ୍ତିବିଦ୍ୟା ଓ ନବକୌଶଳ ସୃଷ୍ଟି ପାଇଁ ରହିଛି ଦୁର୍ବାର ଇଚ୍ଛା। ସେ ବାସ କରୁଥିବା ଅଞ୍ଚଳଠାରୁ ୯୦ କିଲୋମିଟର ଦୂରରେ ଭୂତଳ ଜଳରେ ପ୍ରଚୁର ପରିମାଣର ଆର୍ସେନିକ୍ ଥିବା ଦେଖିବାକୁ ପାଇଥିଲେ। ଜଳ ଆର୍ସେନିକ୍ ଦ୍ୱାରା ସଂକ୍ରମିତ ହେଲେ ତାହା କର୍କଟ ରୋଗର କାରଣ ପାଲଟିଥାଏ। ଆମେରିକାରେ ୫ କୋଟି ଲୋକ କୂପ ଜଳକୁ ବ୍ୟବହାର କରିଥାଆନ୍ତି। ଜଳରେ ଆର୍ସେନିକ୍‌ର ବହୁଳ ଉପସ୍ଥିତି ଅଞ୍ଜଳିଙ୍କୁ ବ୍ୟଥିତ କରିଥିଲା। ଏହାର ପ୍ରତିକାର କରିବା ଲାଗି ସେ ଗବେଷଣା ଆରମ୍ଭ କରିଦେଇଥିଲେ। ଜଳରେ ଆର୍ସେନିକ୍ ଅଂଶ ରହିଥିବା ଜାଣିବା ପାଇଁ ସେ ବିକଶିତ କରିଥିବା ସେନ୍‌ସର ଆଜି ସେଠାକାର ଲୋକଙ୍କ ସକାଶେ ଉପାଦେୟ ହୋଇପାରିଛି। ନିଜ ଚାରିପାଖରେ ଦେଖାଦେଉଥିବା ବାସ୍ତବ ସମସ୍ୟାକୁ ସମାଧାନ କରିବା ଦିଗରେ ସେ ଅନବରତ ଚେଷ୍ଟା ଜାରି ରଖିଛନ୍ତି। ୩ ବର୍ଷ ତଳେ କ୍ୱାଟର ଜିରୋ କାଟାପଲ୍ଟ ଇନ୍‌କୁବେଟର ପ୍ରୋଗ୍ରାମ୍‌ରେ ଭାଗ ନେବାର ସୁଯୋଗ ପାଇଥିଲେ। ସେତିକି ବେଳେ ତାଙ୍କ ମୁଣ୍ଡକୁ ଢୁକିଥିଲା ବାଳିକା ସଶକ୍ତୀକରଣ ଚିନ୍ତା। 'ଏମ୍ପାୱାର୍ଡ' ନାମରେ ଏକ ଅଣଲାଭଦାୟକ ସଙ୍ଗଠନ ଗଢ଼ିଲେ। ସଂଖ୍ୟାଲଘୁ, ହାଇସ୍କୁଲରେ ପଢୁଥିବା ବାଳିକାଙ୍କ ମଧ୍ୟରେ ପ୍ରଯୁକ୍ତିବିଦ୍ୟା ପ୍ରତି ଆକର୍ଷଣ ସୃଷ୍ଟି କରିବା, ନିଜ ବର୍ଗ ମଧ୍ୟରେ ଥିବା ସଂଖ୍ୟାଲଘୁ ମହିଳା ଉଦ୍ୟୋଗୀଙ୍କ ସହ ବାଳିକାମାନଙ୍କୁ ଯୋଡ଼ିବା ଥିଲା ସଙ୍ଗଠନର ମୂଳ ଲକ୍ଷ୍ୟ। କାର୍ଯ୍ୟ ପ୍ରତି ଅଙ୍ଗୀକାରବଦ୍ଧତା ତାଙ୍କ ଲକ୍ଷ୍ୟକୁ ସଫଳକାମ ଆଡ଼କୁ ନେଇଯାଇଛି। ଏଥିପାଇଁ ମିଳିଥିବା ପାଣ୍ଠିରୁ ସେ ଗତ ଦୁଇଟି ଗ୍ରୀଷ୍ମ ଅବକାଶରେ ୬୫,୦୦୦ ଡଲାର ବିନିଯୋଗ କରି ବାଳିକାମାନଙ୍କୁ ସଶକ୍ତ କରିପାରିଛନ୍ତି। ଫଳସ୍ୱରୂପ ସେ ୨୦୧୮ ମସିହା ପାଇଁ ଷ୍ଟେଟ୍ ଅଫ୍ କେଣ୍ଟୁକୀର ପ୍ରୁଡେନ୍‌ସିଆଲ ସ୍ପିରିଟ୍ ଅଫ୍ କମ୍ୟୁନିଟି ଆୱାର୍ଡ ପାଇପାରିଛନ୍ତି। ଅଭିନବତ୍ୱ ଓ ଗବେଷଣା ଦିଗରେ ଉତ୍କର୍ଷ ପ୍ରତିପାଦନ କରିବା ପାଇଁ ଅଞ୍ଜଳିଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବିଜ୍ଞାନ ମେଳାରେ ଯୋଗଦେବାକୁ ପଡ଼ିଛି। ସେଥିରେ ସେ ନିଜର ଉନ୍ନତ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପ୍ରକଳ୍ପ ପ୍ରଦର୍ଶନ କରି ନ୍ୟାଶନାଲ ଜୁନିୟର ସାଇନ୍ସ ଆଣ୍ଡ୍ ହ୍ୟୁମାନିଟିଜ୍ ସିମ୍ପୋଜିୟମ୍, ଇନ୍‌ଟେଲ୍ ଆଇଏସ୍‌ଇଏଫ୍ ଏବଂ ଷ୍ଟକହୋମ୍ ଜୁନିୟର ୱାଟର ପ୍ରାଇଜ୍ ଆଦି ପାଇପାରିଛନ୍ତି।

ଗବେଷଣା, ସାଙ୍ଗଠନିକ ନେତୃତ୍ୱ ନେବା ଓ ବିଭିନ୍ନ ସାହିତ୍ୟ ପୁସ୍ତକ ପଢ଼ିବାରେ ଅଞ୍ଜଳି ଅଧିକ ରୁଚି ରଖିଛନ୍ତି। ଏସବୁଥିରୁ ସମୟ ବାହାର କରି ସେ ନିଜର ଅନ୍ୟତମ ଇଚ୍ଛା ଭାରତୀୟ ଶାସ୍ତ୍ରୀୟ ନୃତ୍ୟରେ ଢାଳି ଦେଇଛନ୍ତି। ଭାରତ, ଆମେରିକା ସମେତ ବିଭିନ୍ନ ଦେଶରେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏଥିସହିତ ସାଇନ୍ସ ଫେୟାର ବୃତ୍ତଚିତ୍ରରେ ଅଭିନୟ କରିଥିବା ୯ ଜଣ ଛାତ୍ରଙ୍କ ମଧ୍ୟରେ ଅଞ୍ଜଳିଙ୍କୁ ଦେଖିବାକୁ ମିଳିଛି। ବହୁ ପ୍ରତିଭାରେ ବିଭୂଷିତା ଏହି ଲଳନାଙ୍କ ପ୍ରତିଟି ପଦକ୍ଷେପ ଏବେ ନୂଆ କିଛି କରିବାକୁ ଚାହୁଁଥିବା ବାଳିକାଙ୍କୁ ପ୍ରେରଣା ଦେବା ସ୍ୱାଭାବିକ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କଥାରେ ଅଛି–'ପରଜାପତି ତରକା ଅତି।' ଅର୍ଥାତ୍ ପ୍ରଜାପତିକୁ ଧରିବାକୁ ଗଲେ ତାହା ସହଜରେ ଧରା ଦିଏନାହିଁ। ସାମାନ୍ୟ ଆଭାସ ପାଇବା ମାତ୍ରେ ଏହି ସୁନ୍ଦର ପତଙ୍ଗଟି ଉଡି ପଳାଇଯାଇଥାଏ। ତଥାପି ପିଲାମାନେ ପ୍ରଜାପତି ଧରିବାକୁ ଖୁବ୍ ଆଗ୍ରହ ସହକାରେ ତା' ପଛରେ ଧାଇଁଥାଆନ୍ତି। ଏପରି ଜଣେ ପିଲାକୁ ପ୍ରଜାପତିମାନେ ଡରି ନ ଯାଇ ବରଂ ତା'ର ସାଥୀ ହୋଇଛନ୍ତି। ଉତ୍ତରପ୍ରଦେଶର ବରେଲୀର ତିଗରା ଗାଁରେ ରହୁଥିବା ଜୀବନେଶ ପାଲଟିଛନ୍ତି ପ୍ରଜାପତିଙ୍କ ନିଆରା ସାଥୀ। ସେ ବଗିଚାକୁ ଗଲେ ପ୍ରଜାପତି ଉଡ଼ିଆସି ତାଙ୍କ ଦେହସାରା ବସୁଛନ୍ତି। ଜୀବନେଶଙ୍କ ବୟସ ୧୪ବର୍ଷ। ସତେ ଯେପରି ଜୀବନେଶଙ୍କୁ ପ୍ରାଣଭରି ଭଲ ପାଉଛନ୍ତି ପ୍ରଜାପତି! ପ୍ରଜାପତି ଦେହରେ ବସିଲେ ଜୀବନେଶ ଅତି ଆନନ୍ଦରେ ସେଗୁଡିକୁ ଆଉଁସିଥାଆନ୍ତି। ତାଙ୍କ ବଗିଚାରେ ୬୨ ପ୍ରଜାତିର ପ୍ରଜାପତି ରହିଛନ୍ତି ବୋଲି ଜୀବନେଶଙ୍କ ପିତା କହନ୍ତି। ପ୍ରଜାପତି ଓ ଜୀବନେଶଙ୍କ ମଧ୍ୟରେ ଥିବା ସମ୍ପର୍କର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଦେଶ ବିଦେଶରେ ଜୀବନେଶଙ୍କୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

## ଚିରନ୍ତନୀ

ପରମାଣୁ ସମ ମୁହିଁ
ପାଇଛି ଯେତିକି ଅଧିକାର
ତବ ଅଙ୍ଗେ, ମୋର ବୋଲି
ଯେଉଁ ସ୍ଥାନ ଅଛି କହିବାର।
(ଶୂନ୍ୟ ଚିନ୍ତା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୪ ମାର୍ଚ୍ଚ ୧୯୯୪

- ଭାରତୀୟ ସାହିତ୍ୟ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ଓଡିଆ କବି ସୀତାକାନ୍ତ ମହାପାତ୍ରଙ୍କୁ ଜ୍ଞାନପୀଠ ପୁରସ୍କାର।
- ଅର୍ଥମନ୍ତ୍ରୀ ମନମୋହନ ସିଂ, କପିଳଦେବ ଏବଂ ସୋନିଆ ଗାନ୍ଧୀଙ୍କୁ ୧୯୯୪ ମସିହାର ରାଜାଜୀ ରତ୍ନ ପୁରସ୍କାର।

## su | do | ku ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗୁରୁବାର ପ୍ରକାଶିତ ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜେନେରିକ୍ ମେଡିସିନ୍

ମହାଶୟ,

ଜେନେରିକ୍ ମେଡିସିନ୍‌ର ଦାମ୍ କମ୍‌ଥିବାରୁ ଏହାକୁ ନିମ୍ନମାନର ଭାବି ବହୁତ ଲୋକ ଖାଉନାହାନ୍ତି। ମାତ୍ର ଏହା ଭୁଲ ଧାରଣା। ଗୁଣବତ୍ତା ଦୃଷ୍ଟିରୁ ଏହା ବ୍ରାଣ୍ଡେଡ୍ ଔଷଧ ସହ ସମାନ। ବ୍ରାଣ୍ଡେଡ୍ ଔଷଧରେ ନକଲି ଥାଇପାରେ। ମାତ୍ର ଜେନେରିକ୍‌ରେ ନକଲି ଆଦୌ ନାହିଁ। ଏହାର ଦର କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ, ନିୟନ୍ତ୍ରିତ ଓ ଅନୁମୋଦିତ। ଜେନେରିକ୍ ଔଷଧର ଉପାଦେୟତା ସମ୍ପର୍କରେ ବ୍ୟାପକ ଜନସଚେତନତା ଦରକାର। ଏହା ସହଜରେ ମିଳିବା ପାଇଁ ବହୁସଂଖ୍ୟାରେ ଦୋକାନ ଖୋଲାଯିବା ଦରକାର।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### ଇଭିଏମ୍‌ର ଠିକ୍ ବ୍ୟବହାର

ବ୍ଲକସ୍ତରରେ ଇଭିଏମ୍‌ର ବ୍ୟବହାର ସମ୍ପର୍କରେ ଯେଉଁମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି ସେହିମାନେ କେବଳ ଭୋଟ୍ ଦେବେ କି? ରାଜନୈତିକ ଦଳର ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧି ପ୍ରଶିକ୍ଷଣ ନେଇ ଘରେ ବସିବେ। ଏମାନଙ୍କ ଘରକୁ ଯାଇ ସାଧାରଣ ଜନତା ଭୋଟ୍ ଦେବାର କୌଶଳ ଶିଖିପାରିବେ ନାହିଁ। କାରଣ ମୋର ବ୍ୟକ୍ତିଗତ ଅନୁଭୂତିରୁ ଜାଣିଛି, ଏମାନଙ୍କ ପଛରେ ଗୋଡାଇଲେ ବି ଏମାନେ କାହା କଥା ଶୁଣନ୍ତି ନାହିଁ କି କୌଣସି ଉତ୍ତର ଦିଅନ୍ତି ନାହିଁ। କର୍ତ୍ତୃପକ୍ଷ ଏହାକୁ ଗମ୍ଭୀରତାର ସହିତ ବିଚାର କରିବା ଦରକାର।

ଅଦ୍ୱୈତପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ନିଜ ସ୍ୱାର୍ଥ ପାଇଁ ଦଳତ୍ୟାଗ

ସେତେବେଳେ ପ୍ରକୃତ ନେତା ଥିଲେ ଯେଉଁମାନେ କି ନିଜ ଦଳ ପାଇଁ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ରାଜ୍ୟ ବା ଦେଶ ପାଇଁ କାର୍ଯ୍ୟ କରୁଥିଲେ। ଜନତାଙ୍କର ଉନ୍ନତି ଥିଲା ତାଙ୍କର ଏକମାତ୍ର କାମ୍ୟ। ଏବେ ନିଜ ସ୍ୱାର୍ଥ ପାଇଁ ନେତାମାନେ ସବୁକିଛି କରିପାରନ୍ତି। ଦୀର୍ଘଦିନ ଗୋଟିଏ ଦଳରେ ଥାଇ ମଧ୍ୟ ଟିକିଏ ଟିକିଏ କଥାରେ ଦଳ ତ୍ୟାଗ କରି ଅନ୍ୟ ଦଳରେ ସାମିଲ ହେଉଛନ୍ତି। ଏମାନେ ରଙ୍ଗ ବଦଳାଉଥିବା ଏଣ୍ଡୁଅ ପରି। ଏପରି ମଧ୍ୟ ଦେଖାଯାଉଛି ଯେ, ପୁଅ, ସ୍ତ୍ରୀ ବା ଝିଅ ଗୋଟିଏ ଦଳରେ ଥିବା ବେଳେ ନିଜେ ଅନ୍ୟ ଦଳରେ ସାମିଲ ହେଉଛନ୍ତି ସ୍ୱାର୍ଥ ସାଧନ ପାଇଁ। ରାଜ୍ୟ ବା ଦେଶର ସ୍ୱାର୍ଥସାଧନ ଆଦୌ ଏମାନଙ୍କ ଲକ୍ଷ୍ୟ ନୁହେଁ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)



" ଯେଉଁମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗାଳି ଦେବା ପ୍ରତିଯୋଗିତାରେ ଲିପ୍ତ ରହିଆସିଥିଲେ, ସେମାନେ ଏବେ ସୁରକ୍ଷା ବଳର ବୀରତ୍ୱକୁ ଅପମାନିତ କରୁଛନ୍ତି।
- ମୁଖ୍‌ତାର ଆବାସ ନକ୍‌ଭି, କେନ୍ଦ୍ରମନ୍ତ୍ରୀ



### ବାଲାକୋଟ କାର୍ଯ୍ୟାନୁଷ୍ଠାନ ଭୁଲ୍ ନିଷ୍ପତ୍ତି

# ପିତ୍ରୋଡାଙ୍କ ମନ୍ତବ୍ୟକୁ ନେଇ ଝଡ଼

ନୂଆଦିଲ୍ଲୀ,୨୩।୩(ପି.ଟି.)


ସାମ୍ ପିତ୍ରୋଡା

- ପୁଲ୍‌ୱାମା ଭଳି ଆକ୍ରମଣ ସବୁବେଳେ ଘଟୁଛି
- ମୃତ ଆତଙ୍କବାଦୀଙ୍କ ସଂଖ୍ୟାକୁ ନେଇ ପ୍ରଶ୍ନ
- ଆତଙ୍କବାଦୀ ବୁଝିପାରୁଥିବା ଭାଷାରେ ସେମାନଙ୍କୁ ଜବାବ ଦେବାକୁ ହେବ: ମୋଦି
- ଦଳର ଆଭିମୁଖ୍ୟ ରାହୁଲ ସ୍ପଷ୍ଟ କରନ୍ତୁ: ଶାହ

ପୁଲ୍‌ୱାମା ଆକ୍ରମଣ ପରେ ପାକିସ୍ତାନ ଭିତରେ ପଶି ଭାରତୀୟ ବାୟୁସେନା ଆକ୍ରମଣ କରିବା ଭୁଲ୍ ନିଷ୍ପତ୍ତି ଥିଲା କହି ଭାରତୀୟ ଦରିଆପାରି କଂଗ୍ରେସ ମୁଖ୍ୟ ସାମ୍ ପିତ୍ରୋଡା ବଡ଼ ବିବାଦ ସୃଷ୍ଟି କରିଛନ୍ତି। କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଘନିଷ୍ଠ ସହଯୋଗୀ ପିତ୍ରୋଡା ଶୁକ୍ରବାର କହିଛନ୍ତି, ପୁଲ୍‌ୱାମା ଭଳି ଆକ୍ରମଣ ସବୁବେଳେ ଘଟୁଛି। କେତେଜଣ ଆତଙ୍କବାଦୀଙ୍କ ପାଇଁ ପାକିସ୍ତାନକୁ ଦଣ୍ଡଦେବା ଠିକ୍ ନୁହେଁ।

ଏଥିସହିତ ବାଲାକୋଟ ଆକ୍ରମଣ ଜନିତ ମୃତ୍ୟୁସଂଖ୍ୟାକୁ ନେଇ ପିତ୍ରୋଡା ପ୍ରଶ୍ନ ଉଠାଇଛନ୍ତି। ବାୟୁସେନା ୩୦୦ ଆତଙ୍କବାଦୀଙ୍କୁ ମାରିଥିବା ଦାବି କରୁଛି। ଯଦି ଏହା ସତ୍ୟ, ତାହାର ଅଧିକ ତଥ୍ୟ ପ୍ରମାଣ ଦେଇପାରିବ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଯଦି କିଛି ଲୋକ ଆସି ଆକ୍ରମଣ କରନ୍ତି, ଏଥିପାଇଁ ସମ୍ପୃକ୍ତ ଦେଶକୁ ଦାୟୀ କରିବା ଅନଭିଜ୍ଞତା। ପୂର୍ବରୁ ମୁମ୍ବାଇରେ ମଧ୍ୟ ଆକ୍ରମଣ ହୋଇଥିଲା। ସେତେବେଳେ ଆମେ ପ୍ରତିକ୍ରିୟାଶୀଳ ହୋଇଥିଲେ ଏବଂ ସୀମାକୁ ବିମାନ ପଠାଇଥିଲେ। ତେବେ ଏହା ଠିକ୍ ନୁହେଁ ବୋଲି କହିଛନ୍ତି ପିତ୍ରୋଡା। ବାଲାକୋଟରେ ବାୟୁସେନା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ସତକଥା ଦେଶବାସୀ ଜାଣିବାକୁ ହକ୍‌ଦାର ବୋଲି ସେ ମତ ଦେଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ବର୍ତ୍ତମାନର ପ୍ରଧାନମନ୍ତ୍ରୀଙ୍କ ଭଳି କାର୍ଯ୍ୟାନୁଷ୍ଠାନରେ ନିର୍ଣ୍ଣୟାତ୍ମକ ଥିଲେ କି ବୋଲି ଏକ ପ୍ରଶ୍ନରେ ପିତ୍ରୋଡା କହିଥିଲେ, ମନମୋହନ ଦେଶର ଅନ୍ୟତମ ଶ୍ରେଷ୍ଠ ପ୍ରଧାନମନ୍ତ୍ରୀ। ତାଙ୍କୁ ପରିହାସ କରିବା, ତାଙ୍କ ବିରୋଧରେ ଲେଖିବା ତଥା ଚଳଚ୍ଚିତ୍ର ପ୍ରସ୍ତୁତ କରିବା ଭୁଲ୍ ଚିନ୍ତାଧାରା ବୋଲି ଏକ ଟେଲିଭିଜନ ସାକ୍ଷାତ୍‌କାରରେ ସେ କହିଛନ୍ତି।

ପିତ୍ରୋଡାଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ଭାଜପା ବିରୋଧୀ ଦଳକୁ ସମାଲୋଚନା କରିଛି। ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସର ଆଗ୍ରହ ନ ଥିବା ପିତ୍ରୋଡାଙ୍କ ମନ୍ତବ୍ୟ ସ୍ପଷ୍ଟ କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ବିରୋଧୀ ଦଳ ସେନାକୁ ବାରମ୍ବାର ଅପମାନିତ କରୁଛି। ଦେଶବାସୀ ଏହାକୁ ଭୁଲିବେ ନାହିଁ ଏବଂ ସେମାନଙ୍କୁ କ୍ଷମା ଦେବେ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହା ନୂଆ ଭାରତ। ଏଠାରେ ଆତଙ୍କବାଦୀଙ୍କୁ ସେମାନେ ବୁଝିପାରୁଥିବା ଭାଷାରେ ଜବାବ ଦେବାକୁ ହେବ ବୋଲି ମୋଦି କହିଛନ୍ତି। କେବଳ ମୋଦି ନୁହନ୍ତି, ବରିଷ୍ଠ ଭାଜପା ନେତା ତଥା ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ, ରେଳମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ଅନ୍ୟମାନେ ମଧ୍ୟ ପିତ୍ରୋଡା ଏବଂ କଂଗ୍ରେସ ଉପରେ ପ୍ରଶ୍ନ ଉଠାଇଛନ୍ତି। ଭାଜପା ଓ ବିରୋଧୀ ଦଳ ମଧ୍ୟରେ ପାର୍ଥକ୍ୟ ସ୍ପଷ୍ଟ ହୋଇଛି। ଆମେ ଦେଶର ସୈନ୍ୟବାହିନୀ ପାଇଁ ଗର୍ବିତ, ସେମାନେ ସେନାକୁ ସନ୍ଦେହ କରୁଛନ୍ତି ବୋଲି ଭାଜପା ଅଧକ୍ଷ ଅମିତ ଶାହ କହିଛନ୍ତି। ଆଗାମୀ ନିର୍ବାଚନରେ ଦେଶବାସୀ ସେମାନଙ୍କ ଭୋଟ ଶକ୍ତିବଳରେ କଂଗ୍ରେସ ସଂସ୍କୃତି ଉପରେ ସର୍ଜିକାଲ ଷ୍ଟ୍ରାଇକ୍ କରିବାକୁ ଶାହ ଆହ୍ୱାନ ଦେଇଛନ୍ତି। ପିତ୍ରୋଡାଙ୍କ ମନ୍ତବ୍ୟ ଉପରେ ରାହୁଲ ଗାନ୍ଧୀ ତାଙ୍କ ଦଳର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ ବୋଲି ଭାଜପା ଅଧକ୍ଷ କହିଛନ୍ତି। ନିର୍ବାଚନ ବେଳେ ବିରୋଧୀ ଦଳ ଭୋଟ ବ୍ୟାଙ୍କ ଏବଂ ତୁଷ୍ଟୀକରଣ ରାଜନୀତି ପାଇଁ ଜଣାଶୁଣା। ଏହା ଜାତୀୟ ସ୍ୱାର୍ଥର ଊର୍ଦ୍ଧ୍ୱରେ କି ଏବଂ ବଳିଦାନ ଦେଇଥିବା ଯବାନଙ୍କ ପରିବାରର ବିଷାଦ ଉପରେ ଏଭଳି ରାଜନୀତି କରାଯାଇପାରିବ କି ଏହା ରାହୁଲ ସ୍ପଷ୍ଟ କରିବାକୁ ଶାହ ଆହ୍ୱାନ ଦେଇଛନ୍ତି।

## ‘ଭୋଟ ପାଇଁ ଯବାନଙ୍କୁ ହତ୍ୟା କରାଯାଇଛି ’



ନୂଆଦିଲ୍ଲୀ,୨୩।୩

ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ଫେବୃୟାରୀ ୧୪ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଏକ ଷଡ଼ଯନ୍ତ୍ର। ଭୋଟ ପାଇଁ ଦେଶର ଯବାନମାନଙ୍କୁ ହତ୍ୟା କରାଯାଇଛି ବୋଲି ସମାଜବାଦୀ ପାର୍ଟି (ଏସ୍‌ପି)ର ବରିଷ୍ଠ ନେତା ରାମଗୋପାଳ ଯାଦବ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୋଟ ପାଇଁ ପୁଲ୍‌ୱାମା ଆକ୍ରମଣ କରାଇଥିବା ସେ ଅଭିଯୋଗ କରିଛନ୍ତି। ରାଜନୈତିକ ସ୍ୱାର୍ଥ ପାଇଁ ୪୯ ସିଆରପିଏଫ୍ ଯବାନଙ୍କୁ ସରକାର ବଳିଦେଇଛନ୍ତି। ନୂଆ ସରକାରରେ ତଦନ୍ତ ହେଲେ ଆକ୍ରମଣ ପଛରେ ଥିବା ବଡ଼ ନେତାଙ୍କ ନାଁ ପଦାକୁ ଆସିବ ବୋଲି ରାମଗୋପାଳ କହିଛନ୍ତି। ମୋଦି ସରକାରଙ୍କୁ ନେଇ ଅର୍ଦ୍ଧସାମରିକ ବାହିନୀ ଦୁଃଖୀ। ଜମ୍ମୁ-ଶ୍ରୀନଗର ରାସ୍ତାରେ ଯାଞ୍ଚ ହେଉ ନ ଥିଲା। ଯବାନମାନଙ୍କୁ ସାଧାରଣ ବସ୍‌ରେ ଉକ୍ତ ରାସ୍ତାରେ ନିଆଯାଇଥିଲା। ଏହା ସମ୍ପୂର୍ଣ୍ଣ ଷଡଯନ୍ତ୍ର ଥିଲା ବୋଲି ଏସ୍‌ପି ନେତା କହିଛନ୍ତି।

### ରାମଗୋପାଳ କ୍ଷମା ମାଗନ୍ତୁ:ଆଦିତ୍ୟନାଥ

ରାମଗୋପାଳ କୁତ୍ସିତ ରାଜନୀତି କରୁଛନ୍ତି ବୋଲି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି । ଏସ୍‌ପି ନେତା ସୁରକ୍ଷା ବଳର ଉତ୍ସାହ ଭଙ୍ଗ କରିବାକୁ ଉଦ୍ୟମ କରୁଛନ୍ତି। ଏଥିପାଇଁ ସେ କ୍ଷମା ମାଗିବାକୁ ଆଦିତ୍ୟନାଥ ଦାବି କରିଛନ୍ତି।



## ଶପଥ ନେଲେ ଲୋକପାଳ ମୁଖ୍ୟ



**ନୂଆଦିଲ୍ଲୀ,୨୩।୩(ପି.ଟି.):** ଦେଶର ପ୍ରଥମ ଲୋକପାଳ ଭାବେ ବିଚାରପତି ପିନାକୀ ଚନ୍ଦ୍ର ଘୋଷ ଶନିବାର ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦେଶର ପ୍ରଥମ ଲୋକପାଳ ଭାବେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଘୋଷ୍‌ଙ୍କ ନାମ ମଙ୍ଗଳବାର ଘୋଷଣା କରାଯାଇଥିଲା।

## ଆଫ୍ରିକା ଘୂର୍ଣ୍ଣିଝଡ଼ ମୃତ୍ୟୁ ସଂଖ୍ୟା ୬୭୬ ଛୁଇଁଲା

ବେଇରା(ମୋଜାମ୍ବିକ୍), ୨୩।୩(ଏଏଫ୍‌ପି)

ଦକ୍ଷିଣ ଆଫ୍ରିକୀୟ ରାଷ୍ଟ୍ରଦେଇ ପ୍ରବାହିତ ଶକ୍ତିଶାଳୀ ଘୂର୍ଣ୍ଣିଝଡ ଯୋଗୁ ମୃତଲୋକଙ୍କ ସଂଖ୍ୟା ୬୭୬କୁ ବୃଦ୍ଧି ପାଇଛି। ପ୍ରବଳ ବର୍ଷା ଯୋଗୁ ହଜାର ହଜାର ବର୍ଗକିଲୋମିଟର ଅଞ୍ଚଳ ବନ୍ୟାପ୍ଳାବିତ ହୋଇଛି। ୧୦ହଜାର ଲୋକ ବନ୍ୟା ପରବର୍ତ୍ତୀ ରୋଗର ଶିକାର ହୋଇଛନ୍ତି। କେବଳ ମୋଜାମ୍ବିକ୍‌ରେ ୪୧୭ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପଡୋଶୀ ଜିମ୍ବାୱେର ମୃତ୍ୟୁ ସଂଖ୍ୟାକୁ ମିଶାଇ ସମୁଦାୟ ମୃତ୍ୟୁ ସଂଖ୍ୟା ୬୭୬ ହୋଇଛି। ସୂଚନାଯୋଗ୍ୟ ଯେ, ଗତ ସପ୍ତାହରେ ଘୂର୍ଣ୍ଣିଝଡ ‘ଇଡାଇ’ ପ୍ରଭାବରେ କେନ୍ଦ୍ରୀୟ ମୋଜାମ୍ବିକ୍‌ର ଉପକୂଳ ଅଞ୍ଚଳ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି।

## ବିବାଦରେ ‘ପିଏମ୍ ନରେନ୍ଦ୍ର ମୋଦି’

### ଫିଲ୍ମ ପାଇଁ ଗୀତ ଲେଖିନାହିଁ: ଜାଭେଦ



ମୁମ୍ବାଇ: ‘ପିଏମ୍ ନରେନ୍ଦ୍ର ମୋଦି’ ଫିଲ୍ମ ପାଇଁ ଗୀତ ଲେଖିନାହାନ୍ତି ବୋଲି ସ୍ୱୀକାର କରିଛନ୍ତି ବିଶିଷ୍ଟ ଗୀତିକାର ଜାଭେଦ ଅଖ୍‌ତର। ଫିଲ୍ମର ଟ୍ରେଲରରେ ଅଖ୍‌ତରଙ୍କ ନାମ ଥିବା ଦେଖି ସେ ଟୁଇଟର ମାଧ୍ୟମରେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଲିରିକ୍ସ କାଟେଗୋରିରେ ଅନ୍ୟ ବହୁ ଆର୍ଟିଷ୍ଟଙ୍କ ସହିତ ଜାଭେଦଙ୍କ ନାମ ରହିଛି। ଟ୍ରେଲର ଭିଡିଓର ଏକ ସ୍ନାପ୍‌ଶଟ୍ ସହିତ ଅଖ୍‌ତର ଟୁଇଟ୍ କରିବା ପରେ ବିବାଦ ସୃଷ୍ଟି ହୋଇଛି।

‘ପିଏମ୍ ନରେନ୍ଦ୍ର ମୋଦି’ ବାୟୋପିକ୍ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୀବନକାହାଣୀକୁ ନେଇ ଗଢ଼ିଉଠିଛି। ଏହାର ଟ୍ରେଲର ଗୁରୁବାର ଲଞ୍ଚ୍ କରାଯାଇଥିଲା। ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ହେବାଠାରୁ ଆରମ୍ଭ କରି ୨୦୧୪ ସାଧାରଣ ନିର୍ବାଚନରେ ତାଙ୍କ ଦଳ ଉଲ୍ଲେଖନୀୟ ସଫଳତା ହାସଲ କରିବା ଏବଂ ସେ ପ୍ରଧାନମନ୍ତ୍ରୀ ହେବା ଭଳି ବିଭିନ୍ନ ପ୍ରସଙ୍ଗ ଏହି ଫିଲ୍ମରେ ଚିତ୍ରିତ ହୋଇଛି।

## ୟୁପିରୁ ୧୨୦ କେଜି ସୁନା ଜବତ

ମୋଦିନଗର,୨୩।୩

ପୋଲିସ ଶୁକ୍ରବାର ଉତ୍ତରପ୍ରଦେଶର ମୋଦିନଗର ଅଞ୍ଚଳରୁ ୧୨୦ କିଲୋଗ୍ରାମ ସୁନା ଜବତ କରିଛି। ଏହାର ମୂଲ୍ୟ ପାଖାପାଖି ୪୦କୋଟି ଟଙ୍କା ହେବ। ଏକ ଯାନରେ ସୁନା ଚାଲାଣ ହେଉଥିବାର ଖବର ପୋଲିସକୁ ମିଳିଥିଲା। ପୋଲିସ ଉକ୍ତ କାର୍‌କୁ ଅଟକାଇ ଯାଞ୍ଚ୍ କରିଥିଲା। ଉକ୍ତ ସୁନା ଦିଲ୍ଲୀରୁ ହରିଦ୍ୱାରସ୍ଥିତ ଏକ କାରଖାନାକୁ ଚାଲାଣ କରାଯାଉଥିଲା ବୋଲି ଜଣେ ବରିଷ୍ଠ ପୋଲିସ ଅଫିସର ସୂଚନା ଦେଇଛନ୍ତି। ଉକ୍ତ ମାମଲାରେ ଦୁଇଜଣ ସିକ୍ୟୁରିଟି ଗାର୍ଡ ସମେତ ଜଣେ କର୍ମଚାରୀ ଏବଂ ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ଆୟକର ବିଭାଗକୁ ସୂଚନା ଦିଆଯାଇଛି।

## ଫୁର୍‌ସତ

## ଜୟଲଳିଥାଙ୍କ ବାୟୋପିକ୍‌ରେ କଙ୍ଗନା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଳିଥାଙ୍କ ବାୟୋପିକ୍‌ରେ ଅଭିନୟ କରିବାକୁ ଯାଉଛନ୍ତି। ଅଭିନେତ୍ରୀରୁ ରାଜନେତ୍ରୀ ସାଜିଥିବା ଜୟଲଳିଥା ୨୦୧୬ ଡିସେମ୍ବର ୫ରେ ହୃଦ୍‌ଘାତ ଯୋଗୁ ପ୍ରାଣ ହରାଇଥିଲେ। ସେ ଜଣେ ବିପ୍ଳବୀ ନେତ୍ରୀ ବା ‘ପୁରଚି ଥାଲାଇଭି’ ନାମରେ ବେଶ୍ ଭଲ ଭାବରେ ପରିଚିତ। ତେବେ ଏହି ଫିଲ୍ମର ଟାଇଟଲ୍ ତାମିଲରେ ‘ଥାଲାଇଭି’ ଏବଂ ହିନ୍ଦୀରେ ‘ଜୟା’ ରଖାଯାଇଛି। ଜୟଲଳିଥାଙ୍କ ଆତ୍ମଜୀବନୀମୂଳକ ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ ଅନ୍ୟତମ ଦକ୍ଷିଣ ଭାରତୀୟ ଫିଲ୍ମ ନିର୍ମାତା ବିଜୟ। ଏ ସମ୍ପର୍କରେ କଙ୍ଗନା କହନ୍ତି, ଜୟଲଳିଥାଜୀ ହେଉଛନ୍ତି ଚଳିତ ଶତାବ୍ଦୀର ସଫଳ ମହିଳାଙ୍କ ମଧ୍ୟରୁ ଜଣେ। ସେ ଅଭିନୟ ଜୀବନରୁ ଜଣେ ବିଶିଷ୍ଟ ରାଜନେତ୍ରୀ ହେବାର ଗୌରବ ଅର୍ଜନ କରିଥିଲେ। ତେବେ ଏହି ବୃହତ୍ ପ୍ରକଳ୍ପର ଅନ୍ୟତମ ଅଂଶୀଦାର ହେଉଥିବାରୁ ସେ ଖୁସି ଅନୁଭବ କରୁଥିବା ପ୍ରକାଶ କରିଛନ୍ତି। ଜଣେ ପ୍ରଗତିଶୀଳ ନେତ୍ରୀ ଭୂମିକାରେ କଙ୍ଗନା ଅଭିନୟ କରିବାକୁ ଯାଉଥିବାରୁ ଗର୍ବ ଅନୁଭବ କରୁଛନ୍ତି ବୋଲି ବିଜୟ ପ୍ରକାଶ କରିଛନ୍ତି। ଉକ୍ତ ଫିଲ୍ମର କାହାଣୀ ରଚନା କରୁଛନ୍ତି କେ. ଭି. ବିଜୟେନ୍ଦ୍ର ପ୍ରସାଦ। ସେ ମଧ୍ୟ ପୂର୍ବରୁ ‘ବାହୁବଳୀ’ ଓ ‘ମଣିକର୍ଣ୍ଣିକା’ର କାହାଣୀ ରଚନା କରିଥିଲେ। ଭିବ୍ରି ଆଣ୍ଡ କର୍ମ ମିଡିଆ ଆଣ୍ଡ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ବିଷ୍ଣୁବର୍ଦ୍ଧନ ଇନ୍ଦୁରି ଏବଂ ଶୈଳେଶ ଆର. ସିଂ।

### [ଇତିହାସର ଆଇନାରେ]

### ମାର୍ଚ୍ଚ ୨୪ର ପ୍ରମୁଖ ଘଟଣା

୧୯୯୮ ମାର୍ଚ୍ଚ ୨୪ରେ ଭାରତର ଦାନ୍ତାନ୍ ଅଞ୍ଚଳରେ ଭୟଙ୍କର ଘୂର୍ଣ୍ଣିଝଡ ଯୋଗୁ ୨୫୦ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୩,୦୦୦ ଲୋକ ଆହତ ହୋଇଥିଲେ। ପଶ୍ଚିମବଙ୍ଗର ମେଦନୀପୁର ଜିଲା ଅନ୍ତର୍ଗତ ଖଡଗପୁର ସବ୍‌ଡିଭିଜନ୍ ଅଧୀନରେ ଏହି ଗାଁ ଅବସ୍ଥିତ।

୨୦୧୫ ମାର୍ଚ୍ଚ ୨୪ରେ ଫ୍ରେଞ୍ଚ୍ ଆଲପ୍ସଠାରେ ଜର୍ମାନୱିଙ୍ଗ୍ସ ଫ୍ଲାଇଟ୍ ୯୫୨୫ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ସମସ୍ତ ୧୫୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଫ୍ରେଞ୍ଚ୍ ଆଲପ୍ସଠାରୁ ଉତ୍ତର-ପଶ୍ଚିମ ଦିଗ ୧୦୦କିଲୋମିଟର ଦୂରରେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ୧୪୪ ଯାତ୍ରୀଙ୍କ ସମେତ ୬ ବିମାନ କର୍ମଚାରୀ ପ୍ରାଣ ହରାଇଥିଲେ। ଜର୍ମାନ ୱିଙ୍ଗ୍ସ କମ୍ପାନୀର ୧୮ବର୍ଷ ଇତିହାସରେ ଏହା ଥିଲା ପ୍ରଥମ ବିମାନ ଦୁର୍ଘଟଣା।

## ‘ରାମ ଜନ୍ମଭୂମି’କୁ ନେଇ ବିବାଦ

**ଲକ୍ଷ୍ନୌ:** ରାମ ଜନ୍ମଭୂମି ଫିଲ୍ମର ରିଲିଜକୁ ନେଇ ବିବାଦ ମୁଣ୍ଡ ଟେକିଛି। ଏପ୍ରିଲ ୨୯ରେ ଏହା ରିଲିଜ ହେବାକୁ ଯାଉଥିବାବେଳେ ମୁସଲମାନ ଧର୍ମଗୁରୁଙ୍କର ଏକ ଗୋଷ୍ଠୀ ଏହା ବିରୋଧରେ ଫତ୍‌ୱା ଜାରି ପାଇଁ ଦାବି କରିଛି। ମଧ୍ୟପ୍ରଦେଶର ଏକ ମୁସଲମାନ ଗୋଷ୍ଠୀ ଦୁଇଟି ‘ଫତ୍‌ୱା’ ଜାରି କରିଛି। ଫଳରେ ମୁସଲମାନ ଗୋଷ୍ଠୀ ରାମ ଜନ୍ମଭୂମି ଫିଲ୍ମ ଦେଖିବେ ନାହିଁ ଏବଂ ଏହାର ମହିଳା ଅଭିନେତ୍ରୀ ଇସଲାମ୍ ଧର୍ମରେ ନିଜ ଆସ୍ଥା ଓ ବିଶ୍ୱାସ ପୁନଃ ସ୍ଥାପନ କରିବେ। ଫିଲ୍ମ ରିଲିଜ ଉପରେ ନିଷେଧାଜ୍ଞା ଜାରି କରିବାକୁ ଅଲ୍ ଇଣ୍ଡିଆ ଉଲେମା ବୋର୍ଡ କେନ୍ଦ୍ର ଓ ମଧ୍ୟପ୍ରଦେଶ ସରକାରଙ୍କ ନିକଟରେ ଦାବି କରିଛି। ଫିଲ୍ମ ରିଲିଜ ଦ୍ୱାରା ଦୁଇ ସମ୍ପ୍ରଦାୟ ମଧ୍ୟରେ ଘୃଣାଭାବ ସୃଷ୍ଟିହେବ ବୋଲି ଅଭିଯୋଗ କରାଯାଇଛି। ଉତ୍ତରପ୍ରଦେଶର ଶିହା ୱାକଫ ବୋର୍ଡ ପ୍ରେସିଡେଣ୍ଟ ସୟିଦ ୱାସିମ୍ ରିଜ୍‌ଭି ଉକ୍ତ ଫିଲ୍ମର କାହାଣୀ ରଚନା କରିବା ସହିତ ପ୍ରସ୍ତୁତ ମଧ୍ୟ କରିଛନ୍ତି।





ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୮ | ୨୦.୫ |
| ଚାନ୍ଦବାଲି | ୩୬.୭ | ୨୩.୦ |
| କଟକ | ୩୭.୨ | ୨୨.୫ |
| ପାରାଦ୍ୱୀପ | ୩୩.୭ | ୨୫.୧ |
| ଭୁବନେଶ୍ୱର | ୩୭.୭ | ୨୩.୨ |
| ଗୋପାଳପୁର | ୩୪.୦ | ୨୪.୨ |
| ପୁରୀ | ୩୩.୨ | ୨୬.୮ |
| ଅନୁଗୋଳ | ୩୬.୯ | ୨୦.୦ |
| ବାରିପଦା | ୩୫.୫ | ୨୩.୦ |
| ଝାରସୁଗୁଡ଼ା | ୩୫.୫ | ୨୦.୫ |
| କେନ୍ଦୁଝର | ୩୨.୯ | ୧୯.୦ |
| ସମ୍ବଲପୁର | ୩୫.୮ | ୨୦.୪ |
| ସୁନ୍ଦରଗଡ଼ | ୩୪.୫ | ୧୮.୦ |
| ହୀରାକୁଦ | ୩୬.୧ | ୨୧.୫ |
| ତାଳଚେର | ୩୭.୩ | ୨୦.୭ |
| ଭବାନୀପାଟଣା | ୩୬.୦ | ୨୨.୫ |
| ବଲାଙ୍ଗୀର | ୩୬.୦ | ୨୨.୦ |
| କୋରାପୁଟ | ୩୫.୨ | ୧୮.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୬.୫ | ୨୧.୦ |
| ମାଲକାନଗିରି | ୪୦.୦ | ୨୧.୦ |
| ସୋନପୁର | ୩୫.୪ | ୨୦.୪ |
| ଦାରିଙ୍ଗିବାଡ଼ି | ୩୨.୦ | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍

**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କ ଉପକ୍ରମ)
**ଭୁବନେଶ୍ୱର ମୁଖ୍ୟ ଶାଖା, ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯**

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ (ସିକ୍ୟୁରିଟି) ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୩ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା ଓ ଜାମିନଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତି ଗୁଡ଼ିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** ନିକଟରେ ଉତ୍ତରଦାୟୀ ରହିବେ।
***ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଋଣଗ୍ରହୀତା/ ଜାମିନଦାରଙ୍କ ନାମ ଓ ଠିକଣା/ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ନୀଳାଚଳ ପେଟ୍ରୋପ୍ରଡକ୍ଟସ୍ (ପ୍ରା.) ଲିଃ**, ୫୬୪, ଲୁଇସ୍ ରୋଡ, ସାମନ୍ତରାପୁର, ଭୁବନେଶ୍ୱର-୭୫୧୦୦୨, **(୧) ଶ୍ରୀ ନରସିଂହ ପୂଜାପଣ୍ଡା**, ପିତା-ଶ୍ରୀ ଗୋପିନାଥ ପୂଜାପଣ୍ଡା, ବାସେଲିସାହି, ପୁରୀ-୭୫୨୦୦୧, **(୨) ଶ୍ରୀମତୀ ଝରଣା ପୂଜାପଣ୍ଡା**, ସ୍ୱା-ହରିହର ପୂଜାପଣ୍ଡା, ବାସେଲିସାହି, ପୁରୀ-୭୫୨୦୦୧, **(୩) ଶ୍ରୀମତୀ ଶୁଭଲକ୍ଷ୍ମୀ ପୂଜାପଣ୍ଡା**, ପିତା- ଗୋପିନାଥ ପୂଜାପଣ୍ଡା, ବାସେଲିସାହି, ପୁରୀ-୭୫୨୦୦୧, **(୪) ଶ୍ରୀ ଜଗନ୍ନାଥ ପୂଜାପଣ୍ଡା**, ପିତା-ଶ୍ରୀ ଗୋପିନାଥ | **(୧) ନରସିଂହ ପୂଜାପଣ୍ଡା**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୧୯୨୪, ଖାତା ନଂ.୩୯୭, ଏରିଆ-ଏକର୦.୦୫୦ ଡିସିମିଲି, ମୌଜା-ପୁରୀ ସଦର, ଜିଲ୍ଲା-ପୁରୀ, ଚଉହଦି: ଉତର-କେ ପଣ୍ଡା, ଦକ୍ଷିଣ- ହରି ସାହୁ, ପଶ୍ଚିମ-ବି ବିଶ୍ୱାଳ, ପୂର୍ବ-ରାସ୍ତା, **(୨) ଗୋପିନାଥ ପୂଜାପଣ୍ଡା**ଙ୍କ ନାମରେ ଥିବା ଜମି ଯାହାର ପ୍ଲଟ ନଂ.-୧୦୪୦/୧୪୭୬, ଖାତା ନଂ.-୭୮୬/୧୦୭, ଏରିଆ-ଏକର୦.୦୦୯୫ ଡିସିମିଲି, ମୌଜା-ପୁରୀ ସହର, ୟୁନିଟ୍ ନଂ.-୮, ବାସୁଲି ସାହି, ଜିଲ୍ଲା-ପୁରୀ। **(୩) ହରିହର ପୂଜାପଣ୍ଡା**ଙ୍କ ନାମରେ ଥିବା ଜମି ଯାହାର ପ୍ଲଟ ନଂ.-୧୦୪୦/୧୪୭୬, ଖାତା ନଂ.-୭୮୬/୧୦୭, ଏରିଆ-ଏକର୦.୦୦୯୫ ଡିସିମିଲି, ମୌଜା-ପୁରୀ ସହର, ୟୁନିଟ୍ ନଂ.-୮, ବାସୁଲି ସାହି, ଜିଲ୍ଲା-ପୁରୀ। (ସମ୍ପତ୍ତି କ୍ର.ନଂ.୨ ଏବଂ ୩ ର କମନ୍ ଚଉହଦି: ଉତର-ରାମଚନ୍ଦ୍ର କର, ଦକ୍ଷିଣ-ରଘୁନାଥ ପୂଜାପଣ୍ଡା, ପଶ୍ଚିମ- ଜଗନ୍ନାଥ ପୂଜାପଣ୍ଡା, ପୂର୍ବ-ରାସ୍ତା। | ୨୯.୧୨.୨୦୧୮ ଏବଂ ୧୯.୦୧.୨୦୧୯ (ଖବରକାଗଜ ପ୍ରକାଶନ ମାଧ୍ୟମରେ) | ୨୧.୦୩.୨୦୧୯ | ତା.୨୮.୧୨.୨୦୧୮ ସୁଦ୍ଧା ଟ.୩,୦୩,୫୩,୩୭୮/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ପୂଜାପଣ୍ଡା, ପ୍ରଭୁକୃପା ଦିଗମ୍ବର ନଗର, ଗିନାରୀବନ୍ତ, ଖଦୀପଡା, ସଙ୍କରପୁର, ପୁରୀ-୭୫୨୦୦୨, **(୫) ଶ୍ରୀ ହରିହର ପୂଜାପଣ୍ଡା**, ପିତା-ଶ୍ରୀ ଶ୍ୟାମ ସୁନ୍ଦର ପୂଜାପଣ୍ଡା, ବାସେଲିସାହି, ପୁରୀ-୭୫୨୦୦୧, **(୬) ଶ୍ରୀ ଗୋପିନାଥ ପୂଜାପଣ୍ଡା**, ପିତା-ଶ୍ରୀ ବନମାଳୀ ପୂଜାପଣ୍ଡା, ବାସେଲିସାହି, ପୁରୀ-୭୫୨୦୦୧, **(୭) ଶ୍ରୀ ଅମରକାନ୍ତ ପଣ୍ଡା**, ୫୬୪, ଲୁଇସ୍ ରୋଡ, ସାମନ୍ତରାପୁର, ଭୁବନେଶ୍ୱର, ଖୋର୍ଦ୍ଧା-୭୫୧୦୦୨, **(୮) ଶ୍ରୀ ଶୁଭ୍ରକାନ୍ତ ପଟ୍ଟନାୟକ**, ପ୍ଲଟ ନଂ.-ପିପି-୧୬, ପାଣ୍ଡବ ନଗର, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୧୮, **(୯) ଶ୍ରୀ ଉଗ୍ରସେନ ଦାଶ**, ୯୪/୧୦୧୭, ସାମନ୍ତରାପୁର, ବିସାଲ୍ ସିଟି, ପୋ-ଶିଶୁପାଳଗଡ, ଭୁବନେଶ୍ୱର-୭୫୧୦୦୨। **ସମ୍ପତ୍ତି ନଂ.-୧ର ମାଲିକ: ନରସିଂହ ପୂଜାପଣ୍ଡା, ସମ୍ପତ୍ତି ନଂ.-୨ର ମାଲିକ: ଗୋପିନାଥ ପୂଜାପଣ୍ଡା, ସମ୍ପତ୍ତି ନଂ.-୩ର ମାଲିକ: ହରିହର ପୂଜାପଣ୍ଡା।**

**ସ୍ଥାନ-ଭୁବନେଶ୍ୱର, ତାରିଖ-୨୧.୦୩.୨୦୧୯** — **କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ**





କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଭିତରକନିକା ଜାତୀୟଉଦ୍ୟାନ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀର ଗୁରୁବାର ଏକ ବଉଳା କୁମ୍ଭୀରର ମୃତଦେହ ଉଦ୍ଧାର ହୋଇଛି। ନଦୀର ନଳିତାପାଟିଆ ନିକଟରେ ବସାଯାଇଥିବା ବେଢ଼ ଜାଲ(ମାଛ ଧରିବାରେ ବ୍ୟବହୃତ ଜାଲ)ରେ ପଡ଼ିଯିବାରୁ ତାର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି।



## ସଂକ୍ଷେପରେ

### ହୋଲି ପାଳିଲେନି ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୩(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଳିତବର୍ଷ ହୋଲି ପାଳନ କରିନାହାନ୍ତି। ପୁଲୱାମା ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ହୋଲି ପର୍ବ ପାଳନ କରି ନ ଥିବା ଜଣାପଡ଼ିଛି। ହୋଲିର ଦିନକ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଗଣମାଧ୍ୟମକୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା। ନବୀନ ନିବାସରେ ହୋଲି ଖେଳ ବାରଣ କରାଯାଇଥିବାରୁ ଶୁକ୍ରବାର ଏତେଟା ଗହଳଚହଳ ଦେଖିବାକୁ ମିଳି ନ ଥିଲା।

### ଡମି ଇଭିଏମ୍ ସହ ଯୁବକଙ୍କୁ କାବୁ କଲା ପୋଲିସ

ରାୟଗଡା ଅଫିସ୍, ୨୩।୩: ନିର୍ବାଚନ କାର୍ଯ୍ୟରେ ନିୟୋଜିତ ପୋଲିସର ସ୍ୱତନ୍ତ୍ର ଟିମ୍ ଶୁକ୍ରବାର ସନ୍ଧ୍ୟାରେ ରାୟଗଡା ସହର ଉପକଣ୍ଠରେ ଡ଼ମି ଇଭିଏମ ସହ ଜଣେ ଯୁବକଙ୍କୁ କାବୁ କରିଛି। ପରେ ତାଙ୍କୁ ରିଟର୍ନିଂ ଅଫିସର ତଥା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ଯୁବକ ଜଣକ ହେଲେ କେ.ଗିରିଧର ଓ ତାଙ୍କ ଘର କୋରାପୁଟ ଜିଲା ଗାରିଡି ଗ୍ରାମରେ। ରାୟଗଡା ସହରଠାରୁ ପ୍ରାୟ ୮କି.ମି ଦୂର ହାଲୁଆ ଓ ସାଙ୍କେଶ ମଧରେ ପୋଲିସ ଯାଞ୍ଚ କରୁଥିଲା। ଏହି ସମୟରେ ଗିରିଧର ଏକ ଭ୍ୟାନରେ ଗାରିଡି ଗ୍ରାମରୁ ରାୟଗଡା ଆସୁଥିଲେ। ପୋଲିସ ଭ୍ୟାନକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ତାଙ୍କ ବ୍ୟାଗରୁ ପ୍ଲାଷ୍ଟିକର ଡମି ଇଭିଏମ୍ ବାହାରିଥିଲା। ଏଥିସହ କିଛି କାଗଜପତ୍ର ମଧ ପୋଲିସ ପାଇଥିଲା। ତାଙ୍କୁ ତଦନ୍ତ ପରିସରକୁ ନେଇ ରାୟଗଡା ଥାନାକୁ ଅଣାଯାଇଥିଲା। ସେଠାରୁ ଉପଜିଲାପାଳଙ୍କ ନିକଟରେ ହାଜର କରାଯାଇଥିଲା। ନିର୍ବାଚନ କର୍ମଚାରୀ ଉକ୍ତ ଇଭିଏମ୍‌କୁ ଅନୁଧାନ କରିଥିଲେ। ଏକ ନିର୍ଦ୍ଦିଷ୍ଟ ଦଳର ଚିହ୍ନ ରହିଥିବା ପ୍ଲାଷ୍ଟିକ ଡମି ଇଭିଏମ୍‌ରୁ ନଜରକୁ ଆସିଥିଲା। ଖବରପାଇ କଂଗ୍ରେସ ଓ ଭାଜପା ନେତାମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତୁରନ୍ତ ଉକ୍ତ ଯୁବକଙ୍କୁ ଗିରଫ କରିବାକୁ ସେମାନେ ଦାବି କରିଥିଲେ। ହେଲେ ନିର୍ବାଚନ ଆଇନ୍ ଅନୁଧାନ ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ପ୍ରଧାନ କହିଥିଲେ। ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗାପ୍ରସାଦ ପଣ୍ଡା, ରାୟଗଡା କଂଗ୍ରେସ ପ୍ରାର୍ଥୀ ଆପୁଲସ୍ୱାମୀ କାଡ୍ରାକା, ଭାଜପା ଦଳର ପ୍ରାର୍ଥୀ ବସନ୍ତ ଉଲ୍ଲାକା ପ୍ରମୁଖ ପହଞ୍ଚି ଦୀର୍ଘ ସମୟଧରି ଆଲୋଚନା କରିଥିଲେ। ପରେ ଧରାପଡିଥିବା ଯୁବକଙ୍କୁ ଛାଡି ଦିଆଯାଇଥିଲା। ଏ ସମ୍ପର୍କରେ ରାୟଗଡା ଥାନାଧିକାରୀ ନିହାର ରଞ୍ଜନ ପ୍ରଧାନଙ୍କୁ ପଚାରିବାରୁ, ଆମେ କାହାକୁ ଧରିନାହୁଁ। ସେହିଭଳି ଘଟଣା ମୋ ନଜରକୁ ଆସିନାହିଁ ଉପଜିଲାପାଳ କହିଛନ୍ତି ଯେ, ନିର୍ବାଚନ ସମୟରେ ଯେ କୌଣସି ବ୍ୟକ୍ତି ପ୍ଲାଷ୍ଟିକ ବା ଡମି ଇଭିଏମ୍ ବ୍ୟବହାର କରିପାରିବେ ସେଥିରେ କୌଣସି କଟକଣା ନାହିଁ।

### ଆନ୍ଦୋଳନରୁ ଓହରିବାକୁ ଶୀତଳଭଣ୍ଡାର ସଂଘକୁ ସରକାରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୩।୩(ବ୍ୟୁରୋ): ଶୀତଳଭଣ୍ଡାର ସଂଘ ପକ୍ଷରୁ ମାସେ ହେଲା ଚାଲିଥିବା ଧର୍ମଘଟକୁ ବନ୍ଦ କରିବା ପାଇଁ ଶନିବାର ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସଂଘର କାର୍ଯ୍ୟକର୍ତ୍ତା ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ଭେଟି ଆଲୋଚନା କରିଥିବା ଜଣାପଡିଛି। ଏହି ବୈଠକରେ ସଂଘ ପକ୍ଷରୁ କରାଯାଇଥିବା ୮ଟି ଦାବି ମଧ୍ୟରୁ ୭ଟିକୁ ନେଇ ସରକାର ବିଚାର କରୁଥିବା ଜଣାପଡିଛି। ଦେଶସାରା ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି, ତେଣୁ ନିର୍ବାଚନୀ ପ୍ରକ୍ରିୟା ସରିବା ମାତ୍ରେ ସରକାର ଶୀତଳଭଣ୍ଡାରଗୁଡିକୁ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଗତ ଫେବୃୟାରୀ ୨୨ରୁ ଶୀତଳଭଣ୍ଡାର ସଂଘ ଆନ୍ଦୋଳନ ଡାକରା ଦେଇଥିଲା। ଏହି ଆନ୍ଦୋଳନ ଦ୍ୱାରା ୩୦୦ ବ୍ୟକ୍ତିବିଶେଷ ସିଧାସଳଖ ଏବଂ ପରୋକ୍ଷ ଭାବେ ୧୦,୦୦୦ ଚାଷୀ କ୍ଷତିଗ୍ରସ୍ତ ହୋଇ ଆସୁଥିଲେ। ସରକାର ସେମାନଙ୍କ ଦାବି ଶୁଣି ସମାଧାନ ପାଇଁ ଆଗ୍ରହ ପ୍ରକାଶ କରିଥିବାରୁ ସଂଘର ସମ୍ପାଦକ ଜନାର୍ଦ୍ଦନ ସାହୁ, ସଭାପତି ଶ୍ୟାମ ପାନସାରୀ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ମୁଖ୍ୟ ଶାସନ ସଚିବଙ୍କୁ ଧନ୍ୟବାଦ ଦେଇଛନ୍ତି।

## ଜାଲ୍ ଗୋଇନ୍ଦା ଚିଠି: ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲା ବିଜେଡି

# ପ୍ରସାରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

ଭୁବନେଶ୍ୱର, ୨୩।୩(ବ୍ୟୁରୋ)

ଗୋଇନ୍ଦା ନାଁରେ ଏକ ଜାଲ୍ ଚିଠି ଦେଖାଇ ଜନସାଧାରଣଙ୍କୁ ବିଭ୍ରାନ୍ତ କରିଥିବା ଭାଜପା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କାହିଁକି ବୋଲି ବିଜେଡି ନିର୍ବାଚନ କମିଶନଙ୍କୁ ପ୍ରଶ୍ନ କରିଛି। ଘଟଣା ଘଟିବାର ୬ ଦିନ ବିତିଯାଇଥିଲେ ମଧ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା, ଏପରି କି ତଦନ୍ତରେ ପୋଲିସ ଧିମେଇ ଯିବାକୁ ନେଇ ବିଜେଡି ଆପତ୍ତି ଉଠାଇଛି। ଦଳ ପକ୍ଷରୁ ଶନିବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏକ ସ୍ମାରକପତ୍ର ଦିଆଯାଇଛି। ସେଥିରେ କୁହାଯାଇଛି ଯେ ଜାଲ୍ ଗୋଇନ୍ଦା ଚିଠି ଦେଖାଇଥିବା ଭାଜପାର ମିଛ ଧରା ପଡ଼ିଯାଇଛି। ନେତାଙ୍କ ମିଛ ଧରାପଡ଼ିଯାଇଥିବାରୁ ନୈତିକତା ଦୃଷ୍ଟିରୁ ସେମାନେ ପୋଲିସ ସମନର ସାମ୍ନା କରିବାକୁ ସାହସ କରିପାରୁ ନାହାନ୍ତି।



ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କୁ ଭେଟୁଛନ୍ତି ବିଜେଡି ପ୍ରତିନିଧି।

ତଦନ୍ତରେ ସହଯୋଗ ପାଇଁ ସେମାନେ ପୋଲିସ ଆଗରୁ ଲୁଚି ନ ଯାଇ ସାହସର ସହ ସାମ୍ନା କରିବା ଉଚିତ। ମିଛ କହି ଲୋକଙ୍କୁ ଭୁଆଁ ବୁଲାଇବାରେ ଭାଜପା ଧୂରନ୍ଧର। ଜାଲ୍ ଗୋଇନ୍ଦା ଚିଠି ପ୍ରସାରକାରୀ ପଛଘୁଞ୍ଚା ନ ଦେଇ ନିଜକୁ ପ୍ରମାଣିତ କରିବା ଦରକାର। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ ଭାଜପାର ଏହି ହୀନ କାର୍ଯ୍ୟ ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ପୋଲିସ ତତ୍ପରତା ଦେଖାଉ ନାହିଁ। ଏଥିରେ ପୋଲିସ ଓ ଗୋଇନ୍ଦା ବିଭାଗର ଭାବମୂର୍ତ୍ତି ଜଡ଼ିତ ବୋଲି ସେମାନେ ଜାଣିରଖିବା ଉଚିତ। ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ ବୋଲି ଆମର ବିଶ୍ୱାସ ଅଛି। ତେଣୁ ନିର୍ବାଚନ ଆଉ ମାତ୍ର ଅଳ୍ପ ଦିନ ଥିବାରୁ ଅପରାଧୀଙ୍କୁ ବିଳମ୍ବରେ ଦଣ୍ଡ ମିଳିଲେ ତାହାର କିଛି ପ୍ରାସଙ୍ଗିକତା ରହିବ ନାହିଁ। ନିର୍ବାଚନ କମିଶନ ଏ ଦିଗରେ ବିହୀତ ପଦକ୍ଷେପ ନେଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ବିଜେଡି ପ୍ରତିନିଧି ଦଳରେ ସାମିଲ ଥିଲେ ଅସୀମ ଅମିତାଭ ଦାସ, ସୁଲୋଚନା ଦାସ, ସସ୍ମିତ୍ ପାତ୍ର ଏବଂ ବିଜୟ କୁମାର ନାୟକ।

ଅନ୍ୟପକ୍ଷରେ କେନ୍ଦ୍ରାପଡା ଲୋକ ସଭା ଭାଜପା ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ନିର୍ବାଚନ କମିଶନଙ୍କ ନିକଟରେ ଦାବି କରିଛି। ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ବୈଜୟନ୍ତ କେନ୍ଦ୍ରାପଡାରେ ଭିଡିଓ ଗାଡି ବୁଲାଇ ନିଜର ପ୍ରଚାର କରୁଛନ୍ତି। ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛେଳିର ବୋଲି ଲାଙ୍ଗୁଡ଼ ଛିଣ୍ଡିଗଲା ତିନି ଆଙ୍ଗୁଳ।**

ଛେଳିର ଲାଞ୍ଜ ଖୁବ୍ ଛୋଟ। ଏଥିରୁ ତିନି ଆଙ୍ଗୁଳ ପୁଣି କଟିଯିବା କଥା କହିବା ଭଳି ବାହାଦୁରି ଦେଖାଇ କିଛି ବ୍ୟକ୍ତି ବଡ଼ ବଡ଼ କରି କଥା କହିଥାନ୍ତି। ପରୋକ୍ଷରେ ଦୀନହୀନ ଅନ୍ୟ ସମ୍ବଳ ବ୍ୟକ୍ତି ଆଗରେ ନିଜର ବୃଥା ବଡ଼ପଣ ଦେଖାଇବାକୁ ଯାଇ ଥଟ୍ଟା ପରିହାସର ପାତ୍ର ହେଉଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବ୍ୟୋମକେଶଙ୍କ ବିରୋଧରେ ମୁହଁ ଖୋଲିଲେ କର୍ମୀ

ଚାନ୍ଦବାଲି, ୨୩।୩ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବିଜେଡିରେ ଗୋଟିଏ ଗୋଷ୍ଠୀ ସ୍ଥାନୀୟ ବିଧାୟକ ବ୍ୟୋମକେଶ ରାୟଙ୍କୁ ବିରୋଧ କରିବା ଘଟଣା ପଦାକୁ ଆସିଛି। ଶନିବାର ଏହି ଗୋଷ୍ଠୀ ପକ୍ଷରୁ ଖବରଦାତା ସମ୍ମିଳନୀ କରାଯାଇ ଦଳୀୟ ସମସ୍ୟା ତଥା ବିଧାୟକଙ୍କ ସମ୍ପର୍କରେ ସେମାନେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ବାଲିଗାଁ ପଞ୍ଚାୟତର ପୂର୍ବତନ ବିଜେଡି ସଭାପତି ଗୋଲକ ବିହାରୀ ମହାନ୍ତି, ପ୍ରଫୁଲ୍ଲ ସାହୁ, ବଡଓସ୍ତିଆର ପୂର୍ବତନ ସରପଞ୍ଚ ସନ୍ତଚରଣ ନାୟକ, ତେନ୍ତୁଳିଡିହ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ସୁକାନ୍ତ ନାୟକ, ସୁକାନ୍ତ ମହାଲିକ, ଫକୀର ସାହୁ, ରତିକାନ୍ତ ସାହୁ, ଦଶରଥ ନାୟକ, କୀର୍ତ୍ତନ ସାହୁ, ଭାରତ ଭୂଷଣ ରାୟ, ବିଜୟ ନାୟକ ଓ ପ୍ରହ୍ଲାଦ ଦାସ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ସେମାନେ କହିଥିଲେ ଯେ, ଦୀର୍ଘବର୍ଷ ଧରି ଦଳର ସଂଗଠନ କାର୍ଯ୍ୟ କରିଆସୁଥିବା ଛାମୁଆ କର୍ମୀଙ୍କ ଜୀବନ ଆଜି ବିପଦରେ ପଡ଼ିଛି। ଚାନ୍ଦବାଲିର ପ୍ରଗତି ବାଧାପ୍ରାପ୍ତ ହେବା ସମ୍ପର୍କରେ ସେମାନେ ଅଭିଯୋଗ କଲେ ଧମକ ଚମକ ମିଳୁଛି। ଏ ସମ୍ପର୍କରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଚାନ୍ଦବାଲି ପାଇଁ ଜଣେ ଉପଯୁକ୍ତ ପ୍ରାର୍ଥୀ ଦେବା ସକାଶେ ଦାବି ଜଣାଇଛନ୍ତି। ବିଧାୟକଙ୍କୁ ବିରୋଧ କରିଆସୁଥିବା ଗୋଷ୍ଠୀ ଏଠାରେ ମୁହଁ ଖୋଲିବା ଘଟଣାରୁ ଦଳର ଆଭ୍ୟନ୍ତରୀଣ କନ୍ଦଳ ପଦାରେ ପଡ଼ିଛି। ଏ ସମ୍ପର୍କରେ ବିଧାୟକ ରାୟଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କ ମତାମତ ମିଳିପାରି ନାହିଁ।

# ସ୍ୱଚ୍ଛ, ଅବାଧ ନିର୍ବାଚନ ପରିଚାଳନା ଉଦ୍ୟମ

- ବିଭିନ୍ନ ସ୍ଥାନରେ ଚଢ଼ାଉ
- ୧୫ ଲକ୍ଷ ୪୭ ହଜାର ଟଙ୍କା, ୫୦୧୮୦ ଲିଟର ମଦ ଜବତ

ଭୁବନେଶ୍ୱର, ୨୩।୩(ବ୍ୟୁରୋ)

ରାଜ୍ୟରେ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲାରେ ୪,୧୫୩ଟି ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଛି। ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୧୦୭/୧୧୬ ଅନୁସାରେ ୨୦,୨୯୧ ଜଣଙ୍କୁ ଆଇନ ଅନୁସାରେ ଅଟକ ରଖାଯାଇଛି। ଲାଇସେନ୍ସପ୍ରାପ୍ତ ୩୪୪୫ଟି ବନ୍ଧୁକ ସମ୍ପୃକ୍ତ ଜିଲା ପ୍ରଶାସନ ନିକଟରେ ଦାଖଲ କରାଯାଇଛି। ଲାଇସେନ୍ସ ନ ଥିବା ୮୦ଟି ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ପ୍ରାୟ ୧୩୨ କିଲୋଗ୍ରାମ ବିସ୍ଫୋରକ ଦ୍ରବ୍ୟ ରାଜ୍ୟ ପ୍ରଶାସନ ଦ୍ୱାରା ଜବତ କରାଯାଇଛି। ଏବେ ସୁଦ୍ଧା ରାଜ୍ୟରେ ଫ୍ଲାଇଂ ସ୍କ୍ୱାଡ ଓ ପୋଲିସ ଦ୍ୱାରା ୧୫ ଲକ୍ଷ ୪୭ ହଜାର ୬୧୦ଟଙ୍କା ଜବତ କରାଯାଇଛି। ୫୦୧୮୦.୯୮୦ ବଲ୍କ ଲିଟର ମଦ ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୧ କୋଟି ୩୪ ଲକ୍ଷ ୮ ହଜାର ୯୧୬ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ଯାନବାହନର ଅପବ୍ୟବହାର ହୋଇଥିବାରୁ ବିଭିନ୍ନ ଗାଡି ମାଲିକଙ୍କ ବିରୋଧରେ ୨୮୧ଟି ମାମଲା ରୁଜୁ କରଯାଇଛି। ରାଜ୍ୟ ସ୍ତରରେ ଖୋଲାଯାଇଥିବା ନିୟନ୍ତ୍ରଣ କକ୍ଷକୁ ବର୍ତ୍ତମାନ ସୁଦ୍ଧା ୨୯୫ଟି କଲ୍ କରାଯାଇ ନିର୍ବାଚନ ସମ୍ପର୍କିତ ଅଭିଯୋଗ ବା ସୂଚନା ଦିଆଯାଇଥିବାବେଳେ ସେଥିରୁ ୧୪୯ଟି ଅଭିଯୋଗ ସମ୍ପୃକ୍ତ ଜିଲାପାଳମାନଙ୍କୁ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି। ରାଜ୍ୟସ୍ତରରେ ଖୋଲୁଥିବା ଭୋଟର ହେଲପ୍ ଲାଇନ ନଂ. ୧୫୫୦କୁ ୧୧୪୨୩ଟି କଲ୍ ଆସିଛି। ସି-ଭିଜିଲ ଆପ୍ ଜରିଆରେ ଏବେ ସୁଦ୍ଧା ୨୮୫ଟି ଅଭିଯୋଗ ଗ୍ରହଣ କରାଯାଇ ସେଥିରୁ ୨୬୪ଟି ଅଭିଯୋଗର ସମାଧାନ କରାଯାଇଛି।

# ୩୧ ଯାଏ ମେଘୁଆ ପାଗ

ଭୁବନେଶ୍ୱର,୨୩।୩(ବ୍ୟୁରୋ)

ଆସନ୍ତା ୩୧ ତାରିଖ ଯାଏ ରାଜ୍ୟରେ ପାଗ ମେଘୁଆ ରହିବ। ଉପକୂଳବର୍ତ୍ତୀ ଜିଲାଗୁଡ଼ିକର କେତେକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି। ଉପକୂଳରେ ସର୍ବୋଚ୍ଚ ତାପମାତ୍ରା ୩୦ରୁ ୩୬ ଡିଗ୍ରୀ ସେଲ୍‌ସିୟସ ମଧରେ ରହିବ। ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି ବୃଦ୍ଧି ପାଇବ। ସର୍ବୋଚ୍ଚ ତାପମାତ୍ରା ୩୫ରୁ ୪୧ ଡିଗ୍ରୀ ପର୍ଯ୍ୟନ୍ତ ଉଠିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୬ ତାରିଖ ଯାଏ ପାଗ ଶୁଖିଲା ରହିବ। ୨୬ ଓ ୨୭ ତାରିଖ ଦୁଇଦିନ ଉତ୍ତର ଏବଂ ଉପକୂଳ ଓଡିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଉତ୍ତର ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାକୁ ଥିବାବେଳେ ରାୟଗଡ଼ା, ଗଜପତି, ନୟାଗଡ଼ ଏବଂ ଖୋର୍ଦ୍ଧା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହେବା ଆଶଙ୍କା ରହିଛି। ଶନିବାର ରାଜ୍ୟର କେତେକ ଅଞ୍ଚଳରେ ପାଗ ମେଘୁଆ ରହିଥିଲେ ମଧ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଛୁଇଁଛି। ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ କଟକ ୩୭.୨, ଭୁବନେଶ୍ୱର ୩୭.୭, ଅନୁଗୋଳ ୩୬.୯, ହୀରାକୁଦ ୩୭.୧ ଏବଂ ତାଳଚେରରେ ସର୍ବାଧିକ ୩୭.୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ସାମୁଦ୍ରିକ ଥାନାରେ ଲଙ୍କାକାଣ୍ଡ

- ଉତ୍ୟକ୍ତ ଲୋକଙ୍କ ଭଙ୍ଗାରୁଜା, ପୋଲିସକୁ ମାଡ଼
- ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ
- ୪୮ ଗିରଫ, ୬ ବାଇକ୍ ଜବତ

ବାସୁଦେବପୁର, ୨୩।୩ (ଡି.ଏନ.ଏ.)

ଦୁଇ ଗାଁ ମଧରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଶନିବାର ପୂର୍ବାହ୍ନରେ ଉତ୍ୟକ୍ତ ଲୋକେ ଭଦ୍ରକ ଜିଲା କଷିଆ ସାମୁଦ୍ରିକ ଥାନା ଉପରେ ଆକ୍ରମଣ କରି ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ସେମାନେ ପୋଲିସକୁ ମାଡ଼ ମାରିବା ସହ ଥାନା ଗାଡ଼ିକୁ ବାଡ଼େଇ ଭାଙ୍ଗିଦେଇଥିଲେ। ଏଥିସହ ଭିଏଚ୍‌ଏଫ୍ ମେଶିନ, କମ୍ପ୍ୟୁଟର ସମେତ ଚେୟାର ଟେବୁଲ ଆଦି ସାମଗ୍ରୀ ଭାଙ୍ଗି ପକାଇଥିଲେ। ଉତ୍ୟକ୍ତ ଲୋକେ ପ୍ରାୟ ଅଧଘଣ୍ଟା ଧରି ଥାନାରେ ଏଭଳି ଲଙ୍କାକାଣ୍ଡ ଘଟାଇ କ୍ରୋଧ ପ୍ରକଟ କରିଥିଲେ। ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଦୃଷ୍ଟିରେ ରଖି ପରେ ଥାନା ପରିସରରେ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଏସ୍‌ପି ରାଜେଶ ପଣ୍ଡିତ ପହଞ୍ଚି ପରିସ୍ଥିତି ଅନୁଧାନ କରିଥିଲେ। ଥାନା ଭଙ୍ଗାରୁଜା ଘଟଣାରେ ସାମୁଦ୍ରିକ ଥାନା ପୋଲିସ ବାସୁଦେବପୁର ବିନୋବାନଗର ଗ୍ରାମ ସମେତ ଆଖପାଖ ଅଞ୍ଚଳରେ ଚଢ଼ାଉ କରି ୪୮ ଜଣଙ୍କୁ ଗିରଫ କରିଛି। ଏଥିସହ ୬ ବାଇକ୍ ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ଭଦ୍ରକ ନିଆଯାଇ କୋର୍ଟ ଚାଲାଣ କରାଯାଇଛି। ପ୍ରେମବିବାହ କରିଥିବା ଜଣେ ଯୁବତୀ ଶାଶୁଘରକୁ ବିଳମ୍ବରେ ଫେରିବା ଘଟଣା ନେଇ ଦୁଇ ପରିବାର ମଧରେ ଘଟିଥିବା ମାର୍‌ପିଟ୍ ଘଟଣାଜନିତ ବିବାଦ ଦୁଇ ଗାଁକୁ ବ୍ୟାପୀ ପରିସ୍ଥିତି ଏଭଳି ବିସ୍ଫୋରକ ରୂପ ନେଇଛି।



ଥାନାରେ ଉତ୍ୟକ୍ତ ଲୋକଙ୍କ ଦ୍ୱାରା ଭଙ୍ଗାରୁଜା।

ଉଲ୍ଲେଖନୀୟ ଯେ, ଗତ କିଛିଦିନ ତଳେ ବିନୋବାନଗର ଅଞ୍ଚଳର ବିକାଶ ମଣ୍ଡଳ ନାମକ ଜଣେ ବଙ୍ଗାଳି ଯୁବକଙ୍କୁ ପାରାପୋଖରୀ ଗ୍ରାମର ଗୋପାଳ ସମ୍ପ୍ରଦାୟର ଜଣେ ଯୁବତୀ ପ୍ରେମବିବାହ କରିଥିଲେ। କିଛିଦିନ ତଳେ ଏହି ମହିଳା ତାଙ୍କ ବାପଘରକୁ ଯାଇଥିଲେ। ପରେ ତାଙ୍କୁ ଶାଶୁଘରେ ଆଣି ଛାଡ଼ିଦେବା ଲାଗି ସ୍ୱାମୀ ବିକାଶ ଶ୍ୱଶୁର ଘର ଲୋକଙ୍କୁ ଶୁକ୍ରବାର କହିଥିଲେ। ତଦନୁଯାୟୀ ତାଙ୍କ ଭାଇ ପ୍ରଦୀପ ଭଉଣୀଙ୍କୁ ଧରି ବିକାଶଙ୍କ ଘରେ ପହଞ୍ଚିଥିଲେ। ତାଙ୍କୁ ଆଣିବାରେ କାହିଁକି ବିଳମ୍ବ ହେଲା ପଚାରି ବିକାଶ ସ୍ତ୍ରୀଙ୍କ ଉପସ୍ଥିତିରେ ପ୍ରଦୀପଙ୍କୁ ମାଡ଼ ମାରିଥିଲେ। ଏହାକୁ ନେଇ ଦୁଇ ପରିବାରରେ ବିବାଦ ଦେଖାଦେଇଥିଲା। ଏହି ବିବାଦ ଅଧିକ ବଢ଼ିବାରୁ ଦୁଇ ପରିବାର ମଧରେ ଗଣ୍ଡଗୋଳ ସହ ମାର୍‌ପିଟ୍ ହୋଇଥିଲା। ଏଥିରେ ୪ରୁ ୫ ଜଣ ଆହତ ହୋଇଥିଲେ। ଏହି ଘଟଣାରେ ବିକାଶ ଓ ତାଙ୍କ ସ୍ତ୍ରୀ ଶୁକ୍ରବାର କଷିଆ ସାମୁଦ୍ରିକ ଥାନାକୁ ଯାଇ ପରସ୍ପର ବିରୋଧରେ ଏତଲା ଦେଇଥିଲେ। ଦୁଇପକ୍ଷର ଏତଲାକ୍ରମେ ଶନିବାର ଘଟଣା ବୁଝାଶୁଝା ହେବାର ଥିଲା। ବିନୋବାନଗର ଗ୍ରାମର ଜଣେ ମହିଳା ଶନିବାର ସକାଳେ ତାଙ୍କର ୨୦ ଦିନର ଶିଶୁଙ୍କୁ ଧରି ଜଣେ ସମ୍ପର୍କୀୟଙ୍କ ସହିତ ବାସୁଦେବପୁର ଡାକ୍ତରଖାନାକୁ ଯାଉଥିଲେ। ପାରାପୋଖରୀ ଛକଠାରେ କେତେକ ବ୍ୟକ୍ତି ଓ ପ୍ରଦୀପଙ୍କ ସମ୍ପର୍କୀୟ ତାଙ୍କୁ ଅଟକାଇ ମାଡ଼ ମାରିବା ସହ ଶିଶୁକୁ ଫିଙ୍ଗି ଦେଇଥିଲେ। ସମ୍ପୃକ୍ତ ମହିଳା ଏ ସମ୍ପର୍କରେ ଥାନାରେ ଏତଲା ଦେଇଥିଲେ। ଆକ୍ରମଣକାରୀଙ୍କ ବିରୋଧରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ବିନୋବାନଗର ଗ୍ରାମ ସମେତ ଆଖପାଖର ଶତାଧିକ ଉତ୍ୟକ୍ତ ଲୋକେ ଥାନାକୁ ଯାଇ ଭଙ୍ଗାରୁଜା କରିଥିଲେ।

## ଭାଜପା ଓବିସି ମୋର୍ଚ୍ଚା ବୈଠକରେ ଟିକେଟ ପ୍ରଦାନକୁ ବିରୋଧ

# 'ଆମଦାନୀ ନେତାଙ୍କୁ ପ୍ରାର୍ଥୀ କରିଛି ଦଳ'

ଅନୁଗୋଳ ଅଫିସ, ୨୩।୩

ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଚୟନରେ ଭୁଲ ନିଷ୍ପତ୍ତି ହୋଇଥିବା ଅଭିଯୋଗ ଆଣିଛନ୍ତି ଭାଜପା ଓବିସି ମୋର୍ଚ୍ଚା ସଭାପତି ଦିଲୀପ ପ୍ରଧାନ। ବାରମ୍ବାର ରାଜ୍ୟ ନେତୃବୃନ୍ଦଙ୍କୁ ଜଣାଇବା ପରେ ଭାଜପାରେ ପୁରାତନ ନେତା ତଥା ପାର୍ଟିର ବିଚାରଧାରାରେ ଥିବା ନେତାଙ୍କୁ ପ୍ରାର୍ଥୀ କରାଯାଇ ନ ଥିବା ସେ ପ୍ରକାଶ କରିଛନ୍ତି। ଶନିବାର ଏଠାରେ ଏକ ବୈଠକରେ କହିଛନ୍ତି, ରାଜ୍ୟ ନେତୃବୃନ୍ଦ କାହା ସହିତ ଆଲୋଚନା ନ କରି ସ୍ୱେଚ୍ଛାଚାରିତା ଭାବେ ନିଷ୍ପତ୍ତି ନେଇଛନ୍ତି। ଦଳୀୟ ନେତାଙ୍କୁ ଅବହେଳା କରାଯାଇ ବାହାରୁ ଆମଦାନି ନେତାଙ୍କୁ ଟିକେଟ ଦିଆଯାଇଛି। ଏ ବାବଦରେ ପାର୍ଟିର ରାଜ୍ୟ ନେତୃବୃନ୍ଦ ଓ ସଭାପତିଙ୍କୁ ଅଭିଯୋଗ କରାଯିବ ବୋଲି ସେ କହିଛନ୍ତି। ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୀନକେତନ ଅମାନ୍ତ, ଜିଲା ଯୁବ ମୋର୍ଚ୍ଚା ସଭାପତି ଦିଲୀପ ପ୍ରଧାନ, ସାଧାରଣ ସମ୍ପାଦକ ନିର୍ମଳ ଅଗ୍ରୱାଲା, ମଣ୍ଡଳ ସଭାପତି ଭୀମସେନ ଭୁତିଆ, ଯୁବ ମୋର୍ଚ୍ଚା ସଭାପତି ବିକାଶ ସାହୁ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ହୃଦାନନ୍ଦ ସାହୁ, କୁନା ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## PRESS RELEASE

No.112-T :- The Lokayukta of Odisha will ensure that the gentle and simple people of the wonderful State does not become victim of corruption and I as Chairperson appeal to all public servants of the State to co-operate in this regard.

Dt.20.03.2019

By order of the Hon'ble Chairperson Lokayukta, Odisha

09010/11/0001/1819 Sd./- Secretary to Lokayukta

## OHPC PENSION FUND TRUST

OHPC Corporate Office, Janpath, Bhoinagar, Bhubaneswar-751 022
Phone: 0674-2541052 / 2542826- Fax: 0674-2542102,
E-mail:ohpcpensionfund@gmail.com
ISO 9001, 14001 & OHSAS 18001

### CORRIGENDUM NOTICE FOR PENSIONERS

No. OHPC Trust/Pen-I/1/2015 (Vol.II)/564 Dated 23.03.2019

Inviting attention to the earlier Notice No. OHPC Trust/Pen-I/1/2015 (Vol.II)/ 534 dated 19.03.2019 published in The Samaja, The Dharitri & The Times of India on Dtd. 21.03.2019, this is for information of all that the **date** mentioned in the last but one line of the 3rd paragraph may be read as Dtd **26.02.2019** instead of Dtd. 26.09.2019 . All other contents of the earlier notice shall remain unchanged.

Sr.G.M (FINANCE) & SECRETARY
OHPC PENSION TRUST

## OFFICE OF THE PRINCIPAL CHIEF CONSERVATOR OF FORESTS, KENDU LEAVES, ODISHA , Plot No-GD 2/12, 5th FLOOR, ARANYA BHAWAN, CHANDRASEKHARPUR, BHUBANESWAR, PIN-751023 Contact Phone No.0674-2300916, E-mail Id:-pccfkldak@gmail.com

Notice No.1019 / 3KL (WFA) 22 /2019
Dated, Bhubaneswar the 23rd **March, 2019**

**SHORT TENDER CALL NOTICE FOR HIRING OF PRIVATE VEHICLE**

Sealed Tenders are invited from interested Vehicle Owners/Travel Agencies for providing Toyota (Innova) equivalent SUV for official use on Hiring in the Office of the Principal Chief Conservator of Forests, Kendu Leaves, Odisha on terms & conditions mentioned in the Standard Bidding Document. Detailed terms & conditions can be downloaded from the Kendu Leaf Organization Website :- www.odishakenduleaves.com / Notice Board. The last date of submission of the Tender is 30.03.2019 up to 1.30 PM. and to be opened on 30.03.2019 at 4.00 PM.

Sd./- Addl. Principal Chief Conservator of Forests, Kendu Leaves, Odisha

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ। ଗୋଟିଏ ଫୋନ୍, ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନାହିଁ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତ୍ତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଭାଜପାରୁ ରାଜକିଶୋରଙ୍କ ଇସ୍ତଫା



**ବାରିପଦା ଅଫିସ, ୨୩।୩:** ଭାଜପା ରାଜ୍ୟ ଉପସଭାପତି ରାଜକିଶୋର ଦାସ ଶନିବାର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନିକଟକୁ ସେ ଇସ୍ତଫାପତ୍ର ପଠାଇଛନ୍ତି। ମୟୂରଭଞ୍ଜ ଲୋକ ସଭା କ୍ଷେତ୍ର ଅଧୀନ ମୋରଡ଼ା ବିଧାନସଭା ଆସନ ପାଇଁ ସେ ଆଶାୟୀ ଥିବାବେଳେ ଭାଜପା ତାଙ୍କୁ ଗୁରୁତ୍ୱ ଦେଇ ନ ଥିବା ଅଭିଯୋଗ କରିଛନ୍ତି। ତେବେ ସେ କେଉଁ ଦଳକୁ ଯିବେ ତାହା ସ୍ପଷ୍ଟ କରି ନ ଥିବାବେଳେ ବିଜେଡିରେ ଯୋଗଦେବେ ବୋଲି ତାଙ୍କ ସମର୍ଥକ କହିଛନ୍ତି।

### ଅଯୋଗ୍ୟ ଘୋଷିତ ହେବେ ୫ ବିଜେଡି ବିଧାୟକ

**ଭୁବନେଶ୍ୱର, ୨୩।୩(ବ୍ୟୁରୋ):** ଛାଡି ଅନ୍ୟ ଦଳରେ ଯୋଗଦେଇଥିବା ୫ ବିଧାୟକ ଅଯୋଗ୍ୟ ଘୋଷିତ ହେବେ। ସେମାନେ ହେଲେ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ମୋହନା ବିଧାୟିକା ବାସନ୍ତୀ ମଲ୍ଲିକ, ଆସିକା ବିଧାୟକ ଦେବରାଜ ପ୍ରଧାନ, ଦଶପଲ୍ଲା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ନାୟକ ଏବଂ ଗୁଣୁପୁର ବିଧାୟକ ତ୍ରିନାଥ ଗମାଙ୍ଗ। ବିଧାୟକମାନେ ଦଳବଦଳ କରିଥିବାରୁ ସେମାନଙ୍କୁ ଅଯୋଗ୍ୟ ଘୋଷିତ କରିବାକୁ ସରକାରୀ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ବାଚସ୍ପତିଙ୍କୁ ଶନିବାର ପିଟିଶନ ଦେଇଛନ୍ତି। ବାଚସ୍ପତି ପ୍ରଦୀପ କୁମାର ଅମାତ କହିଛନ୍ତି ଯେ, ଏହାକୁ ଅନୁଧାନ କରାଯାଉଛି। ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ। ସୂଚନାଯୋଗ୍ୟ ଯେ, ଆସନ୍ତା ନିର୍ବାଚନ ପାଇଁ ଟିକେଟ ନ ମିଳିବାରୁ ଉକ୍ତ ବିଧାୟକମାନେ ବିଜେଡିରୁ ଇସ୍ତଫା ଦେଇ ଅନ୍ୟ ଦଳରେ ଯୋଗଦେଇଛନ୍ତି।

### ବିଜେଡିରେ ବହୁ କର୍ମୀ ସାମିଲ

**ଭୁବନେଶ୍ୱର, ୨୩।୩(ବ୍ୟୁରୋ):** ସାଧାରଣ ନିର୍ବାଚନ ଘୋଷଣା ହେବା ଦିନଠାରୁ ବିଭିନ୍ନ ଦଳରେ ମିଶ୍ରଣ ପର୍ବ ଜାରି ରହିଛି। ଏହି କ୍ରମରେ ଶନିବାର ବିଜେଡିରେ ମଧ ବିଭିନ୍ନ କର୍ମୀ ଏବଂ ସଂଗଠନ ଯୋଗଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ବରଗଡ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ଗୋପାଳ ସାହୁ, ଶିକ୍ଷକ ନେତା କମଳାକାନ୍ତ ତ୍ରିପାଠୀ, କଳାହାଣ୍ଡି ଜିଲାର ତୁଳେଶ୍ୱର ନାୟକ, ସୁନ୍ଦରଗଡର ସୁନୀଲ ସିଂଦେଓ। ସେହିପରି ବ୍ରହ୍ମପୁର ଅଞ୍ଚଳର ନେତା ରୂପେଶ ମହାପାତ୍ରଙ୍କ ସମେତ ଅନେକ ଭାଜପା କାଉନସିଲର ବିଜେଡିରେ ସାମିଲ ହୋଇଛନ୍ତି।

### ବୁଝିଗଲେ ଅର୍କ, ଦଳକୁ ଫେରିଲେ

**ଭୁବନେଶ୍ୱର, ୨୩।୩(ବ୍ୟୁରୋ):** କଳାହାଣ୍ଡି ଏମ୍‌ପି ଅର୍କକେଶରୀ ଦେଓଙ୍କୁ ବିଜେଡି ପକ୍ଷରୁ ବୁଝାଶୁଝା କରାଯାଇଥିବା ଜଣାପଡିଛି। ଶନିବାର ନବୀନ ନିବାସରେ ଅର୍କ ଏବଂ ତାଙ୍କ ସ୍ତ୍ରୀ ମାଳବିକାଙ୍କୁ ଦେଖିବାକୁ ମିଳିଛି। କଳାହାଣ୍ଡି ଲୋକ ସଭା ଆସନରୁ ବିଜେଡି ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ପ୍ରାର୍ଥୀ କରିଛି। ଏହାକୁ ଅର୍କ ପ୍ରଥମେ ଗ୍ରହଣ କରିପାରି ନ ଥିଲେ। ଦଳୀୟ ନିଷ୍ପତ୍ତିକୁ ନେଇ ସେ କ୍ଷୋଭ ପ୍ରକାଶ କରିବା ସହ ବିଜେଡିରୁ ଇସ୍ତଫା ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ତାଙ୍କର ମାନଭଞ୍ଜନ କରାଯାଇଥିଲା। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଅର୍କ ଭାଜପା ପ୍ରାର୍ଥୀ ହେବା ପାଇଁ ମଧ ଚେଷ୍ଟା ଚଳାଇଥିଲେ। ହେଲେ ଭାଜପା କେନ୍ଦ୍ରୀୟ ନିର୍ବାଚନ କମିଟି ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନାଁ ସ୍ଥିର କରିସାରିଥିଲା। ତେଣୁ ଅର୍କଙ୍କ ରାସ୍ତା ଏକପ୍ରକାର ବନ୍ଦ ହୋଇଯାଇଥିଲା। ତେଣୁ ଭବିଷ୍ୟତରେ ରାଜନୈତିକ ଥଇଥାନ ଆଶ୍ୱାସନା ପାଇ ବିଜେଡିକୁ ଫେରିଥିବା ତାଙ୍କ ନିକଟତମ ମହଲରୁ ପ୍ରକାଶ।

### ଭାଜପାରୁ ଇସ୍ତଫା ଦେଲେ ଆଶାୟୀ ବିଧାୟକ ପ୍ରାର୍ଥୀ

**ବାରିପଦା ଅଫିସ, ୨୩।୩:** ବଡ଼ସାହି ନିର୍ବାଚନ ମଣ୍ଡଳୀରେ ଭାଜପା ଦଳର ବିଧାୟକ ପ୍ରାର୍ଥୀ ପାଇଁ ଆଶାୟୀ ଥିବା ଅଭିନ୍ନ ସୁନ୍ଦର ପାତ୍ର ଶନିବାର ଦଳର ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଇଛନ୍ତି। ସେ ଏନେଇ ତାଙ୍କର ଇସ୍ତଫାପତ୍ର ମେଲ୍ ଯୋଗେ ରାଜ୍ୟ କାର୍ଯ୍ୟାଳୟକୁ ପଠାଇଛନ୍ତି। ୩୨ ନଂ ବଡ଼ସାହି ନିର୍ବାଚନମଣ୍ଡଳୀ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ହେବା ପରେ ନିର୍ବାଚନରେ ଲଢ଼ିବାର ଆଶା ଉଜ୍ଜୀବିତ ଥିଲା। ସେବେଠାରୁ ପ୍ରାର୍ଥୀ ହେବା ପାଇଁ ଦଳୀୟ ସଙ୍ଗଠନ ସୁଦୃଢ଼ କରିବାରେ କାର୍ଯ୍ୟ କରି ଆସୁଥିଲେ। କିନ୍ତୁ ଦଳ ତାଙ୍କୁ ଟିକେଟ ନ ଦେଇ ଅଣଦେଖା କରିଛି ବୋଲି ଅଭିନ୍ନ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି।

■ ସାଧାରଣ ନିର୍ବାଚନକୁ ମାଓବାଦୀଙ୍କ ବିରୋଧ

# ପୋଷ୍ଟର ଲଗାଇଲେ, ବୋମା ଖଞ୍ଜିଲେ

**ନୂଆପଡା ଅଫିସ, ୨୩।୩**

ଗୋଟିଏ ପଟେ ପ୍ରଶାସନ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ସରଳ ଏବଂ ଅବାଧ କରିବାକୁ ଅଣ୍ଟା ଭିଡି ଦିନରାତି କସରତ ଚଳାଇଛି। ଏପଟେ ମାଓବାଦୀମାନେ ଖୋଦ ଜିଲା ମୁଖ୍ୟାଳୟରେ ପୋଷ୍ଟର ମାରି ପ୍ରଶାସନର ନାକତଳେ ଉପସ୍ଥିତି ଜାହିର କରିବା ସହ ନିର୍ବାଚନକୁ ବିରୋଧ କରିଛନ୍ତି। ଜିଲା ସଦର ମହକୁମାର ଏସ୍‌ପିଙ୍କ ନିବାସ କାର୍ଯ୍ୟାଳୟରୁ ଅନତି ଦୂରରେ ଟାନୱାଟ ଛକରେ ପୋଷ୍ଟର ସହ ବୋମା ଖଞ୍ଜିଥିଲେ। ପ୍ରଶାସନ ତରଫରୁ ଏହାକୁ ଉଦ୍ଧାର କରି ନିଷ୍କ୍ରିୟ କରାଯାଇଛି। ଏହି ଖବର ଜିଲାରେ ଚହଳ ପକାଇଛି। ପୋଲିସ ପ୍ରଶାସନ କୋମ୍ବିଂ ଅପରେଶନକୁ ଜୋରଦାର୍ କରିଦେଇଛି।

ପ୍ରକାଶ ଯେ, ଆସନ୍ତା ମାସ ୧୧ତାରିଖ ନୂଆପଡା ଜିଲାରେ ସାଧାରଣ ନିର୍ବାଚନ ହେବ। ଏହି ଦିନ ଜିଲାର ଦୁଇଗୋଟି ବିଧାନସଭା ନିର୍ବାଚନମଣ୍ଡଳୀର ମୋଟ ୬୦୪ଟି ବୁଥରେ ଭୋଟ ଗ୍ରହଣ ସକାଶେ ଜିଲା ପ୍ରଶାସନ ସମସ୍ତ ପ୍ରକ୍ରିୟା ଶେଷ କରିଛି। ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ ତରଫରୁ ସଜବାଜ ଆରମ୍ଭ ହୋଇଛି। ହେଲେ ଜିଲାରେ ଅନ୍ୟପଟେ କରିଡର କରି ରହିଥିବା ମାଓବାଦୀମାନେ ପ୍ରଶାସନ କେମିତି ନିର୍ବାଚନ କରିବ ସେଥିପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛନ୍ତି। ଜିଲାପୋଲିସ ବାହିନୀ ହୋଲି ପାଇଁ ପ୍ରସ୍ତୁତି ଚଳାଇଥିବା ସମୟରେ ଗୁରୁବାର ବିଳମ୍ବିତ ରାତିରେ ଟାନୱାଟ ଛକ, ସାରାବଙ୍ଗ- ଭଇଁଷମୁଣ୍ଡି ଛକ, ଡୁମେରପାଣି ଛକରେ ମାଓବାଦୀମାନେ ପୋଷ୍ଟର ଲଗାଇଥିଲେ। ଟାନୱାଟ ଗେଟ ସମ୍ମୁଖରେ ଅଡିଓଟେପ ଯନ୍ତ୍ର ବାନ୍ଧିଥିବାବେଳେ ନିକଟରେ ଥିବା ବରଗଛତଳେ ବୋମା ଖଞ୍ଜି ଚାଲିଯାଇଥିଲେ। ଏଥିରେ ଜିଲା ବ୍ୟାପୀ ସବୁବେଳେ ସବୁଜାଗାରେ ଉପସ୍ଥିତି ରଖିଥିବା ଜାହିର କରିଥିବାବେଳେ ଚଳିତ ନିର୍ବାଚନକୁ ବିରୋଧ କରି ବର୍ଜନ କରିବାକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ମାଓବାଦୀ ଲୋକଙ୍କୁ ଅପିଲ କରିଛି। ପୋଲିସ ଏହାକୁ ଚତୁରତାର ସହ ଜବତ କରିଥିବାବେଳେ ବୋମାକୁ ନଷ୍ଟ କରିଥିବା ପ୍ରକାଶ। ସୂଚନାଯୋଗ୍ୟ ଯେ, ପ୍ରଶାସନ ତରଫରୁ ଜିଲାବ୍ୟାପୀ ମୋଟ ୮୦ଟି ବୁଥକୁ ମାଓବାଦୀ ପ୍ରବଣ ବୋଲି ଚିହ୍ନଟ କରିଥିବାବେଳେ ସେଗୁଡିକରେ କିପରି ସଫଳ ଭାବେ ମତଦାନ କରାଯିବ ସେଥିପାଇଁ ପ୍ରସ୍ତୁତି କରାଯାଉଥିବା ଏକ ଖବରଦାତା ସମ୍ମିଳନୀରେ ଜିଲାପାଳ ଡା. ପୋମା ଟୁଡୁ ସୂଚନା ଦେଇଛନ୍ତି। ତେବେ ନିର୍ବାଚନକୁ କିପରି ପ୍ରଶାସନ ପରିଚାଳନା କରୁଛି ତାହା ଏକ ପ୍ରଶ୍ନବାଚୀ ହୋଇପଡିଛି।



ଟାନୱାଟ ଛକରେ ଟଙ୍ଗାଯାଇଥିବା ମାଓବାଦୀ ବ୍ୟାନର।



ଟାନୱାଟ ଗେଟ ସମ୍ମୁଖରେ ଝୁଲାହୋଇଥିବା ଅଡିଓ ଟେପ।

## ବଡ଼ମ୍ବା ବିଧାୟକ ଦେବୀ ମିଶ୍ରଙ୍କୁ ବିରୋଧ

**ଭୁବନେଶ୍ୱର, ୨୩।୩(ବ୍ୟୁରୋ)**

ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କୁ ନିଜ ନିର୍ବାଚନମଣ୍ଡଳୀର ବିଜେଡି କର୍ମୀଙ୍କ ରୋଷର ଶିକାର ହେବାକୁ ପଡିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କେତେକ କର୍ମୀ ଭେଟି ଦେବୀଙ୍କ ବିରୋଧରେ ଫେରାଦ ହୋଇଛନ୍ତି। କର୍ମୀମାନେ ନବୀନ ନିବାସ ସମ୍ମୁଖରେ ଏକାଠି ହୋଇ ବିଧାୟକ ମିଶ୍ରଙ୍କ ବିରୋଧରେ ବିଷୋଦ୍‌ଗାର କରିବା ସହ ସ୍ଲୋଗାନ ଦେଇଥିଲେ। 'ଆମେ ନବୀନ ଚାହୁଁ, ଦେବୀ ମିଶ୍ର ନୁହେଁ' ବୋଲି ଲେଖାଥିବା ବ୍ୟାନର ଧରି ବଡମ୍ବା-ନରସିଂହପୁରର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆସିଥିବା କର୍ମୀମାନେ ସ୍ଥାନୀୟ ସଂଗଠକ ପ୍ରତାପ ବେହେରାଙ୍କ ସମର୍ଥକ ବୋଲି ସୂତ୍ରରୁ ପ୍ରକାଶ। ୨୦୧୭ରେ ହୋଇଥିବା ପଞ୍ଚାୟତ ନିର୍ବାଚନରେ କଟକ ଜିଲା ବଡମ୍ବାରେ ବିଜେଡି ଧରାଶାୟୀ ହୋଇଥିଲା। ସେହିପରି କେନ୍ଦୁଝର ଜିଲା ଆନନ୍ଦପୁରରେ ନାରାୟଣ ଜେନାଙ୍କୁ ପ୍ରାର୍ଥୀ କରିବା ପାଇଁ କେତେକ ସମର୍ଥକ ନବୀନ ନିବାସ ଆସି ନବୀନଙ୍କୁ ଅନୁରୋଧ କରିଥିଲେ। ମୟୂରଭଞ୍ଜ ଜିଲା ମୋରଡାର ଆଦିତ୍ୟ କୁମାର ପଣ୍ଡା, ଛତିଶଚନ୍ଦ୍ର ଧଳ ପ୍ରମୁଖ ନବୀନଙ୍କୁ ସ୍ଥାନୀୟ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିବା ପାଇଁ ଅନୁରୋଧ କରିଛନ୍ତି।

# ବିଜେଡି ପ୍ରାର୍ଥୀଙ୍କୁ ହତ୍ୟା ଧମକ

**ଦଶପଲ୍ଲା, ୨୩।୩(ଡି.ଏନ.ଏ.)**

ନୟାଗଡ ଜିଲା ଦଶପଲ୍ଲାରେ ମାଓବାଦୀଙ୍କ ୨ଟି ଧମକପୂର୍ଣ୍ଣ ପୋଷ୍ଟର ଜବତ ହୋଇଛି। ମାଓବାଦୀମାନେ ଚଳିତ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ଦଶପଲ୍ଲାର ବିଜେଡି ବିଧାୟକ ପ୍ରାର୍ଥୀ ଏବଂ ଥାନା ଆଇଆଇସିଙ୍କୁ ହତ୍ୟା ଧମକ ଦେଇଛନ୍ତି।

ପ୍ରକାଶ ଯେ, ଦଶପଲ୍ଲା ବ୍ଲକଠାରୁ ୮ କିମି ଦୂର ପର୍ଯ୍ୟଟନ କ୍ଷେତ୍ର କୁଆଁରିଆ ଓ ମୃଗବିହାରଠାରେ ମାଓବାଦୀ ପୋଷ୍ଟର ଲଗାଯାଇଥିବା ହୋଲି ଦିନ ସକାଳେ ଦେଖିବାକୁ ମିଳିଥିଲା। ମୃଗବିହାର ସମ୍ମୁଖସ୍ଥ ବାଡ଼ ଏବଂ କୁଆଁରିଆ ବଙ୍ଗଳା ନିକଟସ୍ଥ ଏକ ଫଳକ ଉପରେ ମାଓବାଦୀ ପୋଷ୍ଟର ମରାଯାଇଥିବା ଖବରପାଇ ପୋଲିସ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ତାକୁ ଜବତ କରିଛି।

ମାଓବାଦୀଙ୍କ ନାମରେ ଲିଖିତ ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି ଯେ, ଦଶପଲ୍ଲାର ବିଜେଡି ଟିକେଟ ପାଇଥିବା ରମେଶ ବେହେରାଙ୍କୁ ତୁରନ୍ତ ହତ୍ୟା କରାଯିବ, ଆମେ ଜନସାଧାରଣଙ୍କୁ ଜଣାଇଦେଲୁ ଦଶପଲ୍ଲା ଥାନା ଜେଲ କୋର୍ଟ ଉଡେଇ ଦିଆଯିବ, ଗଣିଆ ଥାନା, ଦଶପଲ୍ଲା ଥାନା, ମହୀପୁର ଥାନା, ନୂଆଗାଁ ଥାନାକୁ ଆସନ୍ତା ୨୫ ତାରିଖ ଠାରୁ ଏପ୍ରିଲ ୧୦ ଭିତରେ ଆମେ ଆସିବୁ ବୋଲି ଚେତାବନୀ ଦେଇଛନ୍ତି। ଏଥିସହ ଦଶପଲ୍ଲା ଆଇଆଇସି ବିଶ୍ୱଜିତଙ୍କୁ ଉଡେଇ ଦିଆଯିବ, ଆମେ ଦଶପଲ୍ଲା ଜଙ୍ଗଲରେ ଅଛୁ, ସିପିଆଇ ମାଓବାଦୀ ଏବଂ ସିପିଆଇ(ଏମ୍) ବୋଲି ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ଦଶପଲ୍ଲା ଥାନା ଆଇଆଇସି ବିଶ୍ୱଜିତ ରାଉତରାୟଙ୍କୁ ପଚାରିବାରେ ସେ କୁହନ୍ତି, କୁଆଁରିଆ ଡ୍ୟାମ ନିକଟରୁ ହାତ ଲେଖା ଦୁଇଟି ମାଓବାଦୀ ପୋଷ୍ଟର ଜବତ କରାଯାଇଛି ଏବଂ ତଦନ୍ତ ଜାରି ରହିଛି।



**ଦଶପଲ୍ଲାରେ ମାଓବାଦୀ ପୋଷ୍ଟର**

■ ଭାଜପାରୁ ପ୍ରାର୍ଥୀ ହେଲେ ଦେବରାଜ

## ସରୋଜ ସମର୍ଥକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା

**ଆସିକା, ୨୩।୩ (ଡି.ଏନ୍.ଏ.)**



ଦେବରାଜ ମହାନ୍ତି।

ଆସିକା ବିଧାୟକ ଦେବରାଜ ମହାନ୍ତିଙ୍କୁ ପ୍ରାର୍ଥୀ ହେବା ଲାଗି ବିଜେଡି ଟିକେଟ ଦେଇ ନ ଥିବାରୁ ସେ ବିଜେଡିରୁ ଇସ୍ତଫା ଦେଇ ବୁଧବାର ଭାଜପାରେ ସାମିଲ ହୋଇଥିଲେ। ଭାଜପା ତାଙ୍କୁ ଆସିକା ବିଧାନସଭା ଆସନରୁ ପ୍ରାର୍ଥୀ କରିଛି। ଏହା ପୂର୍ବରୁ ଭାଜପା ପକ୍ଷରୁ ପ୍ରକାଶ ପାଇଥିବା ତାଲିକାରେ ପୂର୍ବତନ ବିଧାୟକ ସରୋଜ କୁମାର ପାଢୀଙ୍କୁ ଦଳ ପ୍ରାର୍ଥୀ କରିଥିଲା। ଦେବରାଜ ଦଳରେ ସାମିଲ ହେବା ପରେ ପ୍ରାର୍ଥୀ ବଦଳାଯାଇଥିବାରୁ ସରୋଜଙ୍କ ସମର୍ଥକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶନିବାର ଅପରାହ୍ନରେ ସରୋଜ ଆସିକାରେ ପହଞ୍ଚିବା ପରେ ତାଙ୍କ ବାସଭବନରେ ସମର୍ଥକଙ୍କ ଭିଡ଼ ଜମିଥିଲା। ସମର୍ଥକମାନେ ତାଙ୍କୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଏହି ଆସନରେ ଲଢ଼ିବା ଲାଗି ଚାପ ପକାଉଥିବା ଜଣାପଡିଛି। ରବିବାର ଅପରାହ୍ନରେ ପୁଣି ସମର୍ଥକମାନଙ୍କ ସହ ଆଲୋଚନା କରି ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବେ ବୋଲି ସରୋଜ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଭାଜପା ପକ୍ଷରୁ ଦେବରାଜଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ତାଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି। ଅନ୍ୟପଟେ ଯୁବ ଭାଜପା ନେତା ନାରାୟଣ ବେହେରା ଦୀର୍ଘବର୍ଷ ଧରି ଭାଜପା ସଙ୍ଗଠନରେ ରହି ଗତ ବିଧାନସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହୋଇଥିଲେ। ଚଳିତ ନିର୍ବାଚନରେ ପ୍ରାର୍ଥୀ ହେବାରୁ ସେ ବଞ୍ଚିତ ହୋଇଛନ୍ତି।

■ ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନନ୍ତଙ୍କୁ ଭାଜପା ଟିକେଟ

# ବିଦ୍ରୋହ ସୂଚନା ଦେଲେ ବାସୁଦେବ

**ବଲାଙ୍ଗୀର ଅଫିସ, ୨୩।୩**

ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀ ସକାଶେ ଭାଜପା ତରଫରୁ ଚଳିତ ଥର ନୂଆ ଚେହେରା ଭାବେ ଅନନ୍ତ ଦାଶଙ୍କୁ ଦଳୀୟ ଟିକେଟ ଦିଆଯାଇଛି। ଫଳରେ ଭାଜପାରୁ ଦୁଇଥର ପ୍ରାର୍ଥୀ ହୋଇଥିବା ଓ ଏଥର ଟିକେଟ ପାଇଁ ପ୍ରମୁଖ ଦାବିଦାର ଥିବା ଡା. ପତି ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। ଶନିବାର ସନ୍ଧ୍ୟାରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏକ ଖବରଦାତା ସମ୍ମିଳନୀ ଡାକି ଦଳୀୟ କେତେଜଣ ନେତାଙ୍କ ଚକ୍ରାନ୍ତ ଯୋଗୁ ସେ ଟିକେଟରୁ ବଞ୍ଚିତ ହୋଇଥିବା କହିଛନ୍ତି। ୨୦୦୯ ନିର୍ବାଚନରେ ସେ ଭାଜପା ପ୍ରାର୍ଥୀ ଭାବେ ପ୍ରାୟ ୩୩ ହଜାର ଓ ୨୦୧୪ରେ ୩୬ ହଜାର ଭୋଟ୍ ପାଇଥିଲେ। ଚଳିତ ନିର୍ବାଚନ ପାଇଁ ଦଳୀୟ ସର୍ଭେ ସମୟରେ ତାଙ୍କୁ ଟିକେଟ ଦିଆଯିବାକୁ ସବୁସ୍ତରରୁ ସୁପାରିଶ କରାଯାଇଥିଲା। ଦିଲ୍ଲୀରୁ ତାଙ୍କ ନାଁରେ ଟିକେଟ ଆସିବା ସତ୍ତ୍ୱେ ପ୍ରାଦେଶିକ ସ୍ତରରେ ଚକ୍ରାନ୍ତ କରାଯାଇ ତାଙ୍କୁ ଉପେକ୍ଷା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏଭଳିକି ବଲାଙ୍ଗୀର ଓ ପାଟଣାଗଡ ବିଧାନସଭା କ୍ଷେତ୍ରରେ କଂଗ୍ରେସ ସହ ଭାଜପା ବିପଜ୍ଜନକ ଚୁକ୍ତି କରିଛି ଓ ଏହି କାରଣରୁ ତାଙ୍କ ଟିକେଟ କଟାଯାଇ ଭାଜପା ଏକ ଦୁର୍ବଳ ପ୍ରାର୍ଥୀ ଦେଇଛି ବୋଲି ସେ ଅଭିଯୋଗ କରିଛନ୍ତି। ରବିବାର ଦେଓଗାଁ ବ୍ଲକ୍‌ରେ ଓ ବଲାଙ୍ଗୀରରେ ଦୁଇଟି କର୍ମୀ ସମାବେଶ କରି ସେ ଏକ ବଡଧରଣର ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପା ବଲାଙ୍ଗୀର ପାର୍ଟି ଅଫିସ ଜମିକିଣା ପ୍ରସଙ୍ଗ ଉଠାଇ ଏହି ଜମି କିଣା ଦୁର୍ନୀତିରେ ଅନନ୍ତ ସଂଶ୍ଳିଷ୍ଟ ଅଛନ୍ତି ବୋଲି ପତି ଅଭିଯୋଗ କରିଥିଲେ। ଏହି ମାମଲା କୋର୍ଟରେ ବିଚାରଧୀନ ଥିବା ସତ୍ତ୍ୱେ ତାଙ୍କୁ ଦଳ ଟିକେଟ ଦେଇ ଦୁର୍ନୀତିକୁ ସମର୍ଥନ କରିଛି ବୋଲି ସେ ଅଭିଯୋଗ କରିଛନ୍ତି। ଏ ନେଇ ଅନନ୍ତଙ୍କୁ ପଚାରିବାରୁ ତାଙ୍କ ବିରୋଧରେ କୌଣସି ଜମି କିଣା ଅଭିଯୋଗ ନାହିଁ ବୋଲି କହିଛନ୍ତି।

## ଟିକେଟ ଆଶା ମଉଳିଲା, ଭାଜପା ଛାଡ଼ିଲେ ରାମକୃଷ୍ଣ

**ବରଗଡ଼ ଅଫିସ, ୨୩।୩**



ଡା.ରାମକୃଷ୍ଣ ପୁରୋହିତ।

ପ୍ରାର୍ଥୀ ତାଲିକା ଘୋଷଣା ପରେ ଭାଜପାରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଶନିବାର ଦଳର ସ୍ୱାସ୍ଥ୍ୟସେଲ୍ ରାଜ୍ୟ ସଂଯୋଜକ ଡା. ରାମକୃଷ୍ଣ ପୁରୋହିତ ଭାଜପାରୁ ଇସ୍ତଫା ଦେଇଛନ୍ତି। ସେ ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ନିକଟକୁ ମେଲ୍ ଯୋଗେ ନିଜ ଇସ୍ତଫା ସମ୍ପର୍କରେ ସୂଚନା ଦେଇଥିବା କହିଛନ୍ତି। ଦଳ ଛାଡ଼ିବାକୁ ନେଇ ରାମକୃଷ୍ଣ ପୁରୋହିତ କହିଛନ୍ତି, ଦଳର ନୀତି, ଆଦର୍ଶ ଦେଖି ସେ ଗତ ୨୦୧୪ ସାଧାରଣ ନିର୍ବାଚନ ପରେ ଭାଜପାରେ ଯୋଗଦେଇଥିଲେ। ମାତ୍ର ଏହି ଦଳରେ ଆଉ ନୀତି, ଆଦର୍ଶ ନାହିଁ। ଏପରିକି ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଦଳର ନୀତି, ଆଦର୍ଶକୁ ଭୁଲି ଗଲେଣି। ଏଠାରେ ନିର୍ବାଚନ ଦଳ ପାଇଁ ଆଦର୍ଶ ହୋଇଛି। ଯେଉଁମାନେ ନିର୍ବାଚନ ପାଇଁ ଟିକେଟ୍ ବାଣ୍ଟିବା କମିଟିରେ ଅଛନ୍ତି, ସ୍ୱାର୍ଥସାଧନ ପାଇଁ ସେମାନେ ନିଜେ ହିଁ ଟିକେଟ୍ ହାତେଇ ନେଉଛନ୍ତି। ବାରମ୍ବାର ହାରିଥିବା ତଥା ଜିଲା ବାହାରର ଜଣଙ୍କୁ ବରଗଡ଼ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ କରାଯାଇଛି। ଏହି ଦୃଷ୍ଟିରୁ ଆଗକୁ ପାର୍ଟି କିମ୍ବା ଦଳ ପାଇଁ ତୃଣମୂଳସ୍ତରରେ କାମ କରୁଥିବା କର୍ମୀଙ୍କ ଆଉ କିଛି ଭବିଷ୍ୟତ ନାହିଁ। ଫଳରେ ସେ ଦଳରୁ ଇସ୍ତଫା ଦେଇଛନ୍ତି ଏବଂ କୌଣସି ଦଳରେ ନ ରହି ମଧ୍ୟ ସେ ଜଣେ ଡାକ୍ତର ଭାବେ ଜନସାଧାରଣଙ୍କୁ ସେବା ଯୋଗାଇ ପାରିବେ ବୋଲି ଡା. ପୁରୋହିତ କହିଥିଲେ। ତେବେ ତାହା ଡା. ପୁରୋହିତଙ୍କ ବ୍ୟକ୍ତିଗତ ନିଷ୍ପତ୍ତି ଏବଂ ତାଙ୍କ ଇସ୍ତଫା ଦଳ ଉପରେ ଆଦୌ ପ୍ରଭାବ ପକାଇବ ନାହିଁ ବୋଲି ଭାଜପା ବରଗଡ଼ ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ କହିଛନ୍ତି।

# ବୈଠକରେ କଂଗ୍ରେସ କର୍ମୀଙ୍କ ଗଣ୍ଡଗୋଳ, ହାତାହାତି

**ସଜନାଗଡ଼, ୨୩।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବିଧାନସଭା କ୍ଷେତ୍ର ପାଇଁ ମନୋଜା ମଞ୍ଜରୀ ଦେବୀଙ୍କୁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି। ଅନ୍ୟପକ୍ଷରେ ଶନିବାର ସ୍ଥାନୀୟ ଏନ୍‌ଏସି କଲ୍ୟାଣମଣ୍ଡପରେ 'ନବନିର୍ମାଣ ଏବଂ କାର୍ଯ୍ୟକର୍ତ୍ତା ସଶକ୍ତୀକରଣ ସମ୍ବାଦ' ଶୀର୍ଷକ ଏକ ବୈଠକ ଆୟୋଜିତ ହୋଇଥିଲା। ଏନ୍‌ଏସି ସଭାପତି ରଘୁନାଥ ସିଂହ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟ ଏବଂ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ବହୁ ସମର୍ଥକ ଉପସ୍ଥିତ ରହି ଦଳର ସଙ୍ଗଠନ ବାବଦରେ ଆଲୋଚନା କରୁଥିଲେ। ଏହି ସମୟରେ ମନୋଜା ମଞ୍ଜରୀ ସମର୍ଥକଙ୍କ ସହ ଆସି ବୈଠକ ସ୍ଥଳରେ ପହଞ୍ଚିଥିଲେ। ଫଳରେ ଦଳର ଅସନ୍ତୁଷ୍ଟ କର୍ମୀ ଓ ପ୍ରାର୍ଥୀଙ୍କ ସମର୍ଥକମାନେ ମୁହାଁମୁହିଁ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ନୀଳଗିରି ବ୍ଲକର ଜଣେ ପୂର୍ବତନ ବ୍ଲକ ସଭାପତି ମଞ୍ଚକୁ ଯାଇ ମାଇକ୍ରୋଫୋନ୍ ଛଡ଼ାଇ ଆଣିଥିଲେ। ଏ ନେଇ ଉଭୟ ପକ୍ଷଙ୍କ ସମର୍ଥକଙ୍କ ମଧ୍ୟରେ ଠେଲାପେଲା ଓ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଭଳି ବିଶୃଙ୍ଖଳା ଦେଖି ନେତାମାନେ ଅଧାରୁ ବୈଠକ ବନ୍ଦ କରି ଦେଇଥିଲେ। ଦଳର ଅସନ୍ତୁଷ୍ଟ ଗୋଷ୍ଠୀ ଏ ନେଇ ରାଜ୍ୟ ନେତୃତ୍ୱ ପାଖରେ ଫେରାଦ ହେବେ ବୋଲି କହିଛନ୍ତି। ମନୋଜା ମଞ୍ଜରୀ କହିଥିଲେ, ସେ ଦଳର କର୍ମୀ ଓ ବରିଷ୍ଠ ନେତାଙ୍କ ସହ ମିଶି ନୀଳଗିରିବାସୀଙ୍କ ସେବା କରିବାକୁ ଚାହୁଁଛନ୍ତି। ତେବେ ଆଜିର ଘଟଣା ସମ୍ପର୍କରେ ରାଜ୍ୟ ନେତୃତ୍ୱଙ୍କ ସହ ଆଲୋଚନା କରିବେ।




ବୈଠକରେ ବିଧାୟକ ପ୍ରାର୍ଥିନୀ ମନୋଜା ମଞ୍ଜରୀ ଦେବୀ ବକ୍ତବ୍ୟ ଦେଉଥିବାବେଳେ ଅସନ୍ତୁଷ୍ଟ କର୍ମୀଙ୍କ ବିରୋଧ।

## କଂଗ୍ରେସ ଛାଡ଼ିଲେ ପୂର୍ବତନ ବିଧାୟକ ଦେବୀପ୍ରସନ୍ନ

**ବାଲେଶ୍ୱର ଅଫିସ, ୨୩।୩**

ବାଲେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜଳେଶ୍ୱର ବିଧାନସଭା କ୍ଷେତ୍ରର ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଦେବୀପ୍ରସନ୍ନ ଚାନ୍ଦ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ଶନିବାର ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏହି ସୂଚନା ଦେଇ ବର୍ତ୍ତମାନ ଦଳର କାର୍ଯ୍ୟକ୍ରମକୁ ସମାଲୋଚନା କରିଥିଲେ। ବର୍ତ୍ତମାନର କଂଗ୍ରେସ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ନ ଥିବା ଉପଲବ୍ଧି କରି ସେ ଦଳ ଛାଡୁଥିବା ପ୍ରକାଶ କରିଥିଲେ। ଚାନ୍ଦ କହିଥିଲେ, ୧୯୯୨ଠାରୁ କଂଗ୍ରେସର ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ କାର୍ଯ୍ୟ କରିଆସୁଥିଲେ। ଦଳକୁ ବ୍ୟବସାୟୀକରଣ କରାଯିବା ଯୋଗୁ ସେ କିଛି କାର୍ଯ୍ୟ କରିପାରୁ ନ ଥିଲେ। ଦଳର ଠିକାଦାରମାନଙ୍କ ଜୁଲମ୍ ଚାଲିଛି ବୋଲି ସେ ଅଭିଯୋଗ କରି ବସ୍ତା, ଜଳେଶ୍ୱର, ସଦର ନିର୍ବାଚନମଣ୍ଡଳୀରୁ ବହୁ କଂଗ୍ରେସ କର୍ମୀ ଇସ୍ତଫା ଦେବେ ବୋଲି ସେ ସୂଚନା ଦେଇଥିଲେ। ପୂର୍ବତନ କଂଗ୍ରେସ ସଙ୍ଗଠକ ଲକ୍ଷ୍ମଣ ଜେନା, ବରିଷ୍ଠ ନେତା ରମେଶ ଦାସ, ଲକ୍ଷ୍ମଣ ପାତ୍ର, ଯୁବ ସଙ୍ଗଠକ ବ୍ୟତିକେଶ ପରିଡ଼ା ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସେ କେଉଁ ଦଳରେ ଯୋଗ ଦେବେ ବୋଲି ପ୍ରଶ୍ନ କରାଯିବାରୁ ବର୍ତ୍ତମାନ ସେନେଇ କୌଣସି ସିଦ୍ଧାନ୍ତ ନିଆଯାଇନାହିଁ ବୋଲି ଚାନ୍ଦ ପ୍ରକାଶ କରିଥିଲେ।



# ଭାଜପା: ଟିକେଟ ନ ମିଳିବାରୁ ଅସନ୍ତୋଷ



ଦୋଳଗୋବିନ୍ଦ ନାୟକଙ୍କୁ କେନ୍ଦ୍ରାପଡ଼ା ଜିଲା ଆଳି ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ କରାଯିବା ପ୍ରତିବାଦରେ ଭୁବନେଶ୍ୱରସ୍ଥିତ ଦଳୀୟ ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।



କନ୍ଧମାଳ ଜିଲା ଜି.ଉଦୟଗିରି ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ପକ୍ଷରୁ ଅର୍ଚ୍ଚନା ନାୟକଙ୍କୁ ପ୍ରାର୍ଥୀ କରାଯିବା ପ୍ରତିବାଦରେ ଭୁବନେଶ୍ୱରସ୍ଥିତ ଦଳୀୟ ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।



ମିଳନ ସେଠ୍‌ଙ୍କୁ ବରଗଡ଼ ଜିଲା ଅତାବିରା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ କରାଯିବା ପ୍ରତିବାଦରେ ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।



କେନ୍ଦ୍ରାପଡ଼ା ଜିଲା ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ଅଲେଖ ଜେନାଙ୍କୁ ଭାଜପା ପ୍ରାର୍ଥୀ କରିବା ପ୍ରତିବାଦରେ ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ।







ଭୁବନେଶ୍ୱର-ଏକାମ୍ର ବିଧାନସଭା ନିର୍ବାଚନମଣ୍ଡଳୀର ନେତା ଅମିୟ ଦାଶଙ୍କୁ ଉପେକ୍ଷା କରି ବାବୁ ସିଂଙ୍କୁ ଭାଜପା ପକ୍ଷରୁ ଟିକେଟ ଦିଆଯିବା ପ୍ରତିବାଦରେ ରାଜ୍ୟ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ।

## ନବୀନ ନିବାସରେ ଭିଡ଼

























ବିଜେଡି ପକ୍ଷରୁ ବହୁ ଆସନରେ ପ୍ରାର୍ଥୀ ଘୋଷଣା ହୋଇ ନ ଥିବାବେଳେ ଶନିବାର ନବୀନ ନିବାସରେ ଆଶାୟୀ, ଦଳୀୟ ନେତା ଓ ଦଳବଦଳ କରି ଆସିଥିବା ନେତାମାନେ।




କଟକ ଜିଲାର ବଡ଼ମ୍ବା ବିଧାନସଭା ନିର୍ବାଚନମଣ୍ଡଳୀରେ ଦେବୀ ପ୍ରସାଦ ମିଶ୍ରଙ୍କୁ ବିଜେଡି ଟିକେଟ ନ ଦେବା ପାଇଁ ଦାବି କରି ନବୀନ ନିବାସ ଆସିଥିବା ସ୍ଥାନୀୟ ଅଞ୍ଚଳର କର୍ମୀ।



ଅନୁଗୋଳ ଜିଲାର ପାଲଲହଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ମହେଶ ସାହୁଙ୍କୁ ବିଜେଡି ଟିକେଟ ନ ଦେବା ପାଇଁ ଦାବି କରି ନବୀନ ନିବାସ ଆସିଥିବା ସ୍ଥାନୀୟ ଅଞ୍ଚଳର ନେତା ଓ କର୍ମୀ।

## କଂଗ୍ରେସ





ରଶ୍ମିରେଖା ମହାପାତ୍ରଙ୍କୁ କଂଗ୍ରେସ ତରଫରୁ ଭୁବନେଶ୍ୱର-ଏକାମ୍ର ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ କରାଯିବା ବିରୋଧରେ ଶନିବାର ସନ୍ଧ୍ୟାରେ ଭୁବନେଶ୍ୱର କଂଗ୍ରେସ ଭବନରେ ହୋଇଥିବା ଭଙ୍ଗାରୁଜା।

### ଟିକେଟ ନ ମିଳିବାରୁ ତୁମ୍ବୂଳକାଣ୍ଡ

# କଂଗ୍ରେସ ଭବନରେ ବ୍ୟାପକ ଭଙ୍ଗାରୁଜା

**ଭୁବନେଶ୍ୱର,୨୩।୩ (ବ୍ୟୁରୋ)**

ଟିକେଟ ଘୋଷଣା ହେବା ପରଠାରୁ ଅନ୍ୟ ଦଳ ଭଳି କଂଗ୍ରେସର ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଚରମସୀମାରେ ପହଞ୍ଚିଛି। ଏକାମ୍ର ଭୁବନେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ରଶ୍ମିରେଖା ମହାପାତ୍ରଙ୍କୁ ଦଳ ପ୍ରାର୍ଥୀ ଘୋଷଣା କରିଛି। ମାତ୍ର ଏହାକୁ ଅନ୍ୟ ଏକ ଗୋଷ୍ଠୀ ତୀବ୍ର ବିରୋଧ କରିଛି। ଜଣେ ଟିକେଟ ଆଶାୟୀଙ୍କ ସମର୍ଥକମାନେ ଶନିବାର ରାତି ପ୍ରାୟ ୮ଟାରେ କଂଗ୍ରେସ ଭବନରେ ପଶି ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ସେମାନେ ରାହୁଲ ଗାନ୍ଧୀ ଓ ରାଜ୍ୟ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବିରୋଧରେ ସ୍ଲୋଗାନ ଦେବା ସହ କଂଗ୍ରେସ ଭବନ ମୁଖ୍ୟ ଗେଟ୍ ତାଲା ଭାଙ୍ଗି ଭିତରେ ପଶିଥିଲେ। କମ୍ପ୍ୟୁଟର, ଚେୟାର, ଟେବୁଲ ଓ ବିଭିନ୍ନ ସାମଗ୍ରୀକୁ ଫିଙ୍ଗାଫୋପଡ଼ା କରିବା ସହ ଭାଙ୍ଗି ଦେଇଥିଲେ। ଏପରିକି କଂଗ୍ରେସ ଭବନ ସମ୍ମୁଖରେ ଲାଗିଥିବା ପୋଷ୍ଟର ଓ ବ୍ୟାନର ଚିରି ଦେଇଥିଲେ। ଖବର ପାଇ କ୍ୟାପିଟାଲ ଥାନା ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଅନ୍ୟପକ୍ଷରେ କଂଗ୍ରେସର କେତେଜଣ ବରିଷ୍ଠ ନେତା ଓ କର୍ମୀମାନେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ସେମାନେ ଟିକେଟ ବଣ୍ଟନକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ କଂଗ୍ରେସ ଜିଲା ସଭାପତିଙ୍କ କାର୍ଯ୍ୟଧାରାକୁ ବିରୋଧ କରି ନାନା ଅଭିଯୋଗ ଆଣିଥିଲେ। ଏହାକୁ ନେଇ ଦୀର୍ଘ ସମୟ ଧରି କଂଗ୍ରେସ ଭବନ ପରିସରରେ ଉତ୍ତେଜନାତ୍ମକ ପରିସ୍ଥିତି ଲାଗି ରହିଥିଲା। ଏ ନେଇ କ୍ୟାପିଟାଲ ଥାନା ଅଧିକାରୀ ଗିରିଜାଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି, ଘଟଣା ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ଆସିଲେ ତଦନ୍ତ କରାଯିବ। ତେବେ ଉତ୍ତେଜନାଠାରୁ କଂଗ୍ରେସ ଭବନ ନିକଟରେ ପୋଲିସ ମୁତୟନ କରାଯାଇଛି।

### ପାଟଣା ଆସନ ପାଇଁ ପ୍ରାର୍ଥୀ ଘୋଷଣା ପରେ କର୍ମୀଙ୍କ ବିରୋଧ

# ଭାଜପା ଜିଲା କାର୍ଯ୍ୟାଳୟରେ ତାଲା ପକାଇ ଭଙ୍ଗାରୁଜା

**କେନ୍ଦୁଝର, ୨୩।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଭାବେ ଭବାନୀ ଶଙ୍କର ନାୟକଙ୍କ ନାମ ଘୋଷଣା ପରେ ବିଦ୍ରୋହ ଦେଖାଦେଇଛି। ପ୍ରାର୍ଥୀ ଚୟନ ନେଇ ଅସନ୍ତୁଷ୍ଟ ଥିବା କର୍ମୀମାନେ ଶନିବାର ଅପରାହ୍ଣରେ ଜିଲା ଭାଜପା କାର୍ଯ୍ୟାଳୟରେ ଭଙ୍ଗାରୁଜା କରିବା ସହ ତାଲା ପକାଇ ଧାରଣା ଦେଇଛନ୍ତି। ଫଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ଘଟଣା ସମ୍ପର୍କରେ ଜିଲା ସଭାପତି ରାଧାକାନ୍ତ ମହାନ୍ତ କହିଛନ୍ତି, ଗଣ୍ଡଗୋଳ ଖବର ପାଇଛି। ପ୍ରାର୍ଥୀ ଚୟନକୁ ନେଇ ଦଳରେ ଅସନ୍ତୋଷ ଦେଖାଦେଇଛି। ପ୍ରାର୍ଥୀ ଚୟନ ନିଷ୍ପତ୍ତି ଉପରସ୍ତରରେ ହୋଇଛି। ଜଣେ ଶିକ୍ଷିତ ପ୍ରାର୍ଥୀ ଭାବେ ଅଖିଳ ନାୟକଙ୍କୁ ପ୍ରାର୍ଥୀ କରା ନ ଯିବାରୁ ତାଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବର୍ତ୍ତମାନେ ସେ ବାହାରେ ଅଛନ୍ତି। ତେବେ ଖୁବ୍‌ଶୀଘ୍ର ସେ ଘଟଣା ଅନୁଧ୍ୟାନ କରି ଦେଖିବେ ବୋଲି ମହାନ୍ତ କହିଛନ୍ତି। ଏ ସମ୍ପର୍କରେ ଆଶାୟୀ ପ୍ରାର୍ଥୀ ଅଖିଳ ନାୟକ କହିଛନ୍ତି, ଭୋଟର ଓ କର୍ମୀ ଯାହା କହିବେ ତାହା କରିବେ। ଅନ୍ୟ କୌଣସି ଦଳକୁ ଯିବେନାହିଁ। ଆବଶ୍ୟକ ହେଲେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବେ ବୋଲି ନାୟକ କହିଛନ୍ତି।



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାରକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ



# ଏଇ ସପ୍ତାହର କାର୍ଯ୍ୟକ୍ରମ

**୨୪।୩।୨୦୧୯(ରବିବାର)**

### ଭୁବନେଶ୍ୱର

- ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ଭୁବନେଶ୍ୱର ପକ୍ଷରୁ କଲରବେଲ୍ଟ ପରୀକ୍ଷା ଓ ପୁନଃପ୍ରସ୍ତୁତ ପ୍ରଦାନ ଉତ୍ସବ, ଆର୍‌ସିଏମ୍ କଲେଜ ପରିସର, ଫରଚ୍ୟୁନ ଟାୱାର ନିକଟ, ସକାଳ ୭ଟା ୪୫।
- ସାମାଜିକ ଅନୁଷ୍ଠାନ କସ୍ତୁରୀ ପକ୍ଷରୁ ବିଶ୍ୱ ଜଳ ଦିବସରେ ସଚେତନତା କାର୍ଯ୍ୟକ୍ରମ, ସୂଚନା ଭବନ, ସକାଳ ୮ଟା।
- କଳା ଓ ସଂସ୍କୃତି ଅନୁଷ୍ଠାନ ସାଧନା ଆର୍ଟ ଆଣ୍ଡ କଲ୍‌ଚର ତରଫରୁ 'ଅନ୍ୱେଷଣ-୨୦୧୯', ସୂଚନା ଭବନ, ସକାଳ ୯ଟା ଠାରୁ ରାତି ୯ଟା।
- ଡିଭାଇନ୍ ଡ୍ୟାନ୍ସ ଓ ମ୍ୟୁଜିକ ଏକାଡେମୀର ରାଜ୍ୟସ୍ତରୀୟ ପ୍ରତିଯୋଗିତା, ଭଞ୍ଜକଳା ମଣ୍ଡପ, ସକାଳ ୯ଟା ୩୦।
- ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ସିନିୟର ସିଟିଜେନ ଆୱାର୍ଡ ପ୍ରୋଗ୍ରାମ, ଆର୍‌ସିଏମ୍ କଲେଜ, ଅପରାହ୍ନ ୫ଟା।
- ଲୋକଶକ୍ତି ଅଭିଯାନ ଓ ଜନ ଆନ୍ଦୋଳନମାନଙ୍କର ରାଷ୍ଟ୍ରୀୟ ସମନ୍ୱୟ(ଓଡ଼ିଶା) ପକ୍ଷରୁ ଆଲୋଚନାଚକ୍ର, ଲୋହିଆ ଏକାଡେମୀ, ଅପରାହ୍ନ ୫ଟା ୩୦।
- ଶ୍ୱେତ ସଂକେତ ସାରସ୍ୱତ ମଞ୍ଚର ମାସିକ ସାହିତ୍ୟ ଆସର-କବିତା କର୍ମଶାଳା, ରାଜଧାନୀ କଳା ସଂସଦ ସଭାଗୃହ, ୟୁନିଟ-୩, ସନ୍ଧ୍ୟା ୬ଟା।
- ଖାରବେଳଙ୍କ କାହାଣୀ 'ନିଶାର୍ଦ୍ଧ ଶାଳଭଞ୍ଜିକା'ର ଲୋକାର୍ପଣ ଉତ୍ସବ, ଗୀତଗୋବିନ୍ଦ ସଦନ, ସୂଚନା ଭବନ ପରିସର, ସନ୍ଧ୍ୟା ୬ଟା ୩୦।
- ଏସ୍‌ଆର୍‌ଜେଏଏନ୍ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବେଶ ପକ୍ଷରୁ ରଙ୍ଗପ୍ରବେଶ, ଉତ୍କଳ ରଙ୍ଗମଞ୍ଚ, ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସନ୍ଧ୍ୟା ୭ଟା।

### ପୁରୀ

- ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ ପକ୍ଷରୁ ରାଜ୍ୟସ୍ତରୀୟ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ, ତାଳବଣିଆ, ସକାଳ ୯ଟା।
- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦିପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

### ଖୋର୍ଦ୍ଧା

- ରାଜ୍ୟସ୍ତରୀୟ ସଂକୀର୍ତ୍ତନ ମହୋତ୍ସବର ଉଦ୍‌ଯାପନ ଉତ୍ସବ, ଭୋଗରା, ସନ୍ଧ୍ୟା ୭ଟା।

**୨୫।୩।୨୦୧୯(ସୋମବାର)**

### ପୁରୀ

- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦିପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

**୨୬।୩।୨୦୧୯(ମଙ୍ଗଳବାର)**

### କଟକ

- ବୈଶ୍ୟ ତିଳି ଜାତୀୟ ସମିତି ପକ୍ଷରୁ କ୍ୟାରମ ପ୍ରତିଯୋଗିତା, ଡଗରାପଡ଼ା, ଷ୍ଟୋନୀରୋଡ, କଟକ ଦୁର୍ଗାମଣ୍ଡପ, ପୂର୍ବାହ୍ନ ୧୧ଟା।

### ପୁରୀ

- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦିପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

**୨୮।୩।୨୦୧୯(ଗୁରୁବାର)**

### କଟକ

- ବୈଶ୍ୟ ତିଳି ଜାତୀୟ ସମିତି ପକ୍ଷରୁ କ୍ୟାରମ ପ୍ରତିଯୋଗିତା, ଡଗରାପଡ଼ା, ଷ୍ଟୋନୀରୋଡ, କଟକ ଦୁର୍ଗାମଣ୍ଡପ, ପୂର୍ବାହ୍ନ ୧୧ଟା।

### ପୁରୀ

- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦିପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

**୨୯।୩।୨୦୧୯(ଶୁକ୍ରବାର)**

### ଭୁବନେଶ୍ୱର

- ଉତ୍କଳ ବିଶ୍ୱବିଦ୍ୟାଳୟର ୪୯ତମ ସମାବର୍ତ୍ତନ ଉତ୍ସବ, ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ପୂର୍ବାହ୍ନ ୧୧।

### କଟକ

- ବୈଶ୍ୟ ତିଳି ଜାତୀୟ ସମିତି ପକ୍ଷରୁ କ୍ୟାରମ ପ୍ରତିଯୋଗିତା, ଡଗରାପଡ଼ା, ଷ୍ଟୋନୀରୋଡ, କଟକ ଦୁର୍ଗାମଣ୍ଡପ, ପୂର୍ବାହ୍ନ ୧୧ଟା।

### ପୁରୀ

- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦିପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।

**୩୦।୩।୨୦୧୯(ଶନିବାର)**

### କଟକ

- ବୈଶ୍ୟ ତିଳି ଜାତୀୟ ସମିତି ପକ୍ଷରୁ କ୍ୟାରମ ପ୍ରତିଯୋଗିତା, ଡଗରାପଡ଼ା, ଷ୍ଟୋନୀରୋଡ, କଟକ ଦୁର୍ଗାମଣ୍ଡପ, ପୂର୍ବାହ୍ନ ୧୧ଟା।

### ପୁରୀ

- ଶ୍ରୀ ଶ୍ରୀ ସତ୍ୟ ନାରାୟଣ ସମିତିର 'ବାଦିପାଲା', ଦୋଳବେଦୀ, ଲକ୍ଷ୍ମୀ ବଜାର, ସନ୍ଧ୍ୟା ୭ଟା।




ବିଶ୍ୱ ଯକ୍ଷ୍ମା ଦିବସର ଅବ୍ୟବହିତ ପୂର୍ବରୁ ଶନିବାର ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳାରେ ନର୍ସିଂ ଛାତ୍ରୀମାନେ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଗୁରୁ ପଙ୍କଜ ଚରଣ ଓଡ଼ିଶୀ ରିସର୍ଚ୍ଚ ଫାଉଣ୍ଡେଶନ ପକ୍ଷରୁ ପଙ୍କଜ ଉତ୍ସବର ଉଦ୍‌ଯାପନୀ ଦିବସରେ କୁଚିପୁଡି ନୃତ୍ୟଶିଳ୍ପୀ ବୈଜୟନ୍ତୀ କାଶୀଙ୍କୁ ମାହାରୀ ଆୱାର୍ଡ ପ୍ରଦାନ କରାଯାଉଛି।



ଭୁବନେଶ୍ୱର କଂଗ୍ରେସ ଭବନରେ ହୋଲି ଉତ୍ସବରେ ବିଧାୟକ ପ୍ରାର୍ଥୀ ସୁରେଶ ରାଉତରାୟଙ୍କୁ କର୍ମୀମାନେ ରଙ୍ଗ ବୋଳୁଛନ୍ତି।





ଶୁକ୍ରବାର ମଧ୍ୟାହ୍ନରେ ତପସ୍ୱିନୀ ଏକ୍ସପ୍ରେସ୍‌ରେ ଲାଗିଥିବା ନିଆଁକୁ ଅଗ୍ନିଶମ କର୍ମଚାରୀ ଲିଭାଉଛନ୍ତି (ବାମ)। ସାଇଣ୍ଟିଫିକ୍ ଟିମ୍‌ର ସଦସ୍ୟ ଜଳିଯାଇଥିବା ବଗିରୁ ନମୁନା ସଂଗ୍ରହ କରୁଛନ୍ତି।

## ପୁରୀ ଷ୍ଟେଶନରେ ଘଟିଥିବା ଅଗ୍ନିକାଣ୍ଡ

# ୩ ଟ୍ରେନରେ ଲାଗିଥିଲା ନିଆଁ

**ପୁରୀ ଅଫିସ,୨୩।୩**

ପୁରୀ ଷ୍ଟେଶନରେ ଏକାଧିକଥର ଅଗ୍ନିକାଣ୍ଡ ଘଟିଲାଣି। ପୁରୀ ଭଳି ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳ ରେଳ ଷ୍ଟେଶନରେ ଏହି ଅଘଟଣ ଯାତ୍ରୀଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ଅଗ୍ନିକାଣ୍ଡଜନିତ ଦୁର୍ଘଟଣା ମଧ୍ୟରୁ ୨୦୧୫ ଘଟଣା ସମସ୍ତଙ୍କୁ ଚକିତ କରିଥିଲା। କିଛି କ୍ଷଣ ଅନ୍ତରରେ ୩ଟି ଟ୍ରେନ ନନ୍ଦନ କାନନ ସୁପରଫାଷ୍ଟ ଏକ୍ସପ୍ରେସ, ପୁରୀ–ତିରୁପତି ଏକ୍ସପ୍ରେସ୍ ଏବଂ ପୁରୀ–ହାଓଡା ଏକ୍ସପ୍ରେସ୍‌ରେ ଲାଗିଥିଲା ନିଆଁ। ଏଥିରେ ୩ଟି ଟ୍ରେନର ୫ ବଗି କ୍ଷତିଗ୍ରସ୍ତ ହୋଇଥିଲା। ୭ଟି ଦମକଳ ଦ୍ୱାରା ନିଆଁକୁ ଆୟତ୍ତ କରାଯାଇଥିଲା। ଯଦିଓ କୌଣସି ଯାତ୍ରୀଙ୍କର କିଛି କ୍ଷତି ହୋଇ ନ ଥିଲା କିନ୍ତୁ ସେମାନଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିଲା। ଏହି ଘଟଣା ପରେ ଜିଆର୍‌ପି ୨ ସନ୍ଦିଗ୍ଧଙ୍କୁ ଅଟକ ରଖିଥିବା ବେଳେ ଆରପିଏଫ୍ ଜଣଙ୍କୁ ଗିରଫ କରିଥିଲା।

୨୦୧୫ ନଭେମ୍ବର ୧୨। ଏହାର ପୂର୍ବଦିନ ଦୀପାବଳି ଥିବାରୁ ପୁରୀରେ ପ୍ରାୟ ୩ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିଲା। ତେଣୁ ୧୨ ତାରିଖରେ ପୁରୀରୁ ଯାଉଥିବା ଟ୍ରେନଗୁଡିକରେ ଯାତ୍ରୀଙ୍କ ଭିଡ଼ ଲାଗି ରହିଥିଲା। ଅପରାହ୍ନ ୪ଟାରେ ନୂଆଦିଲ୍ଲୀ–ପୁରୀ ନନ୍ଦନକାନନ ସୁପରଫାଷ୍ଟ ଏକ୍ସପ୍ରେସ୍ ଷ୍ଟେଶନର ୪ ନମ୍ବର ପ୍ଲାଟଫର୍ମରେ ପହଞ୍ଚିଥିଲା। ଏହା ୧୩ ତାରିଖ ପୂର୍ବାହ୍ନ ୧୦ଟା ୪୦ରେ ଦିଲ୍ଲୀ ଅଭିମୁଖେ ଛାଡିବାର ଥିଲା। ହେଲେ ଅପରାହ୍ନ ୪ଟା ୧୫ରେ ନନ୍ଦନକାନନ ସୁପରଫାଷ୍ଟର ୧୨ ନମ୍ବର ବିଗରୁ ଧୂଆଁ ବାହାରୁଥିବା ଦେଖି କେତେଜଣ ଯାତ୍ରୀ ହୋ ହଲ୍ଲା କରିଥିଲେ। ଖବର ପାଇ ଷ୍ଟେଶନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଚାହୁଁଚାହୁଁ ନିଆଁ ୧୧ନମ୍ବର ବିଗକୁ ମଧ ବ୍ୟାପୀ ଯାଇଥିଲା। ରେଳ ବିଭାଗ ପକ୍ଷରୁ ପୁରୀ ଅଗ୍ନିଶମ କେନ୍ଦ୍ରକୁ ଖବର ଦିଆଯାଇଥିଲା। ଏଥିସହ ଉକ୍ତ ଟ୍ରେନର ୧୧ ଓ ୧୨ ନମ୍ବର ବଗିକୁ ଲାଗି ରହିଥିବା ଅନ୍ୟାନ୍ୟ ବଗିଗୁଡିକୁ ଅଲଗା କରି ଦିଆଯାଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ନନ୍ଦନକାନନ ସୁପରଫାଷ୍ଟରେ ଲାଗି ଥିବା ନିଆଁକୁ ଆୟତ୍ତ କରାଯାଉଥିବା ବେଳେ ଅପରାହ୍ନ ୫ଟା ୫ରେ ୨ ନଂ. ପ୍ଲାଟଫର୍ମରେ ରହିଥିବା ପୁରୀ–ତିରୁପତି–ବିଳାସପୁର ଏକ୍ସପ୍ରେସ୍ ଟ୍ରେନର ଏସ୍–୩ ବଗିରେ ନିଆଁ ଲାଗିଥିଲା। ଦେଖୁଦେଖୁ ଏହି ନିଆଁ ଏସ୍–୪ ବଗିକୁ ଛୁଇଁଥିଲା। ଟ୍ରେନର ଦୁଇଟି ଯାକ ବଗି ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଏହି ଟ୍ରେନରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଉଥିବା ବେଳେ ପ୍ଲାଟଫର୍ମ–୬ରେ ଅଟକି ଥିବା ପୁରୀ–ହାଓଡା ଏକ୍ସପ୍ରେସ୍ ଟ୍ରେନର ଜେନେରାଲ ବଗି (ନଂ.୧୩୮୪୧୨)ରେ ନିଆଁ ଲାଗିଥିଲା। କିନ୍ତୁ ଉପସ୍ଥିତ ଅଗ୍ନିଶମ କର୍ମଚାରୀମାନେ ସଙ୍ଗେ ସଙ୍ଗେ ନିଆଁକୁ ଆୟତ୍ତ କରିଥିଲେ।

### ସେନା ଟ୍ରେନ୍‌ରେ ଫାଟିଥିଲା ଗ୍ୟାସ୍ ସିଲିଣ୍ଡର

ଗତବର୍ଷ ଜାନୁୟାରୀ ୧୭ରେ ଷ୍ଟେଶନର ୨ ନମ୍ବର ପ୍ଲାଟଫର୍ମରେ ମିଲିଟାରୀ (ସେନା) ସ୍ୱତନ୍ତ୍ର ଟ୍ରେନର ପ୍ୟାଣ୍ଟ୍ରିକାର (ରୋଷେଇ ବଗି)ରେ ଗ୍ୟାସ୍ ସିଲିଣ୍ଡର ଫାଟି ଅଗ୍ନିକାଣ୍ଡ ଘଟିଥିଲା। ସେହିଦିନ ଅପରାହ୍ନ ପ୍ରାୟ ୪ଟା ୪୫ରେ ପ୍ୟାଣ୍ଟ୍ରିକାର (ବଗି ନଂ. ଏମ୍‌ଏଲ-୧୦୮/୯୨୮୦୫)ରେ ଏହି ବିସ୍ଫୋରଣ ହୋଇଥିଲା। ଉକ୍ତ ବଗିରେ ଥିବା ୫ କେଜିର ଗ୍ୟାସ୍ ସିଲିଣ୍ଡର ଫାଟିଯିବାରୁ ଏହି ବିସ୍ଫୋରଣ ଘଟିଥିଲା। ଫଳରେ ନିଆଁ ଲାଗି ଉକ୍ତ ବଗିର କବାଟ, ଝରକା ଆଦି ଛିନଛତ୍ର ହୋଇଯାଇଥିଲା। ବିସ୍ଫୋରଣରେ କବାଟ ଓ ଝରକା ପ୍ରାୟ ୫୦ ଫୁଟ ଦୂରରେ ଛିଟିକି ପଡିଥିଲା। ଝରକାରେ ଲାଗିଥିବା କାଚଗୁଡିକ ଭାଙ୍ଗି ପ୍ଲାଟଫର୍ମ ସାରା ପଡ଼ିଥିଲା। ଏହି ସମୟରେ ଧଉଳି ଏକ୍ସପ୍ରେସ୍ ପ୍ୟାଣ୍ଟ୍ରିକାର ମ୍ୟାନେଜର ବିନୋଦ କୁମାର ଆର୍ଯ୍ୟ ଏବଂ କର୍ମଚାରୀ ଚନ୍ଦନ କୁମାର ଦାସ ଗାଡ଼ିରୁ ଓହ୍ଲାଇ ଶ୍ରୀମନ୍ଦିର ଯିବାକୁ ପ୍ଲାଟଫର୍ମରେ ଠିଆ ହୋଇଥିଲେ। ବିସ୍ଫୋରଣରେ ଭାଙ୍ଗିଥିବା କାଚଗୁଡିକ ଆସି ଉଭୟଙ୍କ ଦେହ, ମୁଣ୍ଡରେ ମାଡ଼ ହୋଇଥିଲା। ସେମାନେ ଆହତ ହୋଇଥିଲେ।

## ଗାଧୋଇବା ବେଳେ ପାଣିରେ ବୁଡ଼ି ୨ ମୃତ

**ଫୁଲନଖରା,(ଡି.ଏନ୍.ଏ.)/ ନରାଜ/କଟକ ଅଫିସ, ୨୩।୩**

କଟକ ସଦର ଥାନା ଅଧୀନ ଗୋପାଳପୁର ନିକଟସ୍ଥ କାଠଯୋଡି ନଦୀରେ ବୁଡି ଯୁକ୍ତ ୨ରେ ପଢୁଥିବା ଜଣେ ଛାତ୍ରଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ଗୋପାଳପୁର ଗ୍ରାମର ସତୀଶ କୁମାର ସାହୁ। ସେ ହୋଲି ଖେଳି ସାରି ନଦୀରେ ଗାଧଉଥିବା ବେଳେ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ସେଠାରେ ଗାଧଉଥିବା ଜଣେ ଯୁବକଙ୍କ ଗୋଡ ପାଣିରେ ବୁଡି ଯାଇଥିବା ସତୀଶଙ୍କ ଦେହରେ ବାଜିଥିଲା। ଏ ସମ୍ପର୍କରେ ସେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଖବରପାଇ କଟକ ସଦର ପୋଲିସ, କଟକ ଅଗ୍ନିଶମ କର୍ମଚାରୀ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀ ସତୀଶଙ୍କୁ ପାଣିରୁ ଉଦ୍ଧାର କରିବା ପରେ କଟକ ବଡଡାକ୍ତରଖାନା ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୨/୧୯) ରୁଜୁ ହୋଇଛି।

ବାରଙ୍ଗ ବ୍ଲକ ଅନ୍ତର୍ଗତ ପୁରୀ ମୁଖ୍ୟ କେନାଲରେ ଶୁକ୍ରବାର ବୁଡିଯାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ବିଡିଏ କଲୋନୀ ଅଞ୍ଚଳର ସିଲୁ ସାହୁ (୨୧)। ହୋଲି ଖେଳିସାରିବା ପରେ ନିଜ ସାଙ୍ଗଙ୍କ ସହ ଆସି ଉକ୍ତ କେନାଲରେ ଗାଧୋଉଥିବାବେଳେ ଅସାବଧାନତା ବଶତଃ ପାଣିସ୍ରୋତରେ ଭାସି ଯାଇଥିଲେ। ଖବରପାଇ ବାରଙ୍ଗ ଅଗ୍ନିଶମ କର୍ମଚାରୀ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କର ପତ୍ତା ମିଳି ନ ଥିଲା। ଶନିବାର ପାଣିରୁ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇ ଏସ୍‌ସିବି ମେଡିକାଲକୁ ପଠାଯାଇଥିଲା। ଏ ନେଇ ବାରଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।




# ଏକ୍ ଦୀପକ୍ ଶହୀଦୋଁ କେ ନାମ୍

**ଭୁବନେଶ୍ୱର, ୨୩।୩(ବ୍ୟୁରୋ)**

ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ଓଡ଼ିଶାର ଦୁଇ ବୀର ଯବାନ ପ୍ରସନ୍ନ କୁମାର ସାହୁ ଓ ମନୋଜ କୁମାର ବେହେରା ପ୍ରାଣବଳୀ ଦେଇଛନ୍ତି। ଏହାପୂର୍ବରୁ ୨୦୧୭ରେ ଆତଙ୍କବାଦୀ ଆକ୍ରମଣରେ ସୀମା ସୁରକ୍ଷା ବାହିନୀର ପ୍ରଦୀପ କୁମାର ପଣ୍ଡା ଓ ସିପାହି ବିଜୟ କୁମାର ଶହୀଦ ହୋଇଥିଲେ। ଶନିବାର ଶହୀଦ ଦିବସ ଅବସରରେ ଏହି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ଉଦ୍ଦେଶ୍ୟରେ ଭାରତୀୟ ବିଦ୍ୟା ଭବନ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଏକ୍ ଦୀପକ୍ ଶହୀଦୋଁ କେ ନାମ୍'ର ଆୟୋଜନ କରାଯାଇଥିଲା। ଭାରତୀୟ ବିଦ୍ୟାଭବନ ଛାତ୍ରୀଛାତ୍ରମାନେ ଏହି ଶହୀଦମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଶହୀଦ ପ୍ରସନ୍ନଙ୍କ ସ୍ତ୍ରୀ ମୀନା ସାହୁ ଏବଂ ଶହୀଦ ମନୋଜଙ୍କ ସ୍ତ୍ରୀ ଇଲିଲତା ବେହେରାଙ୍କୁ ବିସିସିଏମ୍ ତରଫରୁ ୧ଲକ୍ଷ ଟଙ୍କା ରାଶି ଦିଆଯାଇଥିଲା। ସେହିପରି ଶହୀଦ ପ୍ରଦୀପ ଓ ବିଜୟଙ୍କ ସମ୍ମାନାର୍ଥେ ସେମାନଙ୍କ ପରିବାରକୁ ୧ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସିଆର୍‌ପିଏଫ୍ ଆଇଜି ବିଠୁଲ କୁମାର, ଭାରତୀୟ ବିଦ୍ୟାଭବନ ଅଧକ୍ଷ ମେଜର ଜେନେରାଲ ବି.କେ. ମହାପାତ୍ର, ଡ. ଏସ୍.କେ. ତାମୋଟିଆ, ଭାରତୀୟ ବିଦ୍ୟା ଭବନ ଡିଜି କର୍ନେଲ ପି.କେ. ସାହୁ, ବିଭାରାଣୀ ତାମୋଟିଆ ଯୋଗଦେଇଥିଲେ। ଏହି ଅବସରରେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯାଇଥିଲା।




କଣ୍ଠଶିଳ୍ପୀ ଇରା ମହାନ୍ତି ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରୁଛନ୍ତି।

# ବଫ୍ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ୍‌ରେ ଓଡ଼ିଆ ପୁଅ ଜିତେନ୍ଦ୍ର

**ଭୁବନେଶ୍ୱର, ୨୩।୩(ବ୍ୟୁରୋ)**

ସ୍ୱିଡେନ୍‌ର ମାଲ୍‌ମୋଠାରେ ବଫ୍ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଶନିବାର ଆରମ୍ଭ ହୋଇଛି। ସ୍ୱିଡେନ୍‌ର ଏହି ବଡ଼ ଫିଲ୍ମ ଫେଷ୍ଟିଭାଲ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଓଡ଼ିଆ ପୁଅ ଜିତେନ୍ଦ୍ର ମିଶ୍ର ଜୁରି ରହିବା ସହ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି।

ଟିଟିଲାଗଡ଼ରେ ଜନ୍ମିତ ଫିଲ୍ମ ପ୍ରଯୋଜକ ଜିତେନ୍ଦ୍ର ଫିଲ୍ମ ପ୍ରଡ଼କ୍ସନ, ଡିଷ୍ଟ୍ରିବ୍ୟୁଶନ ଓ ପ୍ରମୋଟର ପାଇଁ ଅନ୍ତର୍ଜାତୀୟ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ଯୁବବର୍ଗର ଦର୍ଶକଙ୍କ ପାଇଁ ଜିତେନ୍ଦ୍ର ସାମାଜିକ ପ୍ରସଙ୍ଗ ଉପରେ ଚଳଚ୍ଚିତ୍ର ବନାନ୍ତି। ଇତିମଧ୍ୟରେ ସେ ୧୦୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ କାମ କରିସାରିଲେଣି। ଏହା ମଧ୍ୟରୁ ଅନେକ ଫିଲ୍ମ ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟ ଏବଂ ପୁରସ୍କୃତ ମଧ ହୋଇଛି। ବର୍ତ୍ତମାନ ଜିତେନ୍ଦ୍ରଙ୍କ ପ୍ରଯୋଜିତ 'ଦି ଲାଷ୍ଟ କଲର' ଫିଲ୍ମ ଖୁବ୍‌ଶୀଘ୍ର ବିଶ୍ୱସ୍ତରରେ ରିଲିଜ୍ ହେବାକୁ ଯାଉଛି। ନିକଟରେ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଏହି ଫିଲ୍ମର ଟ୍ରେଲର ରିଲିଜ ହୋଇଥିଲା। ଜିତେନ୍ଦ୍ର ପୂର୍ବରୁ ଅନେକ ଅନ୍ତର୍ଜାତୀୟ ସ୍ତରର ଫିଲ୍ମ ଫେଷ୍ଟିଭାଲରେ ଜୁରି ଭାବେ କାର୍ଯ୍ୟ ତୁଲାଇ ସାରିଛନ୍ତି। ତେବେ ବଫ୍ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲର ଜୁରି ହେବା ପରେ ସେ କହିଛନ୍ତି ଯେ, ଏହି ଫେଷ୍ଟିଭାଲରୁ ମୁଁ ଅଧିକ କିଛି ଜ୍ଞାନ ହାସଲ କରିବା ସହିତ ଆମ ସଂସ୍କୃତିକୁ ପ୍ରଚାର କରିବାର ସୁଯୋଗ ପାଇଛି। ସେ 'ସନ୍ ଅଫ୍ ଓଡ଼ିଶା', 'ୟଙ୍ଗ୍ ଜୁରି', 'ୟଙ୍ଗ ଆଇକନ୍' ଭଳି ଅନେକ ପୁରସ୍କାର ପାଇଛନ୍ତି।



ଜିତେନ୍ଦ୍ର ମିଶ୍ର

## ଏନ୍‌ବିଡବ୍ଲ୍ୟୁ ବଳରେ ଗିରଫ ଘଟଣା | ଭୁଲରେ ପୋଲିସ ଗିରଫ କରିଥିଲା: କମିଶନର

**କଟକ ଅଫିସ, ୨୩।୩**

ଲାଲବାଗ୍ ଥାନା ଅନ୍ତର୍ଗତ ଚାନ୍ଦୀନଚୌକ ବ୍ରାହ୍ମଣସାହି ଅଞ୍ଚଳର ଚନ୍ଦନ ମହାରଣାଙ୍କୁ ପୋଲିସ ଗତ ସୋମବାର ଏନ୍‌ବିଡବ୍ଲ୍ୟୁ(ଜାମିନ ବିହୀନ ଗିରଫ ପରୱାନା) ବଳରେ ଗିରଫ କରିଥିଲା। ତେବେ ଚନ୍ଦନଙ୍କୁ ପୋଲିସ ଭୁଲରେ ଗିରଫ କରିଥିବା ଅଭିଯୋଗରେ ଗତ ମଙ୍ଗଳବାର ସ୍ଥାନୀୟ ଲୋକେ ଲାଲବାଗ୍ ଥାନା ଘେରାଉ କରିବା ସହ ପୁନଃ ତଦନ୍ତ କରିବାକୁ ଦାବି କରିଥିଲେ। ଏହି ଘଟଣା ଉପରେ ବିବୃତି ଦେଇ ଶନିବାର ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଚନ୍ଦନ ମହାରଣାଙ୍କ ନାମରେ ଆଉ ଜଣେ ବ୍ୟକ୍ତି ରହିଥିବା ବେଳେ ତାଙ୍କ ବାପାଙ୍କ ନାମ ମଧ ସମାନ ଥିଲା। ତେଣୁ ଭୁଲରେ ପୋଲିସ ଚନ୍ଦନଙ୍କୁ ଗିରଫ କରିଥିଲା ବୋଲି ତଦନ୍ତ ପରେ ଜଣାପଡିଛି। ଏନେଇ ଆମେ କୋର୍ଟକୁ ଅବଗତ କରିବୁ ବୋଲି ସେ କହିଛନ୍ତି।





ପ୍ରଜାତନ୍ତ୍ର କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଲି ମିଳନ ଉତ୍ସବରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବିଜେଡି ନେତା ମଧୁସୂଦନ ସାହୁ, ସୁବାସ ସିଂ ଓ ପ୍ରଶାନ୍ତ ନାୟକ। ଏଥିରେ ଉପସ୍ଥିତ ବିଜେଡି ନେତୃବୃନ୍ଦ ଓ ଅନ୍ୟମାନେ।

## ବିହାରୀବାଗରେ ହୋଲି ମିଳନ

**କଟକ ଅଫିସ,୨୩।୩**

ଦୋଳ ପୂର୍ଣ୍ଣିମା ସନ୍ଧ୍ୟାରେ କଟକ ବିହାରୀବାଗସ୍ଥିତ ପ୍ରଜାତନ୍ତ୍ର କାର୍ଯ୍ୟାଳୟରେ ହୋଲି ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ମୁକ୍ତିକାନ୍ତ ମଣ୍ଡଳ, ଅଭିନେତା ଅରିନ୍ଦମ ରାୟ, ବିଜେଡି ନେତା ସୁବାସ ସିଂ, ମଧୁସୂଦନ ସାହୁ, ପ୍ରଶାନ୍ତ ନାୟକଙ୍କ ସମେତ କଟକର ବୁଦ୍ଧିଜୀବୀ ଓ ପୂଜା କମିଟିର ସଦସ୍ୟମାନେ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ପରସ୍ପର ମଧ୍ୟରେ ରଙ୍ଗ, ଅବିର ମାଧ୍ୟମରେ ହୋଲିର ଶୁଭେଚ୍ଛା ଜଣାଇଥିଲେ।



ସମୟ, ସାମର୍ଥ୍ୟ ଥିବା ସତ୍ତ୍ୱେ ଯେଉଁମାନେ କାମ କରନ୍ତି ନାହିଁ,
ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ



## କଂଗ୍ରେସ ଟିକେଟକୁ ନେଇ ନେତାଙ୍କ ଉଦ୍‌ବେଗ

# ‘ନବୀନଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ କଂଗ୍ରେସ ନେତୃତ୍ୱ ବ୍ୟଗ୍ର’

**କଟକ ଅଫିସ,୨୩।୩**

ନବୀନ ପଟ୍ଟନାୟକ କିଭଳି ପୁଣିଥରେ ମୁଖ୍ୟମନ୍ତ୍ରୀ ହେବେ ସେ ନେଇ ରାଜ୍ୟ କଂଗ୍ରେସର ନେତା ବ୍ୟଗ୍ର ହୋଇପଡ଼ିଛନ୍ତି। ଦଳୀୟ କାର୍ଯ୍ୟକ୍ରମରେ ଧାର ଧରି ନ ଥିବା କିମ୍ବା ଦଳର ପ୍ରାଥମିକ ସଦସ୍ୟ ନ ଥିବା ଲୋକଙ୍କୁ ଟିକେଟ ଦିଆଯାଇଛି। ଅନେକ ବରିଷ୍ଠ ନେତାଙ୍କ ସହିତ ସେମାନଙ୍କ ପୁଅମାନେ ଟିକେଟ ପାଇଛନ୍ତି। କେଉଁ ଆଧାରରେ ଏମାନେ ଟିକେଟ ପାଇଛନ୍ତି ତାହା କର୍ମୀଙ୍କୁ ମଧ ଦ୍ୱନ୍ଦ୍ୱରେ ରଖିଛି। ବଡ଼ ବଡ଼ ପଦବୀରେ ଥିବାରୁ ଏମାନେ ଦଳକୁ ନିଜର ପୈତୃକ ସମ୍ପତ୍ତି ବୋଲି ଭାବୁଛନ୍ତି। ଦୀର୍ଘଦିନ ଧରି ଦଳରେ ସଂଗଠନ ଦାୟିତ୍ୱ ସହିତ ଜଡ଼ିତ ରହି ଟିକେଟ ପାଇଁ ହକଦାର ଥିବା ବ୍ୟକ୍ତିଙ୍କୁ ବଞ୍ଚିତ କରାଯାଇଛି। ଏଭଳି ଅଭିଯୋଗ କରିଛନ୍ତି ପିସିସି ଅନୁସୂଚିତ ଜାତି ବିଭାଗର ସହ ଅଧ୍ୟକ୍ଷ ବାଙ୍କନିଧି ବେହେରା। କଂଗ୍ରେସର ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ବାଙ୍କନିଧି ଏଭଳି ପ୍ରତିକ୍ରିୟା ଦେଇଛନ୍ତି। ସୂଚନାଥାଉକି, ବାଙ୍କନିଧି କଟକ ସଦର ଆସନ ପାଇଁ ଟିକେଟ ଦାବିଦାର ଥିଲେ। ୨୦୧୪ରେ ମଧ ବାଙ୍କନିଧି ଟିକେଟ ଲବି କରି ବିଫଳ ହେବା ପରେ ପୁନର୍ବାର ୨୦୧୯ ନିମନ୍ତେ ଲବି ଚଳାଇଥିଲେ। ମାତ୍ର ଶୁକ୍ରବାର ରାତିରେ କଂଗ୍ରେସର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଥିଲା। ଦଳ ପକ୍ଷରୁ ସଦର ଆସନ ପାଇଁ ରତ୍ନାକର ବେହେରାଙ୍କୁ ପ୍ରାର୍ଥୀଭାବେ ଚୟନ କରାଯାଇଛି।



ବାଙ୍କନିଧି ବେହେରା

ଫଳରେ ବାଙ୍କନିଧି ଏଭଳି ପ୍ରତିକ୍ରିୟା ପ୍ରକାଶ କରି ଦଳୀୟ ନେତୃବୃନ୍ଦଙ୍କ ଉପରେ ମନଇଚ୍ଛା ବର୍ଷିଛନ୍ତି। କେତେଜଣ ଶୀର୍ଷସ୍ତରର କଂଗ୍ରେସ ନେତା ନବୀନଙ୍କ ସହିତ ଭିତିରି ବୁଝାମଣା କରି ଦଳକୁ ପୁଣି ଥରେ ବିପର୍ଯ୍ୟୟ ଆଡକୁ ଠେଲି ଦେଉଥିବା ବାଙ୍କନିଧି କହିଛନ୍ତି। ଗୋଟିଏ ପରିବାରକୁ ଏକାଧିକ ଟିକେଟ ଦିଆଯିବା, ଗୋଟିଏ ପରିବାରରୁ ଜଣେ କଂଗ୍ରେସରେ ଓ ଅନ୍ୟ ଜଣେ ବିଜେଡିରେ ରହି ନବୀନଙ୍କୁ ଲାଭ ଦେବାକୁ ଏଭଳି କାରସାଦି କରୁଥିବା ବାଙ୍କନିଧି ବିଷୋଦ୍‌ଗାର କରିଛନ୍ତି। ଏ ସମ୍ପର୍କରେ ପଚରାଯିବାରୁ ଜିଲା କଂଗ୍ରେସ ସଭାପତି ଗୁରୁପଦ ନନ୍ଦ କୁହନ୍ତି, କ’ଣ ପାଇଁ ବାଙ୍କନିଧି ଏଭଳି କହିଛନ୍ତି ସେ ଜାଣିନାହାନ୍ତି। କଂଗ୍ରେସରୁ ଟିକେଟ ନେବା ପାଇଁ ଅନେକ ଦାବିଦାର ବାହାରୁଛନ୍ତି। ବାଙ୍କନିଧିଙ୍କ କ୍ଷେତ୍ରରେ କ’ଣ ହୋଇଛି ତାହା ବୁଝିବା ପରେ କହିବି ବୋଲି ନନ୍ଦ କହିଛନ୍ତି।

# ଆଶୀର୍ବାଦ, ରବି ନନ୍ଦଙ୍କୁ ନେଇ କଟକରେ ଚର୍ଚ୍ଚା

**କଟକ ଅଫିସ,୨୩।୩**

ସାଧାରଣ ନିର୍ବାଚନକୁ ନେଇ ରାଜ୍ୟବ୍ୟାପୀ ନିର୍ବାଚନୀ ତାତି। ଇତିମଧ୍ୟରେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏହାରି ଭିତରେ କଟକ ଜିଲାର ୯ ବିଧାନସଭା ଆସନ ଓ ଗୋଟିଏ ଲୋକ ସଭା ଆସନକୁ ନେଇ ରାଜନୈତିକ କଳ୍ପନାଜଳ୍ପନା ବଢ଼ିବାରେ ଲାଗିଛି। ବିଶେଷକରି ସହର ମଧ୍ୟରେ ଯାଉଥିବା ଦୁଇଟି ବିଧାନସଭା କ୍ଷେତ୍ର ବାରବାଟୀ-କଟକ ଓ ଚୌଦ୍ୱାର-କଟକ ଆସନ ଉପରେ ଏବେ ଅଧିକ ତର୍ଜମା ହେଉଛି। ଏହି ଦୁଇଟି ଆସନ ୧୦ବର୍ଷ ହେଲା ବିଜେଡି ଦଖଲରେ ରହିଛି। ବାରବାଟୀ-କଟକରୁ ଦେବାଶିଷ ସାମନ୍ତରାୟ ବିଧାୟକ ତଥା ଦଳର ଜିଲା ସଭାପତି ଥିବା ବେଳେ ଚୌଦ୍ୱାର-କଟକରୁ ପ୍ରଭାତ ବିଶ୍ୱାଳ ବିଧାୟକ ରହିଛନ୍ତି। ମାତ୍ର ପରିବର୍ତ୍ତିତ ରାଜନୈତିକ ପରିସ୍ଥିତିରେ ଚିଟଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ ରହି ବିଧାୟକ ବିଶ୍ୱାଳ ସିବିଆଇ ଦ୍ୱାରା ଗିରଫ ହୋଇଥିବାବେଳେ ବିଧାୟକ ସାମନ୍ତରାୟଙ୍କୁ ବିଜେଡି ଟିକେଟ ଦେଇ ନ ପାରେ ବୋଲି ଚର୍ଚ୍ଚା ହେଉଛି। ଏଭଳି ରାଜନୈତିକ ଆଲୋଚନା ମଧ୍ୟରେ ଦୁଇଟି ନୂଆ ନାମ ସାମ୍ନାକୁ ଆସୁଛି। ସେହି ଦୁଇଟି ନାମ ହେଉଛି ସିଏମ୍‌ସିର ପୂର୍ବତନ କମିଶନର ତଥା




ରବିନାରାୟଣ ନନ୍ଦ ଓ ଆଶୀର୍ବାଦ ବେହେରା

ଅବସରପ୍ରାପ୍ତ ପ୍ରଶାସକ ରବିନାରାୟଣ ନନ୍ଦ ଓ ଓଡ଼ିଶା ଆଥଲେଟିକ ଆସୋସିଏସନର ସମ୍ପାଦକ ଆଶୀର୍ବାଦ ବେହେରା। ନନ୍ଦ ଗତ ଅଗଷ୍ଟରେ ବିଜେଡିରେ ଯୋଗଦେବା ପରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ଆବାହକ ଅଛନ୍ତି। ସେହିପରି ବେହେରାଙ୍କ ବହୁ ପୂର୍ବରୁ କଟକରେ ରାଜନୈତିକ ପରିଚୟ ରହିଛି। ୧୯୯୫ ଓ ୨୦୦୦ ସାଧାରଣ ନିର୍ବାଚନରେ ଆଶୀର୍ବାଦ କଟକ ସହର ଆସନରୁ କଂଗ୍ରେସରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ବେଳେ ୧୯୯୯ରୁ ୨୦୦୩ ପର୍ଯ୍ୟନ୍ତ କଟକ ପୌର ପରିଷଦର ଅଧ୍ୟକ୍ଷ ମଧ ଥିଲେ। ଏବେ ଆଶୀର୍ବାଦ ବାରବାଟୀ-କଟକ ଆସନରୁ ବିଜେଡି ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ନିଜ ପ୍ରାର୍ଥିତ୍ୱ ସମ୍ପର୍କରେ ଆଶୀର୍ବାଦ କହିଛନ୍ତି ଯେ, ସମୟ ଆସିଲେ ସବୁ କିଛି ସମସ୍ତେ ଜାଣିବେ। ସେହିପରି ଯଦି ଆଶୀର୍ବାଦଙ୍କୁ ବିଜେଡି ବାରବାଟୀ-କଟକରୁ ପ୍ରାର୍ଥୀ କରେ ତେବେ ବର୍ତ୍ତମାନର ବିଧାୟକ ଦେବାଶିଷ ସାମନ୍ତରାୟଙ୍କୁ କଟକ ଲୋକ ସଭା ଆସନରୁ ପ୍ରାର୍ଥୀ କରାଯାଇପାରେ। ନଚେତ୍ ଦଳ ପକ୍ଷରୁ ତାଙ୍କୁ ରାଜ୍ୟ ସଭାକୁ ପଠାଯାଇପାରେ ବୋଲି ଆଲୋଚନା ହେଉଛି।

ଅନ୍ୟପକ୍ଷରେ ନନ୍ଦ ନିଜ ପ୍ରାର୍ଥିତ୍ୱ ସମ୍ପର୍କରେ ମତ ଦେଇ କହିଛନ୍ତି, ଦଳର ସଭାପତି ଯେଉଁ ଦାୟିତ୍ୱ ଦେଇଛନ୍ତି ତାହାକୁ ସେ ସୁଚାରୁରୂପେ ସମ୍ପାଦନ କରିଛନ୍ତି। ସିଏମ୍‌ସି କମିଶନର ଓ ସିଡିଏ ଉପାଧ୍ୟକ୍ଷ ଥିବା ସମୟରେ ସେ କଟକ ପାଇଁ ଅନେକ କାମ କରିଛନ୍ତି। ଯଦି ଦଳର ସଭାପତି ତାଙ୍କୁ ଅଧିକ ଦାୟିତ୍ୱ ଅର୍ପଣ କରନ୍ତି ତେବେ ତାହାକୁ ମଧ ସୁଚାରୁରୂପେ ସମ୍ପାଦନ କରିବାକୁ ଚେଷ୍ଟା କରିବେ ବୋଲି ନନ୍ଦ କହିଛନ୍ତି। ଏଭଳି ସ୍ଥିତିରେ ବିଧାୟକ ସାମନ୍ତରାୟ ଓ ବିଧାୟକ ବିଶ୍ୱାଳ ସବୁ କିଛି ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଉପରେ ଛାଡ଼ି ଦେଇଛନ୍ତି। ନବୀନଙ୍କ ନିଷ୍ପତ୍ତି ସର୍ବମାନ୍ୟ ବୋଲି ଉଭୟ ନେତା କହିଛନ୍ତି।

ଅପରପକ୍ଷରେ କଟକ ଏମପି ପ୍ରାର୍ଥୀ ନିମନ୍ତେ ବର୍ତ୍ତମାନର ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ନାମ ସହିତ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଅଶୋକ ପରିଜା, ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କ ନାମ ମଧ ଶୁଣାଯାଉଛି। ଏମିତି କି ଭର୍ତ୍ତୃହରିଙ୍କୁ ଚୌଦ୍ୱାର-କଟକ ବିଧାନସଭା ଆସନ ମିଳିପାରେ ବୋଲି ମଧ ଆଲୋଚନା ହେଉଛି। ଏ ସମ୍ପର୍କରେ ଭର୍ତ୍ତୃହରି କୌଣସି ମତାମତ ଦେବାକୁ ମନାକରି ଦେଇଥିଲେ।

## ବେଗୁନିଆ ନିର୍ବାଚନମଣ୍ଡଳୀ ଭାଜପାରେ ବିଦ୍ରୋହ

# ରିଷଭ ନନ୍ଦ ପ୍ରାର୍ଥୀ ହେଲେ କର୍ମକର୍ତ୍ତା ଦେବେ ଇସ୍ତଫା

**ଖୋର୍ଦ୍ଧା ଅଫିସ,୨୩।୩**

ବିଜେଡିର ମୁଖପାତ୍ର ତଥା ରାଜ୍ୟ ସଭା ସଦସ୍ୟ ପ୍ରଶାନ୍ତ ନନ୍ଦଙ୍କ ପୁଅ ରିଷଭ ଭାଜପାରେ ଯୋଗଦେବା ପରେ ବେଗୁନିଆ ନିର୍ବାଚନମଣ୍ଡଳୀରେ ବିଦ୍ରୋହ ଦେଖାଦେଇଛି। ଦଳ ପକ୍ଷରୁ ରିଷଭଙ୍କୁ ଟିକେଟ ଦିଆଗଲେ ଭାଜପାର କାର୍ଯ୍ୟକର୍ତ୍ତା ସମୂହ ଇସ୍ତଫା ଦେବେ ବୋଲି ବୋଲଗଡ ବ୍ଲକର ପିଚୁକୁଳିଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଘୋଷଣା କରାଯାଇଛି। ଅପରପକ୍ଷରେ ରିଷଭ ନିର୍ବାଚନରେ ପରାସ୍ତ ହେଲେ ରାଜ୍ୟ ନେତୃମଣ୍ଡଳୀ ଦାୟୀ ରହିବେ ବୋଲି ଅନୁରୂପ ଚେତାବନୀ ଦିଆଯାଇଛି। ଏଣୁ ରିଷଭଙ୍କୁ ତୁରନ୍ତ ବହିଷ୍କାର କରାଯାଉ ବୋଲି ଦାବି ରହିଛି। ଏହି ସମ୍ମିଳନୀରେ ଦକ୍ଷିଣ ବେଗୁନିଆ ମଣ୍ଡଳ ସଭାପତି ସଞ୍ଜୟ ପ୍ରସାଦ ଛୁଆଳସିଂହ, ପିଚୁକୁଳି ମଣ୍ଡଳ ସଭାପତି ଶଙ୍କର୍ଷଣ ରାଉତ, ପାଞ୍ଚଗଡ ମଣ୍ଡଳ ସଭାପତି ସୌମ୍ୟ ରଞ୍ଜନ ବଳିଆରସିଂହ, ଜିଲା ଉପସଭାପତି ରୁଦ୍ର ନାରାୟଣ ବାହିନୀପତି, ଜିଲା ଓବିସି ମୋର୍ଚ୍ଚାର ସଭାପତି ଯଜ୍ଞେଶ୍ୱର ସୁନ୍ଦରରାୟ, ଉତ୍ତର ବେଗୁନିଆ ମଣ୍ଡଳ ସଭାପତି ଅଜୟ କୁମାର ମାର୍ଥା, ବୋଲଗଡ ମଣ୍ଡଳ ସଭାପତି ଚନ୍ଦ୍ରଭାନୁ ମହାରଥୀଙ୍କ ସମେତ ଶହେରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ଖବରଦାତା ସମ୍ମିଳନୀରୁ ମିଳିଥିବା ସୂଚନା ଅନୁସାରେ, ବେଗୁନିଆ ନିର୍ବାଚନମଣ୍ଡଳୀର ପୁରୁଣା ସଙ୍ଗଠକ ତଥା ଭାଜପାର ରାଜ୍ୟ ସମ୍ପାଦକ ଯତିନ୍ ମହାନ୍ତି ଦଳୀୟ ସଙ୍ଗଠନକୁ ବେଗୁନିଆ ନିର୍ବାଚନମଣ୍ଡଳୀରେ ବଞ୍ଚାଇ ରଖିଛନ୍ତି। ଦଳର ସଙ୍ଗଠନ ନ ଥିବାବେଳେ ଯତିନ୍ ଘରକୁ ଘର ବୁଲି ସଙ୍ଗଠନ କରିଥିଲେ। ତେବେ ଯତିନ୍‌ଙ୍କୁ ଅଣଦେଖା କରି ଦୁଇଦିନ ତଳେ ଭାଜପାରେ ଯୋଗ ଦେଇଥିବା ରିଷଭଙ୍କୁ ଗୁରୁତ୍ୱ ଦିଆଯାଉଛି। ଏଭଳିସ୍ଥଳେ ଏମ୍‌ପି ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଶନିବାର ବୋଲଗଡ଼ ବ୍ଲକ ସାଗରଗାଁ ଗ୍ରାମରେ ପଦଯାତ୍ରା କରି ରିଷଭଙ୍କୁ ବୁଲାଇଥିଲେ। ପଦଯାତ୍ରା ସମ୍ପର୍କରେ ସ୍ଥାନୀୟ ମଣ୍ଡଳ ଓ ବୁଥ୍ କାର୍ଯ୍ୟକର୍ତ୍ତାଙ୍କୁ ସୂଚନା ଦିଆଗଲାନାହିଁ ବୋଲି ଖବରଦାତା ସମ୍ମିଳନୀରେ କ୍ଷୋଭ ପ୍ରକାଶ ପାଇଥିଲା।

ରିଷଭ ନନ୍ଦ କୁହନ୍ତି ଯେ, ତାଙ୍କ ବିଷୟରେ ଯିଏ ଯାହା ଆଲୋଚନା କରୁଛନ୍ତି କରନ୍ତୁ। ସେ ଦଳର ଶୃଙ୍ଖଳିତ ସଦସ୍ୟ। ଦଳୀୟ ଅନୁଶାସନକୁ ମାନି ଚଳିବେ। ଦଳ ଯାହା ନିଷ୍ପତ୍ତି ନେବ ସେ ମାନି ନେବେ ବୋଲି କହିଛନ୍ତି।

# ଛିଣ୍ଡୁନି ଅଙ୍କ, ବ୍ରଜଙ୍କ ଉପରେ ଭାଜପା ଆଖି

**ପୁରୀ ଅଫିସ,୨୩।୩**

ପୁରୀ ବିଧାନସଭା କ୍ଷେତ୍ରରୁ କିଏ ହେବ ଭାଜପା ପ୍ରାର୍ଥୀ ତାହା ସ୍ପଷ୍ଟ ହୋଇପାରୁ ନାହିଁ। କିଏ ମହେଶ୍ୱର ମହାନ୍ତିଙ୍କୁ ଚ୍ୟାଲେଞ୍ଜ ଦେବ ଏହି ଅଙ୍କ କଷୁଛି ଭାଜପା। ହେଲେ ପଦ୍ମ ଦଳର ଅଙ୍କ ଛିଣ୍ଡୁ ନ ଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ପୁରୀ ପାଇଁ ଦ୍ୱନ୍ଦ୍ୱରେ ପଡ଼ିଛି ଗେରୁଆ ଦଳ। ପରିବର୍ତ୍ତନର ହାୱାକୁ ଏଥର ସୁଯୋଗ ବୋଲି ଭାବିଥିବା ଭାଜପା କାହାକୁ ଠିଆ କରି ବାଜିମାରିବ ସେହି ଚିନ୍ତାରେ ରହିଛି। ଏସବୁ ଭିତରେ ନେତୃତ୍ୱଙ୍କ ଆଖି ପଡ଼ିଛି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ଉପରେ। ହେଲେ ବ୍ରଜଙ୍କ ସମୀକରଣକୁ ନେଇ ଅଡୁଆରେ ପଡ଼ିଛି ଦଳ, ଯେଉଁଥିପାଇଁ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପାର ପ୍ରାର୍ଥୀ ଚୟନ ଝୁଲି ରହିଥିବା ଶୁଣିବାକୁ ମିଳୁଛି।

ଗତ ନିର୍ବାଚନରେ ଏଠାରେ ଭାଜପା ତୃତୀୟ ସ୍ଥାନରେ ଥିଲା। ଭାଜପା ପ୍ରାର୍ଥୀଙ୍କୁ ୧୭,୫୬୦ ଭୋଟ ମିଳିଥିଲା। ପ୍ରଥମ ସ୍ଥାନରେ ଥିଲେ ମହେଶ୍ୱର ମହାନ୍ତି। ମହେଶ୍ୱର ପାଇଥିଲେ ୭୬,୭୬୦ ଭୋଟ। ବିଜେଡି ଓ ଭାଜପା ମଧ୍ୟରେ ଭୋଟ ବ୍ୟବଧାନ ଥିଲା ପ୍ରାୟ ୬୦ ହଜାର। ଏଥର ପୁରୀକୁ ହାତେଇବାକୁ ଭାଜପା ଅଣ୍ଟା ଭିଡ଼ିଛି। ଏକାଧିକ ସଭା, ସମାବେଶ ଦଳ ଏଠାରେ ଆୟୋଜନ କରିଛି। ବହୁ ତୁଙ୍ଗ ନେତା

**ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ**



ବ୍ରଜକିଶୋର ତ୍ରିପାଠୀ

ପୁରୀ ଆସି ସଭା କରିଛନ୍ତି। ତେଣୁ ଦଳ ପାଇଁ ପୁରୀ ଏକ ସମ୍ମାନର ପ୍ରଶ୍ନ ପାଲଟିଛି। ଅନ୍ୟପକ୍ଷରେ ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଦଳର ଏକାଧିକ ଆଶାୟୀ ଲାଇନରେ ଅଛନ୍ତି। ଏମାନଙ୍କ ମଧ୍ୟରେ ବହୁ ଯୁବକ ବି ଆଶା ବାନ୍ଧିଛନ୍ତି। ହେଲେ ଦଳ କାହା ଉପରେ ଭରସା କରିପାରୁ ନ ଥିବା ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଟିକେଟ ବଣ୍ଟନରୁ ଜଣାପଡୁଛି। କେବଳ ପୁରୀକୁ ବାଦ୍ ଦେଇ ଜିଲାର ଅନ୍ୟ ୫ଟି ନିର୍ବାଚନମଣ୍ଡଳୀ (ବ୍ରହ୍ମଗିରି, ସତ୍ୟବାଦୀ, ପିପିଲି, କାକଟପୁର, ନିମାପଡ଼ା) ଲାଗି ଦଳ ପ୍ରାର୍ଥୀ ସ୍ଥିର କରିସାରିଛି।

ରାଜନୈତିକ ବିଶେଷଜ୍ଞଙ୍କ ମହଲରୁ ଶୁଣିବାକୁ ମିଳିଛି ଯେ, ମହେଶ୍ୱରଙ୍କୁ ଗାଦିଚ୍ୟୁତ୍ କରିବାକୁ ବ୍ରଜଙ୍କୁ ଭରସା କରିଛି ଭାଜପା। ଏଥିପାଇଁ ବ୍ରଜଙ୍କ ସହ ଭାଜପା ଯୋଗାଯୋଗ ମଧ କରିଛି। ବ୍ରଜ ତାଙ୍କ ସମତା କ୍ରାନ୍ତି ପାର୍ଟିରୁ ପ୍ରାର୍ଥୀ ହେବେ ଏବଂ ଭାଜପା ତାଙ୍କୁ ସମର୍ଥନ ଦେଉ ବୋଲି ଚାହୁଁଛନ୍ତି। କାରଣ ସମତା କ୍ରାନ୍ତି ଦଳକୁ ସେ ହିଁ ତିଆରି କରିଛନ୍ତି। ତେଣୁ ନିଜେ ଗଢ଼ିଥିବା ଦଳକୁ କିପରି ପଛକୁ ଠେଲି ଆଉ ଏକ ଦଳୀୟ ଚିହ୍ନକୁ ଆଦରି ନେବେ ତାହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ବ୍ରଜ। କିନ୍ତୁ ତାଙ୍କ ସର୍ତ୍ତକୁ ଗେରୁଆ ଦଳ ହଜମ କରିପାରୁନି। ଭାଜପା ପରି ଏକ ଜାତୀୟ ଦଳ କିପରି ବ୍ରଜଙ୍କ ସମତାକ୍ରାନ୍ତି ପାଖରେ ହାତ ଟେକିଦେବ ସେ ନେଇ ଦଳୀୟ ନେତୃତ୍ୱ ସହମତି ହୋଇପାରୁ ନାହାନ୍ତି। ଏମିତି ଦୋଛକିରେ ଏବେ ଭାଜପା ଏବଂ ବ୍ରଜ ଛିଡା ହୋଇଛନ୍ତି। ଏଥିପାଇଁ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ଭାଜପା ପ୍ରାର୍ଥୀ ଘୋଷଣା ହୋଇପାରୁ ନ ଥିବା ଚର୍ଚ୍ଚା ହେଉଛି।

ଏ ସମ୍ପର୍କରେ ବ୍ରଜ ତ୍ରିପାଠୀ କହିଛନ୍ତି, ମୋ ସହିତ କୌଣସି ଦଳ ପ୍ରତ୍ୟକ୍ଷ ଭାବେ ଆଲୋଚନା କରିନାହାନ୍ତି। ଏହା କେବଳ ଏକ ରାଜନୈତିକ ଆଲୋଚନା ମାତ୍ର। ଏ ସମ୍ପର୍କରେ ପୁରୀ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର କହିଛନ୍ତି, ଦଳ ସବୁ ଦିଗକୁ ବିଚାର କରି ସ୍ଥିର କରୁଛି। ବିଜେଡିକୁ ଚ୍ୟାଲେଞ୍ଜ ଦେବା ପାଇଁ ଯଦି ଦଳ କିଛି ରଣକୌଶଳ ପ୍ରସ୍ତୁତ କରୁଥିବ ତେବେ ଏଥିରେ ଅସ୍ୱାଭାବିକତା କିଛି ନାହିଁ।

# ଟିକେଟ୍ ନ ମିଳିବାରୁ ଭାଜପା ରାଜ୍ୟ ଉପସଭାପତିଙ୍କ ଘର ଭଙ୍ଗାରୁଜା

**ପୁରୁଣା ଭୁବନେଶ୍ୱର, ୨୩। ୩(ଡି.ଏନ.ଏ.)**

ଏକାମ୍ର ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଭାବେ ଅମୀୟ ଦାସଙ୍କୁ ଟିକେଟ୍ ନ ମିଳିବାରୁ ଦଳୀୟ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନିର୍ବାଚନମଣ୍ଡଳୀରୁ ୨୦୧୪ ରେ ଭାଜପାରୁ ବିଧାୟକ ପ୍ରାର୍ଥୀ ଭାବେ ଅମୀୟ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏଥି ମଧ୍ୟରେ ବିଜେଡିରୁ ବାହାରି ନୂଆ କରି ଭାଜପାରେ ଯୋଗ ଦେଇଥିବା ବାବୁ ସିଂଙ୍କୁ ଦଳ ପକ୍ଷରୁ ଟିକେଟ ମିଳିଥିଲା। ଏହାର ପ୍ରତିବାଦରେ ଅମୀୟଙ୍କ ସମର୍ଥକମାନେ ଶ୍ରୀଲିଙ୍ଗରାଜ ମନ୍ଦିର, କୈବର୍ତ୍ତସାହି ଏକାମ୍ରନିବାସ ସମ୍ମୁଖରେ ଥିବା ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ଘରେ ପଶି ଗୁରୁବାର ବିଳମ୍ବିତ ରାତ୍ରିରେ ଭଙ୍ଗାରୁଜା କରିଥିଲେ। ତାଙ୍କର ଏକ କାରକୁ ମଧ ଉତ୍ତେଜିତ କର୍ମୀମାନେ ଭଙ୍ଗାରୁଜା କରିଥିଲେ। ରିପୋର୍ଟ ଲେଖା ହେବା ବେଳକୁ ଲିଙ୍ଗରାଜ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# ନିର୍ବାଚନ ବର୍ଜନ କରିବ ନିଖିଳ ଓଡ଼ିଶା ଅଣନିଯୁକ୍ତି ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ

**ଭୁବନେଶ୍ୱର, ୨୩।୩(ବ୍ୟୁରୋ)**

ଆସନ୍ତା ସାଧାରଣ ନିର୍ବାଚନକୁ ବର୍ଜନ କରିବାକୁ ନିଖିଳ ଓଡ଼ିଶା ଅଣନିଯୁକ୍ତି ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ନିଷ୍ପତ୍ତି ଗ୍ରହଣ କରିଛି। ଓଡ଼ିଶାରେ ମହିଳାମାନଙ୍କୁ ସଶକ୍ତ କରିବାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫେଲ୍ ମାରିଛନ୍ତି ବୋଲି ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଶନିବାର ନେହେରୁ ଯୁବକେନ୍ଦ୍ରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ପକ୍ଷରୁ କୁହାଯାଇଛି ଯେ, ୨୦୦୬ରୁ ୨୦୧୮ ପର୍ଯ୍ୟନ୍ତ ରାଜ୍ୟର ୧୭ ହଜାରରୁ ଊର୍ଦ୍ଧ୍ୱ ଅଣନିଯୁକ୍ତି ମହିଳା ସ୍ୱାସ୍ଥ୍ୟକର୍ମୀମାନେ ନିଜର ଅଧ୍ୟୟନ ଶେଷ କରିସାରିଛନ୍ତି। ବାରମ୍ବାର ଗୁହାରି ସତ୍ତ୍ୱେ ସରକାର କିଛି ଶୁଣୁନାହାନ୍ତି। ବାରମ୍ବାର ବିକ୍ଷୋଭ ଓ ଧାରଣ କରିବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ, ସଚିବ ପ୍ରତିଶ୍ରୁତି ଦେଇ ପ୍ରତାରଣା କରି ଚାଲିଛନ୍ତି। ମହିଳା ସଶକ୍ତିକରଣ ନାମରେ ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇବା ବ୍ୟତୀତ ଆଉ କିଛି ନୁହେଁ। ତେଣୁ ସଂଘ ଆସନ୍ତା ନିର୍ବାଚନ ବର୍ଜନ କରିବା ସହିତ ମୁଖ୍ୟମନ୍ତ୍ରୀ ଲଢୁଥିବା ଦୁଇ ଆସନ ହିଞ୍ଜିଳିକାଟୁ ଓ ବିଜେପୁର ନିର୍ବାଚନ ମଣ୍ଡଳୀରେ ଘରେ ଘରେ ବୁଲି ସରକାରଙ୍କର ଅପାରଗତା ବଖାଣିବ ବୋଲି ସଂଘ ଚେତାବନୀ ଦେଇଛି। ଏହି ସମ୍ମିଳନୀରେ ପାର୍ଥସାରଥୀ ଜେନା, ଛବିତାରାଣୀ ପ୍ରଧାନ, ମମତା ସାହୁ, ଦମୟନ୍ତୀ ଆଚାର୍ଯ୍ୟ, କବିତା ସାହୁଙ୍କ ସମେତ ପ୍ରତି ଜିଲାର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।





ଭୁବନେଶ୍ୱରସ୍ଥିତ ଦି ପ୍ରେସ୍ କ୍ଲବ ଅଫ ଓଡ଼ିଶାଠାରେ ମାସିକ ଗଳ୍ପ ପତ୍ରିକା ‘କଥା କଳିକା’ର ଚତୁର୍ଥ ବାର୍ଷିକୀ ପୂର୍ତ୍ତି ସମାରୋହ ଉପଲକ୍ଷେ ଗୁରୁବାର ଆୟୋଜିତ ସମ୍ମାନ, ପୁରସ୍କାର ଓ ସମ୍ବର୍ଦ୍ଧନା ପର୍ବରେ ପତ୍ରିକାର ସମ୍ପାଦକ ଜୟାଶିଷ ରାୟ ଉଦ୍‌ବୋଧନ ଦେଉଛନ୍ତି। ଏଥିରେ ଯୋଗଦେଇଥିବା ସାହିତ୍ୟିକବୃନ୍ଦ ଓ ଅନ୍ୟମାନେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ହେମନ୍ତ



ଲିପିକା



ଅନିରୁଦ୍ଧ



ଉଦୟ



ସ୍ମୃତି



ଅଙ୍କିତ



ଆଶିଷ



ହେମନ୍ତ



ଶୁଭେନ୍ଦୁ



ଅଜୟ

## ଏ ସପ୍ତାହର ପ୍ରଶ୍ନ

(୧) ଭାରତର ଜାତୀୟ ସଂକେତ -------କୁ କୁହାଯାଏ ?
(୨)ଭାରତର ଜାତୀୟ ଧ୍ୱନି ---------- ?
(୩)ଗୋଳାବାରୁଦ କାରଖାନା ଓଡିଶାର --------ଠାରେ ଅବସ୍ଥିତ ?
(୪)ଓଡିଶାର ମିଗ୍ ବିମାନ କାରଖାନା ------ଠାରେ ରହିଛି ?
(୫)ପିତ୍ତଳ ବାସନ କାମ ପାଇଁ ଓଡିଶାର -------ସ୍ଥାନ ପ୍ରସିଦ୍ଧ ?

## ଗତ ସପ୍ତାହର ଉତ୍ତର

୧ ସମୁଦ୍ର ଗୁପ୍ତ
୪ ଶ୍ରୀଗୁପ୍ତ
୩ ବିକ୍ରମାଦିତ୍ୟ
୨ ଗୁପ୍ତବଂଶ
୫ ସ୍ୱାଇରିଡନ୍ ଲୁଇସ୍

## ଉତ୍ତରଦାତା


ସତ୍ୟମ୍ ଆଚାର୍ଯ୍ୟ
ନାଲ୍କୋ ନଗର
ଅନୁଗୋଳ


ମୁକେଶ ଚନ୍ଦ୍ର ରଣା
ଶେରଗଡ଼
ଗଞ୍ଜାମ


ଐଶ୍ୱର୍ଯ୍ୟା ସ୍ୱାଇଁ
ନିଆଳି
କଟକ

## ଟପ୍ ୧୦

### ପୃଥିବୀର ସୁନ୍ଦରତମ ମ୍ୟୁଜିୟମ୍


ଦ ନାଇଟେରୋଇ କଣ୍ଟେମ୍ପୋରାରୀ ଆର୍ଟ ମ୍ୟୁଜିୟମ୍

୧. ଦ ନାଇଟେରୋଇ କଣ୍ଟେମ୍ପୋରାରୀ ଆର୍ଟ ମ୍ୟୁଜିୟମ୍------ ବ୍ରାଜିଲ
୨. ଦ ଲୌଭର ମ୍ୟୁଜିୟମ୍------------------------------ଫ୍ରାନ୍ସ
୩. ଦ ମ୍ୟୁଜିଓ ସୌମୟା----------------------------ମେକ୍ସିକୋ
୪. ଦ ଗଗେନ୍‌ହେମ୍ ବିଲ୍‌ବାଓ--------------------------ସ୍ପେନ୍
୫. ଦ ହାନୋଇ ମ୍ୟୁଜିୟମ୍-------------------------ଭିଏତ୍‌ନାମ୍
୬. ଦ ଜିଓ୍ୱିସ୍ ମ୍ୟୁଜିୟମ୍----------------------------ଜର୍ମାନୀ
୭. ଦ ମ୍ୟୁଜିୟମ୍ ଅଫ୍ ଇସ୍‌ଲାମିକ୍ ଆର୍ଟ---------------କାତାର
୮. ଡେନ୍‌ଭର୍ ଆର୍ଟ ମ୍ୟୁଜିୟମ୍--------------------ୟୁଏସ୍ଏ
୯. ଦ ଲୁଇସ୍ ଭୁଇଟୋନ୍ ଫାଉଣ୍ଡେସନ୍-----------------ଫ୍ରାନ୍ସ
୧୦. ଲୌଭର୍- ଆବୁଧାବି------------------------ୟୁଏଇ

## ଫାଷ୍ଟ ଇମ୍ପ୍ରେସନ୍

**ସାଧାରଣତଃ ଆପଣ ଯେତେବେଳେ କାହା ସହ ପ୍ରଥମ ଥର କଥା ହେବାକୁ ଯାଉଛନ୍ତି ତେବେ କିପରି କଥାହେବେ, ନିଜର ସ୍ୱଭାବ, ଆଚାର ବ୍ୟବହାର କେମିତି ରହିଲେ ତାହା ଅନ୍ୟଙ୍କୁ ପ୍ରଭାବିତ କରିବ ଜାଣନ୍ତୁ ସେ ସମ୍ପର୍କରେ ଟିପ୍ସ...**



❖ପ୍ରଥମେ ଆପଣ କେଉଁ ବାତାବରଣରେ ରହୁଛନ୍ତି ସେ ଅନୁସାରେ ଡ୍ରେସ ପରିଧାନ କରନ୍ତୁ।
❖ସମୟ ପ୍ରତି ଯଥେଷ୍ଟ ଧ୍ୟାନ ରଖନ୍ତୁ। ନିର୍ଦ୍ଧାରିତ ସମୟ ପୂର୍ବରୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚନ୍ତୁ।
❖କାହାର ନକଲ କରିବା ବଦଳରେ ନିଜର ଷ୍ଟାଇଲ୍ ନିଜେ ଚୟନ କରନ୍ତୁ। କଥାହେବା ସମୟରେ ସରି ଏବଂ ଥ୍ୟାଙ୍କ୍ୟୁ କହିବାକୁ ଭୁଲନ୍ତୁ ନାହିଁ।
❖କାହାର ଆସିବାକୁ ଯଦି ଅପେକ୍ଷା କରି ରହିଥାନ୍ତି ତେବେ ସେ ଆସିବା ମାତ୍ରେ ଠିଆ ହୋଇ ତାଙ୍କୁ ସ୍ୱାଗତ କରନ୍ତୁ।
❖ମୁହଁରେ ସବୁବେଳେ ହସ ଏବଂ ସକାରାତ୍ମକ ଚିନ୍ତାଧାରା ରଖନ୍ତୁ।
❖ଯେତେବେଳେ ଆପଣଙ୍କୁ କିଏ ଖାଇବାକୁ ଆମନ୍ତ୍ରିତ କରୁଛନ୍ତି ପ୍ରଥମେ ମେନୁ ଚାର୍ଟ ଧରି ମନଇଚ୍ଛା ଅର୍ଡର ନ କରି ସାମ୍ନାରେ ବସିଥିବା ବ୍ୟକ୍ତି କ'ଣ ଖାଇବାକୁ ଚାହୁଁଛନ୍ତି ତାହା ପଚାରି ବୁଝିଲା ପରେ ଅର୍ଡର ଦିଅନ୍ତୁ।

# ମି- ଟାଇମ୍



ଆଜିର ବ୍ୟସ୍ତବହୁଳ ଜୀବନଶୈଳୀ ପ୍ରତ୍ୟେକ ମଣିଷକୁ ଏକ ମେଶିନରେ ପରିଣତ କରିଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏକ୍ଷେତ୍ରରେ ଆଜିର ଯୁବ ସମାଜ ବହୁ ମାତ୍ରାରେ ପ୍ରଭାବିତ ହେଉଥିବାର ଦେଖାଯାଉଛି। କ୍ୟାରିୟର ପ୍ରତି ବିଶେଷ ସଚେତନ ଥିବା ଯୁବପିଢି ଦିନ ସାରାର ଲମ୍ବା କଲେଜ ଲେକ୍‌ଚର୍, ଏକ୍ସଟ୍ରା କୋଚିଙ୍ଗ କ୍ଲାସ୍, ପର୍ସନାଲ ଷ୍ଟଡିଜ୍ ପରେ ନିଜ ପାଇଁ ଆଉ ସମୟ ବାହାର କରିପାରି ନ ଥାନ୍ତି। ଅନୁରୂପ ଭାବେ କର୍ମଜୀବୀ ଯୁବତୀଯୁବକମାନେ ଅଫିସ୍‌ର ଲମ୍ବା ୱାର୍କିଂ ଆୱାର ତଥା କାମର ପ୍ରେସର ହେତୁ ଘରେ ବି କିଛି ଜଣ ଅଫିସ୍ କାମ କରିଥାନ୍ତି। ତେଣୁ ନିଜ ପାଇଁ ସମୟ ବାହାର କରିବା ପ୍ରାୟ ସ୍ୱପ୍ନ ହୋଇଗଲାଣି। ସବୁବେଳେ କାମରେ ଏବଂ ପାଠ ପଢାରେ ବ୍ୟସ୍ତ ରହୁଥିବା ହେତୁ ସେମାନଙ୍କ ମାନସିକ ସ୍ଥିତି ବହୁ ମାତ୍ରାରେ ପ୍ରଭାବିତ ହୋଇଥାଏ ବୋଲି ଗବେଷଣାରୁ ଜଣାଯାଇଛି। ଫଳରେ ସେମାନଙ୍କଠାରେ ଷ୍ଟ୍ରେସ୍, ଡିପ୍ରେଶନ୍ ଭଳି ମାନସିକ ରୋଗ ଦେଖାଯାଇଥାଏ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି। ତେଣୁ ଏ ସବୁ ସମସ୍ୟାରୁ ଦୂରେଇ ରହିବା ଲାଗି ଦିନର ବା ସପ୍ତାହର କିଛି ସମୟ 'ମି-ଟାଇମ୍' ରହିବା ନିହାତି ଆବଶ୍ୟକ। 'ମି-ଟାଇମ୍' ଅର୍ଥ ନିଜକୁ ସମୟ ଦେବା, ନିଜକୁ ଖୁସି ମିଳୁଥିବା କାର୍ଯ୍ୟ କରିବା ତଥା ନିଜର ଯତ୍ନ ନେବା। ତେବେ ଏହି 'ମି-ଟାଇମ୍‌କୁ' ଆପଣ କିଭଳିଭାବେ ଉପଭୋଗ କରିପାରିବେ ଜାଣନ୍ତୁ ସେ ସମ୍ପର୍କରେ......

**ସ୍ୱାସ୍ଥ୍ୟର ଯତ୍ନ ପାଇଁ ବ୍ୟାୟାମ–** କୁହାଯାଏ ସ୍ୱାସ୍ଥ୍ୟ ହିଁ ସମ୍ପଦ। ଆପଣ ସୁସ୍ଥ ରହିଲେ ହିଁ ସବୁ କାର୍ଯ୍ୟ କରିବା ଲାଗି ସକ୍ଷମ ହୋଇପାରିବେ। ତେଣୁ ନିଜର ସ୍ୱାସ୍ଥ୍ୟର ଯତ୍ନ ନେବା ଲାଗି ପ୍ରତ୍ୟେକ ଦିନ ଅନ୍ତତଃ ଅଧଘଣ୍ଟା ବ୍ୟାୟାମ କରନ୍ତୁ। ଏଥି ସକାଶେ ଆପଣ ଯୋଗ, ପ୍ରାଣାୟାମ୍, ମର୍ଣ୍ଣିଂ ୱାକ୍ ତଥା ଜିମ୍ ଯାଇ ୱାର୍କ ଆଉଟ କରିପାରିବେ। କେବଳ ସେତିକି ନୁହେଁ, ଆପଣଙ୍କ ମନପସନ୍ଦର ସ୍ପୋର୍ଟ୍ସ ଯଥା ବ୍ୟାଡମିଣ୍ଟନ୍, କ୍ରିକେଟ, ଫୁଟବଲ, ସ୍ୱିମିଂ, ସାଇକ୍ଲିଂ ଆଦି କରିବା ଦ୍ୱାରା ଫିଟ୍ ରହିବା ସହ ଏହା ଆପଣଙ୍କୁ ଖୁସି ମଧ୍ୟ ପ୍ରଦାନ କରିବ। ଏହା ବ୍ୟତୀତ ମାନସିକ ସୁସ୍ଥତା ପାଇଁ ପ୍ରତ୍ୟେକ ଦିନ କିଛି ସମୟ ମେଡିଟେସନ୍ କରନ୍ତୁ।

**ବିୟୁଟି ଥେରାପି ଦ୍ୱାରା ଶରୀରର ଯତ୍ନ–** ସ୍ୱାସ୍ଥ୍ୟର ଯତ୍ନ ଭଳି ଶରୀରର ଯତ୍ନ ମଧ୍ୟ ଜରୁରୀ। କାମ ଏବଂ ପାଠ ପଢାର ବିଜି ସେଡ୍ୟୁଲ ଭିତରେ ଅନେକେ ପ୍ରାୟ ନିଜ ଶରୀରର ଯତ୍ନ ଠିକ୍ ସେ ନେଇପାରି ନ ଥାନ୍ତି। ଫଳରେ ତ୍ୱଚା, କେଶ ଆଦିରେ ବିଭିନ୍ନ ସମସ୍ୟା ମଧ୍ୟ ଦେଖାଦେଇଥାଏ। ତେଣୁ ସପ୍ତାହରେ ବା ୧୫ ଦିନରେ ଥରେ ବିୟୁଟି ଥେରାପି ଯଥା- ହେୟାର ସ୍ପା, ବଡି ସ୍ପା, ବଡି ମସାଜ୍, ଅଏଲ ମସାଜ୍, ଫେସିଆଲ, ପେଡିକିଓର, ମେନିକିଓର ଆଦି ଦ୍ୱାରା ନିଜର ଯତ୍ନ ନେବା ସହ ଆପଣ ରିଲାକ୍ସ ମଧ୍ୟ ଫିଲ୍ କରିବେ। କିଛି ଜଣ ନିଜର ଲୁକ୍ ଚେଞ୍ଜ କରିବାରେ ମଧ୍ୟ ଖୁସି ପାଆନ୍ତି। ଏଥିପାଇଁ ନୂଆ ହେୟାର କଟ୍, ହେୟାର କଲରିଙ୍ଗ ଆଦି ମଧ୍ୟ ଟ୍ରାଏ କରିପାରିବେ।

**ଚିତ୍ତବିନୋଦନ ବି ଜରୁରୀ–** କାମ ଏବଂ ପାଠପଢାର ହେକ୍ଟିକ ସେଡ୍ୟୁଲ ପରେ ମାନସିକ ଶାନ୍ତି ଲାଗି ଚିତ୍ତବିନୋଦନ ବି ଜରୁରୀ। ଦିନର କିଛି ସମୟ ଏପରି ବାହାର କରନ୍ତୁ ଯେଉଁ ସମୟରେ ଆପଣଙ୍କୁ ଭଲ ଲାଗୁଥିବା କିଛି କାର୍ଯ୍ୟ କରିପାରିବେ। ଯେପରି କିଛି ଜଣଙ୍କୁ ଗୀତ ଶୁଣିବା, ଟିଭି ଦେଖିବାକୁ ଭଲ ଲାଗୁଥିବା ବେଳେ କିଛି ଜଣ ଆନନ୍ଦ ପାଆନ୍ତି ଗାର୍ଡେନିଂରେ, କିଛି ଜଣଙ୍କୁ ନୂଆ ନୂଆ ରେସିପି ଏକ୍ସପେରିମେଣ୍ଟ କରିବାକୁ ଭଲ ଲାଗୁଥିବା ବେଳେ କିଛି ଜଣ ଖୁସି ହୁଅନ୍ତି ନିଜ ପାଇଁ ଶପିଙ୍ଗ କରିବାରେ। ତେଣୁ ଦିନର ବା ସପ୍ତାହର କିଛି ସମୟ ମନକୁ ଆନନ୍ଦ ଦେଉଥିବା କାର୍ଯ୍ୟରେ ନିଜକୁ ନିୟୋଜିତ କରନ୍ତୁ।

### କାହିଁକି ଜରୁରୀ 'ମି-ଟାଇମ୍'?

✲ ମସ୍ତିଷ୍କ ପୁନଃ କାର୍ଯ୍ୟକ୍ଷମ ହୋଇଥାଏ।
✲ ମାନସିକ ଶାନ୍ତି ମିଳିଥାଏ।
✲ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଥାଏ।
✲ ଏକାଗ୍ରତା ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।
✲ ଅବସାଦ ଦୂର କରିବାରେ ସହାୟକ ହୋଇଥାଏ।
✲ ଆତ୍ମ ବିଶ୍ଳେଷଣ ବା ନିଜକୁ ଆଉ ଟିକିଏ ଭଲଭାବେ ବୁଝିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥାଏ।
✲ ଠିକ୍ ନିଷ୍ପତ୍ତି ନେବାରେ ସହାୟକ ହୋଇଥାଏ।
✲ ସାମାଜିକ ସମ୍ପର୍କ ସୁଦୃଢ କରିବାରେ ସାହାଯ୍ୟ କରିଥାଏ।

**ସାମାଜିକ ସମ୍ପର୍କ ଏବଂ ଯୋଗାଯୋଗ ସ୍ଥାପନ କରନ୍ତୁ–** କାର୍ଯ୍ୟ ବ୍ୟସ୍ତତା ଏବଂ ପାଠ ପଢାର ଚାପ ଭିତରେ ଅନେକେ ସାମାଜିକ ବନ୍ଧନଠାରୁ ପ୍ରାୟ ଦୂରେଇ ଯାଇଥାନ୍ତି। ଫଳରେ ସେମାନଙ୍କ ଫ୍ରେଣ୍ଡ ସର୍କଲ ବି ଆସ୍ତେ ଆସ୍ତେ କମି କମି ଯାଇଥାଏ। ବହୁଦିନ ଧରି ସାଙ୍ଗମାନଙ୍କ ସହ କଣ୍ଟାକ୍ଟରେ ନ ରହିବା ହେତୁ ସେମାନେ ବି ଆପଣଙ୍କୁ ଭୁଲିବା ଆରମ୍ଭ କରନ୍ତି। ତେଣୁ ନିର୍ଦ୍ଦିଷ୍ଟ ବ୍ୟବଧାନରେ ନିଜର ସମ୍ପର୍କୀୟ ତଥା ବନ୍ଧୁ ପରିଜନଙ୍କ ସହ ଯୋଗାଯୋଗ କରନ୍ତୁ। ଯଦି ସମ୍ଭବ ସପ୍ତାହକୁ ବା ମାସକୁ ଥରେ ନିଜ ପ୍ରିୟଜନଙ୍କ ସହ ଛୋଟ ଗେଟ୍ ଟୁଗେଦର୍‌ର ଆୟୋଜନ କରି ସେହି ସମୟକୁ ମନ ଭରି ଉପଭୋଗ କରନ୍ତୁ।

**ମି- ଟାଇମ୍ ପାଇଁ ଭ୍ରମଣ ହେଉଛି ବେଷ୍ଟ ଅପ୍ସନ୍:** ବ୍ୟସ୍ତ ବହୁଳ ଜୀବନ ଭିତରୁ କିଛି ସମୟ ବାହାର କରି ପରିବାର ସଦସ୍ୟ ତଥା ସାଙ୍ଗସାଥୀଙ୍କ ସହ କୌଣସି ଏକ ଦୂର ସ୍ଥାନକୁ ଟ୍ରିପ୍ ପ୍ଲାନ କରନ୍ତୁ। ଆପଣ ଯଦି ଚାହାନ୍ତି ତେବେ ସୋଲୋ ଟ୍ରାଭଲର ଭାବେ ଏକା ମଧ୍ୟ ବୁଲିବାକୁ ଯାଇପାରିବେ। ଏହି ସମୟରେ କାମର ଚାପକୁ ସମ୍ପୂର୍ଣ୍ଣ ରୂପେ ଦୂରେଇ ଭ୍ରମଣର ମଜା ନିଅନ୍ତୁ।

**– ଲିପ୍‌ସା ବିଶୋଇ**

## କ'ଣ କୁହନ୍ତି ଏମାନେ



**ନିଜର ଉନ୍ନତି ସକାଶେ ମି ଟାଇମ୍ ଜରୁରୀ–** ଏକ ଧରାବନ୍ଧା ନିୟମରେ ପଡି ଆଜିକାଲିର ଜୀବନଶୈଳୀ ସମ୍ପୂର୍ଣ୍ଣ ରୂପେ ଯନ୍ତ୍ରବତ ହୋଇଗଲାଣି। ପାଠ ପଢାର ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବା ବି ନିହାତି ଜରୁରୀ। ତେଣୁ ପ୍ରତ୍ୟେକ ଦିନ ବିଜି ସେଡ୍ୟୁଲରୁ ଏକ ଘଣ୍ଟା ମୋ ନିଜ ପାଇଁ ଦିଏ। ମୋତେ ନୋଭେଲ, ଟ୍ରାଭଲ ଷ୍ଟୋରି, ଇତିହାସ ସମ୍ପର୍କରେ ପଢିବା ପାଇଁ ବହୁତ ଭଲ ଲାଗେ। ଦିନକୁ ଦଶରୁ ପନ୍ଦର ମିନିଟ ମେଡିଟେସନ୍ କରେ। ଏହା ମୋତେ ଷ୍ଟ୍ରେସ୍ ଫ୍ରି କରାଇବା ସହ ମୋ ଭିତରୁ ନକାରାତ୍ମକ ଶକ୍ତି ଦୂର କରିବାରେ ସାହାଯ୍ୟ କରିଥାଏ। ଏହାବ୍ୟତୀତ ମୁଁ ମୋଟିଭେଶନାଲ ଭିଡିଓ ଦେଖେ ଯାହା ମୋତେ ଆଗକୁ ବଢିବାରେ ପ୍ରେରଣା ଯୋଗାଏ। ତେଣୁ ନିଜର ଉନ୍ନତି ସକାଶେ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ମି-ଟାଇମ୍ ଜରୁରୀ।

*–ଅମ୍ରିତା ଅମୃତାୟନୀ, ଓଲ୍ଡ ଟାଉନ୍, ଭୁବନେଶ୍ୱର*



**ମାମା ପାପାଙ୍କ ସହ ସୁଖ ଦୁଃଖ ଶେୟାର କରିବାକୁ ମୁଁ ମୋର ମି-ଟାଇମ୍ ବୋଲି ଭାବେ–** ମୋ ପାଇଁ 'ମି-ଟାଇମ' ହେଉଛି ସେହି ସମୟ, ଯେଉଁ ସମୟକୁ ମୁଁ ମନ ଭରି ଉପଭୋଗ କରେ। ଯେହେତୁ ମୁଁ ଜଣେ ଗାୟିକା ତେଣୁ ମ୍ୟୁଜିକ୍ ଭିତରେ ଆନନ୍ଦ ପାଏ। ବେଳେବେଳେ ଇଚ୍ଛା ହେଲେ ଲାଉଡ ମ୍ୟୁଜିକ ଲଗେଇ ଏମିତି ନାଚେ ଯେମିତି ଆଗରୁ କେବେ ନାଚିନି। ଏହାବ୍ୟତୀତ ମୁଁ ମୋ ସାଙ୍ଗମାନଙ୍କ ସହ ସମୟ ବିତେଇବାକୁ ଭଲପାଏ। ସେମାନଙ୍କ ସହିତ ଥିଲା ବେଳେ ମୁଁ ମୋ ନିଜକୁ ଆବିଷ୍କାର କରେ। ନିଜ ପାଇଁ ସମୟ ଦେବା କଥା ଯେତେବେଳେ ଆସେ, ବହି ପଢାକୁ ମୁଁ ନିଶ୍ଚୟ ଏଥିରେ ସାମିଲ କରେ। ଏହାଛଡା ମାମା ପାପାଙ୍କ ସହ ବସି କଥା ହେବା, ସେମାନଙ୍କ ସହ ମୋ ସୁଖ ଦୁଃଖ ଶେୟାର କରିବାକୁ ମଧ୍ୟ ମୁଁ ମୋର ମି-ଟାଇମ୍ ବୋଲି ଭାବେ।

*– ସଞ୍ଚିତା ଶୁଭଦର୍ଶିନୀ, ନ୍ୟୁ ଏ.ଜି. କଲୋନୀ, ଭୁବନେଶ୍ୱର*



**ଶୋଇବା ହେଉଛି ମୋର ଫେଭରାଇଟ୍ ମି-ଟାଇମ୍:** ଦିନକୁ ଦିନ ଲାଇଫ୍ ହେକ୍ଟିକ ହେବାରେ ଲାଗିଛି। ଯା ଭିତରେ ନିଜ ପାଇଁ ସମୟ ବାହାର କରିବା କାଠିକର ପାଠ ହୋଇଗଲାଣି। ମୁଁ ଜଣେ ଆର୍ଟିଷ୍ଟ ତା' ସହ ଜଣେ ଉଦ୍ୟୋକ୍ତା। ତେଣୁ ଦୁଇଟି କାମକୁ ବାଲାନ୍ସ କରି ଚାଲିବାକୁ ହୁଏ। ଏସବୁ ଭିତରେ ବି ମୁଁ ମୋ ନିଜ ପାଇଁ କିଛି ସମୟ ବାହାର କରେ। ତେବେ ଯେତିକି ବି ସମୟ ମିଳେ ତା' ଭିତରେ ମୋତେ ଶୋଇବା ପାଇଁ ଭଲଲାଗେ। ଏହା ବ୍ୟତୀତ ନୂଆ ନୂଆ ରେସିପି ଏକ୍ସପେରିମେଣ୍ଟ କରିବା, କାଗଜ/ବାଲିରେ କ୍ରାଫ୍ଟ ପ୍ରସ୍ତୁତ କରିବା, ପେଣ୍ଟିଙ୍ଗ କରିବା ଆଦି ମୋର ମି-ଟାଇମ୍ ଅନ୍ତର୍ଭୁକ୍ତ। ଏକ ନିର୍ଦ୍ଦିଷ୍ଟ ବ୍ୟବଧାନରେ ପରିବାର ସଦସ୍ୟ, ସାଙ୍ଗସାଥୀ ବା ବେଳେବେଳେ ଏକା ମଧ୍ୟ କୌଣସି ଦୂର ସ୍ଥାନକୁ ବୁଲିବାକୁ ଯାଏ। *– ବିଶ୍ୱଜିତ୍ ନାୟକ, ରାଉରକେଲା, ସୁନ୍ଦରଗଡ*

## ସମର ଡ୍ରିଙ୍କ୍ସ

**ଖରାଦିନେ ଡିହାଇଡ୍ରେସନ୍‌ରୁ ରକ୍ଷା ପାଇବା ପାଇଁ ଦେଶୀ ପାନୀୟ ଜରୁରୀ। ଏହା ଥକ୍କାପଣ ଦୂର କରିବା ସହ ଆପଣଙ୍କୁ କୁଲ୍ ବି ରଖିବ। ଜାଣନ୍ତୁ ସେ ନେଇ କିଛି ଟିପ୍ସ...**

**ଥଣ୍ଡା ପାଣି –** ଖରାଦିନେ ଫ୍ରିଜ୍ ପାଣି ପରିବର୍ତ୍ତେ ମାଠିଆ ପାଣି ପିଅନ୍ତୁ। ଏହି ପ୍ରାକୃତିକ ପାନୀୟ ପ୍ରତି ଋତୁରେ ସ୍ୱାସ୍ଥ୍ୟ ପାଇଁ ଉପକାରୀ। ଏହା ଶରୀରକୁ ଥଣ୍ଡା ରଖିବା ସହ ଏନର୍ଜି ଯୋଗାଇଥାଏ।

**ପଇଡ ପାଣି –** ଏଥିରେ ପ୍ରଚୁର ପରିମାଣରେ ରହିଛି ଇଲେକ୍ଟ୍ରୋଲାଇଟ୍। ଆମ ଶରୀରରେ ଇଲେକ୍ଟ୍ରୋଲାଇଟ୍‌ର ଯଥେଷ୍ଟ ଆବଶ୍ୟକତା ରହିଛି। କିନ୍ତୁ ପରିସ୍ରା ଏବଂ ଝାଳ ଦ୍ୱାରା ଏହା ଶରୀରରୁ ପ୍ରଚୁର ମାତ୍ରାରେ ବାହାରିଯାଇଥାଏ। ତେଣୁ ଇଲେକ୍ଟ୍ରୋଲାଇଟ୍‌ଯୁକ୍ତ ପାନୀୟ ପିଅନ୍ତୁ।

**ଲେମ୍ବୁ ପାଣି –** ଭିଟାମିନ୍ ସି'ରେ ଭରପୂର ଲେମ୍ବୁ ପାଣି ପିଇବା ମାତ୍ରେ ହିଁ ତାହା ଶରୀରକୁ ଥଣ୍ଡା ରଖିଥାଏ। ଲେମ୍ବୁ ପାଣିରେ ଲୁଣ ମିଶାଇ ପିଅନ୍ତୁ। ଆପଣ ଚାହିଁଲେ ଏଥିରେ ଚିନି ବି ମିଶାଇପାରିବେ। ଏଥିରେ ବି ରହିଛି ଇଲୋକ୍ଟ୍ରାଲାଇଟ୍ ଯାହା କି ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୁତ୍ କରିଥାଏ।

**ତରଭୁଜ ଜୁସ୍ –** ତରଭୁଜରେ ରହିଛି ୯୨ ପ୍ରତିଶତ ଜଳୀୟ ଅଂଶ। ପ୍ରତିଦିନ ଏହାକୁ ପିଅନ୍ତୁ।

**ତେନ୍ତୁଳି ପାଣି –** ଏଥିରେ ଭିଟାମିନ୍ ସି, ମିନେରାଲ୍ସ, ଇଲେକ୍ଟ୍ରୋଲାଇଟ୍ସ ଭଳି ପଦାର୍ଥ ମହଜୁଦ ରହିଛି। ତେନ୍ତୁଳି ପାଣିକୁ ଫୁଟାଇ ଏଥିରେ ଚିନି ମିଶାଇ ପିଅନ୍ତୁ। ଏହା ଶରୀରରେ ତାପମାତ୍ରାକୁ ନର୍ମାଲ ରଖିବା ସହ ପେଟ ସମସ୍ୟା ବି ଦୂର କରିଥାଏ।

**ଘୋଳ ଦହି –** ଘୋଳ ଦହି ସମସ୍ତଙ୍କ ପସନ୍ଦ। ଏଥିରେ ପ୍ରଚୁର ମାତ୍ରାରେ ରହିଛି ପ୍ରୋବାୟୋଟିକ୍, ଭିଟାମିନ୍ ଏବଂ ମିନେରାଲ୍ସ। ଖରାଦିନେ ଏହାକୁ ପିଇବା ନିହାତି ଜରୁରୀ। ହାଲ୍‌କା ଭଜାଯାଇଥିବା ଜୀରା ଗ୍ରାଇଣ୍ଡିଂ କରି ଏଥିରେ ମିଶାଇ ପିଇପାରିବେ। ଲୁଣ ଏବଂ ପୋଦିନା ମିଶାଇ ପିଇଲେ ବି ଏହାର ଦୁଇଗୁଣ ଫାଇଦା ପାଇପାରିବେ।

**ଆଖୁ ରସ –** ଖରାଦିନେ ଥକ୍କା ଅନୁଭବ କରୁଥିଲେ ଏହା ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ୍। ପୋଟାସିୟମ୍, ଗ୍ଲୁକୋଜ୍, ଆଣ୍ଟିଅକ୍ସିଡାଣ୍ଟ, କ୍ୟାଲ୍‌ସିୟମ୍ ଏବଂ ମ୍ୟାଗ୍ନେସିୟମ୍‌ରେ ଭରପୂର ଏହି ଜୁସ୍ ଶରୀରକୁ ତୁରନ୍ତ ଏନର୍ଜି ପ୍ରଦାନ କରିଥାଏ।

**ଫ୍ରୁଟ୍ ସେକ୍ –** ତାଜା ଫଳର ସେକ୍ ପ୍ରସ୍ତୁତ କରି ପିଅନ୍ତୁ। ଶରୀର ପାଇଁ ଏହା ବେଶ୍ ଉପକାରୀ।








ସତ୍ୟବାଦୀ ମନୁଷ୍ୟ ମା' ଭଳି ବିଶ୍ୱସନୀୟ, ଜନତାଙ୍କ ଗୁରୁ ଭଳି ପୂଜ୍ୟ ଏବଂ ସଜ୍ଜନ ବ୍ୟକ୍ତି ଭଳି ସମସ୍ତଙ୍କ ପ୍ରିୟ ହୋଇଥାନ୍ତି: -

-ଭଗବାନ ବୁଦ୍ଧ



## ସଂକ୍ଷେପରେ

### ଗଞ୍ଜେଇ ନିଆଁରୁ ଜଳିଗଲା ବସ୍

ଭୁବନେଶ୍ୱର,୨୩।୩ (ବ୍ୟୁରୋ)- ବସ୍ ଭିତରେ ଚାଲିଥିଲା ଗଞ୍ଜେଇ ସେବନ। କେତେଜଣ ଲୋକେ ଏକାଠି ଗଞ୍ଜେଇ ଟାଣିବା ପରେ ଚିଲମର ନିଆଁଝୁଲ ବସ୍ ଭିତରେ ପକାଇ ଦେଇଥିଲେ। ଏହି ନିଆଁରେ ଶେଷରେ ଫାଲଗୁନି ନାମକ ଘରୋଇ ବସ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଛି। ଖଣ୍ଡଗିରି ଆଇଗିଣିଆ ଛକରେ ଗୁରୁବାର ମଧାହ୍ନରେ ଘଟିଛି ଏହି ଘଟଣା। ବସ୍‌ଟି ଖରାପ ହୋଇଯିବାରୁ ଆଇଗିଣିଆ ଛକ ରାସ୍ତା ପାର୍ଶ୍ୱରେ କିଛିଦିନ ହେବ ପଡିରହିଥିଲା। ପ୍ରତିଦିନ ଉକ୍ତ ବସ୍ ଭିତରେ ସ୍ଥାନୀୟ ଯୁବକମାନେ ଆଡ୍ଡା ଜମାଇବା ସହ ନିଶା କାରବାର କରନ୍ତି। ଗୁରୁବାର ମଧାହ୍ନରେ କେତେଜଣ ବ୍ୟକ୍ତି ଗଞ୍ଜେଇ ସେବନ କରି ବାହାରି ଆସିବାର କିଛି ସମୟ ପରେ ହଠାତ ବସ୍ ଭିତରୁ ଧୂଆଁ ବହାରୁଥିବା ଲୋକେ ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ ସମ୍ଭବ ହୋଇ ନ ଥିଲେ। ଖବର ପାଇ ଫାୟାର ଷ୍ଟେଶନରୁ ଅଗ୍ନିଶମ ବାହିନୀ ପହଞ୍ଚି ଅଧଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ।

### ଯୁବକଙ୍କୁ ଛୁରାମାଡ଼

ଭୁବନେଶ୍ୱର,୨୩।୩(ବ୍ୟୁରୋ)- ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶହୀଦନଗର ଥାନା ଟଙ୍କପାଣି ବ୍ରିଜ୍ ଉପରେ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଛୁରାମାଡରେ ବାଙ୍କୁଆଳ ଗ୍ରାମର ସୁବ୍ରତ ଦାଶ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ପିଠି, ହାତ ଓ ପେଟରେ ଗଭୀର ଆଘାତ ଲାଗିଛି। ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ତାଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଶହୀଦନଗର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଶନିବାର ରାତି ପ୍ରାୟ ୭ଟାରେ ସୁବ୍ରତ ବ୍ରିଜ୍ ଉପରେ ଛିଡା ହୋଇଥିଲେ। ଏହି ସମୟରେ ଦୁଇଟି ବାଇକରେ ୫ଜଣ ଯୁବକ ଆସି ସୁବ୍ରତଙ୍କୁ ପ୍ରଥମେ ଗାଳିଗୁଲଜ କରିବା ପରେ ଛୁରିରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ସୁବ୍ରତଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

### ଦୁର୍ଘଟଣାରେ ଯୁବକ ମୃତ

ବାଲିଅନ୍ତା,୨୩।୩ (ଡି.ଏନ୍.ଏ.)- ବାଲିଅନ୍ତା ବଜାର ଏକ ବ୍ୟାଙ୍କ ସମ୍ମୁଖରେ ଶୁକ୍ରବାର ରାତିରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ମଞ୍ଚେଶ୍ୱର ଗ୍ରାମର ସର୍ବେଶ୍ୱର ରାଉତ(୩୫)। ସର୍ବେଶ୍ୱର ଏକ ବାଇକରେ ଭିଙ୍ଗାରପୁର ଶ୍ୱଶୁର ଘରେ ରହୁଥିବା ତାଙ୍କ ସ୍ତ୍ରୀଙ୍କୁ ଦେଖାକରିବାକୁ ଯାଉଥିଲେ। ବାଲିଅନ୍ତା ବଜାର ନିକଟରେ ଏକ ଟ୍ରଲିକୁ ଧକ୍କା ଦେବା ପରେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ପ୍ରାୟ ୧୦ଫୁଟ ତଳକୁ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଏକ ଘରୋଇ ହସ୍ପିଟାଲ ପରେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ।

### କେନାଲରେ ବୁଡ଼ି ଜଣେ ନିଖୋଜ

ବାଲିଅନ୍ତା,୨୩।୩ (ଡି.ଏନ୍.ଏ.)- ବାଲିଅନ୍ତା ଅଣ୍ଡିଲୋ ଗ୍ରାମ ନିକଟରେ ପ୍ରବାହିତ ପୁରୀ ମୁଖ୍ୟ କେନାଲରେ ବୁଡି ଶନିବାର ସନ୍ଧ୍ୟାରେ ଜଣେ ଯୁବକ ନିଖୋଜ ହୋଇଛନ୍ତି। ସେ ରବିନାରାୟଣ ସେନାପତି(୩୫)। ଅନ୍ୟ ଜଣେ ରିତେନ ସାମଲଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ବାଲିଅନ୍ତା ଦମକଳ ବାହିନୀ କର୍ମଚାରୀ ୧ଘଣ୍ଟା ଧରି କେନାଲ ପାଣିରେ ଖୋଜାଖୋଜି କରିଥିଲେ ମଧ ନିଖୋଜ ରବିନାରାୟଣଙ୍କୁ ପାଇ ପାରି ନ ଥିଲେ।

### ମହିଳାଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୨୩।୩ (ବ୍ୟୁରୋ) - ଏୟାରପୋର୍ଟ ଥାନା କେଦାରପଲ୍ଲୀ ବସ୍ତି ପିଏଚ୍‌ଡି କଲୋନୀରେ ରହୁଥିବା ପ୍ରତିମା ନାୟକ ଶନିବାର ଆତ୍ମହତ୍ୟା କରିଛନ୍ତି। ଖବର ପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୬/୧୯) ରୁଜୁ କରି ତଦନ୍ତ କରୁଛି। ଏହି ଘଟଣାରେ ପୋଲିସ ପ୍ରତିମାଙ୍କ ସ୍ୱାମୀ ମୁନା ନାୟକଙ୍କୁ ପଚରାଉଚୁରା କରୁଛି। ସୂଚନା ମୁତାବକ, ମୁନା ୮ ବର୍ଷ ତଳେ ପ୍ରତିମାଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇ ପୁଅ ଅଛନ୍ତି। ମୁନା ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ମଦ ପିଉଥିବାରୁ ସ୍ତ୍ରୀ ପ୍ରତିମାଙ୍କ ସହ ଝଗଡା ହେଉଥିଲା। ଯାହାକୁ ନେଇ ମୁନା ତାଙ୍କୁ ମାରପିଟ୍ କରୁଥିଲେ। ଯାହାକୁ ନେଇ ପ୍ରତିମା ମାନସିକ ଅଶାନ୍ତି ଭିତରେ ରହୁଥିଲେ।

# ରାଜନୈତିକ ଶତ୍ରୁତାରୁ ଗୁଳିମାଡ଼

- ୱାର୍ଡମେମ୍ବରଙ୍କ ଦେଢ଼ଶୁର ଗୁରୁତର
- ଦୁଇ ବାଇକ୍, ଖୋକା ଜବତ: ୩ ଅଟକ

ଖୋର୍ଦ୍ଧା ଅଫିସ, ୨୩।୩

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଓରବରସିଂହ ପଞ୍ଚାୟତ ତେନ୍ତୁଳିମୂଳ (ମଶାଣିଆ ନୂଆସାହି) ଗାଁରେ ରାଜନୈତିକ ଶତ୍ରୁତାରୁ ଶୁକ୍ରବାର ସନ୍ଧ୍ୟାରେ ଗୁଳିମାଡ଼ ହୋଇଛି। ଏଥିରେ ବିଜେଡି କର୍ମୀ ତଥା ୱାର୍ଡମେମ୍ବର ଝିଲି ମହାପାତ୍ରଙ୍କ ସମ୍ପର୍କୀୟ ଦେଢ଼ଶୁର ଯୁଧିଷ୍ଠିର ପାଇକରାୟ(୫୫) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ମଳିପଡା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି। ଯୁଧିଷ୍ଠିରଙ୍କ ଡାହାଣ ଓ ବାମ ଗୋଡ଼ରେ ଗୁଳି ବାଜିଛି। ଏହି ଘଟଣା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ଦୁଇଟି ବାଇକ୍ ଓ ଗୋଟିଏ ଖୋକା ଜବତ କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଛି। ଏହି ଘଟଣାରେ ୩ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଘଟଣା ସହ ରାଜନୈତିକ ଲିଙ୍କ୍ ଥିବାରୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ସେଠାରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଆହତ ଯୁଧିଷ୍ଠିରଙ୍କ ଭାଇବୋହୂ ତଥା ୱାର୍ଡମେମ୍ବର ଝିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଭାଜପା ବିଧାୟକ ପ୍ରାର୍ଥୀଙ୍କ ଇଙ୍ଗିତରେ ଆକ୍ରମଣ ହୋଇଥିବା ସେ ଦର୍ଶାଇଛନ୍ତି।



ଗୁଳିମାଡରେ ଆହତ ଯୁଧିଷ୍ଠିର ।

ପ୍ରକାଶ ଯେ, ଓରବରସିଂହ ସରପଞ୍ଚ ଲୋକନାଥ ପଟ୍ଟନାୟକଙ୍କ ପଦବୀକୁ ଖୋର୍ଦ୍ଧା ସିଭିଲ୍ ଜଜ୍(କନିଷ୍ଠ ବିଭାଗ) ଗତ ୧ତାରିଖରେ ଅସିଦ୍ଧ ଘୋଷଣା କରିବା ସହ ଦ୍ୱିତୀୟ ସ୍ଥାନରେ ଥିବା ସଞ୍ଜୟ କୁମାର ରାଟସିଂହଙ୍କୁ ସରପଞ୍ଚ ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଓରବରସିଂହ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିଲା। ଏହି ଘଟଣାକୁ କେନ୍ଦ୍ରକରି ଶୁକ୍ରବାର ହୋଲି ଖେଳିବା ବାହାନାରେ ପଞ୍ଚାୟତର ପୂର୍ବତନ ସରପଞ୍ଚ ଲୋକନାଥ, ନରଣଗଡ଼ ପଞ୍ଚାୟତ ସମିତିସଭ୍ୟ ଅମରେନ୍ଦ୍ର ବଳିଆରସିଂହ ଓରଫ ହାପି, ଧଉଳିମୁହାଁ ରକେଟ୍ ରାୟସିଂହ ଏବଂ ତେନ୍ତୁଳିମୂଳର କାଳୁ ସାମନ୍ତରାୟ ପ୍ରମୁଖ ତେନ୍ତୁଳିମୂଳ ଗ୍ରାମକୁ ଯାଇଥିଲେ। ସେମାନେ ୱାର୍ଡମେମ୍ବର ଝିଲି ଓ ସ୍ୱାମୀ ଜାପାନୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପୁନର୍ବାର ସନ୍ଧ୍ୟାରେ ୩୦ରୁ ଅଧିକ ଲୋକଙ୍କ ସହ ସ୍କର୍ପିଓ, ବାଇକ୍ ଓ ସ୍କୁଟି ଯୋଗେ ଆସି ପହଞ୍ଚିଥିଲେ। ବନ୍ଧୁକ, ବୋମା ଆଦି ବିଭିନ୍ନ ମାରଣାସ୍ତ୍ରରେ ସଜ୍ଜିତ ଲୋକେ ଜାପାନୀଙ୍କୁ ଖୋଜିବା ସହ ଗାଳିଗୁଲଜ କରିଥିଲେ। ଏହାଶୁଣି ଝିଲିଙ୍କ ସମ୍ପର୍କୀୟ ଦେଢ଼ଶୁର ଯୁଧିଷ୍ଠିର ଘଟଣାର ସମାଧାନ କରିବାକୁ ସେମାନଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ଏଥିରେ ରାଗିଯାଇ ଧୀରେନ ଛୋଟରାୟ ଓରଫ ଲିଟୁ ଯୁଧିଷ୍ଠିରଙ୍କ ଉପରକୁ ଗୁଳିମାଡ କରି ଫେରାର ହୋଇଯାଇଥିଲେ। ଝିଲିଙ୍କ ସୂଚନା ଅନୁସାରେ, ଆକ୍ରମଣକାରୀ ଆଗେ ଗାଳିଗୁଲଜ କରି ମିଥ୍ୟାରେ ଥାନାରେ ଅଭିଯୋଗ କରିଥିଲେ। ଯାହାକୁ ନେଇ ଏକ ମାମଲା (ନଂ. ୪୬/୧୯) ରୁଜୁ ହୋଇଛି। ଆଇଆଇସି ସତ୍ୟଜିତ ଲେଙ୍କାକୁ ପଚାରିବାରୁ ନିର୍ବାଚନ ଚାଲିଥିବା କାରଣରୁ ସୂଚନା ଦେଇପାରିବେ ନାହିଁ କହି ପ୍ରସଙ୍ଗକୁ ଏଡାଇ ଦେଇଛନ୍ତି। ସଂଘର୍ଷ ଘଟଣାରେ ବ୍ୟବହୃତ ସ୍କର୍ପିଓ ରାକେଶ କୁମାର ଖଣ୍ଡାୟତରାୟଙ୍କ ନାଁରେ ରହିଛି। ସେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ଭାଜପାର ବିଧାୟକ ପ୍ରାର୍ଥୀ କାଳୁଙ୍କ ପୁଅ। ଏ ନେଇ କାଳୁ ଖଣ୍ଡେୟତରାୟ କୁହନ୍ତି, ଟିକେଟ ପାଇବା ପରେ ତାଙ୍କୁ ଫସାଇବାକୁ ଉଦ୍ୟମ ଆରମ୍ଭ ହୋଇଛି। ତାଙ୍କ ପୁଅର ଗାଡ଼ି ସଂଘର୍ଷ ସ୍ଥଳକୁ ଯାଇ ନ ଥିଲା। ସେ କିମ୍ବା ତାଙ୍କ ପରିବାର ଲୋକ ତେନ୍ତୁଳିମୂଳ ବିବାଦ ସମ୍ପର୍କରେ ଜାଣିନାହାନ୍ତି। ରାଜନୈତିକ ବିବାଦ କରିବାକୁ ସେ କାହାରିକୁ ପ୍ରୋତ୍ସାହନ ଦେଇନାହାନ୍ତି। ତଦନ୍ତ କଲେ ସତ୍ୟ ପଦାକୁ ଆସିବ ବୋଲି କାଳୁ କହିଛନ୍ତି।

## ରଥଖଳାରେ ଚାଲିଛି ରୁକୁଣା ରଥ ନିର୍ମାଣ



ରଥଖଳାରେ ରଥ ନିର୍ମାଣ ଚାଲିଛି।

ପୁରୁଣା ଭୁବନେଶ୍ୱର, ୨୩। ୩ (ଡି.ଏନ.ଏ.)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ଯାତ୍ରା ଏପ୍ରିଲ ୧୩ରେ ଅନୁଷ୍ଠିତ ହେବ। ଏଥିପାଇଁ ରଥ ନିର୍ମାଣ କାର୍ଯ୍ୟ ଗତ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଆମ୍ବ କାଠରେ ରଥ ଚକ କାର୍ଯ୍ୟ ଚାଲିଛି। ମୁଖ୍ୟ ମହାରଣା ସେବାୟତ ବଟକୃଷ୍ଣ ମହାରଣାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ହେଉଛି। ଶନିବାର ପାଳିଆ ମହାରଣା ସେବାୟତଙ୍କ ସହ ବାଲିପାଟଣା, ବାଳକାଟୀ ଆଦି ଅଞ୍ଚଳରୁ ୮ଜଣ ମହାରଣା ସେବାୟତଙ୍କୁ ମିଶାଇ ମୋଟ ୧୪ଜଣ ଏହି କାର୍ଯ୍ୟରେ ସାମିଲ ହୋଇଛନ୍ତି। କଟକ ଖପୁରିଆସ୍ଥିତ ସରକାରୀ ଶ' ମିଲରୁ ଚିରଟ ହୋଇ ଅନ୍ୟ କାଠ ଆସିଲା ପରେ ୫୦ରୁ ଉର୍ଦ୍ଧ୍ୱ ମହାରଣା ରଥ ନିର୍ମାଣରେ ଯୋଗଦେବେ ବୋଲି ବଟକୃଷ୍ଣ କହିଛନ୍ତି। ୧୨ ତାରିଖ ନେତ୍ର ଉତ୍ସବ ଅବସରରେ ରୁକୁଣା ରଥ ନିର୍ମାଣ ଶେଷ କରି ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯିବାକୁ ନିର୍ଦ୍ଦେଶ ରହିଛି।

## ଡକାୟତି ଯୋଜନାବେଳେ ୭ ଗିରଫ: ବନ୍ଧୁକ ଜବତ

ପୁରୁଣା ଭୁବନେଶ୍ୱର, ୨୩।୩(ଡି.ଏନ.ଏ.)

ଧଉଳି ଥାନା ଅଧୀନ ନୂଆଗାଁ ମାରୁତି ନଗର ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ଡକାୟତି ଯୋଜନା ଚାଲିଥିବାବେଳେ ପୋଲିସ ଏବଂ ସ୍ୱତନ୍ତ୍ର ଟାସ୍କଫୋର୍ସ ମିଳିତ ଚଢାଉ କରି ଏହାକୁ ପଣ୍ଡ କରି ଦେଇଛନ୍ତି। ଗ୍ୟାଙ୍ଗର ୭ଜଣଙ୍କୁ ଗିରଫ କରିବା ସହ ବନ୍ଧୁକ, ଗୁଳି, ଗୋଟିଏ କାର୍ ଓ ବାଇକ୍‌କୁ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନିରାକାରପୁରର ପ୍ରକାଶ କୁମାର ବେହେରା(୨୩), ଜଙ୍କିଆର ସନ୍ତୋଷ ରାଉତ (୨୪), ଜଟଣୀର ବୁବୁ ବାରିକ ଓରଫ ଲିପୁ (୨୧), ମନୋଜ କୁମାର କାଣ୍ଡି (୨୩), ନୂଆଗାଁର ବିଶ୍ୱଜିତ୍ ବରାଳ (୧୯), ରବୀନ୍ଦ୍ର ବରାଳ (୩୯) ଏବଂ ଚିନ୍ମୟନନ୍ଦ ବଡଜେନା (୩୦)। ଏମାନଙ୍କ ନାମରେ ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଛି। ଏନେଇ ଥାନାରେ ଆଇପିସି ଦଫା ୩୯୯, ୪୦୨, ଆଇପିଏସ୍, ଆର୍ମସ ଆକ୍ଟରେ ନଂ. ୩୬/୧୯ରେ ମାମଲା ରୁଜୁ ହୋଇଛି।

## ଦୁଇ ବାଇକ୍ ଧକ୍କା, ୨ ମୃତ

ପାତ୍ରପଡା/ବାଲିପାଟଣା,୨୩।୩(ଡି.ଏନ.ଏ.)

ପୃଥକ ଦୁଇଟି ସ୍ଥାନରେ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ଜଣଙ୍କର ମୃତ୍ୟୁ ଘଟିଛି। ପ୍ରଥମ ଘଟଣା ତମାଣ୍ଡୋ ଥାନା ଅଧୀନ କଳିଙ୍ଗବିହାର ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଘଟିଥିଲା। ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ସେ ହେଲେ ସ୍ଥାନୀୟ ନାରଗୋଦା ଅଞ୍ଚଳର ଲଲାଟ କିଶୋର ବେହେରା(୪୮)। ଲଲାଟ ନିଜ ବାଇକ୍ (ନଂ.ଓଡି ୩୩ ଭି ୯୬୯୮)ରେ ଜାତୀୟ ରାଜପଥକୁ ଅତିକ୍ରମ କରିବାକୁ ଛିଡା ହୋଇଥିବାବେଳେ ଖୋର୍ଦ୍ଧା ପଟୁ ଆସୁଥିବା ବାଇକ୍ (ନଂ.୦୨ବିଏ ୪୩୩୫) ତାଙ୍କୁ ଧକ୍କା ଦେଇଥିଲା।

ଦ୍ୱିତୀୟ ଘଟଣା ବାଲିପାଟଣା ଥାନା ଅନ୍ତର୍ଗତ ବିଶ୍ୱନାଥପୁର ଛକ ନିକଟରେ ଘଟିଥିଲା। ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାଗଲପୁର ଗ୍ରାମର ଭରତ ଭୋଇଙ୍କର ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ମୃତକଙ୍କ ପରିବାରକୁ ଭେଟି ସାନ୍ତ୍ୱନା ଜଣାଇଛନ୍ତି। ଏହି ଦୁର୍ଘଟଣାରେ ଅଙ୍ଗାରପଡ଼ା ଗ୍ରାମର ପଞ୍ଚାନନ ଦାସ ଆହତ ହୋଇଛନ୍ତି।

## ୩ବର୍ଷର ଝିଅକୁ କିନ୍ନରଙ୍କୁ ବିକ୍ରି କରୁଥିଲେ ମା'

ଭୁବନେଶ୍ୱର, ୨୩।୩ (ବ୍ୟୁରୋ)

କ୍ୟାପିଟାଲ ହସ୍ପିଟାଲ ନିକଟରେ ଗୁରୁବାର ସକାଳେ ଜଣେ ମହିଳା ତାଙ୍କ ୩ବର୍ଷର ଝିଅକୁ ଜଣେ କିନ୍ନରଙ୍କୁ ବିକ୍ରି କରିବାକୁ ଉଦ୍ୟମ କରୁଥିଲେ। ଟଙ୍କା ମୂଲଚାଲ କରିବା ସମୟରେ ସ୍ଥାନୀୟ ଲୋକେ ଜାଣିପାରି ମହିଳାଙ୍କୁ କାବୁ କରି କ୍ୟାପିଟାଲ ହସ୍ପିଟାଲ ଫାଣ୍ଡି ପୋଲିସ ଜିମା ଦେଇଥିଲେ। ଖବର ପାଇ ସିଡବ୍ଲୁସି ଉକ୍ତ ଶିଶୁକୁ ଉଦ୍ଧାର କରି କୋଲଥିଆ ସ୍ଥିତ ଶୁଭଦ୍ରା ମହାଶ୍ରମରେ ଶିଶୁ କନ୍ୟାକୁ ଛାଡ଼ିଛି।

ସୂଚନା ଅନୁଯାୟୀ, ମହିଳା ଓ ତାଙ୍କ ସ୍ୱାମୀଙ୍କ ଘର ନୟାଗଡ଼ ଜିଲାରେ ହୋଇଥିବା ବେଳେ ସେମାନେ ରାଜଧାନୀକୁ ରୋଜଗାର ଆଶାରେ ଆସି ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ବସ୍ତିରେ ଘର ଭଡ଼ା ନେଇ ରହୁଥିଲେ। ମାତ୍ର ସେମାନେ କୌଣସି ରୋଜଗାର କରି ନ ପାରିବାରୁ ଘର ଭଡା ଦେଇପାରି ନ ଥିଲେ। ସେମାନଙ୍କର ଦୁଇଟି ଝିଅ ଥିବାରୁ ପରିବାର ଚଳାଇବା କଷ୍ଟକର ହୋଇପଡିଥିଲା। ସେପଟେ ଘରଭଡା ଦେଇ ନ ପାରିବାରୁ ଘର ମାଲିକ ସେମାନଙ୍କୁ ବାହାର କରି ଦେଇଥିଲେ। ଦମ୍ପତି କ୍ୟାପିଟାଲ ହସ୍ପିଟାଲ ପରିସରରେ ରହୁଥିଲେ। କିଛିଦିନ ତଳେ ମହିଳାଙ୍କ ସ୍ୱାମୀ ପଡିଯିବାରୁ ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସ୍ୱାମୀଙ୍କ ଚିକିତ୍ସା କରିବା ପାଇଁ ସ୍ତ୍ରୀ ନିକଟରେ ଟଙ୍କା ନ ଥିଲା। ତେଣୁ ସେ ଶିଶୁକନ୍ୟାକୁ ବିକ୍ରି କରିବା ପାଇଁ ସ୍ଥିର କରିଥିଲେ। ଗୁରୁବାର ସକାଳ ୧୧ଟା ସମୟରେ କ୍ୟାପିଟାଲ ହସ୍ପିଟାଲ ପରିସରରେ ଜଣେ କିନ୍ନରଙ୍କୁ ଶିଶୁ କନ୍ୟାକୁ ବିକ୍ରି କରିବା ପାଇଁ ଟଙ୍କା ମୂଲଚାଲ କରିବା ବେଳେ ଧରାପଡ଼ିଥିଲେ।



ହୋଲି ଅବସରରେ କିସ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସିନେ କଳାକାର ଓ ଅନ୍ୟମାନଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

## ଓଲିଉଡ କଳାକାରଙ୍କ ସହ ହୋଲି ଖେଳିଲେ କିସ୍ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୩।୩(ବ୍ୟୁରୋ)

ପ୍ରତିବର୍ଷ ଭଳି ଚଳିତବର୍ଷ ହୋଲିର ଅବ୍ୟବହିତ ପୂର୍ବରୁ ଗୁରୁବାର କିସ୍ ପରିସରରେ ବିଶିଷ୍ଟ ଓଡ଼ିଆ ସିନେ ତାରକା, ସାହିତ୍ୟିକ, କଳାକାର, ବ୍ୟଙ୍ଗକାର, ବୁଦ୍ଧିଜୀବୀ, ସମାଲୋଚକ, ଚିତ୍ରାଭିନେତା, ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଅବିର ପର୍ବ ଆୟୋଜିତ ହୋଇଥିଲା। କିସ୍ ଛାତ୍ରୀଛାତ୍ରମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ସମସ୍ତଙ୍କୁ ଅବିର ଲଗାଇ ହୋଲି ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରିଥିଲେ। ଏହାପରେ ଓଡ଼ିଆ ସିନେ ତାରକାଙ୍କ ସମେତ ଅନ୍ୟ ଅତିଥିମାନେ ଅବିର ଖେଳିବା ସହ ନୃତ୍ୟ, ସଙ୍ଗୀତ, ଓ ହାସ୍ୟରସରେ ପିଲାମାନଙ୍କୁ ମନୋରଞ୍ଜନ ଯୋଗାଇଥିଲେ। ପ୍ରତିବର୍ଷ କିସ୍ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ଓ ସେମାନଙ୍କ ମନୋବଳ ବୃଦ୍ଧି କରିବା ସକାଶେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଚଳିତବର୍ଷ ଓଲିଉଡ୍ କଳାକାର ସବ୍ୟସାଚୀ, ଅର୍ଚ୍ଚିତା, ସନ୍‌ମୀରା, ସ୍ୱପ୍ନା, ତମନ୍ନା, ଅନ୍ତରା, ଭୂମିକା, ନିକି, ଅମ୍ଲାନ, ଲିପ୍‌ସା, ହାସ୍ୟ ଅଭିନେତା ହାଡୁଙ୍କ ସମେତ ଓଡ଼ିଆ ଧାରାବାହିକ କଳାକାର ଉପସ୍ଥିତ ଥିଲେ। କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିଭଳି କାଦମ୍ବିନୀ ସମ୍ପାଦିକା ଡ. ଇତି ସାମନ୍ତ, ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଖଟୁଆ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମନୋବଳ ବୃଦ୍ଧି କରାଇଥିଲେ।

- ଚାକରାଣୀ ସହ ପରକୀୟା ପ୍ରୀତି

## ବିରୋଧ କରିବାରୁ ସ୍ତ୍ରୀ ମୁହଁରେ ଗରମ ଆଇରନ ଚେଙ୍କ

ଭୁବନେଶ୍ୱର, ୨୩।୩ (ବ୍ୟୁରୋ)

ଚାକରାଣୀ ସହ ସ୍ୱାମୀଙ୍କ ପରକୀୟା ପ୍ରୀତି ଚାଲିଥିଲା। ସ୍ତ୍ରୀ ଏହା ଜାଣିବା ପରେ ସ୍ୱାମୀଙ୍କୁ ବିରୋଧ କରିଥିଲେ। ଏପରି କି ଏଥିରୁ ନିବୃତ୍ତ ରହିବା ପାଇଁ ସ୍ତ୍ରୀ ସ୍ୱାମୀଙ୍କୁ ଚେତାବନୀ ଦେଇଥିଲେ। ହେଲେ ସ୍ୱାମୀ ରାଗିଯାଇ ଗରମ ଆଇରନ୍‌ରେ ସ୍ତ୍ରୀ ମୁହଁରେ ଚେଙ୍କ ଦେଇଥିଲେ। ଏଭଳି ଘଟଣା ନୟାପଲ୍ଲୀ ଥାନା ବେହେରାସାହିରେ ଦେଖିବାକୁ ମିଳିଛି। ଆହତ ମହିଳା ବେହେରାସାହିର ପୂଜା ବେହେରା କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଏନେଇ ପୂଜା ନୟାପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଗ୍ରହଣ କରି ଘଟଣାର ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ପୂଜା ୧୨ ବର୍ଷ ହେବ ବେହେରାସାହିର ରଞ୍ଜିତ ବେହେରାଙ୍କୁ ବିବାହ କରିଥିଲେ। ହେଲେ ସ୍ୱାମୀଙ୍କର ବିଭିନ୍ନ ସମୟରେ ଅନ୍ୟ ମହିଳାଙ୍କ ସହ ସମ୍ପର୍କ ରହିଥିବା ସ୍ତ୍ରୀ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହେଉଥିଲା। ଗତ କିଛିଦିନ ତଳେ ସ୍ୱାମୀ ରଞ୍ଜିତଙ୍କର ଚାକରାଣୀଙ୍କ ସହ ସମ୍ପର୍କ ଥିବା ନେଇ ପୂଜା ଜାଣି ବିରୋଧ କରିଥିଲେ। ଶନିବାର ସକାଳେ ପୂଜା ପୁଅ ସ୍କୁଲ ଯିବା ପାଇଁ ଡ୍ରେସ୍ ଆଇରନ୍ କରୁଥିଲେ। ଏହି ସମୟରେ ଚାକରାଣୀ ଘରକୁ ଆସିଥିଲେ। ଯାହାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ରଞ୍ଜିତ ଗରମ ଆଇରନ୍‌କୁ ସ୍ତ୍ରୀ ମୁହଁରେ ମାଡ଼ି ଦେଇଥିଲେ। ପୂଜା ଚିତ୍କାର କରିବା ପରେ ପଡୋଶୀ ଆସି ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ।

## ବିଶ୍ୱାବସୁ ଶୁଦ୍ଧ ସୁଆର ନିର୍ବାଚନ

- ପ୍ରେମାନନ୍ଦ ସମ୍ପାଦକ ନିର୍ବାଚିତ
- ସଭାପତି, ଉପସଭାପତି, ସହ ସମ୍ପାଦକ, କୋଷାଧକ୍ଷ ପଦବୀ ଅପ୍ରତିଦ୍ୱନ୍ଦ୍ୱୀ

ପୁରୀ ଅଫିସ, ୨୩।୩

ଶ୍ରୀମନ୍ଦିର ଶୁଦ୍ଧ ସୁଆର ନିଯୋଗ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ୪ଟି ପଦବୀ ଅର୍ଥାତ୍ ସଭାପତି, ଉପସଭାପତି, ସହ ସମ୍ପାଦକ ଏବଂ କୋଷାଧକ୍ଷ ପଦବୀ ଅପ୍ରତିଦ୍ୱନ୍ଦ୍ୱୀ ରହିଥିବାବେଳେ କେବଳ ସମ୍ପାଦକ ପଦବୀ ଲାଗି ନିର୍ବାଚନ ହୋଇଥିଲା। ଏହି ପଦରେ ପ୍ରେମାନନ୍ଦ ଦାସମହାପାତ୍ର ଏବଂ ହରପ୍ରସାଦ ଦାସମହାପାତ୍ରଙ୍କ ମଧ୍ୟରେ ଲଢେଇ ହୋଇଥିଲା। ଏଥିରେ ହରପ୍ରସାଦଙ୍କୁ ପରାସ୍ତ କରି ପ୍ରେମାନନ୍ଦ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାରସ୍ଥିତ କକ୍ଷରେ ନିର୍ବାଚନ ହୋଇଥିଲା। ନିଯୋଗର ୫୦ ସଦସ୍ୟ ଭୋଟ ଦେଇଥିଲେ। ପ୍ରେମାନନ୍ଦ ୨୯ ଖଣ୍ଡ ଭୋଟ ପାଇଥିବା ବେଳେ ହରପ୍ରସାଦ ୨୧ ଭୋଟ ପାଇଥିଲେ। ଅପ୍ରତିଦ୍ୱନ୍ଦ୍ୱୀସଭାପତି ଭାବେ ଗଣେଶ ଦାସମହାପାତ୍ର, ଉପସଭାପତି ଭାବେ ରାମାନନ୍ଦ ଦାସମହାପାତ୍ର, ସହ ସମ୍ପାଦକ ଭାବେ ବଳଭଦ୍ର ଦାସମହାପାତ୍ର ଏବଂ କୋଷାଧକ୍ଷ ଭାବେ କୀର୍ତ୍ତିପ୍ରକାଶ ଦାସମହାପାତ୍ର ନିର୍ବାଚିତ ହୋଇଛନ୍ତି।

## ସୁନୀଲ ମେହେରଙ୍କ ସହଯୋଗୀ ଗିରଫ

ଭୁବନେଶ୍ୱର,୨୩।୩ (ବ୍ୟୁରୋ)

ସେକ୍ସ ଦଲାଲ ସୁନୀଲ ମେହେରଙ୍କ ପ୍ରମୁଖ ସହଯୋଗୀ ଉମାକାନ୍ତ ଦଳେଇକୁ କ୍ୟାପିଟାଲ ଥାନା ପୋଲିସ ଗୁରୁବାର ଗିରଫ କରିଛି। ଉମାକାନ୍ତ ଅନ୍‌ଲାଇନରେ ନିଜେ ଦେହ ବ୍ୟବସାୟ କରିବା ସହ ଆଉ ଜଣେ ଦେହ ଦଲାଲ ଇବ୍ରାହିମଙ୍କ ପାଇଁ କାମ କରୁଥିଲେ। ଏହାସହ ସେ ଏସ୍‌କର୍ଟ ସର୍ଭିସ ମଧ ଯୋଗାଉଥିଲେ। ଏହାଛଡ଼ା ରାଜଭବନ ପେଟ୍ରୋଲ ଟାଙ୍କି ନକଟରୁ ଟ୍ରକ୍ ଡ୍ରାଇଭରଙ୍କୁ ମାଡ ମାରି ଟ୍ରକ୍ ଲୁଟ କରିବା ଘଟଣାରେ ଉମାକାନ୍ତଙ୍କ ହାତ ରହିଥିବା କୁହାଯାଉଛି। ତାଙ୍କ ସହଯୋଗୀମାନେ ଏହି ଲୁଟ୍ କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ତାଙ୍କ ନାମରେ ୧୦ରୁ ଉର୍ଦ୍ଧ୍ୱ ମାମଲା ରହିଥିବା ପୋଲିସ କହିଛି।




ତ୍ରିଭଙ୍ଗ କଳା ନିକେତନ ପକ୍ଷରୁ ଶନିବାର ସୂଚନାଭବନଠାରେ ଆୟୋଜିତ 'ଗୁରୁଶିଷ୍ୟ ପରମ୍ପରା ସମ୍ମାନ-୨୦୧୯' କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ମାନିତ ନୃତ୍ୟଶିଳ୍ପୀମାନେ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ସ୍ୱାମୀ, ଶ୍ୱଶୁର ଗିରଫ

ବାଳକାଟୀ,୨୩।୩ (ଡି.ଏନ୍.ଏ.)

ବାଲିଅନ୍ତା ଥାନା ଅନ୍ତର୍ଗତ ପୂରଣଶାସନ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ପ୍ରେମ ବିବାହର ତିନିମାସ ନ ପୂରୁଣୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି। ପୋଲିସ ମାମଲା(ନଂ ୭୬/୧୯) ରୁଜୁ କରି ସ୍ୱାମୀ ଓ ଶ୍ୱଶୁରଙ୍କୁ ଗିରଫ କରିଛି।

ପୋଲିସ ସୂଚନା ମୁତାବକ, ବୋଧଖଣ୍ଡି ଗ୍ରାମର ଅଟୋଚାଳକ ମଦନ ପଟ୍ଟନାୟକ ଓରଫ ବାପି ଓ ପଡୋଶୀ ରୋଜାଲିନ ବାରିକଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ଗତ ୭ମାସ ହେବ ଉଭୟେ ଘର ଛାଡ଼ି ଚାଲିଯିବାରୁ ରୋଜାଲିନଙ୍କ ପରିବାର ପକ୍ଷରୁ ଥାନାରେ ଏକ ଅଭିଯୋଗ ହୋଇଥିଲା। ପରେ ଉଭୟେ ବିବାହ କରି ପୂରଣଶାସନ ଗ୍ରାମରେ ରହୁଥିଲେ। ଶୁକ୍ରବାର ହାପି ହୋଲି ଖେଳିସାରି ଅଟୋ ନେଇ ଭଡ଼ା କରିବାକୁ ଚାଲିଯାଇଥିଲେ। ରାତି ୭ଟାରେ ଘରକୁ ଫେରି ବହୁ ସମୟ ଧରି ରୋଜାଲିନକୁ ଡାକିବା ସହ କବାଟ ବାଡେଇ ଥିଲେ ମଧ ସେ ଫିଟାଇ ନ ଥିଲେ। ସନ୍ଦେହ ହେବାରୁ ଝରକା ଫାଙ୍କରେ ଚାହିଁବାରୁ ରୋଜାଲିନ ଘର ଆଜବେଷ୍ଟସ ଶେଣିରେ ବେକରେ ଲୁଗାବାନ୍ଧି ଝୁଲୁଥିବା ଦେଖିବାକୁ ପାଇଥିଲେ। ଘଟଣା ବିଷୟରେ ହାପି ତାଙ୍କ ବାପାକୁ ଜଣାଇବାରୁ ଦୁହେଁ ମିଶି ରାତି ୯ଟାରେ ବାଳକାଟୀ ଫାଣ୍ଡିକୁ ଆସି ରୋଜାଲିନ ଆତ୍ମହତ୍ୟା କରିଥିବା ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ଦେବେନ୍ଦ୍ର ସାହୁ ଉଭୟଙ୍କୁ ଅଟକ ରଖି ଘଟଣାସ୍ଥଳକୁ ଯିବାସହ ରୋଜାଲିନଙ୍କ ବାପାଙ୍କୁ ଜଣାଇଥିଲେ। ଶନିବାର ପୂର୍ବାହ୍ନ ୧୧ଟାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପଞ୍ଚନାମା କରାଯାଇ ରୋଜାଲିନଙ୍କ ମୃତଦେହକୁ ଜବତ କରିଥିଲା। ମାତ୍ର ସ୍ୱାମୀ, ଶ୍ୱଶୁର, ଶାଶୁ ଓ ଦିଅରଙ୍କୁ ତୁରନ୍ତ ଗିରଫ କରିବା ପରେ ଶବ ବ୍ୟବଚ୍ଛେଦ ପାଇଁ ଛଡ଼ାଯିବ ବୋଲି ମୃତା ରୋଜାଲିନଙ୍କ ପରିବାର ଅଡ଼ି ବସିଥିଲେ। ଏହାସହ ବନମାଳୀପୁର-ବାଳକାଟୀର ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ବାଲିଅନ୍ତା ଥାନାଧିକାରୀ ପ୍ରଦୀପ ରାଉତ ଓ ଫାଣ୍ଡି ଅଧିକାରୀ ସାହୁ ବୁଝାଶୁଝା କରି ଅବରୋଧ ହଟାଇ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ବ୍ୟଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ସାହୁ କହିଛନ୍ତି।



“ଅର୍ଥ ଆୟୋଗକୁ ଏକ ସ୍ଥାୟୀ ଷ୍ଟାଟସ୍ ପ୍ରଦାନ କରିବାର ଆବଶ୍ୟକତା ରହିଛି ।

–ଶକ୍ତିକାନ୍ତ ଦାସ, ଆର୍‌ବିଆଇ ଗର୍ଭନର



“ଭାରତର ନୂତନ ପିଢି ଟୁରଷ୍ଟ ମାନେ ବର୍ତ୍ତମାନ ଫେଷ୍ଟିଭାଲ୍ ଟୁରିଜିମ୍‌କୁ ଗୁରୁତ୍ୱ ଦେଉଛନ୍ତି।

–ରାଜୀବ୍ କାଲେ, ସଭାପତି, ଥୋମାସ୍ କୁକ୍ ଇଣ୍ଡିଆ

## ସଂକ୍ଷେପରେ

### କର୍ଣାଟକ ବ୍ୟାଙ୍କରେ ୧୩ କୋଟି ଠକେଇ

ନୂଆଦିଲ୍ଲୀ,୨୩-୩: କର୍ଣାଟକ ବ୍ୟାଙ୍କରେ ୧୩.୨୬ କୋଟି ଟଙ୍କାର ଠକେଇ ହୋଇଥିବା ବ୍ୟାଙ୍କ ପକ୍ଷରୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)କୁ ଜଣାଇଦିଆଯାଇଛି। ବ୍ୟାଙ୍କ ପକ୍ଷରୁ ଶନିବାର ଏ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ଏସ୍‌ଆର୍‌ଏସ୍ ଫାଇନାନ୍ସ ଲିମିଟେଡ୍‌କୁ ଦିଆଯାଇଥିବା ଆର୍ଥିକ ସହାୟତା ବାବଦରେ ଏହି ଠକେଇ ହୋଇଛି ବୋଲି ବ୍ୟାଙ୍କ କହିଛି। ଠକେଇ ସମ୍ପର୍କରେ ଆର୍‌ବିଆଇକୁ ସୂଚନା ଦିଆଯାଇଥିବା ନେଇ ବ୍ୟାଙ୍କ ପକ୍ଷରୁ ଷ୍ଟକ୍ ମାର୍କେଟକୁ ଜଣାଇ ଦିଆଯାଇଛି।

### ଆର୍‌ବିଆଇ ଏମ୍‌ପିସି ବୈଠକ ତାରିଖ ଘୋଷଣା





ମୁମ୍ବାଇ,୨୩-୩: ଆସନ୍ତା ଆର୍ଥିକ ବର୍ଷରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ମୁଦ୍ରାନୀତି କମିଟି(ଏମ୍‌ପିସି)ର ୬ଟି ବୈଠକ ବସିବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଆର୍ଥିକ ବର୍ଷ ୨୦୧୯-୨୦ ଲାଗି ଏମ୍‌ପିସିର ପ୍ରଥମ ବୈଠକ ଏପ୍ରିଲ୨ରୁ ୪ ତାରିଖ ଯାଏ ବସିବ। ୪ରେ ମୁଦ୍ରାନୀତି ଘୋଷଣା ହେବ। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏମ୍‌ପିସି ବୈଠକରେ ସରକାରଙ୍କ ଦୁଇ ଜଣ ଓ ବାହାରୁ ୩ ଜଣ ପ୍ରତିନିଧି ରହିବେ। ବାହାର ପ୍ରତିନିଧି ଭାବେ ଭାରତୀୟ ପରିସଂଖ୍ୟାନ ସଂସ୍ଥାର ପ୍ରଫେସର ଚେତନ ଘାଟେ, ଦିଲ୍ଲୀ ସ୍କୁଲ୍ ଅଫ୍ ଇକୋନୋମିକ୍ସର ନିର୍ଦ୍ଦେଶକ ପାମୀ ଦୁଆ ତଥା ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ-ଅହମ୍ମଦାବାଦ୍‌ର ପ୍ରଫେସର ରବୀନ୍ଦ୍ର ଏଚ୍.ଢ଼ୋଲକିଆ ବୈଠକରେ ଯୋଗ ଦେବେ। ଆର୍‌ବିଆଇ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ଦ୍ୱିତୀୟ ଏମ୍‌ପିସି ୩ରୁ ୬ ଜୁନ, ତୃତୀୟ ୫ରୁ୭ ଅଗଷ୍ଟ, ଚତୁର୍ଥ ୧ରୁ ୪ ଅକ୍ଟୋବର, ପଞ୍ଚମ ୩ରୁ ୫ ଡିସେମ୍ବର ଓ ଷଷ୍ଠ ତଥା ଶେଷ ବୈଠକ ୪ରୁ ୬ ଫେବୃୟାରୀ, ୨୦୨୦ରେ ବସିବ।

### ଏନ୍‌ବିଡବ୍ଲ୍ୟୁ ଖାରଜ ଲାଗି ଚୋକ୍‌ସିଙ୍କ ଆବେଦନ



ମୁମ୍ବାଇ,୨୩-୩: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଠକେଇର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସି ଜାମିନବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଖାରଜ କରିବା ଲାଗି ସ୍ଥାନୀୟ ପିଏମ୍‌ଏଲ୍‌ଏ କୋର୍ଟରେ ଆବେଦନ କରିଛନ୍ତି। ଏହି ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଭଣଜା ନୀରବ ମୋଦି ଲଣ୍ଡନରେ ଗିରଫ ହେବାର ଦୁଇଦିନ ପରେ ଚୋକ୍‌ସି ଶୁକ୍ରବାର ଅଦାଲତରେ ଆବେଦନ ଦାଖଲ କରିଛନ୍ତି। ୨୦୧୮ରେ ମହାଠକେଇ ଧରାପଡିବା ପୂର୍ବରୁ ବିଦେଶ ପଳାଇଥିବା ଚୋକ୍‌ସି ତାଙ୍କ ଆବେଦନରେ ସ୍ୱାସ୍ଥ୍ୟ ଖରାପ ଥିବା ଦର୍ଶାଇଛନ୍ତି। ତାଙ୍କ ଓକିଲ ସଞ୍ଜୟ ଆବଟ କହିଛନ୍ତି ଯେ, ଚୋକ୍‌ସି ଦୀର୍ଘଦିନ ହେବ ହୃଦ୍‌ଘାତ ସମସ୍ୟାରେ ପୀଡିତ ଏବଂ ତାଙ୍କ ମୁଣ୍ଡରେ ରକ୍ତ ଜମାଟ ବାନ୍ଧିଯିବାରୁ ସେ ସ୍ୱାସ୍ଥ୍ୟଗତ ସମସ୍ୟା ସହ ସଂଘର୍ଷ କରୁଛନ୍ତି। ଏହାଛଡ଼ା ଭାରତରେ ତାଙ୍କ ଜୀବନ ପ୍ରତି ବିପଦ ଥିବା ସେ କହିଛନ୍ତି।

### ପୂରଣ ହେଲା ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ

ନୂଆଦିଲ୍ଲୀ,୨୩-୩: କେନ୍ଦ୍ର ସରକାର କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି ୮୦ ହଜାର କୋଟି ଟଙ୍କାର ପୁଞ୍ଜିପ୍ରତ୍ୟାହାର ଲକ୍ଷ୍ୟକୁ ଟପିବାରେ ସମର୍ଥ ହୋଇଛନ୍ତି। ଶୁକ୍ରବାର ରୁରାଲ ଇଲେକ୍ଟ୍ରିଫିକେଶନ କର୍ପୋରେଶନକୁ ୧୪,୫୦୦ କୋଟି ଟଙ୍କାରେ ପାୱାର ଫାଇନାନ୍ସ କର୍ପୋରେଶନ ଅଧିଗ୍ରହଣ କରିବା ପରେ ସରକାରଙ୍କ ଲକ୍ଷ୍ୟ ପୂରଣ ହେବା ସମ୍ଭବ ହୋଇଛି। ଅନ୍ୟପକ୍ଷରେ ସରକାର ରାଷ୍ଟ୍ରାୟତ୍ତ କ୍ଷେତ୍ରର ଇଟିଏଫ୍‌ର ପଞ୍ଚମ କିସ୍ତିରୁ ୯୫୦୦ ଟଙ୍କା ପାଇଛନ୍ତି। ଏହାଦ୍ୱାରା ସରକାର ମୋଟରେ ୨୪ ହଜାର କୋଟି ଟଙ୍କା ଗୋଟିଏ ଦିନରେ ପାଇଛନ୍ତି। ଏ ସମ୍ପର୍କରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଟୁଇଟ୍ ଯୋଗେ ଏହା ଜଣାଇଛନ୍ତି। ୨୦୧୭-୧୮ରେ ସରକାର ପୁଞ୍ଜି ପ୍ରତ୍ୟାହାରରୁ ୧ ଲକ୍ଷ କୋଟି ଟଙ୍କା ହାସଲ କରିଥିଲେ।

## ୮୧୦୦ କୋଟିର ବ୍ୟାଙ୍କ ଠକେଇ

# ଗିରଫ ହେଲେ ଷ୍ଟର୍ଲିଂ ବାୟୋଟେକ୍ ନିର୍ଦ୍ଦେଶକ

ନୂଆଦିଲ୍ଲୀ,୨୩-୩





ଗୁଜରାଟ କମ୍ପାନୀ ଷ୍ଟର୍ଲିଂ ବାୟୋଟେକ୍‌ର ୮୧୦୦ କୋଟି ଟଙ୍କାର ବ୍ୟାଙ୍କ ଠକେଇ ମାମଲାରେ ପଳାତକ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ନିର୍ଦ୍ଦେଶକ ହିତେଶ କୁମାର ନରେନ୍ଦ୍ର ଭାଇ ପଟେଲଙ୍କୁ ଆଲ୍‌ବାନିଆରେ ଗିରଫ କରାଯାଇଛି। ଭାରତୀୟ ଯାଞ୍ଚ ଏଜେନ୍ସିଗୁଡ଼ିକ ତାଙ୍କୁ ଗିରଫ କରିବା ଲାଗି ଦୀର୍ଘଦିନ ହେବ ପ୍ରୟାସ ଚଳାଇଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସୂତ୍ର ଅନୁଯାୟୀ, ହିତେଶଙ୍କ ବିରୋଧରେ ମାର୍ଚ୍ଚ ୧୧ରେ ରେଡ୍ କର୍ନର ନୋଟିସ ଜାରି କରାଯାଇଥିଲା। ତାଙ୍କୁ ଗତ ୨୦ରେ ଆଲବାନିଆରେ ରାଷ୍ଟ୍ରୀୟ ଅପରାଧ ବ୍ୟୁରୋ ତିରାନାରୁ ଗିରଫ କରିଛି । ତାଙ୍କୁ ଖୁବଶୀଘ୍ର ପ୍ରତ୍ୟର୍ପଣ କରାଯିବ ବୋଲି ଇଡି ଆଶାବ୍ୟକ୍ତ କରିଛି।

ଏଥିପୂର୍ବରୁ ଚଳିତ ବର୍ଷ ଜାନୁୟାରୀରେ ଦିଲ୍ଲୀର ପାଟିଆଲା ହାଉସ କୋର୍ଟ ଅତିରିକ୍ତ ସ୍ୱତନ୍ତ୍ର ବିଚାରପତି ସତୀଶ କୁମାର ଅରୋରା ଷ୍ଟର୍ଲିଂ ବାୟୋଟେକ ଲିମିଟେଡ୍ (ଏସ୍‌ବିଏଲ୍) ମନି ଲଣ୍ଡରିଂ ମାମଲାରେ କମ୍ପାନୀର ୪ ନିର୍ଦ୍ଦେଶକଙ୍କ ସମେତ ଅନ୍ୟମାନଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ) ଜାରି କରିଥିଲେ। ଏହି ଅଭିଯୁକ୍ତଙ୍କ ମଧ୍ୟରେ ରହିଛନ୍ତି ନୀତିନ ଜୟନ୍ତୀଲାଲ ସନ୍ଦେସରା, ଚେତନ କୁମାର ଜୟନ୍ତୀଲାଲ ସନ୍ଦେସରା, ଦୀପ୍ତି ଚେତନ ସନ୍ଦେସରା ଏବଂ ହିତେଶ କୁମାର ନରେନ୍ଦ୍ର ଭାଇ ପଟେଲ। ଇଡି ପକ୍ଷରୁ ମନିଲଣ୍ଡରିଂ ଆଇନ ଅଧୀନରେ ବିଭିନ୍ନ ଧାରାରେ ୮୧୦୦ କୋଟି ଟଙ୍କାର ବ୍ୟାଙ୍କ ଠକେଇ ମାମଲା ଦାୟର କରାଯାଇଥିଲା। ଅଭିଯୁକ୍ତମାନଙ୍କ ପକ୍ଷରୁ ଆୟକର ବିଭାଗର ଅଧିକାରୀଙ୍କୁ ଲାଞ୍ଚ ଦିଆଯାଇଥିବା ନେଇ ଇଡି ଏବେ ଯାଞ୍ଚ କରୁଛି। ଅଦାଲତ ପକ୍ଷରୁ ଗୁଜରାଟର ଫାର୍ମା କମ୍ପାନୀ ନିର୍ଦ୍ଦେଶକମାନଙ୍କ ବିରୋଧରେ ସମନ ଜାରି କରାଯାଇଥିଲା। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ୮୧୦୦ କୋଟି ଟଙ୍କା ବ୍ୟାଙ୍କ ଠକେଇ କରିବା ପରେ ଷ୍ଟର୍ଲିଂ ବାୟୋଟେକ୍‌ର ଉକ୍ତ ୪ ନିର୍ଦ୍ଦେଶକ, ରାଜଭୂଷଣ ଦୀକ୍ଷିତ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେମନ୍ତ ହାତୀ ଏବଂ ମଧ୍ୟସ୍ଥ ଗଗନ ଧୱନ ଗିରଫଦାରିରୁ ରକ୍ଷା ପାଇବା ଲାଗି ବିଦେଶ ପଳାଇଛନ୍ତି। ଷ୍ଟର୍ଲିଂ ବାୟୋଟେକ ଲିମିଟେଡ, ପିଏମ୍‌ଟି ମେସିନ୍ସ ଲିମିଟେଡ, ଷ୍ଟର୍ଲିଂ ସେଜ୍ ଆଣ୍ଡ ଇନଫ୍ରା ଲିମିଟେଡ, ଷ୍ଟର୍ଲିଂ ପୋର୍ଟ ଲିମିଟେଡ, ଷ୍ଟର୍ଲିଂ ଅଏଲ ରିସୋର୍ସ ଲିମିଟେଡ ଓ ୧୭୦ରୁ ଊର୍ଦ୍ଧ୍ୱ ଭୂତ କମ୍ପାନୀ ଷ୍ଟର୍ଲିଂ ଗ୍ରୁପ୍ ଅଧୀନରେ ରହିଛି। ଉଲ୍ଲେଖଥାଉ କି, ଷ୍ଟର୍ଲିଂ ବାୟୋଟେକ ଗ୍ରୁପ୍ ଆନ୍ଧ୍ର ବ୍ୟାଙ୍କ ନେତୃତ୍ୱରେ ଏକ ବ୍ୟାଙ୍କ ସମୂହରୁ ୮୧୦୦ କୋଟି ଟଙ୍କାର ଋଣ ନେଇ ଆଉ ପରିଶୋଧ କରି ନ ଥିଲେ। ପରେ ଏହାକୁ ଏନ୍‌ପିଏ (ଅନାଦାୟ ଋଣ) ଭାବେ ଘୋଷଣା କରାଯାଇଥିଲା।

### ୨୧ଦେଶର ସହାୟତା ନେବ ଇଡି

ଦିଲ୍ଲୀର ଏକ ଅଦାଲତ ଷ୍ଟର୍ଲିଂ ବାୟୋଟେକ ମାମଲାର ଅଧିକ ଯାଞ୍ଚ ଲାଗି ବ୍ରିଟେନ, ୟୁନାଇଟେଡ ଆରବ ଏମିରେଟ୍ସ(ୟୁଏଇ) ସହିତ ୨୧ ଦେଶକୁ ଲେଟର୍ସ ରୋଗେଟରି(ଏଲ୍‌ଆର୍) ପଠାଇବାକୁ ଇଡିକୁ ଅନୁମତି ଦେଇଛନ୍ତି। ଅତିରିକ୍ତ ସ୍ୱତନ୍ତ୍ର ବିଚାରପତି ସତୀଶ କୁମାର ଅରୋରା ଆମେରିକା, ଚାଇନା, ପାନାମା ତଥା ଅଷ୍ଟ୍ରିଆ ସହିତ ବିଭିନ୍ନ ଦେଶକୁ ଏଲ୍‌ଆର୍ ପଠାଇବା ଲାଗି ଇଡିର ଆବେଦନକୁ ଗ୍ରହଣ କରିଛନ୍ତି। ଇଡି ପକ୍ଷରୁ ଆଲବାନିଆକୁ ମଧ୍ୟ ଏଲ୍‌ଆର ପଠାଯିବ। କାରଣ ସେଠାରେ ଷ୍ଟର୍ଲିଂ ବାୟୋଟେକ୍‌ର ଦୁଇ ନିର୍ଦ୍ଦେଶକ ନୀତିନ ସନ୍ଦେସରା ଓ ଚେତନ କୁମାର ସନ୍ଦେସରା ନାଗରିକତ୍ୱ ଗ୍ରହଣ କରି ବସବାସ କରୁଛନ୍ତି। ଏହି ସୂଚନାକୁ ଗ୍ରହଣ କରି ଆଲବାନିଆରୁ ସେମାନଙ୍କୁ ପ୍ରତ୍ୟର୍ପଣ ଲାଗି ଅଦାଲତ ଇଡିକୁ ଅନୁମତି ଦେଇଛନ୍ତି।

# ମାଲ୍ୟାଙ୍କ ସମ୍ପତ୍ତି ଜବତ ଲାଗି ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୩-୩



ବିଜୟ ମାଲ୍ୟା

ଚିଫ୍ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ ଅଦାଲତ ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ବେଙ୍ଗାଲୁରୁସ୍ଥିତ ସମ୍ପତ୍ତିକୁ ଜୁଲାଇ ୧୦ ତାରିଖ ସୁଦ୍ଧା ଜବତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫରେନ ଏକ୍ସଚେଞ୍ଜ ରେଗୁଲେଶନ ଆକ୍ଟ(ଫେରା) ଉଲ୍ଲଂଘନ ମାମଲାରେ ଶନିବାର ଜଷ୍ଟିସ ଦୀପକ ଶେରାୱତ ଉକ୍ତ ନିର୍ଦ୍ଦେଶ ଜାରି କରିଛନ୍ତି। ମାଲ୍ୟାଙ୍କ ସମ୍ପତ୍ତି ଜବତ କରିବା ଲାଗି ଅଧିକ ସମୟ ଲୋଡି ବେଙ୍ଗାଲୁରୁ ପୋଲିସ ପକ୍ଷରୁ ଇଡି ଓକିଲ ଏନ୍.କେ.ମଟ୍ଟା ଏବଂ ଓକିଲ ସମବେଦନା ବର୍ମାଙ୍କ ଜରିଆରେ ଅପିଲ କରାଯାଇଥିଲା। ଏହା ଉପରେ ଶୁଣାଣି କରି ଅଦାଲତ ସଦ୍ୟତମ ନିର୍ଦ୍ଦେଶ ଜାରି କରିଛନ୍ତି। ଜୁଲାଇ ୧୦ରେ ପରବର୍ତ୍ତୀ ଶୁଣାଣି ହେବାକୁ ଥିବା ବେଳେ ଏହା ପୂର୍ବରୁ ମାଲ୍ୟାଙ୍କ ସମ୍ପତ୍ତି ଜବତ କରାଯିବା ଆବଶ୍ୟକ ବୋଲି ବିଚାରପତି ତାଙ୍କ ନିର୍ଦ୍ଦେଶରେ କହିଛନ୍ତି। ସୂଚନାଥାଉ କି, ମାଲ୍ୟାଙ୍କ ୧୫୯ କୋଟି ଡଲାର ସମ୍ପତ୍ତି ଚିହ୍ନଟ ହୋଇଛି ବୋଲି ବେଙ୍ଗାଲୁରୁ ପୋଲିସ ପକ୍ଷରୁ ଅଦାଲତକୁ କୁହାଯାଇଥିଲା। ସମନ ପାଳନ ନ କରିବାରୁ ଅଦାଲତ ମାଲ୍ୟାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏହାପରେ ୨୦୧୮ ମେ’ ୮ରେ ବେଙ୍ଗାଲୁରୁ ପୋଲିସକୁ ମଦ ବ୍ୟବସାୟୀଙ୍କ ସମ୍ପତ୍ତି ଜବତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ବିରୋଧରେ ୨୦୧୭ ଏପ୍ରିଲ ୧୨ରେ ଏନ୍‌ବିଡବ୍ଲ୍ୟୁ ଜାରି କରାଯାଇଥିଲା।

# ଭାରତୀୟ ଅର୍ଥନୀତିକୁ ନେଇ ବିରୋଧାଭାସ

ନୂଆଦିଲ୍ଲୀ,୨୩-୩

ଭାରତର ଅର୍ଥନୀତିକୁ ନେଇ ଅନ୍ତର୍ଜାତୀୟ ଏଜେନ୍ସିରେ ବିରୋଧାଭାସ ଦେଖାଯାଇଛି। ଗୋଟିଏ ପଟେ ଫିଚ୍ ରେଟିଂ ଏଜେନ୍ସି ଭାରତର ଅର୍ଥନୈତିକ ଅଭିବୃଦ୍ଧି(ଜିଡିପି ଅଭିବୃଦ୍ଧି) ହ୍ରାସ କରିଥିବା ବେଳେ ଅନ୍ୟପଟେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ଭାରତର ଅର୍ଥନୀତିରେ ହେଉଥିବା ସଂସ୍କାରକୁ ପ୍ରଶଂସା କରି ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ବୋଲି ଉଲ୍ଲେଖ କରିଛି। କ୍ରେଡିଟ ରେଟିଂ ଏଜେନ୍ସି ଫିଚ୍ ପକ୍ଷରୁ ଏହାର ରିପୋର୍ଟରେ ୨୦୧୯-୨୦ ଲାଗି ଭାରତର ଜିଡିପି ଅଭିବୃଦ୍ଧି ହାର ୬.୮୦% ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଏଜେନ୍ସି ଚଳିତ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ହାର ପୂର୍ବାନୁମାନକୁ ୭.୨%ରୁ ୬.୯%କୁ ହ୍ରାସ କରିଛି। ଏଥିପୂର୍ବରୁ ଏହା ଗତବର୍ଷ ଡିସେମ୍ବରରେ ଜିଡିପି ଅଭିବୃଦ୍ଧି ହାର ୭.୮%ରୁ ହ୍ରାସ କରି ୭.୨% ରହିବ ବୋଲି ପୂର୍ବାନୁମାନ କରିଥିଲା। ଜିଡିପି ଅଭିବୃଦ୍ଧି ଆଶାଠାରୁ ଅଧିକ ଧୀମା ହେବା କାରଣରୁ ପୂର୍ବାନୁମାନ ହ୍ରାସ କରାଯାଇଛି ବୋଲି ଫିଚ୍ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଆଇଏମ୍‌ଏଫ ନିର୍ଦ୍ଦେଶକ(ସଞ୍ଚାର) ଗ୍ୟାରି ରାଇସ କହିଛନ୍ତି ଯେ, ଭାରତ ଗତ ୫ ବର୍ଷ ଭିତରେ ଆର୍ଥିକ କ୍ଷେତ୍ରରେ ବ୍ୟାପକ ସଂସ୍କାର କାର୍ଯ୍ୟକ୍ରମ ହାତକୁ ନେଇଛି।

# ଏପ୍ରିଲରେ ପିଏମ୍ କିଷାନ ଯୋଜନାର ଦ୍ୱିତୀୟ କିସ୍ତି

ନୂଆଦିଲ୍ଲୀ,୨୩-୩

ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଅଧୀନରେ ପଞ୍ଜୀକୃତ ପ୍ରାୟ ୪.୭୪ କୋଟି ଚାଷୀଙ୍କୁ ଆସନ୍ତା ଏପ୍ରିଲରେ ଦ୍ୱିତୀୟ କିସ୍ତି ସହାୟତା ମିଳିବ। ଏହା ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ। ଦେଶରେ ସାଧାରଣ ନିର୍ବାଚନ ପାଇଁ ଆଚରଣବିଧି ଲାଗୁ ହେବା ପୂର୍ବରୁ ଚଳିତ ମାସ ୧୦ରେ ଚାଷୀଙ୍କୁ ପ୍ରଥମ କିସ୍ତି ସହାୟତା ପ୍ରଦାନ କରାଯାଇଥିଲା। ଜଣେ ବରିଷ୍ଠ ଅଧିକାରୀ ଶନିବାର କହିଛନ୍ତି ଯେ, ୪.୭୪କୋଟି ଚାଷୀଙ୍କ ମଧ୍ୟରୁ ୨.୭୪ କୋଟି ଲାଭାର୍ଥୀଙ୍କୁ ପ୍ରଥମ କିସ୍ତି ମିଳିସାରିଛି। ଅବଶିଷ୍ଟଙ୍କୁ ଚଳିତ ମାସ ଶେଷ ସୁଦ୍ଧା ସହାୟତା ରାଶି ପ୍ରଦାନ କରାଯିବ। ମାର୍ଚ୍ଚ ୧୦ ପୂର୍ବରୁ ପଞ୍ଜୀକୃତ ଚାଷୀଙ୍କୁ ପ୍ରଥମ ଓ ଦ୍ୱିତୀୟ କିସ୍ତି ସହାୟତା ଦେବାକୁ ନିର୍ବାଚନ କମିଶନ କୃଷି ମନ୍ତ୍ରଣାଳୟକୁ ଅନୁମତି ପ୍ରଦାନ କରିଛନ୍ତି। ସୂଚନାଥାଉ କି, କେନ୍ଦ୍ର ସରକାର ଚାଷୀଙ୍କୁ ସହାୟତା ବାବଦରେ ୩ଟି କିସ୍ତିରେ ୨ ହଜାର ଟଙ୍କା ଲେଖାଏ ଦେବାକୁ ଅନ୍ତରୀଣ ବଜେଟରେ ଘୋଷଣା କରି ଏଥିଲାଗି ୭୫ ହଜାର କୋଟି ଟଙ୍କାର ବ୍ୟୟବରାଦ କରିଥିଲେ। ଫେବୃୟାରୀ ୨୪ରେ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଲାଗୁ କରାଯାଇଥିଲା।

# ଏମ୍‌ଜି ମୋଟର୍ସର ନୂଆ ବ୍ରାଣ୍ଡ ଆମ୍ବାସାଡର



ନୂଆଦିଲ୍ଲୀ,୨୩-୩

ପ୍ରମୁଖ କାର ନିର୍ମାତା କମ୍ପାନୀ ମୋରିସ ଗ୍ୟାରେଜେସ୍ (ଏମ୍‌ଜି) ଇଣ୍ଡିଆ ପକ୍ଷରୁ ବ୍ରିଟିଶ ଅଭିନେତା ବେନେଡିକ୍ଟ କମ୍ବରବ୍ୟାଚ୍‌ଙ୍କୁ ଏହାର ନୂଆ ବ୍ରାଣ୍ଡ ଆମ୍ବାସାଡର ଭାବେ ଘୋଷଣା କରାଯାଇଛି। ବିଭିନ୍ନ ଲୋକପ୍ରିୟ ଟିଭି ଶୋ’ ତଥା ସିନେମାରେ ନିଜର ଅଭିନୟ ଯାଦୁ ଦେଖାଇଥିବା ଏହି ଅଭିନେତା ଏମ୍‌ଜିର ଭାରତ ଅପରେଶନର ପ୍ରମୁଖ ଭୂମିକା ନେବେ। ଏକ କ୍ଲାସିକ ତଥା ପ୍ରସିଦ୍ଧ ବ୍ରାଣ୍ଡ ଭାବେ ଏମ୍‌ଜି ଜଣାଶୁଣା। ଏମ୍‌ଜି ଇଣ୍ଡିଆ ଟିମ୍‌ରେ ଯୋଡିହୋଇ ଖୁସି ବୋଲି ସେ କହିଛନ୍ତି। ଏଥିସହ କମ୍ପାନୀ ଏମ୍‌ଜି ହେକ୍ଟର ମଡେଲକୁ ବଜାରକୁ ଆଣିଛି। ଏମ୍‌ଜିକୁ ପ୍ରତିନିଧିତ୍ୱ କରିବାରେ ବେନେଡିକ୍ଟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି କମ୍ପାନୀର ଏମ୍‌ଡି ତଥା ସିଇଓ ରାଜୀବ ଛାବା କହିଛନ୍ତି।

# ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଶତବାର୍ଷିକୀ ପାଳିତ

ଭୁବନେଶ୍ୱର,୨୩-୩

Union Bank of India

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ଶତବାର୍ଷିକୀ ପାଳିତ ହୋଇଯାଇଛି । ଏହି ଅବସରରେ ବ୍ୟାଙ୍କର ବିଶିଷ୍ଟ ଗ୍ରାହକ ଓ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଗ୍ରାହକମାନେ ବ୍ୟାଙ୍କର ସୁଦୃଢ ଏବଂ ନିରନ୍ତର ଅଭିବୃଦ୍ଧି ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି ବ୍ୟାଙ୍କର କ୍ଷେତ୍ରୀୟ ମୁଖ୍ୟ ରୂପଲାଲ ମିନା ଏଥିରେ କହିଛନ୍ତି। ସନ୍ତୁଷ୍ଟ ଗ୍ରାହକ ବ୍ୟାଙ୍କର ବ୍ରାଣ୍ଡ୍ ଆମ୍ବାସାଡର। ଗ୍ରାହକଙ୍କୁ ସନ୍ତୁଷ୍ଟି ପ୍ରଦାନ କରିବା ବ୍ୟାଙ୍କର ଦାୟିତ୍ୱ। ପୂର୍ବତନ କର୍ମଚାରୀଙ୍କ ନିରନ୍ତର ଉଦ୍ୟମ ପାଇଁ ବ୍ୟାଙ୍କ ଦେଶର ଏକ ପ୍ରମୁଖ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ହୋଇ ପାରିଥିବା ସେ ମତ ରଖିଛନ୍ତି। କାର୍ଯ୍ୟକ୍ରମରେ ମେଜର ଜେନେରାଲ ଏସ୍.ଡି. ମହାନ୍ତି, ଉପ-କ୍ଷେତ୍ରୀୟ ମୁଖ୍ୟ ବିନୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରିଟେନର ଧନୀ ଏସୀୟ ତାଲିକା

# ହିନ୍ଦୁଜା ପରିବାର ଶୀର୍ଷରେ

ଲଣ୍ଡନ,୨୩-୩

ବ୍ରିଟେନରେ ବସବାସ କରୁଥିବା ଏସୀୟଙ୍କ ମଧ୍ୟରେ ହିନ୍ଦୁଜା ପରିବାର ଧନୀ ତାଲିକାରେ କ୍ରମାଗତ ଷଷ୍ଠ ବର୍ଷ ଲାଗି ଶୀର୍ଷରେ ରହିଛନ୍ତି। ଚଳିତବର୍ଷ ଲାଗି ପ୍ରକାଶ ପାଇଥିବା ତାଲିକାରେ ୨୫.୨ ବିଲିୟନ ପାଉଣ୍ଡ ସହ ଏହି ପରିବାର ପ୍ରଥମ ସ୍ଥାନରେ ରହିଛନ୍ତି। ଗତ ବର୍ଷକ ମଧ୍ୟରେ ପରିବାରର ମୋଟ ସମ୍ପତ୍ତିର ପରିମାଣ ୩ ବିଲିୟନ ପାଉଣ୍ଡ ବୃଦ୍ଧି ପାଇଛି। ଏସିଆନ ବିଜନେସ ଆୱାର୍ଡସ ଉତ୍ସବରେ ବ୍ରିଟେନସ୍ଥିତ ଭାରତୀୟ ହାଇ କମିଶନର ରୁଚି ଘନଶ୍ୟାମଙ୍କ ଦ୍ୱାରା ଏସିଆନ ରିଚ୍ ଲିଷ୍ଟ ୨୦୧୯ ତାଲିକା ପ୍ରକାଶ କରାଯାଇଥିଲା। ଏଥିରେ ଷ୍ଟିଲ ମ୍ୟାଗନେଟ୍ସ ଲକ୍ଷ୍ମୀ ମିତ୍ତଲ ଏବଂ ତାଙ୍କ ପୁଅ ଆଦିତ୍ୟ ମିତ୍ତଲ ଯଥାକ୍ରମେ ୧୧.୨ ବିଲିୟନ ପାଉଣ୍ଡ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତେବେ ସେମାନଙ୍କର ସମ୍ପତ୍ତି ଆଲୋଚ୍ୟ ବର୍ଷରେ ୨.୮ବିଲିୟନ ପାଉଣ୍ଡ ହ୍ରାସ ପାଇଛି। ପେଟ୍ରୋକେମିକାଲ୍ସ କ୍ଷେତ୍ରରେ ସଫଳତା ହାସଲ କରିଥିବା ଏସ୍.ପି.ଲୋହିଆ ୫.୮ ବିଲିୟନ ପାଉଣ୍ଡ ସହ ତୃତୀୟ ସ୍ଥାନରେ ରହିଛନ୍ତି। ଚଳିତ ବର୍ଷର ଏସୀୟ ରିଚ୍ ଲିଷ୍ଟରେ ଧନୀଙ୍କ ମୋଟ୍ ସମ୍ପତ୍ତି ପରିମାଣ ୮୫.୨ ବିଲିୟନ ପାଉଣ୍ଡ ବୋଲି କୁହାଯାଇଛି। ଗତବର୍ଷ ଅପେକ୍ଷା ଏଥିରେ ମୋଟ ୫ ବିଲିୟନ ପାଉଣ୍ଡ ଅଧିକ ସମ୍ପତ୍ତି ଯୋଡି ହୋଇଛି। ଏହି ତାଲିକାରେ ହୋଟେଲିୟର ଯୋଗିନ୍ଦର ସାଙ୍ଗର ଓ ତାଙ୍କ ପୁତ୍ର ଗିରିଶ୍ ସାଙ୍ଗରଙ୍କ ସମେତ ୭ ଜଣ ନୂଆ ଧନୀଙ୍କୁ ସାମିଲ କରାଯାଇଛି। ଅନ୍ୟତମ ଶୀର୍ଷ ଧନୀ ଲର୍ଡ ସ୍ୱରାଜ ପଲ୍ ଓ ତାଙ୍କ ପରିବାର ୯୦୦ ମିଲିୟନ ପାଉଣ୍ଡ ସହ ତାଲିକାର ୧୭ତମ ସ୍ଥାନରେ ରହିଛନ୍ତି। ତାଲିକା ପ୍ରକାଶ କରିଥିବା ଏସିଆନ ମାର୍କେଟିଂ ଗ୍ରୁପ୍‌ର ଏକଜିକ୍ୟୁଟିଭ ଏଡିଟର ଶୈଳେଶ ସୋଲାଙ୍କି କହିଛନ୍ତି ଯେ, ଏକ ବିଶେଷଜ୍ଞ ଦଳ ଦ୍ୱାରା ଉକ୍ତ ତାଲିକା ପ୍ରସ୍ତୁତ କରାଯାଇଛି।

# ଆନନ୍ଦ ମାର୍ଗ ସ୍କୁଲକୁ ଏସ୍‌ବିଆଇ ଲାଇଫ୍‌ର ସହାୟତା





ଭୁବନେଶ୍ୱର,୨୩-୩

ଏସ୍‌ବିଆଇ ଲାଇଫ୍ ରାଜ୍ୟରେ ଅପପୁଷ୍ଟି ସମସ୍ୟାର ସମାଧାନ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ରାଜ୍ୟର ବାଲେଶ୍ୱର ଜିଲା ଆକିନିଆରେ ଥିବା ଆନନ୍ଦ ମାର୍ଗ ସ୍କୁଲର ପିଲାମାନଙ୍କ ପାଇଁ ମୌଳିକ ଆବଶ୍ୟକତା ସୁବିଧା ପ୍ରଦାନ ଦିଗରେ କମ୍ପାନୀ କାର୍ଯ୍ୟ କରିଛି। ଏହି ସ୍କୁଲରେ ଶିକ୍ଷା ଗ୍ରହଣ କରୁଥିବା ସମାଜର ଅର୍ଥନୈତିକ ସ୍ତରରେ ଦୁର୍ବଳ ଶ୍ରେଣୀର ୭୦ ଆବାସିକ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ ଦିଗରେ ଏହା ଯୋଗଦାନ ରଖୁଛି। ଅତିଥିମାନଙ୍କ ମଧ୍ୟରେ ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସର ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ସଞ୍ଜୟ ଭଟ୍ଟନାଗର ଏକ ଚେକ୍‌କୁ ଆନନ୍ଦ ମାର୍ଗ ସ୍କୁଲର ସମ୍ପାଦକ ଭାସ୍କର ଚନ୍ଦ୍ର ଜେନାଙ୍କୁ ହସ୍ତାନ୍ତର କରିଛନ୍ତି।

"UTS"
ଅସଂରକ୍ଷିତ ଟିକେଟ୍ ପାଇଁ ମୋବାଇଲ୍ ଆପ୍
କାଗଜ ବିହୀନ ଟିକେଟ୍ ବ୍ୟବହାର କରନ୍ତୁ
ସ୍ମାର୍ଟ ଫୋନ୍‌ରେ ଅସଂରକ୍ଷିତ ଟିକେଟ୍ ବୁକ୍ କରନ୍ତୁ



ଭାରତୀୟ ରେଳ ସ୍ମାର୍ଟ ଫୋନ୍ ମାଧ୍ୟମରେ ଅସଂରକ୍ଷିତ ଟିକେଟ୍ ବୁକିଂ ସୁବିଧାକୁ ଏବେ ସବୁ ରେଲୱେ ଜୋନ୍‌ରେ ବିସ୍ତାରିତ କରିଦେଇଅଛି । ଯାତ୍ରୀମାନେ ‘‘ୟୁଟିଏସ୍’’ ଆପ୍ ବ୍ୟବହାର କରି ଅସଂରକ୍ଷିତ ମୋବାଇଲ ଟିକେଟ୍ ସେମାନଙ୍କର ଯାତ୍ରା ପ୍ରାରମ୍ଭ ଷ୍ଟେସନଠାରୁ କୋଙ୍କଣ ରେଳପଥ ବ୍ୟତୀତ ଭାରତର ଯେକୌଣସି ଷ୍ଟେସନକୁ ଟିକେଟ୍ ବୁକ୍ କରି ପାରିବେ ।
ଯାତ୍ରା ପ୍ରାରମ୍ଭ ଷ୍ଟେସନ ପରିସରରୁ ୨୦ ମିଟରରୁ ୫ କି.ମି ପରିଧି ମଧ୍ୟରେ ଟିକେଟ୍ ବୁକିଂ କରାଯାଇପାରିବ ।
5% ବୋନସ୍
R-Wallet ରେ ପ୍ରତ୍ୟେକ ରିଚାର୍ଜରେ
ପୂର୍ବ ତଟ ରେଳପଥ
PR-560/J/18-19
visit us: www.utsonmobile.indianrail.gov.in or mail us- utsonmobileecor@gmail.com

> ଭାରତୀୟ ଓ ବିଦେଶୀ ଖେଳାଳିଙ୍କ ଉପଯୁକ୍ତ ସମ୍ମିଶ୍ରଣ ଯୋଗୁ ଦିଲ୍ଲୀ କ୍ୟାପିଟାଲ୍ସ ଆଇପିଏଲ୍‌ର ଏକ ଶକ୍ତିଶାଳୀ ଦଳ ହୋଇ ଉଭା ହେବ ।
> –କାଗିସୋ ରାବାଡା, ଦକ୍ଷିଣ ଆଫ୍ରିକୀୟ ସ୍ପିଡ୍‌ଷ୍ଟର



> ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଏଥର ଅନ୍ୟ ଦଳଗୁଡ଼ିକ ତୁଳନାରେ କୋଲକାତା ନାଇଟ ରାଇଡର୍ସର ବ୍ୟାଟିଂ ଲାଇନ୍ ଅପ୍ ସବୁଠାରୁ ଶକ୍ତିଶାଳୀ ।
> –ସିମନ କାଟିଚ୍, ନାଇଟ୍ ରାଇଡର୍ସ ସହକାରୀ କୋଚ୍




## ସଂକ୍ଷେପରେ

### ୨୯ରୁ ଦିବାକର ସ୍ୱାଇଁ ସ୍ମାରକୀ ଫୁଟବଲ

**ନରାଜ/କଟକ ଅଫିସ,୨୩।୩:** ନରଣପୁର ଖେଳପଡିଆରେ ଆସନ୍ତା ୨୯ରୁ ୮ମ ଜିଲାସ୍ତରୀୟ ଦିବାକର ସ୍ୱାଇଁ ସ୍ମାରକୀ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ମହାବୀର ସ୍ପୋର୍ଟିଂ ଆନୁକୂଲ୍ୟରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ପ୍ରମୁଖ ଫୁଟବଲ କ୍ଲବ ଅଂଶ ଗ୍ରହଣ କରିବେ। ଏହି ଦଳ ଗୁଡ଼ିକ ହେଲେ କଖଡି, ସିଆର୍‌ଆର୍‌ଆଇ, ତିନିଘରିଆ ଇଲେଭେନ ଷ୍ଟାର, ଚାଉଳିଆଗଞ୍ଜ କ୍ଲବ, ଗ୍ୟାଲେଣ୍ଟ କ୍ଲବ, ସିଡିଏ-୭, ପଟିଆ କ୍ଲବ, ବରାହିପୁର ସୁପର କ୍ଲବ, ୟୁଥ କ୍ଲବ, ବାଟାଙ୍ଗିମ କ୍ଲବ, ୟୁନାଇଟେଡ କ୍ଲବ, ମହାବୀର ସ୍ପୋର୍ଟିଂ, ଖାନନଗର ୟଙ୍ଗ ଉତ୍କଳ କ୍ଲବ, ସାଇଁଷ କ୍ଲବ, ବଉଳକୁଦ କ୍ଲବ ଓ ଓଏସ୍‌ଏପି ୬ଷ୍ଠ ବାଟାଲିୟନ। ଦୁଇଟି ଗ୍ରୁପରେ ଦଳ ଗୁଡ଼ିକୁ ବିଭକ୍ତ କରାଯାଇଥିବା ବେଳେ ଫାଇନାଲ ମୁକାବିଲା ୩୧ରେ ଅନୁଷ୍ଠିତ ହେବ। ଅପରାହ୍ନ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଲିଗ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ।

### ଜ୍ୟାକ୍ସଙ୍କ ୨୫ ବଲ୍‌ରେ ଶତକ




**ନୂଆଦିଲ୍ଲୀ, ୨୩।୩ (ପି.ଟି.):** ଦୁବାଇଠାରେ ଗୁରୁବାର ଲଙ୍କାଶାୟାର ବିପକ୍ଷ ଏକ ପ୍ରି-ସିଜନ ଟି୧୦ ମୁକାବିଲାରେ ସରେ ଦଳର ବ୍ୟାଟ୍ସମ୍ୟାନ ୱିଲ ଜ୍ୟାକ୍ସ ମାତ୍ର ୨୫ ବଲ୍‌ରୁ ଶତକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ସେ ତାଙ୍କ ଶତକୀୟ ଇନିଂସରେ ମୋଟ ଉପରେ ୮ ଚୌକା ଏବଂ ୧୧ ଛକା ଲଗାଇଛନ୍ତି। ଜ୍ୟାକ୍ସ ତାଙ୍କ ଶତକ ପଥରେ ଗୋଟିଏ ଓଭରରେ ୬ଟି ଛକା ମାରିଥିଲେ। ସେ ଆହୁରି ମଧ ୧୦ଓଭର ଫର୍ମାଟରେ ଗତବର୍ଷ ଆଲେକ୍ସ ହେଲ୍ସଙ୍କ ସର୍ବାଧିକ ସ୍କୋର ରେକର୍ଡ (୮୭ରନ)କୁ ଭଙ୍ଗ କରିଦେଇଛନ୍ତି। ଜ୍ୟାକ୍ସ ପ୍ରଥମେ ମାତ୍ର ୧୪ଟି ବଲ୍‌ରେ ତାଙ୍କ ଅର୍ଦ୍ଧଶତକ ହାସଲ କରିଥିଲେ। ପରେ ଲଗାତର ୬ଟି ଛକା ସହାୟତାରେ ସେ ଶତକ ଅର୍ଜନ କରିଥିଲେ। ଜ୍ୟାକ୍ସଙ୍କ ପ୍ରଭାବୀ ପ୍ରଦର୍ଶନ ସହାୟତାରେ ସରେ ୧୭୬ ରନ ସ୍କୋର କରିପାରିଥିଲା। ଏଥିସହିତ ଦଳ ୯୫ ରନରେ ବିଜୟ ହାସଲ କରିଥିଲା।




ଟ୍ରଫି ସହ ସାଫ୍ ଚାମ୍ପିୟନ ଭାରତୀୟ ମହିଳା ଫୁଟବଲ ଦଳର ଖେଳାଳିମାନେ ଖୁସି ମନାଉଛନ୍ତି।

# ଭାରତକୁ କ୍ରମାଗତ ୫ମ ସାଫ୍ ଟାଇଟଲ

**ନୂଆଦିଲ୍ଲୀ,୨୩।୩(ପିଟି)**

ସାଫ ମହିଳା ଚାମ୍ପିୟନଶିପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ କ୍ରମାଗତ ୫ମ ଟାଇଟଲ ହାସଲ କରିଛି। ଫାଇନାଲରେ ନେପାଳକୁ ୩-୧ ଗୋଲରେ ହରାଇ ଭାରତ ଏହି ସଫଳତା ପାଇଛି। ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳର କ୍ରମାଗତ ବିଜୟ ଧାରା ୨୩ ମ୍ୟାଚ୍‌ରେ ପହଞ୍ଚିଛି। ଭାରତ ପକ୍ଷରୁ ଦାମିଲା ଛିବର, ଗ୍ରେସ ଡାଙ୍ଗମେଇ ଓ ଅଞ୍ଜୁ ତାମଙ୍ଗ ଗୋଲ ଦେଇଥିଲେ। ମ୍ୟାଚ୍‌ର ପ୍ରଥମ ମିନିଟ୍‌ରୁ ଉଭୟ ଦଳ ମଧରେ କଡ଼ା ସଂଘର୍ଷ ହୋଇଥିଲା। ୨୬ତମ ମିନିଟ୍‌ରେ ଛିବର ଭରତ ପାଇଁ ପ୍ରଥମ ଗୋଲ ଦେଇଥିଲେ। ଏହାର ଜବାବରେ ୩୪ତମ ମିନିଟ୍‌ରେ ନେପାଳ ଲାଗି ସାବିତ୍ରୀ ଭାଣ୍ଡାରୀ ସ୍କୋର କରି ମ୍ୟାଚ୍‌କୁ ସମାନ ସ୍ତରକୁ ଆଣିଥିଲେ। ଦ୍ୱିତୀୟାର୍ଦ୍ଧରେ ଗ୍ରେସ (୬୩ ତମ ମିନିଟ୍) ଓ ଅଞ୍ଜୁ (୭୮ ତମ ମିନିଟ୍) ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

## ଫାଓ ପକ୍ଷରୁ ଜବାମଣୀଙ୍କୁ ଆର୍ଥିକ ପୁରସ୍କାର



**କଟକ ଅଫିସ,୨୩।୩:** ନେପାଳର ଶହୀଦ ରଙ୍ଗଶାଳା ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ସାଫ୍ ମହିଳା ଫୁଟବଲ ଚାମ୍ପିୟନଶିପରେ ଭାରତ ୩-୧ ଗୋଲରେ ଆୟୋଜକ ନେପାଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଏହି ଚାମ୍ପିୟନ ଦଳର ସଦସ୍ୟା ଭାବେ ଓଡ଼ିଶାର ଜବାମଣୀ ଟୁଡୁ ରହିଥିଲେ। ଫାଇନାଲ ମୁକାବିଲାର ପ୍ରାରମ୍ଭିକ ଏକାଦଶରେ ଜବାମଣୀଙ୍କୁ ସୁଯୋଗ ମିଳିଥିଲା। ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲର ଅନ୍ତେବାସୀ ଥିବା ଜବାମଣୀଙ୍କୁ ଏହି ଅବସରରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ପକ୍ଷରୁ ଅଭିନନ୍ଦନ ଜଣାଯାଇଛି। ଏଥିସହ ଫାଓ ପକ୍ଷରୁ ଆର୍ଥିକ ପୁରସ୍କାର ରାଶି ପ୍ରଦାନ ନେଇ ଘୋଷଣା ମଧ କରାଯାଇଛି। ଜବାମଣୀଙ୍କୁ ୧୦ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଫାଓ ସମ୍ପାଦକ ସଞ୍ଜୟ ବେହେରା ସୂଚନା ଦେଇଛନ୍ତି। ସୂଚନା ଥାଉକି, ଭାରତ ଲଗାତାର ଭାବେ ଏହି ଚାମ୍ପିୟନଶିପ ୫ଥର ବିଜୟୀ ହୋଇଛି।

# ଭାରତର ବିଜୟ ଅଭିଯାନ

**ଇପୋ (ମାଲେସିଆ),୨୩।୩ (ପି.ଟି.)**

ଏଠାରେ ଆରମ୍ଭ ହୋଇଥିବା ୨୮ତମ ଆଜଲାନ ଶାହ କପ୍ ହକି ଟୁର୍ଣ୍ଣାମେଣ୍ଟରେ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶନିବାର ଖେଳାଯାଇଥିବା ଭାରତ ଦମ୍‌ଦାର ପ୍ରଦର୍ଶନ କରି ତା'ର ପ୍ରଥମ ମ୍ୟାଚ୍‌ରେ ଏସିଆନ ଗେମ୍ସ ଚାମ୍ପିୟନ ଜାପାନକୁ ୨-୦ ଗୋଲରେ ପରାସ୍ତ କରିଛି। ମ୍ୟାଚ୍‌ର ୨୪ତମ ମିନିଟ୍‌ରେ ବରୁଣ କୁମାର ଏକ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଭାରତକୁ ଅଗ୍ରଣୀ କରାଇଥିଲେ। ଏହାପରେ ୫୫ତମ ମିନିଟ୍‌ରେ ସିମରନଜିତ୍ ସିଂ ଅଧିନାୟକ ମନପ୍ରୀତ ସିଂଙ୍କ ଚମତ୍କାର ପାସ୍‌କୁ ଗୋଲରେ ପରିଣତ କରି ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଏହି ବିଜୟ ସହ ୫ଥର ଟାଇଟଲ ହାସଲ କରିଥିବା ଭାରତ ୩ ପଏଣ୍ଟ ହାସଲ କରିଛି। ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ରବିବାର କୋରିଆକୁ ଭେଟିବ। ସେହିପରି ୨୬ରେ ଭାରତ ମାଲେସିଆ, ୨୭ରେ କାନାଡ଼ା ଓ ୨୯ରେ ପୋଲାଣ୍ଡକୁ ଭେଟିବ। ରାଉଣ୍ଡ ରବିନ୍ ଲିଗ୍‌ର ଶ୍ରେଷ୍ଠ ଦୁଇଟି ଦଳ ୩୦ ତାରିଖରେ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ।

ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରେ କୌଣସି ଦଳ ଗୋଲ ଦେବାରେ ସଫଳ ହୋଇ ନ ଥିଲେ। ଦ୍ୱିତୀୟ କ୍ୱାର୍ଟର ଶେଷ ହେବାକୁ ଆଉ ୮ ମିନିଟ ବାକିଥିବା ବେଳେ ଭାରତର ବରୁଣ ପେନାଲ୍ଟି ଜରିଆରେ ଗୋଲ ଦେବାକୁ ସକ୍ଷମ ହୋଇଥିଲେ। ତୃତୀୟ କ୍ୱାର୍ଟରରେ ଜାପାନ ୩୩ତମ ମିନିଟ୍‌ରେ ତା'ର ପ୍ରଥମ ପେନାଲ୍ଟି କର୍ନର ସୁଯୋଗ ପାଇଥିଲା। ତେବେ ଭାରତୀୟ ଗୋଲ କିପର ପି.ଆର. ଶ୍ରୀଜେସ୍ ଜାପାନର ଏହି ପ୍ରୟାସକୁ ପଣ୍ଡ କରିଥିଲେ। ୫୫ତମ ମିନିଟ୍‌ରେ ଜାପାନ ତା'ର ଗୋଲ କିପରଙ୍କୁ ହଟାଇ ଦ୍ୱାଦଶ ଖେଳାଳିଙ୍କର ଉପଯୋଗ କରିଥିଲା। ଭାରତ ଏହାର ଫାଇଦା ଉଠାଇ ସିମରନଜିତ୍‌ଙ୍କ ଜରିଆରେ ଗୋଲ ଦେବାରେ ସଫଳ ହୋଇଥିଲା ଓ ଭାରତ ୨-୦ରେ ଅଗ୍ରଣୀ ହୋଇଥିଲା।

### ଆଜଲାନ ଶାହ କପ୍ ହକି




ଗୋଲ୍‌ସ୍କୋର ପରେ ଉଲ୍ଲସିତ ଭାରତୀୟ ଦଳ।

# ରାଜ୍ୟସ୍ତରୀୟ ଜିମ୍ନାଷ୍ଟିକ ଉଦ୍‌ଘାଟିତ

**ପୁରୀ ଅଫିସ,୨୩।୩**

ଓଡ଼ିଶା ଜିମ୍ନାଷ୍ଟିକ ଆସୋସିଏଶନ ଆନୁକୂଲ୍ୟରେ ଦୁଇ ଦିନିଆ ୪୧ତମ ରାଜ୍ୟସ୍ତରୀୟ ଜିମ୍ନାଷ୍ଟିକ ଚାମ୍ପିୟନଶିପ୍ ଶନିବାରଠାରୁ ଆରମ୍ଭ ହୋଇଛି। ଏହା ରବିବାର ଉଦ୍‌ଯାପିତ ହେବ। ମିନି, ସବ୍‌ଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ୮ଟି ଜିଲାରୁ ୧୩୦ଜଣ ପ୍ରତିଯୋଗୀ ଯୋଗଦାନ କରିଛନ୍ତି। ଏଥିରେ ପୁରୀ ସମେତ କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ସମ୍ବଲପୁର, ଗଞ୍ଜାମ, ମୟୂରଭଞ୍ଜ ଓ କୋରାପୁଟରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି।

ଜିମ୍ନାଷ୍ଟିକ କୋଚ୍ ପ୍ରଦୀପ ସାହୁ ପ୍ରତିଯୋଗିତାର ପରିଚାଳନା ଦାୟିତ୍ୱରେ ରହିଥିବାବେଳେ ରେଫରି ଭାବେ କେ. କ୍ରିଷ୍ଣାରାଓ, ସାଗର ସାହୁ, ଶୁଭେନ୍ଦୁ ପାତ୍ର, ଆର୍. ମହେଶ, କ୍ରୀଡ଼ା ସଂଗଠକ ସବ୍ୟସାଚୀ ରଥ ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷାଧିକାରୀ ହୃଷୀକେଶ କାଣ୍ଡି, ଅନ୍ତର୍ଜାତୀୟ କୋଚ୍ ଅଶୋକ ମିଶ୍ର, ଇଂ. ସୁବ୍ରତ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ।




ପୁରୀରେ ଚାଲିଥିବା ରାଜ୍ୟସ୍ତରୀୟ ଜିମ୍ନାଷ୍ଟିକ୍ ପ୍ରତିଯୋଗିତାର ଉଦ୍‌ଘାଟନୀ ଦିବସରେ ଜଣେ ଜିମ୍ନାଷ୍ଟଙ୍କ କୌଶଳ ପ୍ରଦର୍ଶନ।

## ଶୀର୍ଷରେ ମନ୍ଧାନା, ଗୋସ୍ୱାମୀ

**ଦୁବାଇ,୨୩।୩:** ଆଇସିସି ପକ୍ଷରୁ ପ୍ରକାଶିତ ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଓପନର ସ୍ମୃତି ମନ୍ଧାନା ଓ ଫାଷ୍ଟ ବୋଲର ଝୁଲନ ଗୋସ୍ୱାମୀ ଯଥାକ୍ରମେ ବ୍ୟାଟ୍ସଓମ୍ୟାନ ଓ ବୋଲର ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଭଲ ପ୍ରଦର୍ଶନ ପାଇଁ ମନ୍ଧାନା ଶୀର୍ଷରେ ନିଜ ସ୍ଥିତି ଦୃଢ଼ କରିଛନ୍ତି। ତାଙ୍କ ପଛକୁ ଅଷ୍ଟ୍ରେଲିଆର ଇଲିସେ ପେରି, ଆମି ସାଟରୱେଟ୍, ଭାରତର ମିଥାଲି ରାଜ ରହିଛନ୍ତି।

## ବିବାହ ବନ୍ଧନରେ ଦୁଇ ବାଂଲାଦେଶ କ୍ରିକେଟର

**ଢାକା, ୨୩।୩ (ପିଟି):** ନିକଟରେ ନ୍ୟୁଜିଲାଣ୍ଡରେ ସଂଘଠିତ ଆତଙ୍କବାଦୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତିବା ପରେ ବାଂଲାଦେଶ ଦୁଇ କ୍ରିକେଟର ବିବାହ କରିଛନ୍ତି। ଅଫ୍ ସ୍ପିନର ମେହିଦି ହାସନ ଓ ମୁସ୍ତାଫିଜୁର ରେହମାନ ଅନ୍ୟ ବାଂଲାଦେଶ ଖେଳାଳିଙ୍କ ସହ ମସଜିଦ ଯାଇଥିଲେ। କିନ୍ତୁ ସେଠାରେ ଆତଙ୍କବାଦୀମାନେ ଗୁଳି ବର୍ଷଣ କରୁଥିଲେ। ଟିମ୍ ମ୍ୟାନେଜର ଖଲିଦ ମାଶୁଦଙ୍କ ଅନୁଯାୟୀ ଯଦି ଦଳ କିଛି ସମୟ ପରେ ଆସିଥାନ୍ତା, ତେବେ ଦଳୀୟ ବସ ନିଶ୍ଚିତ ଆକ୍ରମଣର ଶିକାର ହୋଇଥାନ୍ତା। ଏଭଳି ପରିସ୍ଥିତିରୁ ଫେରିବା ପରେ ମେହିଦି ଦୀର୍ଘଦିନର ବାନ୍ଧବୀ ରବେୟା ଆକ୍ତର ପ୍ରତୀଙ୍କୁ ବିବାହ କରିଛନ୍ତି। ସେହିଭଳି ମୁସ୍ତାଫିଜୁର ମଧ ନିଜ ସମ୍ପର୍କୀୟଙ୍କୁ ବିବାହ କରି ନେଇଛନ୍ତି। ଆମେ ବିବାହ ପାଇଁ ଭଲ ସମୟ ଖୋଜୁଥିଲୁ। ଆତଙ୍କବାଦୀ ଆକ୍ରମଣ ପରେ ଶକ୍ତ ମାନସିକ ଆଘାତ ଲାଗିଛି। ଏଥିରେ ବୈବାହିକ ଜୀବନ ପରିବର୍ତ୍ତନ ଆଣିପାରିବ ବୋଲି ମେହିଦି କହିଛନ୍ତି।

# ସେରସା-କାନାରା ବ୍ୟାଙ୍କ ଫାଇନାଲ ଆଜି

**ବନ୍ତ, ୨୩।୩ (ଡି.ଏନ.ଏ./ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ହନୁମାନଜୀଉ ମିନିଷ୍ଟାଡିୟମଠାରେ ଟିଲୋ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଅନ୍ତର୍ଜାତୀୟ ୨୬ତମ ପ୍ରଦୀପ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ କାନାରା ବ୍ୟାଙ୍କ (ବାଙ୍ଗାଲୋର) ପ୍ରବେଶ କରିଛି। ଶନିବାର ଇଣ୍ଡିଆନ ନେଭି (ମୁମ୍ବାଇ) ଓ କାନାରା ବ୍ୟାଙ୍କ (ବାଙ୍ଗାଲୋର) ମଧରେ ୨ୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଇଣ୍ଡିଆନ ନେଭିକୁ ହରାଇ କାନାରା ବ୍ୟାଙ୍କ ଫାଇନାଲକୁ ପ୍ରବେଶ କରିଛି।

### ପ୍ରଦୀପ ମେମୋରିଆଲ କ୍ରିକେଟ

କାନାରା ବ୍ୟାଙ୍କ ଟସ୍ ଜିତି ଫିଲ୍ଡିଂ ପାଇଁ ନିଷ୍ପତ୍ତି ନେଇଥିଲା। ଇଣ୍ଡିଆନ ନେଭି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ନକୁଲ ଶର୍ମାଙ୍କ ୬୦ ଓ ଅନସୁଲ୍ ଗୁପ୍ତାଙ୍କ ୩୫ ରନ୍ ସହାୟତାରେ ୮ ଉଇକେଟ ହରାଇ ୧୭୭ ରନ୍ କରିଥିଲା। ପ୍ରତିପକ୍ଷ ବୋଲର ପ୍ରିନ୍ସ ଆୟପ୍ପା ଓ ପି.କେ ଦାସ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ବିଜୟ ଲକ୍ଷ୍ୟକୁ ପିଛା କରି କାନାରା ବ୍ୟାଙ୍କ ୧୬.୨ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ରାଜୁ ଭଟ୍ଟକଲଙ୍କ ୬୬ ଓ କେଏଲ୍ ସୁଜିତ୍‌ଙ୍କ ୪୦ ରନ୍ କରିଥିଲେ। ଅତିଥି ଭାବେ ଆସୋସିଏଶନର ଉପସଭାପତି ମାନସ ନାୟକ, ସମ୍ପାଦକ ଅସିତ୍ କର, ସୁଧାଂଶୁ ନାୟକ ଓ ପ୍ରଭୁପାଦ ଜେନା କାନାରା ବ୍ୟାଙ୍କର ରାଜୁ ଭଟ୍ଟକଲଙ୍କୁ ସରସ୍ୱତୀ ସେଲ୍ସ ପ୍ରଦତ୍ତ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଓସିଏ ଅମ୍ପାୟର ଲଲାଟ କେଶରୀ ନନ୍ଦ, ରଞ୍ଜନ ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ସଞ୍ଜୟ କୁମାର ମଜୁମଦାର, କହ୍ନେୟା ଲାଲ, ନାରାୟଣ ଧଳ ଏବଂ ସ୍କୋରର ଭାବେ ଶାନ୍ତନୁ ନାୟକ, ଶଙ୍କର୍ଷଣ ଧଳ, ବାପୁନ ଜେନା, ମିଥୁନ ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ରବିବାର ସେରସା ଆଦ୍ରା ରେଲୱେ ବନାମ ବାଙ୍ଗାଲୋର କାନାରା ବ୍ୟାଙ୍କ ମଧରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର ସଭାପତି ଇଂ. ଲକି ମାଷ୍ଟର ସ୍ୱାଇଁ, ବରିଷ୍ଠ ସଦସ୍ୟ ରମାକାନ୍ତ ପାଣିଗ୍ରାହୀ ଓ ପ୍ରଦ୍ୟୁମ୍ନ ସାହୁ ଜଣାଇଛନ୍ତି।

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

CORESONANT SYSTEMS IT TECHNOLOGIES
Wanted Graduates with Computer Skills for SUPERVISOR Role at Haldia, WB.
SALARY: 2.2 Lakhs/Annum.
Interview: 26th & 27th March 2019.
Hotel Grand Central, Old Station Bazar Road, Bhubaneswar.
Contact: +91 9748124266, +91 9652478657.

WANTED
COMPUTER OPERATOR FOR BHUBANESWAR BASED SHOP.
Qualification- +2 with Tally. And Knowledge in Accounts.
CONTACT - WHATSAPP :- 7978646669
CALL-7894430954

WANTED
•TALLY ACCOUNTANT
•SAP Data Entry Operator
•House Keeping staff
•Transport Asst.
•Driver
Salary with ESI
Office: Hanspal, Rudrapur, BBSR
Email: e4consulting@gmail.com

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ, ବୟସ: (18-40) yrs. Monthly salary upto Rs.25000/-.
Contact Immediately
Mob: 8763257042

DOMINOS PIZZA HIRING
Delivery Boy Full Time / Part Time
Salary Rs. 9000/- to 10,000/- per month + Incentive.
Qualification: 10th Pass
Driving License Must.
CALL: 9040033665

REQUIRED
• Banking Asst.( Field) - 2 Nos.
• Civil Supervisor- 1 No
• Purchase Executive- 1 No
Salary 8000/-+ fuel
Mail your C.V :
careersgarggroup@gmail.com

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

REQUIRED
STAFF WITH COMPUTER KNOWLEDGE for Packing, Embossing and Stickering works at Bhubaneswar, Berhampur, Rourkela, Sambalpur, Balasore, Jajpur.
Contact : 9348195700
Email: btisteels@gmail.com

WANTED
ଭୁବନେଶ୍ୱରରେ ଥିବା ଏକ ଲଣ୍ଡ୍ରୀ Workshopପାଇଁ ପିକ୍ ଅପ୍ ଡେଲିଭରୀ ପିଲା, ଇସ୍ତ୍ରୀ କରିବାପାଇଁ କାରିଗର ଓ ଥାକ ସଜାଡିବା ପାଇଁ ପୁଅ କିମ୍ବା ଝିଅ ପିଲା ଆବଶ୍ୟକ ।
Contact : 9238356740
Versa care, Rabi Talkies, BBSR

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
ମେଶିନ ଅପରେଟର
ଯୋଗ୍ୟତା: ପ୍ରାର୍ଥୀ ଅନ୍ୟୂନ +୨ ପାସ୍ କରିଥିବା ସହ ଆଇଟିଆଇ ଶିକ୍ଷା ହାସଲ କରିଥିବେ। ୱେବ୍ ଅଫ୍‌ସେଟ୍ ମେଶିନ୍ ଚାଳନାରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ। ଠିକ୍ ସମୟ ଭିତରେ ଭଲ ପ୍ରିଣ୍ଟ ଏବଂ କମ୍ ୱେଷ୍ଟେଜ୍ ଉପରେ ପ୍ରାଧାନ୍ୟ ଦିଆଯିବ।
ମେଶିନ ସହଯୋଗୀ
ଯୋଗ୍ୟତା: ଅନ୍ୟୂନ ୧୦ମ ଶ୍ରେଣୀ ପାସ୍ କରିଥିବା ଆବଶ୍ୟକ। ୱେବ୍ ଅଫ୍‌ସେଟ ମେଶିନରେ ପୂର୍ବରୁ କାର୍ଯ୍ୟ କରିଥିବା ପ୍ରାର୍ଥୀଙ୍କୁ ପ୍ରାଥମିକତା ଦିଆଯିବ।
ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com
ବି.ଦ୍ର.: ପ୍ରାର୍ଥୀ ଯେଉଁ ପଦବୀ ପାଇଁ ଆବେଦନ କରୁଛନ୍ତି, ତାହାର ନାମ ଦରଖାସ୍ତ ଲଫାପା ଉପରେ ଉଲ୍ଲେଖ କରିବା ଆବଶ୍ୟକ।

ଲୋୟାଲ୍ ଟେକ୍ସଟାଇଲ୍ ମିଲ୍ସ ଲିଃ
21/4 ମିଲ୍ ଷ୍ଟ୍ରିଟ୍, କୋଭିଲପାଟ୍ଟି-628501 (ତାମିଲନାଡୁ)
ଆବଶ୍ୟକ
ଏକ ସରକାରୀ ସ୍ୱୀକୃତିପ୍ରାପ୍ତ ଆଇଏମ୍‌ଏସ୍ ପ୍ରମାଣଧାରୀ ତଥା ବାର୍ଷିକ ଟ.1400 କୋଟିର ବିଶ୍ୱବ୍ୟାପୀ କାରବାରଧାରୀ ଭର୍ଟିକାଲି ଇଣ୍ଟିଗ୍ରେଟେଡ୍ ଫୋର୍ ଷ୍ଟାର୍ ଏକ୍ସପୋର୍ଟ ହାଉସ୍ ଏହାର କୋଭିଲପାଟ୍ଟି, ତାମିଲନାଡୁସ୍ଥିତ ୟୁନିଟ୍ ପାଇଁ ନିମ୍ନଲିଖିତ ପ୍ରାର୍ଥୀ ଆବଶ୍ୟକ କରୁଛି।
ନିଯୁକ୍ତି ଅଧିକାରୀ / ମ୍ୟାନ୍‌ପାୱାର୍ ମୋବିଲାଇଜର୍
ଡିଗ୍ରୀ ସହିତ ସ୍ପିନିଂ, ୱିଭିଂ ଏବଂ ଗାର୍ମେଣ୍ଟ କାରଖାନା ନିମନ୍ତେ ଅଣକୁଶଳୀ କର୍ମଚାରୀ ନିଯୁକ୍ତି (ପୁରୁଷ/ମହିଳା)ରେ ଶ୍ରମବଳ କ୍ଷେତ୍ରରେ 5-7 ବର୍ଷର ଅଭିଜ୍ଞତା। ମନୋନୀତ ପ୍ରାର୍ଥୀ ନିଜସ୍ୱ ସହରରୁ କାମ କରିବେ। ପଦବୀରେ ଆକର୍ଷଣୀୟ ବେତନ ଏବଂ କାର୍ଯ୍ୟ ପ୍ରଦର୍ଶନ ଭିତ୍ତିକ ପ୍ରୋତ୍ସାହନ ରାଶି ରହିଛି। ଉପଯୁକ୍ତ ପ୍ରାର୍ଥୀମାନେ ସେମାନଙ୍କ ରିଜ୍ୟୁମ୍ ତଥା ପାସ୍‌ପୋର୍ଟ ଆକାରର ଫଟୋଗ୍ରାଫ୍ 10 ଦିନ ମଧରେ ନିମ୍ନଲିଖିତ ଠିକଣାରେ ପଠାଇପାରନ୍ତି।
ଭାଇସ୍ ପ୍ରେସିଡେଣ୍ଟ - ୱାର୍କସ୍, ଲୋୟାଲ୍ ଟେକ୍ସଟାଇଲ୍ ମିଲ୍ସ ଲିଃ, 21/4, ମିଲ୍ ଷ୍ଟ୍ରିଟ୍, କୋଭିଲପାଟ୍ଟି - 628501 (ତାମିଲନାଡୁ)।
ଇମେଲ: hr@loyaltextiles.com, ଫୋନ୍: 6379226900, 9442530210

RAJDHANI Pvt. I.T.I Group of Institutions
(Affiliated to N.C.V.T & S.C.T.E & V.T, Govt. of Odisha)
BBSR Campus: Plot: 137, District Centre, Chandrasekharpur, Bhubaneswar-751016.
CUTTACK Campus: Plot: 81, Patapur, Brahmanigaon, Trisulia, Cuttack-754005.
KHORDA Campus: Plot:180, At/Po: Daleiput, Khurda.
Contact: 7749836754, 9338822999, 9040009990. Email: rajdhaniitc06@gmail.com
WALK-IN INTERVIEW

| POST | EXPERIENCE | QUALIFICATION |
|---|---|---|
| T.O (Electrician-4 Nos. / Fitter-4 Nos.) | Minimum 3 yrs in respective post & CTI trained preferred. | Diploma (Mech./Elect.) |
| A.T.O (Elect.- 8 Nos. & Fitter- 8 Nos.) | Minimum 2 yrs for Diploma/ 3 years ITI in respective post with Knowledge in Engg. Drawing (More Preference to CTI certified). | Diploma/ ITI (Elect./Fitter) |
| A.T.O (IT)- 3Nos. | Minimum 3 Years in respective Post (Freshers can also apply) | BCA / BSc. Comp. Sc. / COPA/ DOEACC O Level. |
| A.T.O Employability Skill)- cum- Office - 3 nos. | 3 Years Teaching Experience with proficient Computer Knowledge | BBA with DOEACC A Level. |
| Accountant-2 Nos. | Minimum 5 yrs experience in the respective field | B. Com with tally |
| Supporting Staff Peon- 4 nos. Cook- 4nos. Sweeper- 4Nos. | Minimum 3 yrs experience in respective post (Most preferred for Cook with Peon) | Matriculation / Under Matric |

Above Posts are for CUTTACK, BHUBANESWAR & KHORDA Campus.
Walk-in Interview with your complete bio-data with original certificates, Experience , Aadhar Copy, Recent Photograph etc. for verification from Dt.21.03.2019 to Dt.28.03.2019 from 11a.m to 2p.m except Sunday & Govt. Holidays at Rajdhani Pvt. I.T.I, Plot No.- 137, District Centre, Chandrasekharpur, Bhubaneswar-751016.
Sd/-Secretary

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୪ ମାର୍ଚ୍ଚ, ୨୦୧୯





“ମୋତେ କେବଳ ଅଧିନାୟକ ବିରାଟ କୋହଲିଙ୍କ କ୍ରୋଧକୁ ଭୟ, ଅନ୍ୟ କାହାରିକୁ ମୋର ଡର ନ ଥାଏ ।

–ରିଷଭ ପନ୍ତ, ଉଇକେଟକିପର ବ୍ୟାଟ୍ସମ୍ୟାନ



“ଅଷ୍ଟ୍ରେଲୀୟ ଓପନର ଡେଭିଡ୍ ୱାର୍ନର ଚମତ୍କାର ବ୍ୟାଟିଂ ଦ୍ୱାରା ଅନେକ ଦର୍ଶକଙ୍କୁ ଆକର୍ଷିତ କରିଥାନ୍ତି ।

–ୟୁସୁଫ୍ ପଠାନ, ସନରାଇଜର୍ସ ଖେଳାଳି

## ସଂକ୍ଷେପରେ

## ଜାତୀୟ ଶିବିରରେ ଓଡ଼ିଶାର ସ୍ୱସ୍ତିକ



**କଟକ ଅଫିସ, ୨୩।୩:** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଆସନ୍ତା ଏପ୍ରିଲ ୧୫ ଓ ୧୬ ତାରିଖ ଦୁଇ ଦିନ ଧରି ପଣ୍ଡିଚେରୀରେ ୧୯ବର୍ଷରୁ କମ୍ ଜାତୀୟ ଶିବିର ଅନୁଷ୍ଠିତ ହେବ। ପଣ୍ଡିଚେରୀ କ୍ରିକେଟ ଆସୋସିଏଶନ ଦ୍ୱାରା ହେଉଥିବା ଏହି ଶିବିରରେ ଏଲିଟ୍ ଗ୍ରୁପ-୪ର ଦଳ ଗୁଡ଼ିକରୁ ଖେଳାଳି ଚୟନ କରାଯାଇଛି। ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ସ୍ୱସ୍ତିକ ସାମଲ ଏଥିରେ ସ୍ଥାନ ପାଇବାକୁ ଚୟନ ହୋଇଛନ୍ତି। ୧୪ ତାରିଖରେ ସ୍ୱସ୍ତିକଙ୍କୁ ଶିବିରରେ ପହଞ୍ଚିବାକୁ ପଡ଼ିବ। ଡାହାଣହାତୀ ବ୍ୟାଟ୍ସମ୍ୟାନ ସ୍ୱସ୍ତିକ ରାଜ୍ୟ ୧୯ବର୍ଷରୁ କମ୍ ଦଳରେ ଜଣେ ନିୟମିତ ଖେଳାଳି ଭାବେ ସ୍ଥାନ ପାଇବା ସହ ଚଳିତବର୍ଷ ସିନିୟର ଦଳରେ ପଦାର୍ପଣ କରିଥିଲେ। ଏପରିକି ୨୦୧୮ରେ ୧୯ବର୍ଷରୁ କମ୍ ଚ୍ୟାଲେଞ୍ଜର ଟ୍ରଫିରେ ମଧ ସେ ଇଣ୍ଡିଆ ବ୍ଲୁ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କାର୍ଯ୍ୟକାରୀ କମିଟି ଅଧକ୍ଷ ଧୀରେନ ପଲାଇ ସ୍ୱସ୍ତିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଜୁଭେନାଇଲ-ରାମେଶ୍ୱର ଫାଇନାଲ ଆଜି



**ଭୁବନେଶ୍ୱର, ୨୩।୩ (ସ୍ପୋର୍ଟ୍ସ ବ୍ୟୁରୋ):** ବିଏମ୍ ହାଇସ୍କୁଲ ପଡ଼ିଆରେ ଚାଲିଥିବା ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି ଜୁଭେନାଇଲ ସ୍ପୋର୍ଟିଂ। ଶନିବାର ସେମିଫାଇନାଲରେ ଜୁଭେନାଇଲ ୧୩୧ ରନରେ ରାଇଜିଂ ଷ୍ଟୁଡେଣ୍ଟ୍ସକୁ ପରାସ୍ତ କରିଛି। ରବିବାର ରାମେଶ୍ୱର ଓ ଜୁଭେନାଇଲ ମଧରେ ଫାଇନାଲ ଅନୁଷ୍ଠିତ ହେବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂକରି ଜୁଭେନାଇଲ ପଙ୍କଜ ସେନାପତି (୯୮ ରନ) ଓ ଅନିଲ ପରିଡ଼ା (୫୨)ଙ୍କ ଅର୍ଦ୍ଧଶତକ ବଳରେ ନିର୍ଦ୍ଧାରିତ ୪୦ ଓଭରରେ ୮ ଉଇକେଟ୍ ହରାଇ ୨୫୫ ରନ କରିଥିଲା। ଜ୍ଞାନ ଆଚାର୍ଯ୍ୟ ହ୍ୟାଟ୍ରିକ ସହ ୨୮ ରନ ବିନିମୟରେ ୫ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ୩୪.୫ ଓଭରରେ ୧୨୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରତିପକ୍ଷ ବୋଲର ତେଜେଶ୍ୱର ମହାପାତ୍ର ୩ ଓ ବିନିତ ମହାନ୍ତିଙ୍କୁ ୨ଟି ଉଇକେଟ୍ ମିଳିଥିଲା। ପଙ୍କଜ ସେନାପତିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶା ଜୁନିୟର ଦଳର ଚୟନକର୍ତ୍ତା ସୁବ୍ରତ ବେହେରା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆଲୋକ ଦାସ ଓ ତନ୍ମୟ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ।

## ୨୦ କୋଟି ଦାନ କଲା ବିସିସିଆଇ

**ଚେନ୍ନାଇ, ୨୩।୩ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଶନିବାର ଆଇପିଏଲ ଉଦ୍‌ଘାଟନୀ ଉତ୍ସବ ପାଇଁ ଉଦ୍ଦିଷ୍ଟ ୨୦ କୋଟି ଟଙ୍କା ଆର୍ମଡ ଫୋର୍ସ ଏବଂ ସିଆର୍‌ପିଏଫ୍ ପାଣ୍ଠିକୁ ଦାନ କରିଛି। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଘଟଣାରେ ୪୦ ସିଆରପିଏଫ୍ ଯବାନ ନିହତ ହେବା ପରେ ବିସିସିଆଇ ପରିଚାଳନା ଦାୟିତ୍ୱରେ ଥିବା ପ୍ରଶାସକ କମିଟି (ସିଓଏ) ଆଇପିଏଲ୍‌ର ଆଡମ୍ବରପୂର୍ଣ୍ଣ ଉଦ୍‌ଘାଟନୀ ଉତ୍ସବକୁ ବାତିଲ କରିବା ଲାଗି ନିଷ୍ପତ୍ତି ନେଇଥିଲା। ଇଣ୍ଡିଆନ୍ ଆର୍ମିକୁ ୧୧କୋଟି, ସିଆରପିଏଫ୍‌କୁ ୭ କୋଟି ଏବଂ ନେଭି ଓ ଏୟାର ଫୋର୍ସକୁ ୧ କୋଟି ଲେଖାଏଁ ଦାନ କରିବା ଲାଗି ସର୍ବସମ୍ମତି ନିଷ୍ପତ୍ତି ହୋଇଥିଲା ବୋଲି ବିସିସିଆଇ ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

# ଉଦ୍‌ଘାଟନୀରେ ଚେନ୍ନାଇର ସହଜ ବିଜୟ

**ଆଇପିଏଲ୍-୧୨**

ଚେନ୍ନାଇ, ୨୩।୩(ପି.ଟି.)

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଦ୍ୱାଦଶ ସଂସ୍କରଣ ଆରମ୍ଭ ହୋଇଛି। ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଉଦ୍‌ଘାଟନୀ ମୁକାବିଲାରେ ଗତଥରର ଚାମ୍ପିୟନ ତଥା ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍ସ ୧୪ଟି ବଲ ବାକି ଥାଇ ୭ ଉଇକେଟରେ ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ହରାଇ ଅଭିଯାନ ଆରମ୍ଭ କରିଛି। ଘରୋଇ ପରିବେଶରୁ ଫାଇଦା ଉଠାଇ ଚେନ୍ନାଇର ସ୍ପିନରମାନେ ଦମ୍‌ଦାର ପ୍ରଦର୍ଶନ କରି ବିପର୍ଯ୍ୟୟ ଘଟାଇବା ସହ ବାଙ୍ଗାଲୋରକୁ ବଡ଼ ସ୍କୋର ହାସଲ କରିବାରୁ ବଞ୍ଚିତ କରିଥିଲେ। ଟସ୍ ଜିତି ଚେନ୍ନାଇ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ବାଙ୍ଗାଲୋର ୧୭.୧ ଓଭରରେ ମାତ୍ର ୭୦ ରନରେ ଅଲଆଉଟ ହୋଇଥିଲା। ଜବାବରେ ଚେନ୍ନାଇ ୧୭.୪ ଓଭରରେ ୩ ଉଇକେଟ ବିନିମୟରେ ୭୧ ରନ କରି ମ୍ୟାଚ୍ ହାତେଇ ନେଇଥିଲା। କେଦାର ଯାଦବ ଓ ରବୀନ୍ଦ୍ର ଜାଡେଜା ଅପରାଜିତ ୧୩ ଓ ୬ ରନ କରି ଚେନ୍ନାଇକୁ ଜିତାଇଥିଲେ। ଅନ୍ୟମାନଙ୍କ ମଧରେ ଅମ୍ବାତି ରାୟୁଡୁ ୪୨ବଲରୁ ୨ ଚୌକା ଓ ୧ ଛକା ସହ ୨୮, ସୁରେଶ ରାଇନା ୨୧ ବଲରୁ ୩ ଚୌକା ସହ ୧୯ ରନ କରିଥିଲେ। ତେବେ ଓପନର ସେନ ୱାଟସନ ଖାତା ଖୋଲିବା ପୂର୍ବରୁ ୟୁଜବେନ୍ଦ୍ର ଚହଲଙ୍କ ଦ୍ୱାର କ୍ଲିନ୍ ବୋଲ୍ଡ ହୋଇଥିଲେ। ବୋଲିଂରେ ୟୁଜବେନ୍ଦ୍ର ଚହଲ, ମୋଇନ ଅଲି ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ବାଙ୍ଗାଲୋର ପ୍ରତିପକ୍ଷ ସ୍ପିନରଙ୍କ ସମ୍ମୁଖୀନ ହୋଇପାରି ନ ଥିଲା। ଚେପକର ଏହି ମନ୍ଥର ଉଇକେଟର ଚେନ୍ନାଇ ସ୍ପିନରମାନେ ଫାଇଦା ଉଠାଇଥିଲେ। ଫଳରେ ବାଙ୍ଗାଲୋର ବ୍ୟାଟ୍ସମ୍ୟାନମାନେ ସତେଯେପରି ଆତ୍ମସମର୍ପଣ କରିଥିଲେ। ନିୟମିତ ଅନ୍ତରରେ ଜଣକ ପରେ ଜଣେ ତାରକା ବ୍ୟାଟ୍ସମ୍ୟାନ ପାଭିଲିୟନ ଫେରିଥିଲେ। ଏପରି କି ଦଳର ୧୦ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। କେବଳ ଓପ୍‌ନର ତଥା ଉଇକେଟକିପର ପାର୍ଥିବ ପଟେଲ ୩୫ ବଲର ସମ୍ମୁଖୀନ ହୋଇ ୨ ଚୌକା ସହ ୨୯ ରନ୍ କରି ଶେଷ ବ୍ୟାଟ୍ସମ୍ୟାନ ଭାବେ ଚେନ୍ନାଇ ଦ୍ରୁତ ବୋଲର ଡ୍ୱେନ ବ୍ରାଭୋଙ୍କ ବଲ୍‌ରେ ରବୀନ୍ଦ୍ର ଜାଡେଜାଙ୍କ ହାତରେ ଆଉଟ ହୋଇଥିଲେ। ୮ଟି ଉଇକେଟ ସ୍ପିନରମାନେ ହାତେଇ ନେଇଥିଲେ। ଅଭିଜ୍ଞ ସ୍ପିନର ହରଭଜନ ସିଂ ପ୍ରଥମ ୩ଟି ଉଇକେଟ ଅକ୍ତିଆର କରିଥିଲେ। ପ୍ରଥମେ ଅଧିନାୟକ ବିରାଟ କୋହଲି ମାତ୍ର ୬ ରନ କରି ହରଭଜନଙ୍କ ବଲ୍‌ରେ ଜାଡେଜାଙ୍କୁ କ୍ୟାଚ୍ ଦେଇ ପାଭିଲିୟନ ଫେରିଥିଲେ। ଏହାପରେ ମୋଇନ୍ ଅଲୀ ୯, ଅଭିଜ୍ଞ ଏବି ଡି ଭିଲର୍ସ ୯ ରନ କରି ହରଭଜନଙ୍କ ଶିକାର ହୋଇଥିଲେ। ସିମରନ ହେଟମେୟର ଖାତା ଖୋଲିବା ପୂର୍ବରୁ ସୁରେଶ ରାଇନାଙ୍କ ଥ୍ରୋରେ ଉଇକେଟକିପର ଧୋନୀଙ୍କ ଦ୍ୱାରା ରନ୍‌ଆଉଟ ହୋଇଥିଲେ। ଏହାପରେ ଶିବମ ଦୁବେ ୨ ରନ କରି ଇମ୍ରାନ ତାହିରଙ୍କ ଦ୍ୱାରା ଆଉଟ ହୋଇଥିଲେ। କଲିନ୍ ଡି ଗ୍ରାଣ୍ଡହୋମ୍ ୪ ରନ କରିଥିବା ବେଳେ ଜାଡେଜାଙ୍କ ଶିକାର ହୋଇଥିଲେ। ନବଦୀପ ସଇନି ୨ ଓ ୟୁଜବେନ୍ଦ୍ର ଚହଲ ୪ ରନ କରି ଯଥାକ୍ରମେ ତାହିରଙ୍କ ଦ୍ୱିତୀୟ ଓ ତୃତୀୟ ଶିକାର ହୋଇଥିଲେ। ଉମେଶ ଯାଦବ ୧ ରନ କରିଥିବା ବେଳେ ଜାଡେଜାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ବୋଲିଂରେ ହରଭଜନ ଓ ତାହିର ୩ଟି ଲେଖାଏ, ଜାଡେଜା ୨ ଓ ବ୍ରାଭୋ ଗୋଟିଏ ଉଇକେଟ ହାସଲ କରିଥିଲେ।



ଉଇକେଟ ହାସଲ ପରେ ହରଭଜନ ସିଂଙ୍କୁ ସାଥୀ ଖେଳାଳିଙ୍କ ବଧାଇ।

### ସଂକ୍ଷିପ୍ତ ସ୍କୋର

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୭.୧ ଓଭରରେ ୭୦ ଅଲଆଉଟ (ପାର୍ଥିବ– ୨୯, ହରଭଜନ– ୩/୨୦, ତାହିର– ୩/୯, ଜାଡେଜା– ୨/୧୫, ବ୍ରାଭୋ– ୧/୦)।

ଚେନ୍ନାଇ ସୁପର କିଙ୍ଗ୍ସ ୧୭.୪ ଓଭରରେ ୭୧/୩ (ରାୟୁଡୁ– ୨୮, ରାଇନା– ୧୯, ଚହଲ– ୧/ ୬, ମୋଇନ– ୧/୧୯, ସିରାଜ– ୧/ ୫)

### ଆଜିର ମ୍ୟାଚ

କୋଲକାତା ନାଇଟ୍ ରାଇଡର୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ
ସ୍ଥାନ: କୋଲ୍‌କାତା
ସମୟ: ଅପରାହ୍ନ-୪ଟା

ମୁମ୍ବାଇ ଇଣ୍ଡିଆନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ
ସ୍ଥାନ: ମୁମ୍ବାଇ
ସମୟ: ରାତି ୮ଟା

ପ୍ରସାରଣ: ସୋନି ସ୍ପୋର୍ଟ୍ସ

### ରାଇନାଙ୍କ ରେକର୍ଡ

ଆଇପିଏଲ୍‌ରେ ପ୍ରଥମ ଖେଳାଳି ଭାବେ ଚେନ୍ନାଇ ସୁପର କିଙ୍ଗ୍ସ ବ୍ୟାଟ୍ସମ୍ୟାନ ସୁରେଶ ରାଇନା ୫୦୦୦ ରନ ପୂରଣ କରି ଇତିହାସ ସୃଷ୍ଟି କରିଛନ୍ତି। ଏହି ସଫଳତା ପାଇଁ ସେ ମାତ୍ର ୧୫ ରନ ଆବଶ୍ୟକ କରୁଥିଲେ। ଶନିବାର ଖେଳାଯାଇଥିବା ବାଙ୍ଗାଲୋର ବିପକ୍ଷ ଉଦ୍‌ଘାଟନୀ ମ୍ୟାଚରେ ସେ ୧୯ ରନ କରିବା ସହ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ୧୭୭ଟି ଆଇପିଏଲ୍ ମ୍ୟାଚ୍ ଖେଳି ସେ ଗୋଟିଏ ଶତକ ଓ ୩୫ଟି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ସେ ମଧ ୩ଥର ଆଇପିଏଲ୍‌ର ଗୋଟିଏ ସଂସ୍କରଣରେ ୫୦୦ ରନରୁ ଊର୍ଦ୍ଧ୍ୱ ସଂଗ୍ରହ କରିଛନ୍ତି। ୨୦୧୩ ସଂସ୍କରଣରେ ସେ ୫୪୮ ରନ କରି ବ୍ୟକ୍ତିଗତ ଭାବେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

## କାର୍ଯ୍ୟସୂଚୀ ପରିବର୍ତ୍ତନ ମନା କଲା ଏଆଇଏଫ୍‌ଏଫ୍

**ନୂଆଦିଲ୍ଲୀ, ୨୩।୩ (ପି.ଟି.):** ସୁପର କପ୍ ଫୁଟ୍‌ବଲ ଯୋଗ୍ୟତାପର୍ଯ୍ୟାୟ ମ୍ୟାଚ କାର୍ଯ୍ୟସୂଚୀରେ ପରିବର୍ତ୍ତନ ଲାଗି ଆଇ-ଲିଗ୍ କ୍ଲବଗୁଡ଼ିକ ପକ୍ଷରୁ ହୋଇଥିବା ଦାବିକୁ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ପ୍ରତ୍ୟାଖ୍ୟାନ କରିଦେଇଛି। ଟୁର୍ନାମେଣ୍ଟର ମୁଖ୍ୟ ରାଉଣ୍ଡ ମ୍ୟାଚଗୁଡ଼ିକ ମଧ ପୂର୍ବ ଯୋଜନା ଅନୁସାରେ ମାର୍ଚ୍ଚ ୨୯ରୁ ଆରମ୍ଭ ହେବ ବୋଲି ମହାସଂଘ ସ୍ପଷ୍ଟ କରିଛି। ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ କୁଶାଲ ଦାସ ଶୁକ୍ରବାର ଆଇ-ଲିଗ୍ କ୍ଲବଗୁଡ଼ିକୁ ସୂଚାଇ ଦେଇଥିଲେ, ମହାସଂଘ ସେମାନଙ୍କ ଦାବିଗ୍ରହଣ କରିଛି। ଏପ୍ରିଲ ୧୩ ଓ ୧୫ ମଧରେ ସଭାପତି ପ୍ରଫୁଲ୍ଲ ପଟେଲ କ୍ଲବଗୁଡ଼ିକ ସହିତ ସେମାନଙ୍କ ଅଭିଯୋଗ ଉପରେ ଆଲୋଚନା କରିବେ। କିନ୍ତୁ ସୁପର କପ୍ ଯୋଗ୍ୟତାପର୍ଯ୍ୟାୟ ରାଉଣ୍ଡ କାର୍ଯ୍ୟସୂଚୀରେ କୌଣସି ପରିବର୍ତ୍ତନ ହେବ ନାହିଁ କାରଣ ଏହା ଦ୍ୱାରା ଟୁର୍ନାମେଣ୍ଟ ନୟମ ଉଲ୍ଲଂଘନ ହେବ ବୋଲି ଦର୍ଶାଇଥିଲେ। ପୂର୍ବତନ ଆଇ-ଲିଗ୍ ଚାମ୍ପିୟନ ମିନର୍ଭା ପଞ୍ଜାବ ଓ ଆଇଜଲ ଏଫ୍‌ସି ସମେତ ଗୋକୁଲମ କେରଳ ଭୁବନେଶ୍ୱରରେ ମାର୍ଚ୍ଚ ୧୫ ଓ ୧୬ରେ ସୁପର କପ୍‌ରେ ସେମାନଙ୍କ ଯୋଗ୍ୟତାପର୍ଯ୍ୟାୟ ମ୍ୟାଚ ଖେଳି ନ ଥିଲେ। ଯୋଗ୍ୟତା ରାଉଣ୍ଡ ଆରମ୍ଭ ପୂର୍ବରୁ ପଟେଲଙ୍କ ସହିତ ଆଲୋଚନା ପାଇଁ ଆଇ-ଲିଗ୍‌ଗୁଡ଼ିକ ଅଡି ବସିଥିଲେ। ମାତ୍ର ଏଆଇଏଫ୍‌ଏଫ୍ ଶୁକ୍ରବାର ସେମାନଙ୍କ ଦାବି ଗ୍ରହଣ କରିଥିଲା। ଏଥିସହିତ ଆଇ-ଲିଗ୍‌ର ୬ଟି ଦଳ ଚେନ୍ନାଇ ସିଟି ଏଫ୍‌ସି, ଇଷ୍ଟବେଙ୍ଗଲ, ନେରୋକା ଏଫ୍‌ସି, ରିୟଲ କଶ୍ମୀର ଏଫ୍‌ସି, ମୋହନ ବାଗାନ ଓ ଚର୍ଚ୍ଚିଲ ବ୍ରଦର୍ସ ମାର୍ଚ୍ଚ ୨୯ରୁ ଭୁବନେଶ୍ୱରରେ ଆରମ୍ଭ ହେବାକୁଥିବା ସୁପର କପ୍ ମୁଖ୍ୟ ରାଉଣ୍ଡରେ ଅଂଶଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେବାକୁ ମହାସଂଘ କହିଥିଲା। ନିକଟରେ ସରିଥିବା ଆଇ-ଲିଗ୍‌ରେ ଉକ୍ତ ୬ କ୍ଲବ ଟପ୍-୬ରେ ରହି ସୁପର କପ୍ ରାଉଣ୍ଡ ଅଫ୍-୧୬କୁ ସିଧାସଳଖ ପ୍ରବେଶ କରି ଇଣ୍ଡିଆନ ସୁପର ଲିଗ୍‌ର ଶ୍ରେଷ୍ଠ ୬ ଦଳ ସହ ଯୋଗ ଦେବେ।

## ଟି୨୦ ସିରିଜ ଜିତିଲା ଦକ୍ଷିଣ ଆଫ୍ରିକା

ସେଞ୍ଚୁରିଆନ,୨୩।୩(ଏଏଫ୍‌ପି)

ଦିନିକିଆ ପରେ ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜ୍‌କୁ ଦକ୍ଷିଣ ଆଫ୍ରିକା ଦଳ ଆଗୁଆ ଜିତି ନେଇଛି। ସ୍ଥାନୀୟ ସୁପରସ୍ପୋର୍ଟ ପାର୍କଠାରେ ଖେଳାଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଘରୋଇ ଦଳ ୧୬ ରନ୍ ବ୍ୟବଧାନରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ଘରୋଇ ଦଳ ପକ୍ଷରୁ ଧାର୍ଯ୍ୟ ୧୮୧ରନ୍ ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ଶ୍ରୀଲଙ୍କା ୯ ଉଇକେଟ ହରାଇ ୧୬୪ ରନ୍ କରିପାରିଥିଲା। ସିରିଜ୍‌ର ଅନ୍ତିମ ମ୍ୟାଚ୍ ୨୪ ତାରିଖରେ ଖେଳାଯିବ। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ୨୦ ଓଭରରେ ୩ ଉଇକେଟ ହରାଇ ୧୮୦ ରନ୍ କରିଥିଲା। ଦଳ ପାଇଁ ରିଜା ହେଣ୍ଡ୍ରିକ୍ସ ୬୫ ଓ ରାସି ଭାନ ଡର ଡୁସେନ ୬୪ ରନ୍ କରିଥିଲେ। ଭ୍ରମଣକାରୀ ଦଳ ଲାଗି ଅଧିନାୟକ ଲସିଥ ମଲିଙ୍ଗା ଓ ଅକିଲା ଧନଞ୍ଜୟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଇସୁରୁ ଉଡାନାଙ୍କ ୮୪ ରନ୍‌ର ଇନିଂସ ସତ୍ତ୍ୱେ ଶ୍ରୀଲଙ୍କା ବିଜୟ ଲକ୍ଷ୍ୟଠାରୁ ୧୭ ରନ୍ ଦୂରରେ ରହିଯାଇଥିଲା। ଉଡାନା ୪୮ ବଲରୁ ୮ ଚୌକା ଓ ୬ ଛକା ବଳରେ ୮୪ ରନ୍ କରି ନଟ୍‌ଆଉଟ୍ ଥିଲେ। କିନ୍ତୁ କୌଣସି ବ୍ୟାଟ୍ସମ୍ୟାନ ତାଙ୍କୁ ଉପଯୁକ୍ତ ସହାୟତା ଦେଇ ପାରି ନ ଥିଲେ। ଏଥିଯୋଗୁ ଦଳ ଶେଷ ପର୍ଯ୍ୟନ୍ତ ଖେଳି ମଧ ଶ୍ରୀଲଙ୍କା ୯ ଉଇକେଟ ହରାଇ ୧୬୪ ରନ୍ କରିବାକୁ ସକ୍ଷମ ହୋଇଥିଲା।

## ମାଲିଙ୍ଗାଙ୍କ ଅବସର ଘୋଷଣା

**ସେଞ୍ଚୁରିଆନ,୨୩।୩(ଏଏଫ୍‌ପି):** ଶ୍ରୀଲଙ୍କା ସୀମିତ ଓଭର କ୍ରିକେଟ ଦଳର ଅଧିନାୟକ ଲସିଥ ମାଲିଙ୍ଗା ଆଗାମୀ ବର୍ଷ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପରେ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ନେବେ। ଇଂଲଣ୍ଡରେ ହେବାକୁ ଥିବା ଆଇସିସି ବିଶ୍ୱକପ୍ ତାଙ୍କର ଅନ୍ତିମ ଦିନିକିଆ ଇଭେଣ୍ଟ ହେବ। ଏହାପରେ ଅଷ୍ଟ୍ରେଲିଆରେ ୨୦୨୦ ଅକ୍ଟୋବରରୁ ନଭେମ୍ବର ମଧରେ ଟି୨୦ ବିଶ୍ୱକପ୍ ଖେଳାଯିବ। ମୁଁ ଟି୨୦ ବିଶ୍ୱକପ୍ ଖେଳିବାକୁ ଚାହେଁ। ଏହାପରେ ମୋ କ୍ରିକେଟ କ୍ୟାରିୟରର ଅନ୍ତ ହେବ ବୋଲି ୩୫ ବର୍ଷୀୟ ମଲିଙ୍ଗା କହିଛନ୍ତି।

## ଅଷ୍ଟ୍ରେଲିଆକୁ ଜିତାଇଲେ ଫିଞ୍ଚ୍

ଶାରଜା,୨୩।୩(ପିଟି)

ଆରୋନ ଫିଞ୍ଚ୍‌ଙ୍କ ଶତକ ବଳରେ ଏଠାରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଦଳ ୮ ଉଇକେଟରେ ପାକିସ୍ତାନକୁ ହରାଇ ଦେଇଛି। ଏଥିସହ ୫ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ରେ ଅଷ୍ଟ୍ରେଲିଆ ୧-୦ ବ୍ୟବଧାନର ଅଗ୍ରଣୀ ହାସଲ କରିଛି। କ୍ୟାରିୟରର ଦ୍ୱାଦଶ ଶତକ ହାସଲ କରିଥିବା ଫିଞ୍ଚ୍‌ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

୨୮୧ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ଅଷ୍ଟ୍ରେଲିଆ ଦଳ ୬୩ ରନ୍‌ରେ ଓପ୍‌ନର ଉସ୍‌ମାନ ଖ୍ୱାଜା (୨୪)ଙ୍କ ଉଇକେଟ ହରାଇଥିଲା। ଏହାପରେ ଅଧିନାୟକ ଫିଞ୍ଚ୍ (୧୧୬) ଓ ଶନ୍ ମାର୍ଶ ଦ୍ୱିତୀୟ ଉଇକେଟ ପାଇଁ ୧୭୩ ରନ୍ ଯୋଡ଼ି ଦଳକୁ ବିଜୟ ନିକଟତର କରାଇଥିଲେ। ଫିଞ୍ଚ୍ ଆଉଟ ହେବା ପରେ ମାର୍ଶ ଓ ପିଟର ହାଣ୍ଡସ୍କମ୍ବ ଦଳକୁ ୪୯ତମ ଓଭରରେ ବିଜୟୀ କରାଇଥିଲେ। ମାର୍ଶ ୯୧ ଓ ହାଣ୍ଡସ୍କମ୍ବ ୩୦ ରନ୍ କରି ଅପରାଜିତ ଥିଲେ। ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ଦଳ ଧାର୍ଯ୍ୟ ୫୦ ଓଭରରେ ୫ ଉଇକେଟ ହରାଇ ୨୮୦ ରନ୍ କରିଥିଲା। ଦଳ ପାଇଁ ହାରିସ ସୋହେଲ ୧୦୧ ଓ ଉମର ଅକ୍‌ମଲ ୪୮ ରନ୍ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପକ୍ଷରୁ ନାଥନ କୁଲ୍ଟର ନାଇଲ ୨ ଉଇକେଟ ହାତେଇଥିଲେ।



ଆରୋନ ଫିଞ୍ଚ୍

## ରାଜ୍ୟ ଜୁନିୟର, କ୍ୟାଡେଟ୍ କରାଟେ ପ୍ରତିଯୋଗିତା ଆରମ୍ଭ





କରାଟେ ପ୍ରତିଯୋଗିତା ଅବସରରେ ଦୁଇ ପ୍ରତିଯୋଗୀ।

ଭୁବନେଶ୍ୱର, ୨୩।୩ (ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ଓଡ଼ିଶା ରାଜ୍ୟ ଜୁନିୟର, କ୍ୟାଡେଟ୍ ଓ ୨୧ ବର୍ଷରୁ କମ୍ (ମହିଳା ଓ ପୁରୁଷ) କରାଟେ ପ୍ରତିଯୋଗିତା ଶନିବାରଠାରୁ ଆରମ୍ଭ ହୋଇଯାଇଛି। ଆସାମର ଗୁଆହାଟୀଠାରେ ଆସନ୍ତା ୫ରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତା ପାଇଁ ଏଥିରୁ କରାଟେକା ମାନେ ମନୋନୀତ ହେବେ। ରବିବାର ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ।

## ଘରୋଇ ଦର୍ଶକ ହେବେ ଦ୍ୱାଦଶ ଖେଳାଳି

ଜ୍ୟାକ୍ କାଲିସ୍

ପୁଣି ଥରେ ମୋର ଦ୍ୱିତୀୟ ଘରକୁ ଫେରିଛି। ଗତ ଏକ ବର୍ଷ ଶୀଘ୍ର ଅତିବାହିତ ହୋଇଗଲା। ମାତ୍ର କେତେ ସପ୍ତାହ ଅତିବାହିତ ହେବା ଭଳି ଲାଗୁଛି। ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ପ୍ରତ୍ୟେକ ସଂସ୍କରଣ ପୂର୍ବରୁ ବେଶ୍ ଉତ୍ସାହିତ ହୋଇଥାଏ। କ୍ୟାରିୟରର ପ୍ରତ୍ୟେକ ପର୍ଯ୍ୟାୟରେ ଜଣେ ଖେଳାଳି ଓ କୋଚ୍ ହିସାବରେ ଆଇପିଏଲକୁ ମୁଁ ସମାନ ଗୁରୁତ୍ୱ ଦେଇଥାଏ। ଏଥର କୋଲକାତା ନାଇଟ୍ ରାଇଡର୍ସ(କେକେଆର)ର ମୁଖ୍ୟ କୋଚ୍ ହିସାବରେ ଦଳ ଭଲ ପ୍ରଦର୍ଶନ କରିବ ଓ ମୁଁ ଏ ନେଇ ବେଶ୍ ଉତ୍ସାହିତ ଅଛି। ଗତବର୍ଷ ଅପେକ୍ଷା ଆମ ଦଳ ନିଶ୍ଚିତ ଭାବେ ଏକ ଉନ୍ନତ ଓ ସନ୍ତୁଳିତ ଦଳ ବୋଲି ମୁଁ ଭାବୁଛି। ଦଳର ପ୍ରତ୍ୟେକ ବିଭାଗ ବେଶ୍ ଶକ୍ତିଶାଳୀ ମନେ ହେଉଛି। ବିଶେଷ କରି ଦ୍ରୁତ ବୋଲିଂରେ ଆମ ପାଖରେ ଉନ୍ନତ ବିକଳ୍ପ ରହିଛି। ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଅନରିଚ୍ ନୋର୍ଜ ଇଞ୍ଜୁରି କାରଣରୁ ଓହରିଯିବା ଦଳ ପାଇଁ ଝଟ୍‌କା ସଦୃଶ ହୋଇଛି। ତେବେ ପେସାଦାର କ୍ରିକେଟରେ ଏପରି ବିଡମ୍ବନା ଦେଖିବାକୁ ମିଳିଥାଏ। ଖାସ୍ କରି ଦ୍ରୁତ ବୋଲରଙ୍କ କ୍ଷେତ୍ରରେ ଏଭଳି ବାରମ୍ବାର ହୋଇଥାଏ। ଅନରିଚ୍ ଜଣେ ପ୍ରତିଭାସମ୍ପନ୍ନ ଦ୍ରୁତ ବୋଲର। ଆଇପିଏଲରେ ଆଗାମୀ ଦିନରେ ସେ ବେଶ୍ ସଫଳତା ହାସଲ କରିବେ ବୋଲି ଆଶା କରୁଛି।

ଦଳର ଅଧିକାଂଶ ଖେଳାଳି ବର୍ଷସାରା ବିଭିନ୍ନ ଏକାଡେମୀ ସେସନରେ ଅଂଶଗ୍ରହଣ କରିଛନ୍ତି। ଏଥିରୁ ଖେଳାଳିମାନେ ବେଶ୍ ଲାଭବାନ ହୋଇଥିବେ। ସାଧାରଣ ଟ୍ରେନିଂ ତଥା ପ୍ରଶିକ୍ଷଣ ନେବା ସହ ଏମାନେ ସ୍ୱତନ୍ତ୍ର କୌଶଳ ଉପରେ ଅଭ୍ୟାସ କରିଥିଲେ ଓ ଏହାର ଫାଇଦା ଆମକୁ ମିଳିବ। ଦଳର ସବୁ ସଦସ୍ୟ ବେଶ୍ ପ୍ରତିଭା ସମ୍ପନ୍ନ, ଦକ୍ଷ ହେବା ସହ ସମ୍ପୂର୍ଣ୍ଣ ଭାବେ ଫିଟ୍ ଅଛନ୍ତି। ଅଭ୍ୟାସ ସେସନ ଓ ୱାର୍ମଅପ୍ ମ୍ୟାଚ୍‌ଗୁଡିକ ବେଶ୍ ଚମତ୍କାର ହୋଇପାରିଛି। ଦଳରେ ଉତ୍ସାହ ଆଣିବା ପାଇଁ ସ୍ୱତନ୍ତ୍ର ଭାବେ ଅଭ୍ୟାସ କରିବାର ଅବଶ୍ୟକତା ରହିଥାଏ। କିନ୍ତୁ ଗତ ୧୦ ଦିନ ମଧରେ ଏହାର ଆବଶ୍ୟକତା ରହି ନାହିଁ ବୋଲି ଭାବୁଛି। ସବୁଠାରୁ ବଡ଼ ଖୁସି ଖବର ହେଉଛି ଆମର ସବୁ ଘରୋଇ ମ୍ୟାଚ୍ ଇଡେନ ଗାର୍ଡେନରେ ଖେଳାଯିବ। ସବୁ ଦଳ ନିଜ ଘରୋଇ ଦର୍ଶକଙ୍କ ସମ୍ମୁଖରେ ମ୍ୟାଚ୍ ଖେଳିବାକୁ ପସନ୍ଦ କରିବେ। ଇଡେନ ଗାର୍ଡନର ଘରୋଇ ଦର୍ଶକ ଦଳ ପାଇଁ ଦ୍ୱାଦଶ ଖେଳାଳିର ଭୂମିକା ନିର୍ବାହ କରିବେ। ଆମ ଦଳରେ କେତେଜଣ ନୂଆ ଖେଳାଳି ସ୍ଥାନ ପାଇଛନ୍ତି। ଆମର କେତକ ଖେଳାଳି ପୂର୍ବ ସଂସ୍କରଣରେ ଦଳ ପାଇଁ ବେଶ୍ ଉପଯୋଗୀ ପ୍ରଦର୍ଶନ କରିଛନ୍ତି। କୋଲକାତା ନାଇଟ ରାଇଡର୍ସ ପରିବାର ଅନ୍ୟମାନଙ୍କଠାରୁ ଅଲଗା ଓ ସ୍ୱତନ୍ତ୍ର ବୋଲି ସମସ୍ତେ ଜାଣନ୍ତି। ଆମେ ଦଳର ଖେଳାଳିମାନଙ୍କୁ ସେତେଟା ହାଲକା ଭାବେ ନେଇ ନ ଥାଉ। ଦଳର ବରିଷ୍ଠ ଖେଳାଳିମାନେ ସମ୍ପୂର୍ଣ୍ଣ ଫିଟ ଅଛନ୍ତି ଓ ସଫଳତା ପାଇଁ ବେଶ୍ ବ୍ୟଗ୍ର ଅଛନ୍ତି। ସାଧାରଣତଃ କେତେକ ଖେଳାଳି ଦୀର୍ଘଦିନ ଧରି ଘରୋଇ କ୍ରିକେଟ କିମ୍ବା ଆନ୍ତର୍ଜାତିକ କ୍ରିକେଟ ଖେଳୁଥିବାରୁ ବେଶ୍ କ୍ଲାନ୍ତ ଅନୁଭବ କରିଥାନ୍ତି। କିନ୍ତୁ ଏଥର ସେଭଳି କିଛି ପରିସ୍ଥିତି ସୃଷ୍ଟି ହୋଇନାହିଁ। ପ୍ରଥମ ମ୍ୟାଚ୍ ଆୟୋଜନ ହେବା ପୂର୍ବରୁ କୌଣସି ଖେଳାଳିଙ୍କୁ ରିକଭରୀ ଟାଇମ୍‌ର ଆବଶ୍ୟକତା ନାହିଁ। ଏଥର ଆଇପିଏଲ୍‌ରେ କେକେଆର ଦମ୍‌ଦାର ପ୍ରଦର୍ଶନ କରିବ।

–(ଗେମ୍ ପ୍ଲାନ୍ / ଟିଭାକ୍ ସ୍ପୋର୍ଟ୍ସ)




ଦୋଳ ପୂର୍ଣ୍ଣିମାରେ ଶ୍ରୀମନ୍ଦିରରୁ ଦୋଳବେଦିକୁ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କୁ ବିଜେ କରାଯାଉଛି।

# ସୁନାବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ ଅଫିସ, ୨୩।୩

ପବିତ୍ର ଦୋଳ ପୂର୍ଣ୍ଣିମାରେ ଗତ ଗୁରୁବାର ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ରତ୍ନସିଂହାସନରେ ଦାରୁବିଗ୍ରହ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ସେହିପରି ଦୋଳବେଦିରେ ଶ୍ରୀଦୋଳଗୋବିନ୍ଦଙ୍କୁ ମଧ୍ୟ ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି। ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିବା ଲାଗି ଶ୍ରୀମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଶୁକ୍ରବାର ମହାପ୍ରଭୁଙ୍କ ହୋଲି ନୀତି ସମ୍ପନ୍ନ ହୋଇଛି। ଅନ୍ୟପକ୍ଷରେ ରଙ୍ଗର ପର୍ବ ହୋଲି ପୁରୀ ସହରରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ଶୁକ୍ରବାର ସକାଳୁ ସହରର ପ୍ରତି ଗଳିକନ୍ଦିରେ ହୋଲି ଖେଳ ଜମିଥିଲା। ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଏଥିରେ ମଜ୍ଜି ଯାଇଥିଲେ। ପରସ୍ପରକୁ ଅବିର ଲଗାଇ ହୋଲି ପର୍ବର ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପରିସରରେ ମଧ୍ୟ ଖୁବ୍ ଧୂମ୍‌ଧାମରେ ହୋଲି ପର୍ବ ପାଳନ କରାଯାଇଥିଲା। ସହରର ବିଭିନ୍ନ ସ୍ଥାନରେ ବିଦେଶୀ ନାଗରିକମାନେ ହୋଲି ଖେଳର ମଜ୍ଜା ଉଠାଇଥିଲେ। ସେମାନେ ପରସ୍ପରକୁ ରଙ୍ଗ ଲଗାଇବା ସହ ଏହାକୁ ମନଭରି ଉପଭୋଗ କରିଥିଲେ। କେତେକ ଅନୁଷ୍ଠାନ ପକ୍ଷରୁ ରାସାୟନିକ ରଙ୍ଗ ବ୍ୟବହାର ନ କରି ପ୍ରାକୃତିକ ରଙ୍ଗରେ ହୋଲି ଖେଳିବାକୁ ସଚେତନତା କରାଯାଇଥିଲା। ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ମଧ୍ୟ ବେଶ୍ ଆନନ୍ଦ ଉଲ୍ଲାସରେ ରଙ୍ଗର ପର୍ବ ପାଳନ କରାଯାଇଥିଲା। ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ହୋଲି ଖେଳିଥିଲେ।

# ଭୋଜି ଚାଲିଥିବାବେଳେ ଖଣ୍ଡାରେ ହାଣିଲେ, ୮ ଆହତ

ଭୁବନେଶ୍ୱର, ୨୩।୩ (ବ୍ୟୁରୋ)


ଘଟଣାସ୍ଥଳରେ ଲୋକଙ୍କ ଭିଡ଼।


ଆହତ ୨ ଯୁବକ।

ରଙ୍ଗ ଖେଳକୁ ନେଇ ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡା ହାଉସିଂବୋର୍ଡ କଲୋନୀରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଶୁକ୍ରବାର କଲୋନୀସ୍ଥିତ ଏକ ଟିଫିନ ସେଣ୍ଟରରେ ଗୋଟିଏ ଗୋଷ୍ଠୀର ଭୋଜି ଚାଲିଥିବାବେଳେ ଅନ୍ୟଗୋଷ୍ଠୀ ପକ୍ଷରୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଆକ୍ରମଣକାରୀମାନେ ଖଣ୍ଡାରେ ଗୋଡ଼ାଇ ହାଣିବା ସହ ବିୟର ବୋତଲ ଓ ଟେକାପଥର ମାଡ଼ କରିଛନ୍ତି। ଏଥିସହ ଟିଫିନ ସେଣ୍ଟରରେ ବ୍ୟାପକ ଭଙ୍ଗାରୁଜା କରିବା ସହ ଖାଦ୍ୟ ଫିଙ୍ଗାଫୋପଡ଼ା କରିଥିଲେ। ଏପରି କି ପୋଲିସକୁ ଗାଳିଗୁଲଜ କରିବା ସହ ହୋଟେଲ ଆଗରେ ଥିବା ଏକ କାର ଓ ପିସିଆର୍ ଭ୍ୟାନକୁ ଭଙ୍ଗାରୁଜା କରିଥିଲେ। ଆକ୍ରମଣରେ ଗୋଟିଏ ଗୋଷ୍ଠୀର ଶ୍ରୀମନ୍ତ କୁମର ଦାଶ, ଦୀପକ ମିଶ୍ର, ପ୍ରଫୁଲ୍ଲ ଦାଶ ପ୍ରମୁଖ ୮ଜଣ ଆହତ ହୋଇଛନ୍ତି। ଏ ନେଇ ନୟାପଲ୍ଲୀ ଥାନାରେ ଦୀପକ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୫୬/୧୯) ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ହାଉସିଂବୋର୍ଡ କଲୋନୀର ଦୀପକ ସ୍ୱାଇଁ ନାମକ ଯୁବକଙ୍କୁ ପୋଲିସ ଗିରଫ କରିଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବାରୁ ସେମାନଙ୍କୁ ଗିରଫ ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ପୋଲିସ ସୂଚନାନୁଯାୟୀ, ହାଉସିଂବୋର୍ଡ ସରସ୍ୱତୀ ଶିଶୁମନ୍ଦିର ନିକଟ ମଝିସାହିରେ ହୋଲି ଖେଳକୁ ନେଇ ଶୁକ୍ରବାର ମଧ୍ୟାହ୍ନରେ ଦୀପକ ସ୍ୱାଇଁ ଓ ଟୁଲୁ ନାମକ ଜଣେ ଯୁବକଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଏହାକୁ ନେଇ ଦୁଇଗୋଷ୍ଠୀ ମୁହାଁମୁହିଁ ଅବସ୍ଥାରେ ରହିଥିଲେ। ପ୍ରତିବର୍ଷ ପରି ସିଦ୍ଧିବିନାୟକ ପୂଜା କମିଟି ସଦସ୍ୟମାନେ ସିଆର୍‌ପିଏଫ୍ କ୍ୟାମ୍ପସ ପଛ ଗେଟ୍ ପାର୍ଶ୍ୱରେ ଥିବା ସିଦ୍ଧିବିନାୟକ ଟିଫିନ୍ ସେଣ୍ଟରରେ ଭୋଜି କରୁଥିଲେ। ଖାଦ୍ୟପେୟ ଚାଲିଥିବାବେଳେ ଅପରାହ୍ନ ପ୍ରାୟ ଗୋଟାଏରେ ଦୀପକ ଓ ୨୦ରୁ ଊର୍ଦ୍ଧ୍ୱ ସହଯୋଗୀ ହାତରେ ବନ୍ଧୁକ ଓ ଖଣ୍ଡା ଧରି ସେଠାରେ ପହଞ୍ଚିଥିଲେ। ସେମାନେ ପ୍ରଥମେ ହୋଟେଲ ଭିତରେ ପଶି ଖାଦ୍ୟ ସାମଗ୍ରୀକୁ ଫିଙ୍ଗିଥିଲେ। ଏହାପରେ ପୂଜା କମିଟି ସଦସ୍ୟଙ୍କୁ ଗୋଡାଇ ହାଣିଥିଲେ। ବିୟର ବୋତଲରେ ଆକ୍ରମଣ କରିବା ସହ ଟିଫିନ ସେଣ୍ଟରକୁ ଟେକାପଥର ମାଡ଼ କରି ସମ୍ମୁଖରେ ଥିବା କାର୍‌କୁ ଭଙ୍ଗାରୁଜା କରିଥିଲେ। ଖବର ପାଇ ନୟାପଲ୍ଲୀ ଥାନାର ପିସିଆର ଭ୍ୟାନ୍ ପହଞ୍ଚି ଆକ୍ରମଣକାରୀଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ସେମାନେ ପୋଲିସକୁ ଗାଳିଗୁଲଜ କରିବା ସହ ପିସିଆର ଭ୍ୟାନ୍‌କୁ ଆକ୍ରମଣ କରିଥିଲେ। ସ୍ଥିତି ଅଣାୟତ୍ତ ହୋଇପଡ଼ିବାରୁ ଜୋନ୍ ଏସିପି, ନୟାପଲ୍ଲୀ ଥାନା ଓ ଖଣ୍ଡଗିରି ଥାନା ଅଧିକାରୀଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଫୋର୍ସ ସହ ସେଠାରେ ପହଞ୍ଚିଥିଲେ। ପରେ ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇ ଆହତମାନଙ୍କୁ ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏବେବି ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗିଥିବାରୁ କୌଣସି ମୁହୂର୍ତ୍ତରେ ବି ମୁହାଁମୁହିଁ ହେବାର ଆଶଙ୍କା ରହିଛି। ତେବେ ଦିନ ଦ୍ୱିପ୍ରହରରେ କମିଶନରେଟ ପୋଲିସ ଇଲାକାରେ ଖଣ୍ଡା ଓ ବନ୍ଧୁକ ବୁଲିବା, ଦୁର୍ବୃତ୍ତମାନେ ନିଶାଗ୍ରସ୍ତ ଅବସ୍ଥାରେ ଆତଙ୍କ ଖେଳାଇବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି।

**ହୋଲି ଖେଳରୁ ଗୋଷ୍ଠୀ ସଂଘର୍ଷ**

- ଟିଫିନ ସେଣ୍ଟରରେ ଆତଙ୍କ ଖେଳାଇଲେ
- ବିୟର ବୋତଲ, ଟେକାପଥର ମାଡ଼
- କାର ସହ ପିସିଆର୍ ଭ୍ୟାନ୍ ଭଙ୍ଗାରୁଜା

# ଗୋଲକଙ୍କ ଓକିଲ ଥାନାରେ ହାଜର ହେଲେ

ଭୁବନେଶ୍ୱର, ୨୩।୩(ବ୍ୟୁରୋ)

**ଗୋଇନ୍ଦା ରିପୋର୍ଟ ମାମଲା**

**ଆଜି ହାଜର ହେବେ ଟଙ୍କଧର ତ୍ରିପାଠୀ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳିରୁ ନିର୍ବାଚନ ଲଢ଼ିଲେ ହାରିଯିବା ନେଇ ଗୋଇନ୍ଦା ରିପୋର୍ଟ ରହିଥିବା ସଂକ୍ରାନ୍ତରେ କହିଥିଲା ଭାଜପା। ଏ ନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ, ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ଓ ଗୋଲକ ମହାପାତ୍ର ଉକ୍ତ ରିପୋର୍ଟକୁ ଦେଖାଇ ମତ ରଖିଥିଲେ। ମାତ୍ର ଉକ୍ତ ରିପୋର୍ଟକୁ ପୋଲିସ ଡିଜିଜାଲ୍ ବୋଲି କହିଥିବାବେଳେ ବିଜେଡି ଓ ଭାଜପା ମୁହାଁମୁହିଁ ହୋଇଥିଲା। ତେବେ ଏନେଇ ବିଜେଡି ପକ୍ଷରୁ ଖାରବେଳନଗର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଭାଜପାର ଏହି ତିନି ନେତାଙ୍କୁ ହାଜର ହୋଇ ତଦନ୍ତରେ ସହଯୋଗ କରିବାକୁ ନୋଟିସ କରିଥିଲା। ଗୁରୁବାର ଭାଜପା ନେତା ସମୀର ମହାନ୍ତିଙ୍କ ପକ୍ଷରୁ ତାଙ୍କ ଓକିଲ ଖାରବେଳନଗର ଥାନାରେ ହାଜର ହୋଇ ପକ୍ଷ ରଖିଥିଲେ। ସେହିଭଳି ଶନିବାର ସକାଳେ ଗୋଲକ ମହାପାତ୍ରଙ୍କ ଓକିଲ ମଧ୍ୟ କିଛି କାଗଜପତ୍ର ଧରି ଥାନାରେ ହାଜର ହୋଇଥିଲେ। ପୋଲିସ ଉକ୍ତ କାଗଜପତ୍ରକୁ ଯାଞ୍ଚ କରିବା ପରେ ଓକିଲଙ୍କୁ ପଚରାଉଚରା କରିଥିଲେ। ଅନ୍ୟପକ୍ଷରେ ରବିବାର ଥାନାର ହାଜର ହେବା ପାଇଁ ଟଙ୍କଧରଙ୍କୁ ନୋଟିସ ହୋଇଛି। ତେଣୁ ସେ ମଧ୍ୟ ହାଜର ନ ହୋଇ ଓକିଲ ମାଧ୍ୟମରେ ନିଜର ପକ୍ଷ ରଖିବେ ବୋଲି ଶୁଣିବାକୁ ମିଳୁଛି।

ଏନେଇ ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି, ଭାଜପାର ୩ଜଣ ନେତାଙ୍କୁ ୯୧ ସିଆର୍‌ପିସିରେ ନୋଟିସ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଦୁଇଜଣ ବ୍ୟକ୍ତିଗତ ହାଜର ନ ହୋଇ ଓକିଲଙ୍କ ଦ୍ୱାରା ନିଜର ପକ୍ଷ ରଖିଛନ୍ତି। ତେଣୁ ସେମାନଙ୍କୁ ବ୍ୟକ୍ତିଗତଭାବେ ଥାନାରେ ହାଜର ହେବା ପାଇଁ ସିଆର୍‌ପିସି ୧୬୦ରେ ନୋଟିସ କରାଯିବ ସେ କହିଛନ୍ତି।




### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ ମାମଲା

# ମୁଖ୍ୟ ଶାସନ ସଚିବଙ୍କୁ ବ୍ୟକ୍ତିଗତ ହାଜିରା ଆଦେଶ

କଟକ ଅଫିସ, ୨୩।୩

**କ୍ଷତିପୂରଣ ଦେବାରେ ସରକାରଙ୍କ ଅବହେଳା**

ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ଜଣେ ଯୁବକଙ୍କ ପରିବାରକୁ କ୍ଷତିପୂରଣ ଦେବାରେ ସରକାର ଅବହେଳା କରିଛନ୍ତି। ଏ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି)ରେ ମାମଲା ରୁଜୁ ହୋଇଥିଲା। ମାମଲାର ଶୁଣାଣି କରି କମିଶନଙ୍କ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ଶକ୍ତି ବିଭାଗର ସଚିବଙ୍କୁ ବ୍ୟକ୍ତିଗତ ହାଜିରା ପାଇଁ ଆଦେଶ ଦିଆଯାଇଛି। ଏପ୍ରିଲ ୨୫ ତାରିଖ ସୁଦ୍ଧା ଉଭୟ କମିଶନରେ ହାଜର ହୋଇ ଜବାବ ରଖିବାକୁ ଆଦେଶରେ ଉଲ୍ଲେଖ ରହିଛି।

୨୦୧୪ ଜୁଲାଇ ୭ ତାରିଖରେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅଧୀନ କନ୍ଦୁମୁଣ୍ଡା ଗ୍ରାମରେ ଘଟଣାଟି ଘଟିଥିଲା। ବଲାଙ୍ଗୀର ଜିଲା ଟିଟିଲାଗଡ ରଣାବନ୍ଧ ଗ୍ରାମର ରଇବାର ଦୋରାଙ୍କ ପୁଅ ପବିତ୍ର ନିଜ ଭିଣୋଇ ଘରକୁ ଆସିଥିଲେ। ସାଇକେଲ ଯୋଗେ ସେ ଡୁଙ୍ଗୁରିପାଲି ବଜାରକୁ ମିଠା ଆଣିବାକୁ ଯାଇଥିଲେ। ମାତ୍ର କନ୍ଦୁମୁଣ୍ଡା ନିକଟରେ ଏକ ରାଇସ ମିଲ୍‌କୁ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ଖୁଣ୍ଟରୁ ତଳକୁ ଓହଳି ପଡିଥିଲା। ପବିତ୍ର ଜାଣି ନ ପାରି ସାଇକେଲକୁ ଉକ୍ତ ତାର ଉପରେ ଚଢ଼ାଇ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପବିତ୍ରଙ୍କ ମୃତ୍ୟୁକୁ ନେଇ ମାନବାଧିକାର କର୍ମୀ ଜୟନ୍ତ ଦାସ ଏନ୍‌ଏଚ୍‌ଆରସିଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୪ ଜୁଲାଇ ୧୪ ତାରିଖରେ ଜୟନ୍ତ ଏ ନେଇ ମାମଲା ରୁଜୁ କରିଥିଲେ। ମାମଲାରେ ସେ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହିତ ଏଭଳି ଅବହେଳାରେ ସାମିଲ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପିଟିସନରେ ନିବେଦନ କରିଥିଲେ। ମାମଲାର ଶୁଣାଣି କରି କମିଶନ ୨୦୧୮ ଫେବୃୟାରୀ ୧୪ ତାରିଖରେ ମୃତକଙ୍କ ପରିବାରକୁ ସରକାର ୩ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଆଦେଶ ଦେଇଥିଲେ। କ୍ଷତିପୂରଣ ଦେବା ସମ୍ପର୍କିତ ସମସ୍ତ ପ୍ରମାଣ କମିଶନରେ ଦାଖଲ କରିବାକୁ ଆଦେଶ ଥିଲା। ମାତ୍ର ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ କୌଣସି ସହାୟତା ଦିଆଯାଇ ନ ଥିଲା କିମ୍ବା ସହାୟତା ପ୍ରଦାନ ସମ୍ପର୍କିତ ତଥ୍ୟ ମଧ୍ୟ ଦାଖଲ କରାଯାଇ ନ ଥିଲା। ଫଳରେ କମିଶନଙ୍କ ପକ୍ଷରୁ ଏଭଳି ସାନି ଆଦେଶ ଦିଆଯାଇଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସତ୍ୟବାଦୀ ମନୁଷ୍ୟ ମା’ ଭଳି ବିଶ୍ୱସନୀୟ, ଜନତାଙ୍କ ଗୁରୁ ଭଳି ପୂଜ୍ୟ ଏବଂ ସଜ୍ଜନ ବ୍ୟକ୍ତି ଭଳି ସମସ୍ତଙ୍କ ପ୍ରିୟ ହୋଇଥାନ୍ତି।
- ଭଗବାନ ବୁଦ୍ଧ



## ସଂକ୍ଷେପରେ

### ୫୯୦ ଲିଟର ମଦ ଜବତ, ୨ ଗିରଫ

**ଆଠଗଡ଼,୨୩।୩(ସ୍ୱ.ପ୍ର.):** କଟକ ଜିଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ନିରୀକ୍ଷକ ସଞ୍ଜିତ୍ ବାର୍ଲା, ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ପ୍ରବୀର ସାମଲ, ଉପନିରୀକ୍ଷକ ବିଜୟ ଭଞ୍ଜ ଓ ଅନ୍ୟ କର୍ମଚାରୀ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫୯୦ ଲିଟର ମଦ, ୧ ବାଇକ୍ ଓ ୧ ମାରୁତି କାର୍ ଜବତ କରିଛନ୍ତି। ଏଥିସହ ୨ଜଣଙ୍କୁ ଗିରଫ କରିଛନ୍ତି। ରାଧାଦର୍ଶନପୁରଠାରେ ଏକ ମାରୁତି ୮୦୦ କାରରେ ୧୬ଟି ପ୍ଲାଷ୍ଟିକ ଜାରକିନରେ ୫୬୦ଲିଟର ଦେଶୀମଦ ବାଙ୍କୀ ଆଡକୁ ଯାଉଥିବା ସମୟରେ ଅବକାରୀ କର୍ମଚାରୀ ସେଠାରେ ଜଗିରହି କାବୁ କରିଥିଲେ। ଗାଡିରେ ଥିବା ରଞ୍ଜିତ୍ କୁମାର ବେହେରା ଧରାପଡିଥିବା ବେଳେ ଚାଳକ କୌଶଳ କ୍ରମେ ଖସି ଯାଇଥିଲେ। ସେହିପରି ସେହି ରାସ୍ତାରେ ଏକ ବାଇକ୍‌ରେ ୩୦ଲିଟର ମଦ ନେଇ ଯାଉଥିବା ସମୟରେ ଶାନ୍ତନୁ ବେହେରା ନାମକ ଯୁବକଙ୍କୁ କର୍ମଚାରୀମାନେ କାବୁ କରିବା ସହ ମଦ ଜବତ କରିଛନ୍ତି। ଅଭିଯୁକ୍ତମାନଙ୍କୁ ଆଠଗଡ ଅଦାଲତରେ ହାଜର କରାଯାଇଛି। ନିର୍ବାଚନ ଦୃଷ୍ଟିରୁ ଚଢ଼ାଉ ଜାରି ରହିବ ବୋଲି ଅବକାରୀ ନିରୀକ୍ଷକ ବାର୍ଲା ସୂଚନା ଦେଇଛନ୍ତି।

### କବି ବିଶ୍ୱନାଥ ସିଂହଙ୍କ ସ୍ମୃତିସଭା

**ବାଙ୍କୀ,୨୩।୩(ସ୍ୱ.ପ୍ର.):** ବାଙ୍କୀ ପ୍ରେସକ୍ଲବ ବିଦ୍ୟାରତ୍ନ ଭବନ ପରିସରରେ କବି ବିଶ୍ୱନାଥ ସିଂହଙ୍କ ୫ମ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ମାସିକ ସାହିତ୍ୟ ସଭା ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ମାସିକ ସାହିତ୍ୟ ଆସରର ସଭାପତି ଇଂ.ସତ୍ୟବ୍ରତ ରଥ ଅଧ୍ୟକ୍ଷତା କରିଥିଲେ। ପଣ୍ଡିତ ସୂର୍ଯ୍ୟନାରାୟଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଣେ କାଳଜୟୀ ଭକ୍ତକବିଙ୍କ ଭଜନ ଜଣାଣ କିପରି ତାଙ୍କୁ ସବୁଦିନ ପାଇଁ ଜୀବୀତ ରଖିପାରିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା କବି ଦୁର୍ଯ୍ୟୋଧନ ବରାଳ, ସମ୍ମାନିତ ଅତିଥି ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା, କବି ପବନୀ ଜେନା ଯୋଗଦେଇ ସିଂହଙ୍କ ‘କାଳିଆ ସାଆନ୍ତେ’ ପୁସ୍ତକ ସମସ୍ତଙ୍କୁ ମନ୍ତ୍ର ମୁଗ୍ଧକରିପାରିଛି ବୋଲି ମତବ୍ୟକ୍ତ କରିଥିଲେ। କବି ରବିନାରାୟଣ ମଙ୍ଗରାଜ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କବି କୌଶିକ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାବନ୍ଧିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର କବିଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ସିଂହଙ୍କ ସମ୍ପର୍କରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହାକୁ କବି ଭଗବାନ ସାମଲ ସଂଯୋଜନା କରିଥିଲେ। କବି ବିଦ୍ୟୁତ୍‌ଲତା ଭୂୟାଁ, ସରୋଜିନୀ ସାହୁ, ଶକୁନ୍ତଳା ମଲ୍ଲିକ, ପୁଷ୍ପଲତା ମହାପାତ୍ର, ଚନ୍ଦ୍ରକାନ୍ତି ସିଂହ, ଅମୂଲ୍ୟବାଳା ପଟ୍ଟନାୟକ, ଭାରତୀ ରଥ, ଦିଗ୍‌ବିଜୟ ସ୍ୱାଇଁ, କମଳାକାନ୍ତ ମିଶ୍ର, ହରିହର ସ୍ୱାଇଁ, ନରୋତ୍ତମ ବେହେରା ଓ ଗଙ୍ଗାଧର ଓଝାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କବି ଯୋଗଦେଇ ବିଶ୍ୱନାଥଙ୍କ ସାହିତ୍ୟ ସାଧନା ଏବଂ କର୍ମମୟ ଜୀବନ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ସିଂହଙ୍କ ସାନଭାଇ କାହ୍ନୁଚରଣ ସିଂହ ଧନ୍ୟବାଦ ଦେଇଥିଲେ। ସିଂହଙ୍କ ପୁତ୍ର ଶାଶ୍ୱତ ସିଂହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ବଡ଼ମ୍ବା,୨୩।୩(ଡି.ଏନ.ଏ.):** ବଡ଼ମ୍ବା ବ୍ଲକ ଅଧୀନ ସାନବାରସିଂହ ପଞ୍ଚାୟତ ପକ୍ଷରୁ ଶନିବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା ଓ ପୁରୁଷ କର୍ମୀ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସାହି ବୁଲି ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷା ଅନୁସୟା ନାଏକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବ୍ଲକ୍ ବିଜେଡି ସଭାପତି ରବୀନ୍ଦ୍ର ସାହୁ, ସୁବାସଚନ୍ଦ୍ର ସାହୁ, ବ୍ଲକ ଉପାଧକ୍ଷ ସଦାନନ୍ଦ ସ୍ୱାଇଁ, ସରୋଜ ପଟ୍ଟନାୟକ ଏବଂ ପ୍ୟାରୀ ସ୍ୱାଇଁଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଦୁର୍ଘଟଣାକୁ ନେଇ ୨ ଗାଁ ମଧ୍ୟରେ ମାରପିଟ

** କଣ୍ଠାପଡ଼ା,୨୩।୩(ଡି.ଏନ୍.ଏ.)**

■ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ
■ ସମାଧାନ ପାଇଁ ଶାନ୍ତି କମିଟି ଗଠନ

ଲଟପୁର ଥାନା ଅଧୀନ ମଉଜପୁର ଗ୍ରାମର ଜଣେ ଯୁବକଙ୍କ ବାଇକ୍‌କୁ ଅଡଶପୁର ବେଢ଼ାସାହିର ୩ଜଣ ଯୁବକ ବାଇକ୍‌ରେ ଆସି ଶୁକ୍ରବାର ଧକ୍କା ଦେଇଥିଲେ। ଏହି ଘଟଣାକୁ ନେଇ ଉଭୟ ଗ୍ରାମ ମଧ୍ୟରେ ଉତ୍ତେଜନା ଦେଖାଯିବା ସହ ମାରପିଟ୍ ହୋଇଛି। ଶାନ୍ତିଶୃଙ୍ଖଳା ପାଇଁ ଉଭୟ ଗ୍ରାମରେ ୧ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବା ସହ ସମସ୍ୟାର ସମାଧାନ ପାଇଁ ଶାନ୍ତି କମିଟି ଗଠନ କରାଯାଇଛି। ତେବେ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ପୋଲିସ ୭ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ମଉଜପୁର ଗ୍ରାମର ସଞ୍ଜୀବ ରାଉତ ଓ ତାଙ୍କର ୧୩ବର୍ଷର ପୁଅ ଅଡଶପୁର ବଜାରକୁ ଦିନ ପ୍ରାୟ ୧ଟା ବେଳେ ମାଛ ପାଇଁ ବାଇକ୍‌ରେ ଆସୁଥିଲେ। ଉଭୟ ମଉଜପୁର ଛକରେ ହୋଇଥିବାବେଳେ ଅଡଶପୁରର ୩ଜଣ ଯୁବକ ବାଇକ୍‌ରେ ଆସି ସେମାନଙ୍କୁ ଧକ୍କା ଦେଇଥିଲେ। ଫଳରେ ସଞ୍ଜୀବଙ୍କ ପୁଅ ତଳେ ପଡି ଚିତ୍କାର କରିଥିଲେ। ଏ ସମ୍ପର୍କରେ ସେମାନଙ୍କୁ ପଚାରିବାରୁ ସେମାନେ ସଞ୍ଜୀବଙ୍କୁ ଚାପୁଡାମାରି ସେଠାରୁ ପଳାଇଥିଲେ। ଏହାର କିଛି ସମୟପରେ ସମ୍ପୃକ୍ତ ଯୁବକ ସହ ୧୨ରୁ ୧୫ଜଣ ଯୁବକ ବିଭିନ୍ନ ମାରଣାସ୍ତ୍ରଧରି ଅଡଶପୁର କଲେଜ ଛକଠାରେ ସଞ୍ଜୀବଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଅନ୍ୟ ଏକ ଅଭିଯୋଗରୁ ଜଣାପଡିଛି ଅଡଶପୁରର ପବିତ୍ର ଓ ସାଗର ବିଶ୍ୱାଳ ଶୁକ୍ରବାର ଦିନ ପ୍ରାୟ ୧୨ଟା ୩୦ରେ ନିଆଳି ଅଭିମୁଖେ ଯାଉଥିବାବେଳେ ମଉଜପୁର ଛକରେ ୧୧ରୁ ୧୨ଜଣ ଯୁବକ ନିଶାସକ୍ତ ଅବସ୍ଥାରେ ସେମାନଙ୍କୁ ଅଟକାଇବା ସହ ତାଙ୍କଠାରୁ ଗାଡିଚାବି, ମୋବାଇଲ ଓ ଟଙ୍କା ଛଡାଇ ନେଇଥିଲେ। ଏହାର ବିରୋଧ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ସଂଘବଦ୍ଧ ଆକ୍ରମଣ କରି ମାଡ଼ ମାରିଥିଲେ। ଖବରପାଇ ଅଡଶପୁରର କେତେଜଣ ଲୋକ ସେଠାରେ ପହଞ୍ଚି ଘଟଣା ସମ୍ପର୍କରେ ଜାଣିବା ପାଇଁ ଚାହିଁବାରୁ ସେମାନେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଓଲଟପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲ। ତେବେ ଶୁକ୍ରବାର ଅଡଶପୁର ହାଟକୁ ମଉଜପୁର ଗ୍ରାମରୁ ଆସିଥିବା କେତେଜଣ ବ୍ୟକ୍ତିଙ୍କୁ ଆକ୍ରମଣ କରାଯିବା ଖବର ଜଣାପଡିବା ପରେ ସନ୍ଧ୍ୟାରେ ମଉଜପୁର ଗ୍ରାମବାସୀ ଫୁଲନଖରା ନିଆଳି ରାସ୍ତାକୁ ଅବରୋଧ କରିଥିଲେ। ପୋଲିସର ହସ୍ତକ୍ଷେପ ପରେ ରାସ୍ତାରୋକୋ ହଟିଥିଲା। ଶୁକ୍ରବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଭୟପକ୍ଷ ଓଲଟପୁର ଥାନାରେ ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରିନାହିଁ। ଏ ନେଇ ଉଭୟ ପକ୍ଷରୁ ଓଲଟପୁର ଥାନାରେ ୪ଟି ମାମଲା(ନଂ.୨୦,୨୧,୨୨,୨୩, ୨୪, ୨୫,୨୬/୧୯) ରୁଜୁ ହୋଇଛି। ଏ ନେଇ ଓଲଟପୁର ଆଇଆଇସି ଚିନ୍ମୟୀ ସାହୁ କୁହନ୍ତି, ପରସ୍ଥିତି ଶାନ୍ତ ଅଛି। ଉଭୟ ପକ୍ଷର ଅଭିଯୋଗ ନେଇ ୭ଟି ମାମଲା ରୁଜୁ ହୋଇଛି।



ସମ୍ବର୍ଦ୍ଧନା ସଭାରେ ବିଧାୟକ ପ୍ରକାଶ ବେହେରା ଓ ଅନ୍ୟ କର୍ମୀ।

## ସାଲେପୁର ଭାଜପା ପକ୍ଷରୁ ପ୍ରକାଶଙ୍କୁ ସମ୍ବର୍ଦ୍ଧନା

**ସାଲେପୁର,୨୩।୩(ଡି.ଏନ.ଏ.)**

ସାଲେପୁର ଭାଜପା ପକ୍ଷରୁ ବିଧାୟକ ପ୍ରକାଶଚନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ସଭାପତି ଚୌଧୁରୀ ହେମନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏହି ସଭା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ସତ୍ୟବାଦୀ ଚଇନି, ଜିଲା ଉପସଭାପତି ଉଲ୍ଲାସ ଚନ୍ଦ୍ର ଜେନା, ଜିଲା ସାଧାରଣ ସମ୍ପାଦକ ଅଶୋକ ଦାସ, ଦୁର୍ଯ୍ୟୋଧନ ଲେଙ୍କା, କୁଳମଣି ବରାଳ, ପ୍ରଭାତ ଦାସ୍, ରଶ୍ମିରଞ୍ଜନ ଲେଙ୍କା, କୁଞ୍ଜମୋହନ ସେଠୀ, ରାମନାରାୟଣ ପଣ୍ଡା, ରଶ୍ମିରଞ୍ଜନ ଶତପଥୀଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ଦଳରେ ନୂତନଭାବେ ଯୋଗଦେଇଥିବା ବେହେରାଙ୍କୁ ସ୍ୱାଗତ କରିବା ସହ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜିଲା ସଭାପତି ସାହୁ ଟାଙ୍ଗୀ-ସାଲେପୁର ନିର୍ବାଚନମଣ୍ଡଳୀରେ ଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ନେଇ କାର୍ଯ୍ୟକରିବାକୁ ପ୍ରକାଶଙ୍କୁ କହିବା ସହ ପରବର୍ତ୍ତୀ ସମୟରେ କୌଣସି ଅସୁବିଧା ହେବନାହିଁ ବୋଲି ମଧ୍ୟ କାର୍ଯ୍ୟକର୍ତ୍ତାଙ୍କୁ ସୂଚନା ଦେଇଥିଲେ। ପ୍ରକାଶ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ବିଶ୍ୱାସର ସହ କାର୍ଯ୍ୟକରିବାକୁ ଅନୁରୋଧ କରିଥିଲେ। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ସବ୍‌କା ସାଥ୍ ସବ୍‌କା ବିକାଶ ନାରାରେ ସେ ଆଗକୁ ବଢ଼ି କାର୍ଯ୍ୟକରିବେ ବୋଲି କହିଥିଲେ। ସମ୍ବର୍ଦ୍ଧନା ସଭାକୁ ମନୋରଞ୍ଜନ ରାଉତରାୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅସିତ୍ ମହାନ୍ତି, ବିକାଶ ସିଂ, ତାପସ ସାହୁ, ପୂର୍ଣ୍ଣିମା ବସ୍ତିଆ, ଅଜିତ୍ କୁମାର ପଣ୍ଡା, ହରେକୃଷ୍ଣ ରାଉତ ଓ ସାଲେପୁର ମିଡିଆ ସେଲ୍ ପ୍ରମୁଖ ତାପସ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରଭାକର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ପ୍ରିଜାଇଡିଂ, ପୋଲିଂ ଅଫିସରଙ୍କୁ ତାଲିମ

**ଆଠଗଡ଼,୨୩।୩(ସ୍ୱ.ପ୍ର.)**



ତାଲିମ ଶିବିରରେ ଉପସ୍ଥିତ ଉପଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ଆଠଗଡ଼ ଓ ବଡମ୍ବା ନିର୍ବାଚନମଣ୍ଡଳୀରେ ତୃତୀୟ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ଏ ନେଇ ଆଠଗଡ଼ ଉପଖଣ୍ଡ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ନିର୍ବାଚନ ପରିଚାଳନା ପାଇଁ କର୍ମଚାରୀଙ୍କୁ ପର୍ଯ୍ୟାୟ କ୍ରମେ ତାଲିମ ପ୍ରଦାନ କରାଯାଉଛି। ଶନିବାର ଆଠଗଡ ବ୍ଲକ ସଭାଗୃହରେ ପ୍ରଥମ ପର୍ଯ୍ୟାୟରେ ୪୫ ପ୍ରିଜାଇଡିଂ ଅଫିସର ଓ ୫ ପ୍ରଥମ ପୋଲିଂ ଅଫିସରଙ୍କୁ ତାଲିମ ପ୍ରଦାନ କରାଯାଇଛି। ଉପଖଣ୍ଡ ରିଟର୍ଣ୍ଣିଂ ଅଫିସର ତଥା ଉପଜିଲାପାଳ ଅମୀୟ କୁମାର ସାହୁ, ତହସିଲଦାର ତପନ କୁମାର ଖୁଣ୍ଟିଆ ଓ ବିଡିଓ ଅଜାମ୍ବର ମହାନ୍ତି ପ୍ରମୁଖ ଯୋଗଦେଇ ଏହି ତାଲିମ ପ୍ରଦାନ କରିଛନ୍ତି। ନିର୍ବାଚନରେ କିପରି ଇଭିଏମ ଓ ଭିଭିପିଏଟି ପରିଚାଳନା କରାଯିବ ଏବଂ ଆବଶ୍ୟକ ସମୟରେ ସାମାନ୍ୟ ତ୍ରୁଟି ବିଚ୍ୟୁତି ଥିଲେ ତାହାକୁ କେମିତି ସମାଧାନ କରାଯିବା ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ୫ଦିନ ଧରି ଚାଲିବ। ଆଠଗଡ ନିର୍ବାଚନମଣ୍ଡଳୀର ଆଠଗଡ ବ୍ଲକ, ତିଗିରିଆ ବ୍ଲକ ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ୬ଟି ପଞ୍ଚାୟତର ୨୫୪ ବୁଥରେ ନିୟୋଜିତ ହେବାକୁ ଥିବା ପ୍ରିଜାଇଡିଂ ଓ ପ୍ରଥମ ପୋଲିଂ ଅଫିସରଙ୍କୁ ତାଲିମ ପ୍ରଦାନ କରାଯିବ। ପ୍ରତି ବୁଥରେ ଜଣେ ପ୍ରିଜାଇଡିଂ ଅଫିସର ଓ ୫ଜଣ ପୋଲିଂ ଅଫିସର ନିୟୋଜିତ ହେବେ। ୧୪୦୦ରୁ ଊର୍ଦ୍ଧ୍ୱ ଭୋଟର ଥିବା କେନ୍ଦ୍ରରେ ଜଣେ ଅତିରିକ୍ତ ଅଧିକାରୀଙ୍କୁ ନିୟୋଜିତ କରାଯିବ ବୋଲି ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ରହିଥିବା ସୂଚନା ମିଳିଛି।

## ୧୦୩ ୟୁନିଟ୍ ରକ୍ତ ସଂଗ୍ରହ

**ତିଗିରିଆ,୨୩।୩(ଡି.ଏନ.ଏ.):**

ତିଗିରିଆ ବ୍ଲକ ଅଧୀନ ନୂଆପାଟଣା ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ, ସମବାୟବିତ୍ ତଥା ରାଜନୀତିଜ୍ଞ ଦେବରାଜ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ରକ୍ତଦାନ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଦେବରାଜ ଦାସ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ନୂଆପାଟଣା ଅଶୋକା ଟକିଜ୍ ପରିସରରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୧୦୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କଟକ ରେଡ୍‌କ୍ରସ ପକ୍ଷରୁ ଡାକ୍ତର ଓ କର୍ମଚାରୀ ଯୋଗଦେଇ ରକ୍ତ ସଂଗ୍ରହ କରିଥିଲେ। ଅଞ୍ଚଳର ବହୁ ଯୁବଗୋଷ୍ଠୀ ଓ ଜନସାଧାରଣ ରକ୍ତଦାନ କରିଥିଲେ। ବହୁ ସଂଖ୍ୟାରେ ମହିଳା ମଧ୍ୟ ରକ୍ତଦାନ କରିଥିଲେ। ସେହିପରି ନୂଆପାଟଣାସ୍ଥିତ ଚଣ୍ଡୀ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ବଜାର ବନ୍ଦ କରାଯାଇ ସଂଘ ସମ୍ମିଳନୀ କକ୍ଷରେ ଦେବରାଜଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଟ୍ରଷ୍ଟି ପ୍ରକାଶ ଦାସ ରକ୍ତଦାନ ଶିବିର ସଂଯୋଜନା କରିଥିବାବେଳେ ବ୍ରଜକିଶୋର ସାହୁ, ପ୍ରଦୀପ ବର୍ଦ୍ଧନ, ସରୋଜ ଦାସ, ସମିତିସଭ୍ୟ ସଞ୍ଜୟ କର ଓ ମହେନ୍ଦ୍ର କୁଣ୍ଡୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଗିରଥୀ ନନ୍ଦଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ପିକ୍‌ଅପ୍ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ
# କ୍ଷତିପୂରଣ ଦାବିରେ ଥାନା ଘେରାଉ

**ନରସିଂହପୁର,୨୩।୩(ଡି.ଏନ.ଏ.)**

କାନପୁର ଥାନା ଅଧୀନ ଚମ୍ପେଶ୍ୱରଠାରେ ଶନିବାର ଏକ ପିକ୍‌ଅପ୍ ଭ୍ୟାନ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ଏହାପରେ ମୃତକଙ୍କ ପରିବାର ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ ଥାନା ଘେରାଉ କରିଥିଲେ। କିଛି ଭଦ୍ର ବ୍ୟକ୍ତିଙ୍କ ସହଯୋଗରେ ଏହାର ସମାଧାନ କରାଯିବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମୃତକହେଲେ ସନେଇ ସାହି ଗ୍ରାମର ସନାତନ ନାୟକ(୪୭)। ସେ କୌଣସି କାମରେ ସାଇକେଲ ଯୋଗେ ନରସିଂହପୁର ଯାଉଥିବାବେଳେ ପଛରୁ ପିକଅପ୍ ଭ୍ୟାନ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସନାତନଙ୍କ ମୃତ୍ୟୁ ଘଟିଥିଲା। ଏହାଦେଖି ପିକଅପ୍ ଚାଳକ ଅଶୋକ ବେହେରା ପଳାଇ ଯାଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ କାନପୁର ଥାନା ଅଧିକାରିଣୀ ସସ୍ମିତା ରଣାଙ୍କ ସମେତ ଅନ୍ୟ କର୍ମଚାରୀ ପହଞ୍ଚି ପିକ୍‌ଅପ୍ ଭ୍ୟାନକୁ ଜବତ କରିଥିଲେ। ପରେ ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ମ୍ବା ଡାକ୍ତରଖାନାକୁ ପଠାଇଥିଲେ। ମୃତଦେହ ବ୍ୟବଚ୍ଛେଦ ହୋଇ ଫେରିବା ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିକରି ଗ୍ରାମବାସୀ ଓ ତାଙ୍କ ପରିବାର ସଦସ୍ୟ ମୃତଦେହ ରଖି ଥାନା ଆଗରେ ଧାରଣା ଦେଇଥିଲେ। ପୋଲିସ ଏ ନେଇ ଏକ ମାମଲା ନଂ-୨୨/୧୯ରୁଜୁ କରି ତଦନ୍ତ ଜାରି ରଖିଛି।

## ମା’ଙ୍କ ଦଶାହ କର୍ମ ସାମଗ୍ରୀ ପାଇଁ ଯାଇ ପୁଅର ମୃତ୍ୟୁ

**ସାଲେପୁର,୨୩।୩(ଡି.ଏନ.ଏ.)**

ମା’ଙ୍କ ଦଶାହ କର୍ମ ପାଇଁ ସାମଗ୍ରୀ ଆଣିବାକୁ ଯାଇଥିବାବେଳେ ସଡ଼କ ଦୁର୍ଘଟଣାରେ ପୁଅର ମୃତ୍ୟୁ ଘଟିଛି। ଏଭଳି ଏକ ଦୁଃଖଦ ଘଟଣା ଶୁକ୍ରବାର ସନ୍ଧ୍ୟାରେ ସାଲେପୁର ଥାନା ତଥା ଜପକୁଦ ଫାଣ୍ଡି ଅଧୀନ ନରଦା ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର କୃଷ୍ଣଚନ୍ଦ୍ର ସ୍ୱାଇଁ (୫୨) ଏବଂ ତାଙ୍କ ପୁତୁରା ମନୋଜ ସ୍ୱାଇଁ(୨୫) ପଟ୍ଟାମୁଣ୍ଡାଇ କେନାଲ୍ ବନ୍ଧରେ ସାମଗ୍ରୀ ନେଇ ଆସୁଥିଲେ। ଏହି ସମୟରେ ଲେଖନପୁର ଛକଠାରେ ଏକ କାର୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦାଦା କୃଷ୍ଣଚନ୍ଦ୍ର ଓ ପୁତୁରା ମନୋଜ ଛଟିକି ପଡ଼ିଥିଲେ। କୃଷ୍ଣଚନ୍ଦ୍ର ଗୁରୁତର ହୋଇଥିବା ବେଳେ ମନୋଜ ସାମାନ୍ୟ ଆହତ ହୋଇଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କଟକ ବଡ଼ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ବିଳମ୍ବିତ ରାତିରେ କୃଷ୍ଣଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଶନିବାର କୃଷ୍ଣଚନ୍ଦ୍ରଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ନରଦା ଗ୍ରାମକୁ ଅଣାଯାଇଥିଲା। ଏହି ଘଟଣାପରେ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ମନୋଜ ଚିକିତ୍ସାଧୀନ ଅଛନ୍ତି। ସୂଚନାଯୋଗ୍ୟ, କୃଷ୍ଣଚନ୍ଦ୍ରଙ୍କ ମା’ ମିନି ସ୍ୱାଇଁଙ୍କ ୯ ଦିନ ତଳେ ମୃତ୍ୟୁ ଘଟିଥିଲା। ଦଶାହ ସାମଗ୍ରୀ ଆଣିବାକୁ ସେମାନେ ବଜାରକୁ ଯାଇଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।

## ଓଏନଜିସି ଦ୍ୱାରା ନିର୍ମିତ ପାଇଖାନା ହିତାଧିକାରୀଙ୍କୁ ହସ୍ତାନ୍ତର



ହିତାଧିକାରୀମାନଙ୍କ ଗହଣରେ ଓଏନ୍‌ଜିସି ଅଧିକାରୀମାନେ।

**ତିଗିରିଆ,୨୩।୩(ଡି.ଏନ.ଏ.)**

ତିଗିରିଆ ବ୍ଲକ ଅଧୀନ ନୂଆପାଟଣା ସଡ଼କସାହିରେ ଓଏନଜିସି ସହାୟତାରେ ନିର୍ମାଣ କରାଯାଇଥିବା ୧୮ଟି ପାଇଖାନା ଓ ଗାଧୁଆଘର ହିତାଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଉକ୍ତ ପାଇଖାନା ସହ ଗାଧୁଆ ଘରକୁ ଗ୍ରାମର ଉତ୍‌ଥାନ ସ୍ୱେଚ୍ଛାସେବୀ ସଂଗଠନ ନିର୍ମାଣ କରିଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଓଏନଜିସିର କାର୍ଯ୍ୟାଳୟ କର୍ମଚାରୀ ଚୌଧୁରୀ ବିଶ୍ୱ ମୋହନ ମିଶ୍ର ଯୋଗଦେଇ ପାଇଖାନା ସହ ଗାଧୁଆଘରକୁ ହିତାଧିକାରୀଙ୍କୁ ପ୍ରଦାନ କରିଥିଲେ। ଏଥିସହିତ ପ୍ରମାଣପତ୍ର ଦେଇଥିଲେ। କାର୍ଯ୍ୟକ୍ରମକୁ ଉତ୍‌ଥାନର ସଂଯୋଜକ ରଘୁନାଥ ସ୍ୱାଇଁ ପରିଚାଳନା କରିଥିଲେ।

# ପୁରପଲ୍ଲୀରେ ଦୋଳମେଳଣ

**ବାଙ୍କୀ,୨୩।୩(ସ୍ୱ.ପ୍ର.)**

ବାଙ୍କୀ ଅଧିଷ୍ଠାତ୍ରୀ ଦେବୀ ମା’ଚର୍ଚ୍ଚିକାଙ୍କ ପୀଠରେ ଦୋଳ ଉତ୍ସବ ପାଳିତ ହୋଇଯାଇଛି। ଚର୍ଚ୍ଚିକାସ୍ଥ ଐଶାନେଶ୍ୱର ଦେବ, ଶ୍ରୀରାଧାକାନ୍ତ ଦେବ ଚର୍ଚ୍ଚିକା ଗ୍ରାମ ଓ ଅମଲାପଡ଼ା ପରିକ୍ରମା କରି ଭୋଗ ଖାଇଥିଲେ। ସେହିପରି ରଣପୁରର ଶ୍ରୀଜଳେଶ୍ୱର, ବେଦପୁରର କୁଞ୍ଜବିହାରୀଦେବ ଓ ମା’ଚର୍ଚ୍ଚିକା ଆଦି ନିଜ ନିଜ ଅଞ୍ଚଳ ପରିକ୍ରମା କରି ଚାଚେରି ଭୋଗ ଖାଇଥିଲେ। ପରେ ଚର୍ଚ୍ଚିକାଙ୍କୁ ଶ୍ରୀଚନ୍ଦ୍ରଶେଖର ପାରମ୍ପରିକ ନୀତିରେ ଦୋଳ ଉତ୍ସବରେ ଯୋଗଦେବାକୁ ନିମନ୍ତ୍ରଣ କରିଥିଲେ। ଏହି ଶୋଭାଯାତ୍ରାରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶୁକ୍ରବାର ହୋଲି ଉତ୍ସବରେ ଦେବୀ ଚର୍ଚ୍ଚିକାଙ୍କ ନେତୃତ୍ୱରେ ୨୦ଦୋଳ ଚର୍ଚ୍ଚିକା ଗ୍ରାମ ଦେଇ କଚେରି ପଡିଆ ମେଳନ ଉତ୍ସବରେ ଯୋଗ ଦେଇଥିଲେ।

**ଲଳିତଗିରି,(ସ୍ୱପ୍ର):** ପୁରାଣ ପ୍ରସିଦ୍ଧ ଓଳକଣା ମେଳଣ ଉଦ୍‌ଯାପିତ ହୋଇଯାଇଛି। ପୂର୍ବଦିଗରୁ ଆଳି ରାଜାଙ୍କ ବିମାନ ଓ ମା’ଲକ୍ଷ୍ମୀ ଠାକୁରାଣୀଙ୍କ ବିମାନ ଏକ ସମୟରେ ପଡିଆକୁ ପ୍ରବେଶ କରିଥିଲେ। ପରେ ପଶ୍ଚିମରୁ ଲଳିତଗିରି ମିଶ୍ରଘର ବିମାନ, ଉତ୍ତରରୁ ଓଳାଶୁଣୀ, ପଲେଇ ବିମାନ ଓ ଦକ୍ଷିଣ ଦିଗରୁ ଓଳକଣାର ମଣ୍ଡୁଆଳ ବିମାନ ପ୍ରବେଶ କରିବାପରେ ଚାରିପଟରୁ ଶତାଧିକ ବିମାନ ପ୍ରବେଶ କରିଥିଲେ। ଓଳକଣା ପ୍ରଚାର ଓ ପ୍ରସାର କମିଟି ଅଧ୍ୟକ୍ଷ ଦେବେନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଟକୃଷ୍ଣ ସାମଲ, ଜ୍ଞାନେନ୍ଦ୍ର ସାହୁ, ରତିକାନ୍ତ ସାମଲ,ମକର ପ୍ରଧାନ, କରୁଣାକର କର, ଓଳାଶୁଣୀ ମଠ ମହନ୍ତ ନାମାନନ୍ଦ ଦାଶ ପ୍ରମୁଖ ମେଳଣ ପରିଚାଳନାରେ ସହଯୋଗ କରିଥିଲେ।

**ନରସିଂହପୁର,(ଡି.ଏନ.ଏ.):** ନରସିଂହପୁରର ଐତିହାସିକ ଅଷ୍ଟଶମ୍ଭୁ ମେଳଣ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଭଜନ ମଣ୍ଡପଠାରେ ଅନୁଷ୍ଠିତ ମେଳଣରେ ଅଷ୍ଟଶମ୍ଭୁଙ୍କ ସମେତ ୨୯ ଶମ୍ଭୁଙ୍କ ମିଳନ ହୋଇଥିଲା। ବିଧାୟକ ଦେବୀପ୍ରସାଦ ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବିଳମ୍ବିତ ରାତିରେ ସମସ୍ତ ଶମ୍ଭୁମାନଙ୍କୁ ରାଜବାଟିକୁ ପହଣ୍ଡି ବିଜେ କରାଯାଇଥିଲା। ସେଠାରେ ସମସ୍ତ ଶମ୍ଭୁ, ହର ଓ ହରି ଏକତ୍ରିତ ହେବା ପରେ ରାଜବାଟିଠାରେ ନିର୍ମିତ ଚନ୍ଦ୍ରଶେଖରଙ୍କୁ ଷୋଡଶ ଉପଚାର ବିଧିରେ ପୂଜାର୍ଚ୍ଚନା କରାଯାଇଥିଲା। ରାଜ ପୁରୋହିତ ରଜନୀକାନ୍ତ ମିଶ୍ର ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ଏହାପରେ ଶମ୍ଭୁମାନେ ପୁନର୍ବାର ତହସିଲଦାରଙ୍କ ବାସଭବନଠାରେ ପୂଜାର୍ଚ୍ଚନା ହୋଇ ନିଜସ୍ୱ ମନ୍ଦିରକୁ ଫେରିଥିଲେ।

**ସାଲେପୁର,(ଡି.ଏନ.ଏ.):** ସାଲେପୁରର ପ୍ରସିଦ୍ଧ ମୁନିସୀ ମେଳଣ ସମାପନ ହୋଇଛି। ଏହି ମେଳଣକୁ ପ୍ରାୟ ୧୭ରୁ ଊର୍ଦ୍ଧ୍ୱ ବିମାନ ଆସିଥିଲେ। ସାଲେପୁର ଥାନା ଅଧିକାରୀ ଦେବେନ୍ଦ୍ର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ମେଳଣରେ କଟକ ଜିଲାର ବିଭିନ୍ନ ଥାନା ଅଧିକାରୀମାନେ ଯୋଗ ଦେଇଥିଲେ। ବିମାନଗୁଡ଼ିକ ଶୋଭାଯାତ୍ରାରେ ବାହାରି ସାଲେପୁର ପୁରୁଣାହାଟରେ ପହଞ୍ଚିବା ପରେ ସେଠାରେ ଅବସ୍ଥିତ ଦେବୀ ମଣ୍ଡପରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମେଳଣ ଯାତ୍ରା ଶେଷ ହୋଇଥିଲା।

**ବଡ଼ମ୍ବା,(ଡି.ଏନ.ଏ.):** ବଡମ୍ବାରେ ଦୋଳ ମେଳଣ ଅନୁଷ୍ଠିତ ହୋଇଛି। ବଡମ୍ବା ରାଜବାଟୀସ୍ଥିତ ଶ୍ରୀଗୋପୀନାଥ, ଶ୍ରୀଦେବୀ, ଭୂଦେବୀ ଓ ଚନ୍ଦ୍ରଶେଖର ଦେବଙ୍କ ସମେତ ଭଟ୍ଟାରିକା, ଦଅଡସାହିସ୍ଥିତ ସ୍ୱପ୍ନେଶ୍ୱର ମହାଦେବ, ବଡଦାଣ୍ଡସ୍ଥିତ ଲୋକନାଥଦେବ ଓ ରାଧାକାନ୍ତଦେବ, ପଥୁରିଆସାହିସ୍ଥିତ କୁଞ୍ଜବିହାରୀଦେବ, ପୁରୁଣା ଓ ନୂଆ ମଙ୍ଗଳପୁରସ୍ଥିତ ରଘୁନାଥଦେବ, ଶଙ୍ଖାମେରୀସ୍ଥିତ ସ୍ୱପ୍ନେଶ୍ୱର ମହାଦେବ ଓ ଗୁରୁଡିପାଳସ୍ଥିତ ରସିକନାଗରଦେବଙ୍କ ଚଳନ୍ତି ପ୍ରତିମାକୁ ରାଜବାଟୀଠାରେ ଏକତ୍ରିତ କରାଯାଇ ବଡମ୍ବା ପରିକ୍ରମା କରାଯାଇଥିଲା। ରାଜା ତ୍ରିବିକ୍ରମଚନ୍ଦ୍ରଦେବ ବୀରବର ମଙ୍ଗରାଜ ମହାପାତ୍ର, କୁମାର ସାହେବ ତ୍ରିଭୁବନଚନ୍ଦ୍ର ଦେବ ଓ ସାମାଜିକ କର୍ମୀ ସୂର୍ଯ୍ୟକିଶୋର ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ବାଙ୍କୀ ଅଧିଷ୍ଠାତ୍ରୀ ଦେବୀ ମା’ଚର୍ଚ୍ଚିକାଙ୍କ ପୀଠରେ ଦୋଳ ଶୋଭାଯାତ୍ରା।



ନରସିଂହପୁର ଅଷ୍ଟଶମ୍ଭୁ ମେଳଣରେ ସାମିଲ ହୋଇଥିବା ବିମାନ।



ଲଳିତଗିରିସ୍ଥିତ ଓଳକଣା ମେଳଣକୁ ଆସିଥିବା ବିମାନକୁ ଶୋଭାଯାତ୍ରାରେ ନିଆଯାଉଛି।



"ସତ୍ୟବାଦୀ ମନୁଷ୍ୟ ମା' ଭଳି ବିଶ୍ୱସନୀୟ, ଜନତାଙ୍କ ଗୁରୁ ଭଳି ପୂଜ୍ୟ ଏବଂ ସଜ୍ଜନ ବ୍ୟକ୍ତି ଭଳି ସମସ୍ତଙ୍କ ପ୍ରିୟ ହୋଇଥାନ୍ତି।
- ଭଗବାନ ବୁଦ୍ଧ



## ସଂକ୍ଷେପରେ

### ୩ବର୍ଷର ଝିଅକୁ କିନ୍ନରଙ୍କୁ ବିକ୍ରି କରୁଥିଲେ ମା'

ମହିଳାଙ୍କୁ କାବୁ କଲେ ସ୍ଥାନୀୟ ଲୋକେ

**ଭୁବନେଶ୍ୱର,୨୩।୩ (ବ୍ୟୁରୋ):** କ୍ୟାପିଟାଲ ହସ୍ପିଟାଲ ନିକଟରେ ଗୁରୁବାର ସକାଳେ ଜଣେ ମହିଳା ତାଙ୍କ ୩ବର୍ଷର ଝିଅକୁ ଜଣେ କିନ୍ନରଙ୍କୁ ବିକ୍ରି କରିବାକୁ ଉଦ୍ୟମ କରୁଥିଲେ। ଟଙ୍କା ମୂଲଚାଲ କରିବା ସମୟରେ ସ୍ଥାନୀୟ ଲୋକେ ଜାଣିପାରି ମହିଳାଙ୍କୁ କାବୁ କରି କ୍ୟାପିଟାଲ ହସ୍ପିଟାଲ ଫାଣ୍ଡି ପୋଲିସ ଜିମା ଦେଇଥିଲେ। ଖବର ପାଇ ସିଡବ୍ଲ୍ୟୁସି ଉକ୍ତ ଶିଶୁକୁ ଉଦ୍ଧାର କରି କୋଳଥିଆ ସ୍ଥିତ ଶୁଭଦ୍ରା ମହାଶ୍ରମରେ ଶିଶୁ କନ୍ୟାକୁ ଛାଡ଼ିଛି। ସୂଚନା ଅନୁଯାୟୀ, ମହିଳା ଓ ତାଙ୍କ ସ୍ୱାମୀଙ୍କ ଘର ନୟାଗଡ଼ ଜିଲାରେ ହୋଇଥିବା ବେଳେ ସେମାନେ ରାଜଧାନୀକୁ ରୋଜଗାର ଆଶାରେ ଆସି ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ବସ୍ତିରେ ଘର ଭଡ଼ା ନେଇ ରହୁଥିଲେ। ମାତ୍ର ସେମାନେ କୌଣସି ରୋଜଗାର କରି ନ ପାରିବାରୁ ଘର ଭଡା ଦେଇପାରି ନ ଥିଲେ। ସେମାନଙ୍କର ଦୁଇଟି ଝିଅ ଥିବାରୁ ପରିବାର ଚଳାଇବା କଷ୍ଟକର ହୋଇପଡିଥିଲା। ସେପଟେ ଘରଭଡା ଦେଇ ନ ପାରିବାରୁ ଘର ମାଲିକ ସେମାନଙ୍କୁ ବାହାର କରି ଦେଇଥିଲେ। ଦମ୍ପତି କ୍ୟାପିଟାଲ ହସ୍ପିଟାଲ ପରିସରରେ ରହୁଥିଲେ। କିଛିଦିନ ତଳେ ମହିଳାଙ୍କ ସ୍ୱାମୀ ପଡିଯିବାରୁ ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସ୍ୱାମୀଙ୍କ ଚିକିତ୍ସା କରିବା ପାଇଁ ସ୍ତ୍ରୀ ନିକଟରେ ଟଙ୍କା ନ ଥିଲା। ତେଣୁ ସେ ଶିଶୁକନ୍ୟାକୁ ବିକ୍ରି କରିବା ପାଇଁ ସ୍ଥିର କରିଥିଲେ। ଗୁରୁବାର ସକାଳ ୧୧ଟା ସମୟରେ କ୍ୟାପିଟାଲ ହସ୍ପିଟାଲ ପରିସରରେ ଜଣେ କିନ୍ନରଙ୍କୁ ଶିଶୁ କନ୍ୟାକୁ ବିକ୍ରି କରିବା ପାଇଁ ଟଙ୍କା ମୂଲଚାଲ କରିବା ବେଳେ ଧରାପଡ଼ିଥିଲେ।

### ସେଫ ଜୋନ୍‌ରେ ସ୍ନାନ କଲେ ୧୩୦୦ଜଣ

**କଟକ ଅଫିସ,୨୩।୩:** ହୋଲିକୁ ସୁରକ୍ଷିତ ଭାବେ ସମାପନ କରିବା ପାଇଁ ଅଭିନବ ପ୍ରଚେଷ୍ଟା କରିଛନ୍ତି ଅନ୍ତର୍ଜାତୀୟ ସ୍କୁବା ଡାଇଭର ସବୀର ବକ୍ସ। ମହାନଦୀରେ ୭୦୦ମିଟର ଲମ୍ବ ପର୍ଯ୍ୟନ୍ତ ପ୍ରଶସ୍ତ ଜାଗାରେ ସୁରକ୍ଷିତଭାବେ ସ୍ନାନ କରିବା ନିମନ୍ତେ ଏକ ସେଫ୍‌-ଜୋନ ନିର୍ମାଣ କରିଥିଲେ। କେବଳ ହୋଲିରେ ରଙ୍ଗ ହୋଇଥିବା ବ୍ୟକ୍ତିବିଶେଷ ଏଠାରେ ସ୍ନାନ କରିଥିଲେ। ପ୍ରାୟ ୧୩୦୦ଜଣ ଶୁକ୍ରବାର ଏଠାରେ ସ୍ନାନ କରିଛନ୍ତି ବୋଲି ସବୀର କହିଛନ୍ତି। ଜିଲା ପ୍ରଶାସନ, ଡିସିପି ଓ ସ୍ଥାନୀୟ ପୋଲିସ ଅଧିକାରୀ ଏହି କାର୍ଯ୍ୟରେ ସହାୟତା କରିଥିଲେ। ସବୀରଙ୍କ ସମେତ ୧୧ଜଣ ଲାଇଫଗାର୍ଡ ମୁତୟନ ହୋଇଥିଲେ। ଦୁଇଟି କାୟାକିଂ ବୋଟ୍, ଗୋଟିଏ ଲେଖାଏ ସାଧାରଣ ବୋଟ୍ ଓ ଜେଟସ୍କି ବ୍ୟବହାର ହୋଇଥିଲା। ମତ୍ସ୍ୟଜୀବୀ ସୁରେନ୍ଦ୍ର ବେହେରା ମଧ ଏଥିରେ ସହଯୋଗ କରିଥିଲେ।

### ହାଇୱାରେ ପିଟି ହେଲା ବାଇକ୍: ଯୁବକ ମୃତ

**ନରାଜ/କଟକ ଅଫିସ୍,୨୩।୩:** ସଦର ଥାନା ଅନ୍ତର୍ଗତ କୁଆଖାଇ ବ୍ରିଜ୍ ଉପରେ ଶନିବାର ଏକ ହାଇୱା ପଛରେ ପିଟିହୋଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ ବେଲଗଛିଆ ଅଞ୍ଚଳର ପ୍ରଭୃତି ଘଡେଇ। ମିଳିଥିବା ସୂଚନା ଅନୁଯାୟୀ, ପ୍ରଭୃତି ରାତି ପ୍ରାୟ ସାଢେ ୮ଟାରେ ଏକ ବାଇକ(ଓଆର୦୨ଜି-୦୭୭୬)ରେ କଟକକୁ ଘରକୁ ଫେରୁଥିଲେ। ହାଇୱାଟି ବ୍ରିଜ୍ ଉପରେ ଠିଆ ହୋଇଥିବା ବେଳେ ଯୁବକ ଜଣଙ୍କ ଅନ୍ୟମନସ୍କ ହୋଇ ସେଥିରେ ପିଟି ହୋଇଯାଇଥିଲେ। ଫଳରେ ସେ ତଳେ ପଡିଯିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ହେଲେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଘଟଣାସ୍ଥଳରେ ବାରଙ୍ଗ ଅଗ୍ନିଶମ ବିଭାଗର ଏକ ଟିମ୍ ପହଞ୍ଚି ତାଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଦୁର୍ଘଟଣାକୁ ନେଇ ୨ ଗାଁ ମଧ୍ୟରେ ମାରପିଟ

■ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ
■ ସମାଧାନ ପାଇଁ ଶାନ୍ତି କମିଟି ଗଠନ

**କଣ୍ଟାପଡ଼ା,୨୩।୩(ଡି.ଏନ୍.ଏ.)**

ଓଲଟପୁର ଥାନା ଅଧୀନ ମଉଜପୁର ଗ୍ରାମର ଜଣେ ଯୁବକଙ୍କ ବାଇକ୍‌କୁ ଅଡଶପୁର ବେଢ଼ାସାହିର ୩ଜଣ ଯୁବକ ବାଇକ୍‌ରେ ଆସି ଶୁକ୍ରବାର ଧକ୍କା ଦେଇଥିଲେ। ଏହି ଘଟଣାକୁ ନେଇ ଉଭୟ ଗ୍ରାମ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହ ମାରପିଟ୍ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ଉଭୟ ଗ୍ରାମରେ ୧ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବା ସହ ସମସ୍ୟାର ସମାଧାନ ପାଇଁ ଶାନ୍ତି କମିଟି ଗଠନ କରାଯାଇଛି। ତେବେ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ପୋଲିସ ୭ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ମଉଜପୁର ଗ୍ରାମର ସଞ୍ଜୀବ ରାଉତ ଓ ତାଙ୍କର ୧୩ବର୍ଷର ପୁଅ ଅଡଶପୁର ବଜାରକୁ ଦିନ ପ୍ରାୟ ୧ଟା ବେଳେ ମାଛ ପାଇଁ ବାଇକ୍‌ରେ ଆସୁଥିଲେ। ଉଭୟ ମଉଜପୁର ଛକରେ ହୋଇଥିବାବେଳେ ଅଡଶପୁରର ୩ଜଣ ଯୁବକ ବାଇକ୍‌ରେ ଆସି ସେମାନଙ୍କୁ ଧକ୍କା ଦେଇଥିଲେ। ଫଳରେ ସଞ୍ଜୀବଙ୍କ ପୁଅ ତଳେ ପଡି ଚିତ୍କାର କରିଥିଲେ। ଏ ସମ୍ପର୍କରେ ସେମାନଙ୍କୁ ପଚାରିବାରୁ ସେମାନେ ସଞ୍ଜୀବଙ୍କୁ ଚାପୁଡାମାରି ସେଠାରୁ ପଳାଇଥିଲେ। ଏହାର କିଛି ସମୟପରେ ସମ୍ପୃକ୍ତ ଯୁବକ ସହ ୧୨ରୁ ୧୫ଜଣ ଯୁବକ ବିଭିନ୍ନ ମାରଣାସ୍ତ୍ରଧରି ଅଡଶପୁର କଲେଜ ଛକଠାରେ ସଞ୍ଜୀବଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଅନ୍ୟ ଏକ ଅଭିଯୋଗରୁ ଜଣାପଡିଛି ଅଡଶପୁରର ପବିତ୍ର ଓ ସାଗର ବିଶ୍ୱାଳ ଶୁକ୍ରବାର ଦିନ ପ୍ରାୟ ୧୨ଟା ୩୦ରେ ନିଆଳି ଅଭିମୁଖେ ଯାଉଥିବାବେଳେ ମଉଜପୁର ଛକରେ ୧୧ରୁ ୧୨ଜଣ ଯୁବକ ନିଶାସକ୍ତ ଅବସ୍ଥାରେ ସେମାନଙ୍କୁ ଅଟକାଇବା ସହ ତାଙ୍କଠାରୁ ଗାଡିଚାବି, ମୋବାଇଲ ଓ ଟଙ୍କା ଛଡାଇ ନେଇଥିଲେ। ଏହାର ବିରୋଧ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ସଂଘବଦ୍ଧ ଆକ୍ରମଣ କରି ମାଡ଼ ମାରିଥିଲେ। ଖବରପାଇ ଅଡଶପୁରର କେତେଜଣ ଲୋକ ସେଠାରେ ପହଞ୍ଚି ଘଟଣା ସମ୍ପର୍କରେ ଜାଣିବା ପାଇଁ ଚାହିଁବାରୁ ସେମାନେ ମଧ ଆକ୍ରମଣର ଶିକାର ହୋଇଥିଲେ। ଓଲଟପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲ। ତେବେ ଶୁକ୍ରବାର ଅଡଶପୁର ହାଟକୁ ମଉଜପୁର ଗ୍ରାମରୁ ଆସିଥିବା କେତେଜଣ ବ୍ୟକ୍ତିଙ୍କୁ ଆକ୍ରମଣ କରାଯିବା ଖବର ଜଣାପଡିବା ପରେ ସନ୍ଧ୍ୟାରେ ମଉଜପୁର ଗ୍ରାମବାସୀ ଫୁଲନଖରା ନିଆଳି ରାସ୍ତାକୁ ଅବରୋଧ କରିଥିଲେ। ପୋଲିସର ହସ୍ତକ୍ଷେପ ପରେ ରାସ୍ତାରୋକୋ ହଟିଥିଲା। ଶୁକ୍ରବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଭୟପକ୍ଷ ଓଲଟପୁର ଥାନାରେ ଆଲୋଚନା କରିଥିଲେ ମଧ କୌଣସି ସମାଧାନ ହୋଇପାରିନାହିଁ। ଏ ନେଇ ଉଭୟ ପକ୍ଷରୁ ଓଲଟପୁର ଥାନାରେ ୪ଟି ମାମଲା(ନଂ.୨୦,୨୧,୨୨,୨୩, ୨୪, ୨୫,୨୬/୧୯) ରୁଜୁ ହୋଇଛି। ଏ ନେଇ ଓଲଟପୁର ଆଇଆଇସି ଚିନ୍ମୟୀ ସାହୁ କୁହନ୍ତି, ପରିସ୍ଥିତି ଶାନ୍ତ ଅଛି। ଉଭୟ ପକ୍ଷର ଅଭିଯୋଗ ନେଇ ୭ଟି ମାମଲା ରୁଜୁ ହୋଇଛି।



ଟ୍ରାଫିକ୍ ପୋଲିସ ଉମେଶ ଚନ୍ଦ୍ର ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଟ୍ରାଫିକ୍ କନଷ୍ଟେବଲ ସମ୍ବର୍ଦ୍ଧିତ

**କଟକ ଅଫିସ,୨୩।୩**

ଦୁର୍ଘଟଣାରେ ଆହତ ହୋଇଥିବା ଜନୈକ ବ୍ୟକ୍ତିଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିବା ଜଣେ କନଷ୍ଟେବଲଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ସେ ହେଲେ କମିଶନରେଟ୍ ପୋଲିସ କଟକ ୟୁପିଡିର ଟ୍ରାଫିକ୍ କନଷ୍ଟେବଲ ଉମେଶ ଚନ୍ଦ୍ର ପରିଡା। କଟକସ୍ଥିତ ପୋଲିସ କମିଶନରଙ୍କ କ୍ୟାମ୍ପ ଅଫିସରେ ତାଙ୍କୁ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ସମ୍ବର୍ଦ୍ଧିତ କରିଛନ୍ତି। ସୂଚନାଯୋଗ୍ୟ, ଗତ ଗୁରୁବାର ଉମେଶ ବାଦାମବାଡି ଟ୍ରାଫିକ୍ ପୋଷ୍ଟରେ ଡ୍ୟୁଟି କରୁଥିବାବେଳେ ସେଠାରେ ଏକ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ କଟକର ବିନୟ କୁମାର ମହାନ୍ତି ନାମକ ବ୍ୟକ୍ତି ଗୁରୁତର ହୋଇଥିଲେ। ଉମେଶ ତାଙ୍କୁ ସେଠାରୁ ଉଦ୍ଧାର କରି ଏସ୍‌ସିବି ମେଡିକାଲ ନେଇଥିଲେ। ଏପରି କି ସେଠାରେ ବିନୟଙ୍କର ରକ୍ତ ଆବଶ୍ୟକ ପଡିବାରୁ ଉମେଶ ଏକ ୟୁନିଟ୍ ରକ୍ତ ଦାନ କରିଥିଲେ। ଯାହାକୁ ନେଇ ସର୍ବସାଧାରଣରେ ଉମେଶଙ୍କ ପ୍ରଶଂସା କରାଯାଇଥିଲା।

## ହରିହର ନନ୍ଦଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା



ସଭାରେ ଆରଏସ୍‌ଏସ୍‌ର ସରସଂଘଚାଳକ ଡ. ମୋହନ ରାଓ ଭାଗବତ ଉଦ୍‌ବୋଧନ ଦେଉଛନ୍ତି।

**କଟକ ଅଫିସ,୨୩।୩**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶାର ପୂର୍ବତନ ପ୍ରଚାରକ ତଥା ସାପ୍ତାହିକ ରାଷ୍ଟ୍ରଦୀପର ପ୍ରତିଷ୍ଠାତା ସ୍ୱର୍ଗତ ହରିହର ନନ୍ଦଙ୍କ ସ୍ମୃତିରେ କଟକ କ୍ଲବଠାରେ ଶ୍ରଦ୍ଧାଞ୍ଜଳି ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡ. ମୋହନରାଓ ଭାଗବତ ମୁଖ୍ୟ ବକ୍ତାଭାବେ ଯୋଗଦେଇ ସ୍ୱର୍ଗତ ନନ୍ଦଙ୍କ ରାଷ୍ଟ୍ରସେବାର ସମର୍ପିତ ତ୍ୟାଗପୂତ ଜୀବନର ସ୍ମୃତିଚାରଣ କରିଥିଲେ। ଡ. ଭାଗବତ କହିଥିଲେ ଯେ, ସ୍ୱର୍ଗତ ନନ୍ଦ କେବଳ ସଂଘ କାର୍ଯ୍ୟକୁ ଓଡ଼ିଶାରେ ବିସ୍ତାରିତ କରି ନ ଥିଲେ ବରଂ ନିଜର ବାଗ୍ମିତା ବଳରେ ଏହାକୁ ବୌଦ୍ଧିକ ଅଧିଷ୍ଠାନ ପ୍ରଦାନ କରିଥିଲେ। ପରମହଂସ ପ୍ରଜ୍ଞାନାନନ୍ଦ ଗିରି, ସନ୍ଥ ପରମାନନ୍ଦ ସରସ୍ୱତୀ, ପ୍ରାଣରୂପାନନ୍ଦ ସରସ୍ୱତୀ, ଅସୀମାନନ୍ଦ ସରସ୍ୱତୀ ଉପସ୍ଥିତ ଥିଲେ। ପରମହଂସ ପ୍ରଜ୍ଞାନାନନ୍ଦଜୀ ସ୍ୱର୍ଗତ ନନ୍ଦଙ୍କ ଚେତନା ଦୀପ୍ତ ବହୁମୁଖୀ ବ୍ୟକ୍ତିତ୍ୱ ସଙ୍ଗଠନ କୁଶଳତାର ଅବତାରଣ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସଭା ଆରମ୍ଭ ହେବା ପୂର୍ବରୁ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା କାର୍ଯ୍ୟକର୍ତ୍ତାଗଣ ନନ୍ଦଙ୍କ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହ ଭାଗବତ ଗୀତା ପାଠ ଓ ତାଙ୍କ ଦ୍ୱାରା ରଚିତ କେତେକ ଦେଶଭକ୍ତି ସଙ୍ଗୀତ ଗାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ଯୋଶୀ, ଭାରତୀୟ କିଶାନ ସଂଘର ରାଷ୍ଟ୍ରୀୟ ମନ୍ତ୍ରୀ ମୋହିନୀ ମୋହନ ମିଶ୍ର, ଅଖିଳ ଭାରତୀୟ ପ୍ରଚାରକ ପ୍ରମୁଖ ସୁରେଶ ଚନ୍ଦ୍ର ଜୀ, ଅଖିଳ ଭାରତୀୟ କାର୍ଯ୍ୟକାରୀଣୀ ସଦସ୍ୟ ଶ୍ରଦ୍ଧେୟ ସୁନୀଲପଦ ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ।

### ମାଡ଼ ମାରିବା ଅଭିଯୋଗରେ ଜଣେ ଗିରଫ

**ଚୌଦ୍ୱାର,୨୩।୩(ଡି.ଏନ୍.ଏ.)**

ମାଡ଼ ମାରିବା ଅଭିଯୋଗରେ ଟିପିଏମ ଫାଣ୍ଡି ପୋଲିସ ଶନିବାର ଜଣଙ୍କୁ ଗିରଫ କରିଛି। ସେ ହେଲେ କଖଡି ପଞ୍ଚାୟତ ମହାଳପଡା ଗ୍ରାମର ପଦ୍ମନାଭ ପ୍ରଧାନ। କୌଣସି କାରଣକୁ ନେଇ ପଦ୍ମନାଭ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଉଭୟ ସ୍ୱାମୀ-ସ୍ତ୍ରୀ ହାତାହାତି ହେବାକୁ ଉଦ୍ୟତ ହେବାରେ ପାଖରେ ଥିବା ଉକ୍ତ ଗ୍ରାମର ପଞ୍ଚାନନ ରାଉତ ଘଟଣାରେ ହସ୍ତକ୍ଷେପ କରି ଉଭୟଙ୍କୁ ତାଗିଦ୍ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ପଦ୍ମନାଭ ପାଖରେ ପଡିଥିବା ଏକ କାଠ ଫାଳିଆରେ ପଞ୍ଚାନନଙ୍କୁ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ. ୧୦୨/୧୯)ରୁଜୁହୋଇଛି।

## ଯୁବକଙ୍କୁ ଆକ୍ରମଣ: ୨ ଗିରଫ

**କଟକ ଅଫିସ,୨୩।୩**

ଯୁବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ଶନିବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମଧୁପାଟଣା ଥାନା ଅନ୍ତର୍ଗତ ରାଜେନ୍ଦ୍ର ନଗର ଅଞ୍ଚଳର ଦିବ୍ୟଲୋକ ରାଉତ ଓ ସତ୍ୟଜିତ୍ ବାରିକ। ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ଶୁକ୍ରବାର ରାତିରେ ଚାଉଳିଆଗଞ୍ଜ ଅଞ୍ଚଳର ଏକ ମେଡିସିନ୍ ଷ୍ଟୋରରେ କାର୍ଯ୍ୟ କରୁଥିବା ଜ୍ୟୋତିରଞ୍ଜନ ସାହୁଙ୍କୁ ଆକ୍ରମଣ କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେମାନେ ଉକ୍ତ ଷ୍ଟୋର ପାଖକୁ ଆସି ଗାଳିଗୁଲଜ କରିଥିଲେ। ଜ୍ୟୋତିରଞ୍ଜନ ଏହାକୁ ବିରୋଧ କରିବାରୁ ସେମାନେ ତାଙ୍କୁ ମାଡ ମାରିଥିଲେ। ପରେ ଲୋକ ରୁଣ୍ଡ ହେବାରୁ ସେମାନେ ଉକ୍ତ ସ୍ଥାନ ଛାଡି ପଳାଇଥିଲେ। ଏ ନେଇ ଜ୍ୟୋତିରଞ୍ଜନ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୯୧/୧୯) ରୁଜୁ କରିଛି।

### ଆଖୁ କିଆରିରୁ ଶ୍ରମିକଙ୍କ ମୃତଦେହ ଉଦ୍ଧାର

**କଟକ ସଦର, ୨୩।୩ (ଡି.ଏନ୍.ଏ)**

୪୨ ମୌଜା ଫାଣ୍ଡି ଅଧୀନ ଗୋବିନ୍ଦପୁର ଗ୍ରାମ ନିକଟ ଏକ ଆଖୁ କିଆରିରୁ ଶନିବାର ଜଣେ ଶ୍ରମିକଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଉପେନ୍ଦ୍ର କିଷାନ ଓ ଘର ଅନୁଗୋଳ ପାଲଲହଡା ଥାନା ଅଧୀନ ତଳବୁରୁଜଙ୍ଗ ଗ୍ରାମରେ ବୋଲି ଜଣାପଡିଛି। ଆଖୁକିଆରିରେ କାମ କରିବା ପାଇଁ କିଛିଦିନ ହେବ ଉପେନ୍ଦ୍ର ଅନ୍ୟ ସାଥୀଙ୍କ ସହ ଗୋବିନ୍ଦପୁର ଗ୍ରାମକୁ ଆସିଥିଲେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

## ବିଦ୍ୟୁତ୍ ଖୁଣ୍ଟ ପରିବହନ ବେଳେ ରାସ୍ତା କ୍ଷତିଗ୍ରସ୍ତ

**ଟାଙ୍ଗୀ(କଟକ),୨୩।୩(ଡି.ଏନ୍.ଏ.)**

ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ବରପଦା ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗୀକରଣ କାର୍ଯ୍ୟ ଚାଲିଛି। ବିଦ୍ୟୁତ୍ ଖୁଣ୍ଟ ଗୁଡିକର ପରିବହନ ଟ୍ରାକ୍ଟରରେ ବାନ୍ଧି ଘୋଷାଡି ନିଆଯାଉଛି। ହେଲେ ଏହିପରି ପରିବହନ କରିବା ଦ୍ୱାରା ଖୁଣ୍ଟର ସ୍ଥାୟିତ୍ୱ ଉପରେ ଗ୍ରାମବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗୀକରଣ କାର୍ଯ୍ୟ କିଛିଦିନ ହେଲା ଚାଲୁରହିଛି । ସମ୍ପୃକ୍ତ ଠିକାଦାର ସିମେଣ୍ଟ ଖୁଣ୍ଟ ଗୁଡ଼ିକୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଷ୍ଟୋର କରି ରଖିଛନ୍ତି। ସେଠାରୁ ଟ୍ରାକ୍ଟର ଯୋଗେ ଟାଙ୍ଗୀ-ହରିପୁର ରାସ୍ତାରେ ଦୀର୍ଘ ୬କିମି ଘୋଷାରି ଘୋଷାରି ନେବାବେଳେ ସିମେଣ୍ଟ ଖୁଣ୍ଟ ସହ ରାସ୍ତା ମଧ କ୍ଷତିଗ୍ରସ୍ତ ହେଉଛି । ଲମ୍ବା ଖୁଣ୍ଟ ଘୋଷାଡି କରି ପରିବହନ କରିବା ଦ୍ୱାରା ରାସ୍ତାରେ ଦୁର୍ଘଟଣାର ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ସେସୁ ବିଭାଗର ଟାଙ୍ଗୀ-ଚୌଦ୍ୱାର ବ୍ଲକ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଇଂ ପ୍ରମୋଦ କୁମାର ସେଠୀ କୁହନ୍ତି ଏହି କାମର ଆମର ନୁହେଁ। ଠିକାଦାର ରାଜ୍ୟ ସରକାରଙ୍କ ଠାରୁ କାମ ନେଇଛନ୍ତି। କାମ କରିସାରିବା ପରେ ଆମ ବିଭାଗକୁ ହସ୍ତାନ୍ତର କରିବେ। ଏଣୁ ଆମର ସେଥିରେ କୌଣସି ହସ୍ତକ୍ଷେପ କରି ପାରିବୁ ନାହିଁ। ଆମ ବିଭାଗର କାମ ହୋଇଥିଲେ ଆମେ ଟ୍ରକରେ ଲୋଡିଂ କରି ଖୁଣ୍ଟ ସବୁକୁ ସ୍ଥାନାନ୍ତର କରିଥାନ୍ତୁ। ତେବେ ଠିକାଦାରଙ୍କୁ ଏହି ପରି କାମ କରିବାକୁ ମନା କରିଛୁ। ଯଦି ନମାନନ୍ତି ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ମହିଳାଙ୍କୁ ଅପହରଣ ପରେ ବଳାତ୍କାର: ଯୁବକ ଗିରଫ

**ବେକ କାଟି ନେଇଗଲେ ୧୦ହଜାର**

**ଖୁଣ୍ଟୁଣୀ,୨୩।୩(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ଅପହରଣ ପରେ ବଳାତ୍କାର ଓ ବେକ କାଟି ୧୦ହଜାର ଟଙ୍କା ନେଇ ଚମ୍ପଟ ମାରିଥିବା ଯୁବକଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୁଣ୍ଟୁଣୀ ଅଞ୍ଚଳର ସୁଶାନ୍ତ ନାୟକ। ପୋଲିସ ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନରେ ସମ୍ପୃକ୍ତା ମହିଳାଜଣଙ୍କ ବ୍ୟାଙ୍କରୁ ଟଙ୍କା ଉଠାଇ ଘରକୁ ଫେରୁଥିଲେ। ଏହି ସମୟରେ ସୁଶାନ୍ତ ତାଙ୍କୁ ବାଇକ୍‌ରେ ଘରେ ଛାଡିଦେବା କହିବା ସହ ତାଙ୍କୁ ଆଣିଥିଲେ। ପ୍ରାୟ ୨ କିଲୋମିଟର ପରେ ଏକ ନିଛାଟିଆ ସ୍ଥାନରେ ସୁଶାନ୍ତ ସମ୍ପୃକ୍ତା ମହିଳାଙ୍କୁ ବଳାତ୍କାର କରିବା ସହ ତାଙ୍କ ବେକ କାଟି ୧୦ହଜାର ଟଙ୍କା ନେଇ ପଳାଇଥିଲେ। ପରେ ମହିଳାଜଣଙ୍କ ଘରେ ପହଞ୍ଚି ସବୁ କଥା କହିଥିଲେ। ସମ୍ପୃକ୍ତା ମହିଳାଙ୍କ ସ୍ୱାମୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୨୨/୧୯)ରୁଜୁ କରି ତଦନ୍ତ ଚଳାଇଥିଲା। ଶୁକ୍ରବାର ସମ୍ପୃକ୍ତା ମହିଳା ଓ ଅଭିଯୁକ୍ତ ଯୁବକଙ୍କ ଡାକ୍ତରୀ ମାଇନା ପରେ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସୁଚିତ୍ର ବିର୍ଯ୍ୟ ଦାସ କହିଛନ୍ତି।

## ମଦ ଜବତ କରି ପୋଲିସ ଜିମା ଦେଲେ ଗ୍ରାମବାସୀ

**ଚୌଦ୍ୱାର,୨୩।୩(ଡି.ଏନ୍.ଏ.)**

ଟିପିଏମ୍ ଫାଣ୍ଡି ଅଧୀନ କୟଲପଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଦେଶୀ, ବିଦେଶୀ ମଦ କାରବାର ନେଇ ଅଭିଯୋଗ ହେଉଥିଲେ ମଧ ପୋଲିସ ଓ ଅବକାରୀ ବିଭାଗ କୌଣସି ପଦକ୍ଷେପ ନେଉ ନାହାନ୍ତି। ସ୍ଥାନୀୟ ସରପଞ୍ଚ ରଶ୍ମିରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇ ମଦ ବିରୋଧୀ ଆନ୍ଦୋଳନ କରାଯିବା ସହ ଏକ ଦାବିପତ୍ର ଚୌଦ୍ୱାର ଥାନାଧିକାରୀ ଓ ଜିଲାପାଳଙ୍କୁ ମଧ ଦିଆଯାଇଥିଲା। ମାତ୍ର ଏଥିରେ କୌଣସି ସୁଫଳ ମିଳିଲା ନାହିଁ। ମଦ ବିରୋଧୀ କମିଟି କୟଲପଡା-ନୂଆପାଟଣା ଗ୍ରାମ ନିକଟସ୍ଥ ବନ୍ଦ ପଡ଼ିଥିବା ମତ୍ସ୍ୟ ବିଭାଗ କାର୍ଯ୍ୟାଳୟ ନିକଟରେ ଗୁରୁବାର ସନ୍ଧ୍ୟାରେ ଚଢ଼ାଉ କରି ୩୦ ଲିଟରରୁ ଊର୍ଦ୍ଧ୍ୱ ମଦ ଜବତ କରି ପୋଲିସ ଜିମା ଦେଇଛନ୍ତି। ଏହି ଚଢ଼ାଉରେ ଗ୍ରାମର ବହୁ ମହିଳା ସାମିଲ ହୋଇଥିଲେ । ଆଗାମୀ ଦିନରେ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଚଢାଉ ଜାରି ରହିବା ସହିତ ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଦମୁକ୍ତ କରାଯିବ ବୋଲି ସରପଞ୍ଚ ପ୍ରଧାନ କହିଛନ୍ତି।

■ ତେନ୍ତୁଳିମୂଳ ଗାଁରେ ରାଜନୈତିକ ସଂଘର୍ଷ

# ଗୁଳିମାଡ଼ରେ ଜଣେ ଗୁରୁତର

■ ଦୁଇ ବାଇକ୍, ଖୋକା ଜବତ: ୩ ଅଟକ

**ଖୋର୍ଦ୍ଧା ଅଫିସ,୨୩।୩**

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ତେନ୍ତୁଳିମୂଳ (ମଶାଣିଆ ନୂଆସାହି) ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଘଟିଛି ରାଜନୈତିକ ସଂଘର୍ଷ। ଭାଜପା ସମର୍ଥକଙ୍କ ଗୁଳିମାଡରେ ଜଣେ ବିଜେଡି ସମର୍ଥକ ଆହତ ହୋଇଛନ୍ତି। ଆହତ ଯୁଧିଷ୍ଠିର ପାଇକରାୟ (୫୫)ଙ୍କୁ ପ୍ରଥମେ ମଳିପଡା ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭୁବନେଶ୍ୱର ଏମ୍‌ସ୍‌କୁ ସ୍ଥାନାନ୍ତର କରାଯାଇଛି। ଯୁଧିଷ୍ଠିରଙ୍କ ଡାହାଣ ଓ ବାମ ଗୋଡ଼ରେ ଗୁଳି ବାଜିଛି। ଗୁଳିମାଡ ଘଟଣା ଜଣାପଡିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ପୋଲିସ ଘଟଣାସ୍ଥଳରୁ ଗୋଟିଏ ବାଇକ୍, ୧ ସ୍କୁଟି ସହ ଗୋଟିଏ ଖାଲି ଖୋକା ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି। ଭାଜପା ବିଧାୟକ ପ୍ରାର୍ଥୀଙ୍କ ଇଙ୍ଗିତରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ତେନ୍ତୁଳିମୂଳ ଗ୍ରାମର ୱାର୍ଡମେମ୍ବର ଝିଲି ମହାପାତ୍ରଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(୪୭/୨୦୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଓରବରସିଂହ ପଞ୍ଚାୟତର ନିର୍ବାଚିତ ସରପଞ୍ଚ ଲୋକନାଥ ପଟ୍ଟନାୟକ ପଞ୍ଚାୟତ ନିର୍ବାଚନ ସମୟରେ କରିଥିବା ସତ୍ୟପାଠରେ ଋଣ ଖିଲାପି ସମ୍ପର୍କିତ ତଥ୍ୟ ଦାଖଲ କରି ନ ଥିବା ଅଭିଯୋଗ ନେଇ ତାଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ବିଚାର କରି ଖୋର୍ଦ୍ଧା ସିଭିଲ୍ ଜଜ୍(କନିଷ୍ଠ ବିଭାଗ) ଗତ ୧ତାରିଖରେ ଲୋକନାଥଙ୍କ ପଦବୀକୁ ଅସିଦ୍ଧ ଘୋଷଣା କରିବା ସହ ଦ୍ୱିତୀୟ ସ୍ଥାନରେ ଥିବା ସଞ୍ଜୟ କୁମାର ରାଟସିଂହଙ୍କୁ ସରପଞ୍ଚ ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଓରବରସିଂହ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିଲା। ଏହି ଘଟଣାକୁ କେନ୍ଦ୍ରକରି ଶୁକ୍ରବାର ଆକ୍ରମଣକାରୀମାନେ ଭାଜପା ସମର୍ଥିତ ହୋଇଥିବାରୁ ସେମାନେ ବିଜେଡି ସମର୍ଥିତ ୱାର୍ଡମେମ୍ବର ଝିଲିଙ୍କ ପରିବାର ଉପରେ ଏଭଳି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ମାମଲା(ନଂ. ୪୬/୧୯) ରୁଜୁ ହୋଇଛି।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଶିଶୁ ମଙ୍ଗଳ ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ ଧ୍ରୁବତାରା ପକ୍ଷରୁ ଗୁରୁବାର ଅନୁଷ୍ଠିତ ହୋଲି ଉତ୍ସବ ପାଳନ ଅବସରରେ ଯୋଗଦେଇଥିବା ଅତିଥିମାନେ।



ଶନିବାର ସନ୍ଧ୍ୟାରେ ବକ୍ସିବଜାରଠାରୁ କଟକ ନଗର ଜିଲା କଂଗ୍ରେସ କମିଟି ସଭାପତି ମହମ୍ମଦ ମୋକିମଙ୍କ ନେତୃତ୍ୱରେ ବାହାରିଥିବା ଶୋଭାଯାତ୍ରା।



କଟକ ନିମପୁର ପଡ଼ିଆ ନିକଟ ଶ୍ରୀ ଶ୍ରୀ କୃଷ୍ଣେଶ୍ୱର ମହାଦେବ ମନ୍ଦିର ସମ୍ମୁଖ ଫକୀରପୁର ତୋଟା ମେଳଣ ପଡ଼ିଆରେ ଅନୁଷ୍ଠିତ ଦୋଳ ମେଳଣ ଯାତ୍ରା।



ସତ୍ୟବାଦୀ ମନୁଷ୍ୟ ମା' ଭଳି ବିଶ୍ୱସନୀୟ, ଜନତାଙ୍କ ଗୁରୁ ଭଳି ପୂଜ୍ୟ ଏବଂ ସଜ୍ଜନ ବ୍ୟକ୍ତି ଭଳି ସମସ୍ତଙ୍କ ପ୍ରିୟ ହୋଇଥାନ୍ତି।
- ଭଗବାନ ବୁଦ୍ଧ



## ସଂକ୍ଷେପରେ

### ଦୁଇ ବାଇକ୍ ମଧ୍ୟରେ ଧକ୍କା, ଜଣେ ମୃତ

ପାତ୍ରପଡା,୨୩।୩(ଡି.ଏନ.ଏ.): ତମାଣ୍ଡୋ ଥାନା ଅଧୀନ କଳିଙ୍ଗବିହାର ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ନାରଗୋଡା ଅଞ୍ଚଳର ଲଲାଟ କିଶୋର ବେହେରା(୪୮)। ଲଲାଟ ନିଜର ବାଇକ୍ (ନଂ.ଓଡି ୩୩ ଭି ୯୬୯୮) ଯୋଗେ ଜାତୀୟ ରାଜପଥର କଳିଙ୍ଗବିହାର ଛକ ନିକଟରେ ରାସ୍ତା ପାର ହେବାକୁ ଛିଡା ହୋଇଥିବାବେଳେ ଖୋର୍ଦ୍ଧା ପଟୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ବାଇକ୍ (ନଂ.୦୨ ବିଏ ୪୩୩୫) ନିୟନ୍ତ୍ରଣ ହରାଇ ଲଲାଟଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଲଲାଟ ବାଇକ୍‌ରୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ପୋଲିସ ଗୁରୁତର ଅବସ୍ଥାରେ ଆହତ ଲଲାଟଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଗ୍ରସ୍ତ ଦୁଇ ବାଇକ୍‌କୁ ପୋଲିସ ଜବତ କରିଥିଲା। ଏ ସଂକ୍ରାନ୍ତରେ ନଂ.୨୮/୧୯ରେ ମାମଲା ରୁଜୁ କରିଛି। ଶନିବାର ମୃତଦେହକୁ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଝାଡ଼ାବାନ୍ତିରେ ମହିଳା ମୃତ

ଖୋର୍ଦ୍ଧା ଅଫିସ,୨୩।୩:ବାଣପୁର ବ୍ଲକ ନନ୍ଦପୁର ପଞ୍ଚାୟତ ନହରଡିହ ଗାଁର ରାଜକିଶୋର ପଣ୍ଡାଙ୍କ ସ୍ତ୍ରୀ ସଞ୍ଜୁକ୍ତା (୩୫) ଝାଡାବାନ୍ତିରେ ଶନିବାର ପ୍ରାଣ ହରାଇଛନ୍ତି। ସଞ୍ଜୁକ୍ତା ଶୁକ୍ରବାର ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ବାଣପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଅବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ ରେଫର କରାଯାଇଥିଲା। ହେଲେ ଆମ୍ବୁଲାନ୍ସ ଆସିବାରେ ପ୍ରାୟ ୨ ଘଣ୍ଟା ବିଳମ୍ବ ହୋଇଥିଲା। ଦାରିଦ୍ର୍ୟ କାରଣରୁ ପରିବାର ଲୋକେ ବେସରକାରୀ ଭାବେ ଅନ୍ୟତ୍ର ନେବାକୁ ସମ୍ଭବ ହୋଇ ନ ଥିଲା।

### ଦୁର୍ବୃତ୍ତ ପୋଡ଼ି ଦେଲେ ଜେସିବି

ଖୋର୍ଦ୍ଧା ଅଫିସ,୨୩।୩: ଖୋର୍ଦ୍ଧା ସଦର ଥାନା ଚିଙ୍ଗୁଡି ମୁଣ୍ଡିଆ ପାଦଦେଶରେ ଥିବା ଛତ୍ରମା ମୌଜାର ଏକ କ୍ରଶରରେ ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ଜେସିବି ପୋଡି ଦେଇଥିଲେ। ଜେସିବିଟି ବେଆଇନ ଖଣି ଖନନ କାର୍ଯ୍ୟରେ ନିୟୋଜିତ ଥିଲା ବୋଲି କୁହାଯାଉଛି। ଏ ସମ୍ପର୍କରେ ସଦର ଥାନା ଆଇଆଇସି ବିକ୍ରମ ଜେନାଙ୍କୁ ପଚାରିବାରୁ କୁହନ୍ତି, ଜେସିବି ପୋଡା ନେଇ ମୌଖିକ ଅଭିଯୋଗ ମିଳିଛି। ଘଟଣାର ତଦନ୍ତ ଚାଲୁ ରହିଛି।

### ଇଞ୍ଜିନିୟରିଂ କଲେଜ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ

ଯାଁଳା,୨୩।୩(ଡି.ଏନ.ଏ.):ଜଟଣୀ ଥାନାର ଯାଁଳା ଫାଣ୍ଡି ଅନ୍ତର୍ଗତ ମଦନପୁର ଗ୍ରାମସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢୁଥିବା ଜଣେ ଛାତ୍ରଙ୍କ ଶୁକ୍ରବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ତାଙ୍କ ନାମ ବିଶାଲ ଆନନ୍ଦ(୨୨)। ଝାଡଖଣ୍ଡର ରାଜରାପା ଥାନା ଅଞ୍ଚଳରେ ତାଙ୍କ ଘର। ସେ କଲେଜରେ ଇଲେକ୍‌ଟ୍ରୋନିକ୍ସ ବିଭାଗରେ ଚତୁର୍ଥ ବର୍ଷ ଛାତ୍ର ଥିଲେ। ଅପରାହ୍ନରେ ସେ ଅସୁସ୍ଥ ହେବା ସହ ଅଚେତ୍ ହୋଇପଡ଼ିଥିଲେ। ଫଳରେ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବିଶାଲ ଭୁବନେଶ୍ୱର ନିକଟବର୍ତ୍ତୀ ପାତ୍ରପଡ଼ାରେ ଏକ ମେସ୍‌ରେ ରହୁଥିଲେ। ହୋଲି ଉତ୍ସବ ମନାଇବାକୁ ସେ କଲେଜକୁ ଆସିଥିଲେ। ପୋଲିସର ପ୍ରାଥମିକ ତଦନ୍ତରୁ ସେ ନିଶା ସେବନରେ ଅଭ୍ୟସ୍ତ ଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ଏ ନେଇ ଥାନାରେ ନଂ. ୧୫/୧୯ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ପାହାଡ଼ରେ ବିସ୍ଫୋରଣ ପରେ ଖସିପଡ଼ି ଶ୍ରମିକ ମୃତ

ଖୋର୍ଦ୍ଧା ଅଫିସ,୨୩।୩: ବିସ୍ଫୋରଣ ପରେ ଖୋର୍ଦ୍ଧା ତହସିଲ ମଳିପଡା ନିକଟସ୍ଥ କଳିଙ୍ଗ ପାହାଡରେ ଶୁକ୍ରବାର ଜଣେ ଶ୍ରମିକ ଖସିପଡି ପ୍ରାଣ ହରାଇଛନ୍ତି। ମୃତକ ହେଲେ ମାଧବ ପ୍ରଧାନ(୩୦)। ଘର ଖୋର୍ଦ୍ଧା ସଦର ଥାନା ମଳିପଡା ଗାଁରେ। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ମାଧବ ପ୍ରାୟ ୨୦ ଫୁଟ ତଳେ ପଡିଥିଲେ। ଶରୀର ବିଭିନ୍ନ ଅଂଶ କ୍ଷତ ବିକ୍ଷତ ହୋଇଥିଲା। ଏତେ ସବୁ ସତ୍ତ୍ୱେ ସେହି ପୁରୁଣା ଢାଞ୍ଚାରେ ମୃତ୍ୟୁର କାରଣ ଲୁଚାଇବାକୁ ଉଦ୍ୟମ ଆରମ୍ଭ ହୋଇଥିବା ଅଭିଯୋଗ ହୋଇଥିଲା। ଶେଷରେ ସେଇଆ ହିଁ ହେଲା। ମୁଣ୍ଡିଆରୁ ଖସି ପଡି ମାଧବ ପ୍ରାଣ ହରାଇଲେ ବୋଲି ପୋଲିସ ସୂଚନା ମିଳିଛି। ପୋଲିସ ଦଫା ୩୦୪(ଏ)ରେ ନଂ. ୪୫/୧୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

■ ତେନ୍ତୁଳିମୂଳରେ ରାଜନୈତିକ ଶତ୍ରୁତାକୁ ନେଇ ସଂଘର୍ଷ

# ଗୁଳିମାଡ଼ରେ ଜଣେ ଗୁରୁତର

■ ଦୁଇ ବାଇକ୍, ଖୋକା ଜବତ: ୩ ଅଟକ
■ ଭାଜପା ବିଧାୟକ ପ୍ରାର୍ଥୀଙ୍କ ଇଙ୍ଗିତରେ ଆକ୍ରମଣ ହୋଇଥିବା ଅଭିଯୋଗ

ଖୋର୍ଦ୍ଧା ଅଫିସ,୨୩।୩:

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ତେନ୍ତୁଳିମୂଳ (ମଶାଣିଆ ନୂଆସାହି) ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଘଟିଛି ରାଜନୈତିକ ସଂଘର୍ଷ। ଭାଜପା ସମର୍ଥକଙ୍କ ଗୁଳିମାଡରେ ଜଣେ ବିଜେଡି ସମର୍ଥକ ଆହତ ହୋଇଛନ୍ତି। ଆହତ ଯୁଧିଷ୍ଠିର ପାଇକରାୟ (୫୫)ଙ୍କୁ ପ୍ରଥମେ ମଳିପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱର ଏମ୍‌ସ୍‌କୁ ସ୍ଥାନାନ୍ତର କରାଯାଇଛି। ଯୁଧିଷ୍ଠିରଙ୍କ ଡାହାଣ ଓ ବାମ ଗୋଡ଼ରେ ଗୁଳି ବାଜିଛି। ଗୁଳିମାଡ ଘଟଣା ଜଣାପଡିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ୧ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ପୋଲିସ ଘଟଣାସ୍ଥଳରୁ ଗୋଟିଏ ବାଇକ୍, ୧ ସ୍କୁଟି ସହ ଗୋଟିଏ ଖାଲି ଖୋକା ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି। ଭାଜପା ବିଧାୟକ ପ୍ରାର୍ଥୀଙ୍କ ଇଙ୍ଗିତରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ତେନ୍ତୁଳିମୂଳ ଗ୍ରାମର ୱାର୍ଡମେମ୍ବର ଝିଲି ମହାପାତ୍ରଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(୪୭/୨୦୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

ପ୍ରକାଶ ଯେ, ଓରବରସିଂହ ପଞ୍ଚାୟତର ନିର୍ବାଚିତ ସରପଞ୍ଚ ଲୋକନାଥ ପଟ୍ଟନାୟକ ପଞ୍ଚାୟତ ନିର୍ବାଚନ ସମୟରେ କରିଥିବା ସତ୍ୟପାଠରେ ଋଣ ଖିଲାପି ସମ୍ପର୍କିତ ତଥ୍ୟ ଦାଖଲ କରି ନ ଥିବା ଅଭିଯୋଗ ନେଇ ତାଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାର ବିଚାର କରି ଖୋର୍ଦ୍ଧା ସିଭିଲ୍ ଜଜ୍(କନିଷ୍ଠ ବିଭାଗ) ଗତ ୧ତାରିଖରେ ଲୋକନାଥଙ୍କ ପଦବୀକୁ ଅସିଦ୍ଧ ଘୋଷଣା କରିବା ସହ ଦ୍ୱିତୀୟ ସ୍ଥାନରେ ଥିବା ସଞ୍ଜୟ କୁମାର ରାଟସିଂହଙ୍କୁ ସରପଞ୍ଚ ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଓରବରସିଂହ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିଲା। ଏହି ଘଟଣାକୁ କେନ୍ଦ୍ରକରି ଶୁକ୍ରବାର ହୋଲି ଖେଳିବା ବାହାନାରେ ପଞ୍ଚାୟତର ପୂର୍ବତନ ସରପଞ୍ଚ ଲୋକନାଥ, ନରଣଗଡ଼ ପଞ୍ଚାୟତ ସମିତିସଭ୍ୟ ଅମରେନ୍ଦ୍ର ବଳିଆରସିଂହ(ହାପି), ଧଉଳିମୁହଁ ରକେଟ୍ ରାୟସିଂହ ଏବଂ ତେନ୍ତୁଳିମୂଳର କାଲୁ ସାମନ୍ତରାୟ ପ୍ରମୁଖ ତେନ୍ତୁଳିମୂଳ ଗ୍ରାମକୁ ଯାଇଥିଲେ। ସେମାନେ ୱାର୍ଡମେମ୍ବର ଝିଲି ଓ ସ୍ୱାମୀ ଜାପାନୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପୁନର୍ବାର ସନ୍ଧ୍ୟାରେ ୩୦ରୁ ଅଧିକ



ଗୁଳିମାଡରେ ଆହତ ଯୁଧିଷ୍ଠିର ।

ଲୋକଙ୍କ ସହ ସ୍କର୍ପିଓ, ବାଇକ୍ ଓ ସ୍କୁଟି ଯୋଗେ ଆସି ଗାଁ ମୁଣ୍ଡରେ ପହଞ୍ଚିଥିଲେ। ବନ୍ଧୁକ, ବୋମା ଆଦି ବିଭିନ୍ନ ମାରଣାସ୍ତ୍ରରେ ସଜ୍ଜିତ ଲୋକେ ଝିଲିଙ୍କ ସ୍ୱାମୀ ଜାପାନୀଙ୍କୁ ଖୋଜିବା ସହ ଗାଳିଗୁଲଜ କରିଥିଲେ। ଏହାଶୁଣି ଝିଲିଙ୍କ ସମ୍ପର୍କୀୟ ଦେଢ଼ଶୁର ଯୁଧିଷ୍ଠିର ଘଟଣାର ସମାଧାନ କରିବାକୁ ସେମାନଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ଏଥିରେ ରାଗିଯାଇ ଧୀରେନ ଛୋଟରାୟ ଓରଫ ଲିଟୁ ଯୁଧିଷ୍ଠିରଙ୍କ ଉପରକୁ ଗୁଳିମାଡ କରି ଫେରାର ହୋଇଯାଇଥିଲେ। ଆକ୍ରମଣକାରୀମାନେ ଭାଜପା ସମର୍ଥିତ ହୋଇଥିବାରୁ ସେମାନେ ବିଜେଡି ସମର୍ଥିତ ୱାର୍ଡମେମ୍ବର ଝିଲିଙ୍କ ପରିବାର ଉପରେ ଏଭଳି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଝିଲି ତାଙ୍କ ଅଭିଯୋଗରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରୁ ଭାଜପା ପ୍ରାର୍ଥୀ ହୋଇଥିବା କାଲୁ ଖଣ୍ଡାୟତରାୟଙ୍କ ନାମ ଉଲ୍ଲେଖ କରିଛନ୍ତି।

ଝିଲିଙ୍କ ସୂଚନା ଅନୁସାରେ, ଆକ୍ରମଣକାରୀ ଆଗେ ଗାଳିଗୁଲଜ କରି ମିଥ୍ୟାରେ ଥାନାରେ ଅଭିଯୋଗ କରିଥିଲେ। ଯାହାକୁ ନେଇ ଏକ ମାମଲା(ନଂ. ୪୬/୧୯) ରୁଜୁ ହୋଇଛି। ଘଟଣା ସମ୍ପର୍କରେ ଆଇଆଇସି ସତ୍ୟଜିତ ଲେଙ୍କାଙ୍କୁ ପଚାରିବାରୁ ନିର୍ବାଚନ ଚାଲିଥିବା କାରଣରୁ ସୂଚନା ଦେଇପାରିବେ ନାହିଁ କହି ପ୍ରସଙ୍ଗକୁ ଏଡାଇ ଦେଇଛନ୍ତି। ସଂଘର୍ଷ ଘଟଣାରେ ବ୍ୟବହୃତ ସ୍କର୍ପିଓ ରାକେଶ କୁମାର ଖଣ୍ଡାୟତରାୟଙ୍କ ନାଁରେ ରହିଛି। ସେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ଭାଜପାର ବିଧାୟକ ପ୍ରାର୍ଥୀ କାଲୁଙ୍କ ପୁଅ। ଏ ନେଇ କାଲୁ ଖଣ୍ଡେୟତରାୟ କୁହନ୍ତି, ଟିକେଟ ପାଇବା ପରେ ତାଙ୍କୁ ଫସାଇବାକୁ ଉଦ୍ୟମ ଆରମ୍ଭ ହୋଇଛି। ତାଙ୍କ ପୁଅର ଗାଡ଼ି ସଂଘର୍ଷ ସ୍ଥଳକୁ ଯାଇ ନ ଥିଲା। ସେ କିମ୍ବା ତାଙ୍କ ପରିବାର ଲୋକ ତେନ୍ତୁଳିମୂଳ ବିବାଦ ସମ୍ପର୍କରେ ଜାଣିନାହାନ୍ତି। ରାଜନୈତିକ ବିବାଦ କରିବାକୁ ସେ କାହାରିକୁ ପ୍ରୋତ୍ସାହନ ଦେଇନାହାନ୍ତି। ତଦନ୍ତ କଲେ ସତ୍ୟ ପଦାକୁ ଆସିବ ବୋଲି କାଲୁ କହିଛନ୍ତି।

■ ଜଟଣୀ ଓଆଇଏସ୍‌ଏଫ୍ କ୍ୟାମ୍ପ

# ଯବାନଙ୍କ ମଧ୍ୟରେ ଅସନ୍ତୋଷ, ଧାରଣା

ଜଟଣୀ,୨୩।୩(ଡି.ଏନ.ଏ.):

ଓଡ଼ିଶା ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସ (ଓଆଇଏସ୍‌ଏଫ୍)ର ଜଟଣୀରେ ଥିବା କ୍ୟାମ୍ପ ବା ପୋଷ୍ଟରେ ରହୁଥିବା ଯବାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। କ୍ୟାମ୍ପ ମଧ୍ୟରେ ଯବାନମାନେ ଧାରଣା ଦେଇଛନ୍ତି। ତିନିଦିନ ହେବ ଏଭଳି ଅସନ୍ତୋଷ ଓ ପ୍ରତିବାଦ ଲାଗି ରହିଛି। ବିଶେଷ କରିକଳାହାଣ୍ଡି ଲାଞ୍ଜିଗଡସ୍ଥିତ ବେଦାନ୍ତ ପୋଷ୍ଟକୁ ଏଠାରେ ଥିବା ଯବାନଙ୍କୁ ସ୍ଥାନାନ୍ତରକୁ ନେଇ ବିଶେଷ କରି ଏହି ଅସନ୍ତୋଷ ସୃଷ୍ଟି ହୋଇଛି। ସପ୍ତାହେ ପୂର୍ବେ ଲାଞ୍ଜିଗଡସ୍ଥିତ କ୍ୟାମ୍ପରେ ଅବସ୍ଥାପିତ ଓଆଇଏସ୍‌ଏଫ୍‌ର ଜଣେ ହାବିଲଦାରଙ୍କୁ ସେଠାରେ ମାରି ଦିଆଯାଇଥିବା ଏଠାରେ ପ୍ରତିବାଦ କରୁଥିବା ଯବାନମାନେ କହିଛନ୍ତି। ବିନା ବନ୍ଧୁକରେ କେବଳ ଗୋଟିଏ ଲେଖାଏ ଲାଠି ଧରାଇ ଲାଞ୍ଜିଗଡ ସ୍ଥିତ ବେଦାନ୍ତ ପୋଷ୍ଟରେ କାର୍ଯ୍ୟ କରିବାକୁ କୁହାଯାଉଛି। ଏହାଛଡ଼ା ମୃତ୍ୟୁବରଣ



ଧାରଣାରତ ଓଆଇଏସଏଫ ଯବାନମାନେ ।

କରିଥିବା ହାବିଲଦାର ମେଜରଙ୍କୁ ଶହୀଦ ଘୋଷଣା କରାଯିବା ସହ ତାଙ୍କ ପରିବାରକୁ ଉଚିତ୍ କ୍ଷତିପୂରଣ ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ସମସ୍ତ ପୋଷ୍ଟରେ ମାସିକ ଆଲୋଚନା କରିବାକୁ ସେମାନେ ଦାବି କରିଛନ୍ତି। ଏହିପରି ଅନେକ ସମସ୍ୟା ଓ ଦାବିକୁ ନେଇ ଏହି ଅସନ୍ତୋଷ ମୁଣ୍ଡ ଟେକିଛି। ଜଟଣୀସ୍ଥିତ କ୍ୟାମ୍ପରୁ ୪୦ ଜଣ ଯବାନଙ୍କୁ ଲାଞ୍ଜିଗଡ ଯିବାକୁ କୁହାଯିବା ପରେ ଏହାକୁ ଯବାନମାନେ ବିରୋଧ କରିଛନ୍ତି। ଏହି ଘଟଣାକୁ ନେଇ ଯବାନମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଏପରିକି ବୁଝାଶୁଝା କରିବାକୁ ଆସିଥିବା ଜଣେ ଡେପୁଟି କମାଣ୍ଡାଣ୍ଟଙ୍କୁ ଯବାନମାନେ ବିରୋଧ କରି ଫେରାଇ ଦେଇଥିଲେ। ଏହି କ୍ୟାମ୍ପର ଇନ୍‌ଚାର୍ଜ ବିବେକାନନ୍ଦ ମହାନ୍ତି କୌଣସି ମତାମତ ଦେବାକୁ ମନା କରିଥିଲେ ମଧ୍ୟ ହାବିଲଦାରଙ୍କ ମୃତ୍ୟୁକୁ ନେଇ ତଦନ୍ତ ଚାଲିଥିବା କହିଥିଲେ।

## ଭାଜପାର କର୍ମୀ ସମ୍ମିଳନୀ

କୃଷ୍ଣପ୍ରସାଦ,୨୩।୩(ଡି.ଏନ.ଏ.)

କୃଷ୍ଣପ୍ରସାଦ ବ୍ଲକର ଗୋମୁଣ୍ଡିଆ ପଞ୍ଚାୟତ ଅଧୀନ ବିରିପଦର ଗ୍ରାମଠାରେ ଭାଜପାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦଳର ବରିଷ୍ଠନେତା ତ୍ରିନାଥ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଦଳର ମାର୍ଗ ଦର୍ଶକ ରଘୁନାଥ ବଡ୍ଡୁ, ବ୍ଲକ ଭାଜପାସଭାପତି ଦୀନବନ୍ଧୁ ଜେନା,ବ୍ଲକ ଯୁବ ମୋର୍ଚ୍ଚା ସଭାପତି ବିଷ୍ଣୁ ପ୍ରସାଦ ବେହେରା,ବ୍ଲକ ମିଡିଆସେଲ ମୁଖ୍ୟ ସଂଗ୍ରାମ କେଶରୀ ଜେନା ପ୍ରମୁଖ ଯୋଗଦେଇ ସାଧାରଣ ନିର୍ବାଚନରେ ଦଳ ବିଜୟଲାଭ କରିବା ଦିଗରେ ଆଲୋଚନା କରିଥିଲେ। ସର୍ବସମ୍ମତି କ୍ରମେ ପଞ୍ଚାୟତ ସଭାପତି ଭାବେ ଦାମୋଦର ଦାସ,ସମ୍ପାଦକ ସୁରେନ୍ଦ୍ର ତରେଇଙ୍କୁ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ନବୀନ କୁମାର ଜେନା,ସୁରେନ୍ଦ୍ର କୁମାର ମାଝୀ,ସାଧୁ ଚରଣ ମାଝୀ,ପବିତ୍ର କୁମାର ସାହୁ, ମନମୋହନ ଜେନା ପ୍ରମୁଖ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଟ୍ରାକ୍ଟରରେ ହୋଲି ଖେଳ : ଓଲଟି ପଡ଼ିବାରୁ ୧୦ ଆହତ

ଖୋର୍ଦ୍ଧା ଅଫିସ,୨୩।୩

ଟ୍ରାକ୍ଟରରେ ବକ୍ସ ଲଗାଇ ୧୦ ଜଣ ଯୁବକ ହୋଲି ଖେଳର ମଜା ନେଉଥିଲେ। ଟ୍ରାକ୍ଟର ଓଲଟି ପଡିବାରୁ ବାଣପୁର ବ୍ଲକ କୋଳଥଡି ଗାଁର ପ୍ରାୟ ୧୦ ଜଣ ଯୁବକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ସୂର୍ଯ୍ୟକାନ୍ତ ଦାସ(୧୫)ଙ୍କ ଅବସ୍ଥା ଗୁରୁତର ରହିଛି। ଆହତମାନେ ବାଣପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ହେଲେ ସୂର୍ଯ୍ୟଙ୍କ ଅବସ୍ଥାରେ ସୁଧାର ନ ଆସିବାରୁ ଅଧିକ ଚିକିତ୍ସା ଲାଗି ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।

# ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ଖୋର୍ଦ୍ଧା ଅଫିସ,୨୩।୩:

**ନିହତ ବ୍ୟକ୍ତିଙ୍କ ପରିଚୟ ମିଳିଲା**

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ କଲିକତା–ମାଡ୍ରାସ ୧୬ ନଂ. ଜାତୀୟ ରାଜପଥର ଦଳେଇପୁଟ ଛକରୁ ଶନିବାର ପୂର୍ବାହ୍ନରେ ମିଳିଥିବା ଅଜଣା ଯୁବକଙ୍କ ମୃତଦେହର ପରିଚୟ ମିଳିଛି। ମୃତକ ହେଲେ ପ୍ରତାପ ସାମନ୍ତରାୟ(୨୭)। ଘର ପୁରୀ ଜିଲା ଗଡିଶାଗଦା ଥାନା ସାହାସପୁର ଗାଁରେ। ସାହସପୁର ଗାଁର ପ୍ରତାପ ଓ ନୟାଗଡ ଜିଲା ଫତେଗଡ ଗାଁର ଶିବ ପ୍ରସାଦ ବେହେରା(୩୦) ସାଙ୍ଗ ହୋଇ ବାଇକ୍ ଯୋଗେ ଗଡଗୁଡ୍ଡୁମ ଯାଉଥିଲେ। ଏହି ଦୁଇ ଯୁବକ ଗଡଗୁଡ୍ଡୁମର ଏକ କୁକୁଡା ଫାର୍ମରେ କାମ କରୁଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଅଜଣା ଗାଡି ଧକ୍କାରେ ଉଭୟ ଆହତ ହୋଇଥିଲେ। ଆହତଙ୍କୁ କେତେଜଣ ଲୋକ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମୃତକଙ୍କର ମୃତଦେହ ଦଳେଇପୁଟ ଛକରେ ପଡି ରହିଥିଲା। ପାଖରେ ବାଇକ୍ ବି ଥିଲା। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରଥିଲା। ପରେ ପରିଚୟ ଜଣାପଡିଥିଲା।



ସମ୍ମିଳନୀରେ ମଞ୍ଚାସୀନ ଭାଜପା ନେତାମାନେ ।

# ସାଗରଗାଁରେ ଭାଜପାର କର୍ମୀ ସମ୍ମିଳନୀ

ବୋଲଗଡ,୨୩।୩(ଡି.ଏନ.ଏ.)

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଭାଜପା ପକ୍ଷରୁ ବୋଲଗଡ ବ୍ଲକ ସାଗରଗାଁ ପଞ୍ଚାୟତ ଗୋଡିଆଳି ଠାରେ ଶନିବାର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଭାଜପା ନେତା ରବି ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଭାଜପା ନେତ୍ରୀ ଅପରାଜିତା ଷଡଙ୍ଗୀ ଯୋଗଦେଇ ସାଗରଗାଁ ପଞ୍ଚାୟତ ଅଞ୍ଚଳରେ ଫ୍ଲୋରାଇଡ ସମସ୍ୟା ଉଦ୍‌ବେଗ ଜନକ ସ୍ଥିତିରେ ପହଞ୍ଚିଥିଲେ ମଧ୍ୟ ବିଜେଡି ସରକାର ଅମଳରେ ଏହାର ସମାଧାନ ହୋଇପାରିନି ବୋଲି କହିଥିଲେ। ଭାଜପା ସରକାରକୁ ଆସିଲେ ଏହି ସମସ୍ୟାର ସମାଧନ ପାଇଁ ପଦକ୍ଷେପ ନିଆଯିବ। ସେହିଭଳି ଜନସାଧାରଣଙ୍କର ସର୍ବନିମ୍ନ ଆବଶ୍ୟକତା, ମୌଳିକ ସମସ୍ୟା ଏବଂ ଜନହିତକର କାର୍ଯ୍ୟ ଗୁଡିକ ପ୍ରତି ଦୃଷ୍ଟି ଦିଆଯାଇ ବିଭିନ୍ନ ଯୋଜନା ଗୁଡିକୁ ସଫଳ ରୂପାୟନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ଭଜପାରେ ଯୋଗଦେଇଥିବା ରିଷଭ ନନ୍ଦଙ୍କୁ ଫୁଲତୋଡା ଦିଆଯାଇ ଏହି ସମ୍ମିଳନୀରେ ସମ୍ବର୍ଦ୍ଧିତ କରାଯାଇଥିଲା। ଦଳର ରାଜ୍ୟ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରକାଶ ବିଜୁଳି ଙ୍କ ସମେତ ଦଳୀୟ ନେତା ବିଶ୍ୱଜିତ ସ୍ୱାଇଁ, ଲୋତକ ବିନ୍ଦୁ ପଟ୍ଟନାୟକ, ସୁବାସ ମିଶ୍ର, ଅଶୋକ ରାଉତ ଓ ତପନ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସମ୍ମିଳନୀରେ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ସମର୍ଥକ ଓ ସ୍ଥାନୀୟ କର୍ମୀ ଯୋଗ ଦେଇଥିଲେ।

■ ମହିଳାଙ୍କୁ ଅସଦାଚରଣ, ମାଡ଼

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

ଜଟଣୀ,୨୩।୩(ଡି.ଏନ.ଏ.):

ଜଟଣୀ ନିକଟବର୍ତ୍ତୀ ହରିରାଜପୁର ଛକରେ ଦୁଇ ମହିଳାଙ୍କ ଉପରେ ଶୁକ୍ରବାର ତଥା ହୋଲିରେ କେତେଜଣ ଯୁବକ ମାରଧର କରିବା ସହ ଅସଦାଚରଣ କରିବା ଘଟଣାକୁ ନେଇ ଏଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଦୁଇ ମହିଳା ସ୍ଥାନୀୟ କୁଦିଆରୀ ଗ୍ରାମର ହୋଇଥିବାରୁ ତୁରନ୍ତ ଅଭିଯୁକ୍ତ ଯୁବକମାନଙ୍କୁ ଗିରଫ ଦାବିରେ ଗ୍ରାମବାସୀ ସନ୍ଧ୍ୟାରେ ରାସ୍ତାରୋକୋ କରିଥିଲେ। ରାଜା ସାମନ୍ତରାୟ ସ୍ତ୍ରୀ ମନୋରମା, ଶାଳୀ ମିନାକୁ ବାଇକ୍‌ରେ ବସାଇ ଯାଉଥିବା ସମୟରେ ଅପରାହ୍ନ ସାଢ଼େ ଦୁଇଟାରେ ଏପରି ଘଟିଥିଲା। ସେମାନଙ୍କୁ ଉପରୋକ୍ତ ଛକରେ ହରିରାଜପୁର ଗ୍ରାମର କେତେଜଣ ଯୁବକ ଅଟକାଇ ବାଇକ୍ ପଛରେ ବସିଥିବା ମନୋରମା ଓ ମୀନାଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ। ରାଜା ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ ମାଡ଼ ମାରିଥିଲେ। ଏପରିକି ଦୁଇ ମହିଳାଙ୍କୁ ମଧ ଯୁବକମାନେ ଟଣାଓଟରା କରିବା ସହ ମାଡ଼ ମାରିଥିଲେ। ଏ ନେଇ ସେମାନେ ଜଟଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଳମ୍ବ କରିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରତିବାଦରେ ଗ୍ରାମ ଛକରେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଖବରପାଇ କମିଶନରେଟ୍ ପୋଲିସର ଏସିପି ପି.କେ. ରାଉତ, ଇନ୍ସପେକ୍ଟର ବିଶ୍ୱରଞ୍ଜନ ସାହୁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଜଟଣୀ ଥାନାରେ ନଂ.୯୭/୧୯ରେ ମାମଲା ରୁଜୁ ହୋଇଛି।

# ରାଜ୍ୟସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ



ମହୋତ୍ସବରେ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଚାଲିଛି ।

ଖୋର୍ଦ୍ଧା ଅଫିସ,୨୩।୩:

ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଭୋଗଡା ଗାଁରେ ୧୬ତମ ରାଜ୍ୟସ୍ତରୀୟ ଓଡିଶୀ ସଂକୀର୍ତ୍ତନ ମହୋତ୍ସବ ଶୁକ୍ରବାର ଆରମ୍ଭ ହୋଇଛି। ରବିବାର ଏହା ଶେଷ ହେବ। ଉଦ୍‌ଘାଟନ ଦିବସରେ ଭୋଗଡାର ଚକ୍ରଧର ପଣ୍ଡା, ବାଙ୍କୀ ପଶାଣିଆ ଗାଁର ହରେକୃଷ୍ଣ ପ୍ରଧାନଙ୍କ ମଧ୍ୟରେ ଭାଗବତର ଆବିର୍ଭାବ, ମୁନିଋଷିଙ୍କର ପ୍ରଭାସ ଯଜ୍ଞ ଉପରେ ବିତର୍କ ହୋଇଥିଲା। ସେହିପରି ପ୍ରତିଦିନ ବିଭିନ୍ନ ବିଷୟ ଉପରେ ବିତର୍କ ଚାଲିବ।

# ବୋଲଗଡ, କୃଷ୍ଣପ୍ରସାଦ, ବାଲୁଗାଁରେ ଦୋଳ ମେଳଣ

ବୋଲଗଡ,୨୩।୩(ଡି.ଏନ.ଏ.

ବୋଲଗଡ ନିକଟସ୍ଥ ରାଜସୁନାଖଳା ଏବଂ ବୋଲଗଡ ବ୍ଲକ ଗେଡିଆପଲ୍ଲୀ ଠାରେ ଶନିବାର ଫୁଲଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ରାଜସୁନାଖଳା ଦୁର୍ଗାବଜାରସ୍ଥିତ ଫୁଲଦୋଳ ପଡିଆରେ ମା' କାଉଁରୀ ଠାକୁରାଣୀଙ୍କର ଏହି ଦୋଳ ଉତ୍ସବ ପାଇଁ ଉଭୟ ବୋଲଗଡ ଏବଂ ରଣପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ଠାକୁରମାନେ ଫୁଲ ଦୋଳଯାତ୍ରା ପଡିଆରେ ବିଜେ କରିଥିଲେ। ଗୁରୁବାର ରାତ୍ରିରେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କାଉଁରୀ ଠାକୁରାଣୀଙ୍କୁ ଏକ ଆଟୋପ ପଟୁଆରରେ ରାଜସୁନାଖଳା ଗାଁ ପରିକ୍ରମା କରାଯିବା ପରେ ଫୁଲଦୋଳ ପଡିଆସ୍ଥିତ ସ୍ୱତନ୍ତ୍ର ମଣ୍ଡପରେ ବିଜେ କରିଥିଲେ। ପରେ ରାଜସୁନାଖଳାର ଆଖପାଖ ଗ୍ରାମଗୁଡିକର ଆମନ୍ତ୍ରିତ ଠାକୁରମାନେ ୨୩ ଦୋଳରେ ଦୋଳପଡିଆକୁ ବିଜେ କରିଥିଲେ। ଶୁକ୍ରବାର ଓ ଶନିବାର ୨ଦିନ ଧରି ଠାକୁରମାନେ ଫୁଲଦୋଳ ପଡିଆରେ ଚଉଦୋଳରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ଶନିବାର ଅପରାହ୍ନରେ ସମସ୍ତ ଦୋଳ ଠାକୁରମାନେ ଦୋଳବେଦୀ ପରିକ୍ରମା କରି ଫଗୁ ଖେଳିବା ପରେ ନିଜ ନିଜ ଆସ୍ଥାନକୁ ଫେରି ଯାଇଥିଲେ। ସେହିପରି ଗେଡିଆପଲ୍ଲୀଠାରେ ଫୁଲ ଦୋଳ ମେଳଣ ପଡିଆରେ ଦୋଳମେଳଣ ଅନୁଷ୍ଠିତ ହୋଇଛି। ପ୍ରତିବର୍ଷ ପରି ଏହି ଦୋଳ ମେଳଣ ପଡିଆରେ ୭ଟି ଦୋଳ ବିମାନରେ ଆମନ୍ତ୍ରିତ ଠାକୁରମାନେ ଆସିଥିଲେ। ଏଠାରେ ରାଜ ଠାକୁର ଭାବେ ସାଲତରାସ୍ଥିତ ଶ୍ରୀବାଲୁଙ୍କେଶ୍ୱରଦେବ ପ୍ରଥମେ ଏକ ଆଟୋପ ପଟୁଆରରେ ଦୋଳ ଯାତ୍ରା ପଡିଆରେ ପହଞ୍ଚିଥିଲେ। ପରେ ନିମନ୍ତ୍ରିତ ଦେବଦେବୀମାନେ ଚଉଦୋଳରେ ଦୋଳ ପଡିଆରେ ଉପବିଷ୍ଟ ହୋଇଥିଲେ।

**କୃଷ୍ଣପ୍ରସାଦ, (ଡି.ଏନ.ଏ.)–**କୃଷ୍ଣପ୍ରସାଦ ବ୍ଲକର ପାରିକୁଦଗଡଠାରେ ୫ ମୌଜା ପରିଚାଳନା କମିଟି ତରଫରୁ ଐତିହାସିକ ଦୋଳ ମହୋତ୍ସବ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ପ୍ରତ୍ୟକ୍ଷ





କୃଷ୍ଣପ୍ରସାଦ ଓ ବୋଲଗଡଠାରେ ଅନୁଷ୍ଠିତ ଦୋଳମେଳଣ ଦେଖିବାକୁ ଲୋକଙ୍କ ଗହଳି ।

ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପାରିକୁଦ ଗଡର ମୁଖ୍ୟ ପିଠାଧୀଶ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଦେବ, ଶ୍ରୀଶ୍ରୀ ଦଧିବାମନ ଦେବଙ୍କ ନେତୃତ୍ୱରେ ୩୫ ମୌଜା ଏବଂ ବ୍ଲକର ବିଭିନ୍ନ ସ୍ଥାନରୁ ୨୪ ଠାକୁର ସୁସଜ୍ଜିତ ବିମାନରେ ପାଟ ପଟୁଆରରେ ଆସି ଗଡ ଚନ୍ଦନ ପଡିଆ ଠାରେ ଏକତ୍ରିତ ହୋଇଥିଲେ। ପ୍ରଥମେ ପାରିକୁଦ ରାଜାସାହେବଙ୍କ ଦ୍ୱାରା ଦେବାର୍ଚ୍ଚନ କାର୍ଯ୍ୟ ସମାପନ ପରେ ରାଜାଙ୍କ ତରଫରୁ ଭୋଗ ଲାଗି ହୋଇଥିଲା। ୫ମୌଜା ତରଫରୁ ହୋମ ଆଦି କାର୍ଯ୍ୟ ସମାପନ ପରେ ମେଳଣ ଭୋଗ ଅର୍ପଣ କରାଯାଇ ମହାସମାରୋହରେ ଠାକୁର ମାନଙ୍କ ମେଳଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆତସବାଜି,ପାଇକଆଖଡା ଆଦି ପଦର୍ଶନ ହୋଇଥିବା ବେଳେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପାଞ୍ଚମୌଜା ପରିଚାଳନା କମିଟି ସଭାପତି ଡମ୍ବୁରୁଧର ଖୁଣ୍ଟିଆ,ଉପସଭାପତି ଈଶ୍ୱର ଚନ୍ଦ୍ର ପଲେଇ,ସମ୍ପାଦକ ସୁରଥ ବେହେରା,କୋଷାଧ୍ୟକ୍ଷ ପ୍ରମୋଦ କୁମାର ପରିଡା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

**ବାଲୁଗାଁ,(ଡି.ଏନ.ଏ.)–** ବାଲୁଗାଁ ଅଞ୍ଚଳର ଆରାଧ ଦେବତା ଶ୍ରୀ ଶ୍ରୀ ଉମାମହେଶ୍ୱର ଦେବଙ୍କ ଦଧିଯାତ୍ରା ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟାରେ ଦୋଳ ବିମାନରେ ଉମାମହେଶ୍ୱର ଦେବ ମନ୍ଦିରରୁ ବାହାରିଥିଲେ। ପରମ୍ପରା ଅନୁଯାୟୀ ପାଟଣାସାହିର ଗୋପାଳଜୀଉ ଦେବ ଓ କୁଳାକୁଣ୍ଢେଇ ନୂଆଗାଁର ରାଧାଗୋବିନ୍ଦ ଦେବ ପୂର୍ବ ନିର୍ଦ୍ଧାରିତ ସ୍ଥଳରେ ପହଞ୍ଚି ଦୋଳ ଠାକୁରଙ୍କୁ ପାଛୋଟି ନେଇଥିଲେ। ପାଟପଟୁଆର ସହ ଆତସବାଜି ପ୍ରଦର୍ଶନ କରାଯାଇ ତିନି ଠାକୁର ଗ୍ରାମ ପରିଭ୍ରମଣ କରିଥିଲେ। ପରେ ଗୋପାଳଜୀଉ ଦେବ ଓ ଉମାମହେଶ୍ୱର ଦେବ ପାଟଣାସାହି ପରିକ୍ରମା କରିଥିଲେ। ଉମାମହେଶ୍ୱର ଦେବଙ୍କୁ ଗୁଣ୍ଡୁରପୁରର ଶ୍ରୀ ଶ୍ରୀ ରଘୁନାଥଦେବ ପାଛୋଟି ନେଇ ଗ୍ରାମ ପରିକ୍ରମା କରିଥିଲେ। ଶେଷରେ ସାମନ୍ତରାପୁର ଦଧିବାମନ ଦେବ ପଟୁଆର ସହ ଆସି ଉମାମହେଶ୍ୱର ଦେବଙ୍କୁ ପାଛୋଟି ନେଇଥିଲେ। ରାତିତମାମ ଠାକୁରମାନଙ୍କ ଏହି ଦଧିଯାତ୍ରା ଉତ୍ସବ ଦେଖିବା ପାଇଁ ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିଲା। ଶନିବାର ୪ଖଣ୍ଡ ଗ୍ରାମର ଦୋଳ ଠାକୁର ଭୋଗ ଖାଇ ମନ୍ଦିରକୁ ବିଳମ୍ବିତ ରାତ୍ରିରେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଥିବା ଉମାମହେଶ୍ୱର ଦେବ ଟ୍ରଷ୍ଟ ବୋର୍ଡ଼ ସଭାପତି ଶଙ୍କର ରଣସିଂହ ଜଣାଇଛନ୍ତି।



ସତ୍ୟବାଦୀ ମନୁଷ୍ୟ ମା' ଭଳି ବିଶ୍ୱସନୀୟ, ଜନତାଙ୍କ ଗୁରୁ ଭଳି ପୂଜ୍ୟ ଏବଂ ସଜ୍ଜନ ବ୍ୟକ୍ତି ଭଳି ସମସ୍ତଙ୍କ ପ୍ରିୟ ହୋଇଥାନ୍ତି
: ଭଗବାନ ବୁଦ୍ଧ



## ସଂକ୍ଷେପରେ

### ଲୁଟ୍, ଆକ୍ରମଣ : ୨ ଗିରଫ

ପୁରୀ ଅଫିସ,୨୩।୩: ହୋଲି ଖେଳି ଫେରିବା ବେଳେ ଜଣେ ଯୁବକଙ୍କୁ ଲୁଟ୍ ଓ ଆକ୍ରମଣ ଅଭିଯୋଗରେ ସଦର ଥାନା ପୋଲିସ ଶନିବାର ଗୌଡବାଡସାହିର ରାଧାକାନ୍ତ ମଲ୍ଲିକଙ୍କୁ ଗିରଫ କରିଛି। ସ୍ଥାନୀୟ ଅବକାଶ ଲେନ୍‌ର ସତ୍ୟ ନାରାୟଣ ଦାସ ହୋଲି ଖେଳି ସିପସରୁବାଲିସ୍ଥିତ ଭାଗବତ ପାଟଣାରୁ ଗାଧେଇ ବାଇକ୍‌ରେ ଫେରୁଥିଲେ। ଏହି ସମୟରେ ରାଧାକାନ୍ତ ଏବଂ ତାଙ୍କ ସାଥୀ ସତ୍ୟଙ୍କୁ ଅଟକାଇ ବନ୍ଧୁକ ଲଗାଇ ତାଙ୍କ ଠାରୁ ଏକ ସୁନାଚେନ, ୬୯୦୦ଟଙ୍କା ଛଡାଇ ନେବା ସହ ସତ୍ୟଙ୍କୁ ସଂଘବଦ୍ଧ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସତ୍ୟଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ସେହିପରି ଟାଉନ ଥାନା ଅନ୍ତର୍ଗତ ବ୍ଲକ ରୋଡର ସତ୍ୟନାରାୟଣ ପ୍ରଧାନ ହୋଲି ଖେଳି ସମୁଦ୍ରରେ ଗାଧୋଇ ବାଇକ୍‌ରେ ଫେରୁଥିଲେ। ବେଳାଭୂମି ମାର୍ଗରେ ଦରଜିପୋଖରୀ ଛକର ସଞ୍ଜୟ ମହାନ୍ତି ତାଙ୍କୁ ଆକ୍ରମଣ କର ୧୫ଶହ ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ସମୁଦ୍ରକୂଳ ଥାନା ପୋଲିସ ଅଭିଯୁକ୍ତ ସଞ୍ଜୟଙ୍କୁ ଶନିବାର ଗିରଫ କରିଛି।

### ପୁରୀ ହିଂସା: ପୁଣି ଜଣେ ଗିରଫ

ପୁରୀ ଅଫିସ,୨୩।୩: ଧାଡ଼ିଦର୍ଶନକୁ ନେଇ ହୋଇଥିବା ପୁରୀ ହିଂସା ଘଟଣାରେ ସିଂହଦ୍ୱାର ଥାନା ପୋଲିସ ଶନିବାର ଜଣଙ୍କୁ ଗିରଫ କରିଛି। ସିଂହଦ୍ୱାର ଥାନା ଆଇଆଇସି ଶ୍ରବଣ କୁମାର ମହାରଣା କହିଛନ୍ତି, ସିଂହଦ୍ୱାର ସୂଚନା କେନ୍ଦ୍ର ଭଙ୍ଗାରୁଜା ଘଟଣାରେ ରୁଜୁ ମାମଲା (ନଂ.୮୩/୧୮)ରେ ବାରବାଟୀ ଜାଗାର ନରସିଂହ ମହାନ୍ତିଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି।

### ମଦ ଜବତ, ୩ ଗିରଫ

ପୁରୀ ଅଫିସ,୨୩।୩: ବେଆଇନ ମଦ ବିକ୍ରି ଅଭିଯୋଗରେ ସମୁଦ୍ରକୂଳ ଓ ଟାଉନ ଥାନା ପୋଲିସ ଶନିବାର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଠକଟାର ଗଣେଶ ଦାସ, ବଳରାମ ରେଡ୍ଡି ଏବଂ ସଦର ଥାନା ଅଧୀନ ବାସୁଦେବପୁରର ବୁଲୁ ଡାକୁଆ। ପୋଲିସ ସେମାନଙ୍କ ଠାରୁ ଦେଶୀ ରନ୍ଧାମଦ ଓ ବିଦେଶୀ ମଦ ଜବତ କରିଛି।

### ୧୦୨ ବୋତଲ ମଦ ଜବତ, ୫ ଗିରଫ

ଗୋପ,୨୩।୩ (ଡି.ଏନ୍.ଏ.): ହୋଲି ଦିନ ଗୋପ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୦୨ ବୋତଲ ମଦ ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଛି। ଗୋପ ଥାନା ଅଧୀନ ବିଭିନ୍ନ ସ୍ଥାନରେ ହୋଲି ପାଇଁ ଚୋରା ମଦ ବିକ୍ରି କରାଯାଉଥିବାର ଖବରପାଇ ଗୋପ ଥାନାଧିକାରୀ ସୌମ୍ୟଚିତ୍ ମିଶ୍ର ସଦଳବଳେ ବିଜିପୁର ଗ୍ରାମରେ ଚଢ଼ାଉ କରି ସୁବାସ ରାଉତରାୟଙ୍କ ଠାରୁ ୨୫ବୋତଲ ଦେଶୀ ମଦ ଜବତ କରି ଗିରଫ କରିଥିଲେ। ସେହିଭଳି ତିଳିପଦାଗଡ଼ରେ ଚଢ଼ାଉ କରି ବାହାଦୂର ପ୍ରଧାନଙ୍କ ଠାରୁ ୮ବୋତଲ ବିଅର ଜବତ କରିଥିବାବେଳେ ନଈଗୁଆଁ ଗ୍ରାମରେ ୨୮ବୋତଲ ବିଦେଶୀ ମଦ ଜବତ କରି ଲିଙ୍ଗରାଜ ନାୟକଙ୍କୁ ଗିରଫ କରିଥିଲେ। ବାହାରଣା ଗ୍ରାମରେ ଚଢ଼ାଉ କରି ୨୪ ବୋତଲ ବିଅର ବିକୁଥିବା ଅଭିଯୋଗରେ ସୁଶାନ୍ତ ଭୋଇଙ୍କୁ ଗିରଫ କରିଥିଲେ। ଶନିବାର ନାଗପୁରରେ ଚଢ଼ାଉ କରି ଦିବାକର ସାହୁଙ୍କ ୧୩ ବୋତଲ ବିଦେଶୀ ମଦ ଜବତ କରିଛି।

### ବାଣ ନିଆଁରୁ ଜଳିଗଲା ୩ ବଖରା

କଣାସ,୨୩।୩(ଡି.ଏନ.ଏ.): ବାଣ ନିଆଁରୁ ଅଗ୍ନିକାଣ୍ଡ ଘଟି ଡେଲାଙ୍ଗ ଥାନା ପାଞ୍ଚବାଟିଆ ଗ୍ରାମରେ ୩ ବଖରା ସହ ଆସବାବ ଜଳିଯାଇଛି। ଦୋଳ ପୂର୍ଣ୍ଣିମା ମଧ୍ୟାହ୍ନରେ କେତେକ ପିଲା ବାଣ ଫୁଟାଉ ଥିବାବେଳେ ବାଣ ନିଆଁ ପଡି ଦିବାକର ବରାଳ, ମନୋଜ ବରାଳ ଓ ବାବାଜୀ ବରାଳଙ୍କ ୩ ବଖରା ଘରେ ନିଆଁ ଲାଗିଯାଇଥିଲା। ଡେଲାଙ୍ଗରୁ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇବାରେ ସହାୟତା କରିଥିଲେ।

### ମଦ ଦୋକାନ ଭାଙ୍ଗିଲେ ମହିଳା

ବ୍ରହ୍ମଗିରି,୨୩।୩(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅଧୀନ ଖଟଫିରିଙ୍ଗ ଗ୍ରାମ ଛକରେ ଥିବା ଦୁଇ ବେଆଇନ ମଦ ଦୋକାନକୁ ଶନିବାର ସ୍ଥାନୀୟ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଭାଙ୍ଗିଛନ୍ତି। ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପୂର୍ବରୁ ଅବକାରୀ ବିଭାଗ ଓ ପୋଲିସକୁ ଜଣାଯାଇଥିଲା। ପୋଲିସ ଉପସ୍ଥିତିରେ ମହିଳାମାନେ ଏହି ମଦ ଦୋକାନକୁ ଭାଙ୍ଗି ଥିବା ଜଣାପଡ଼ିଛି।

■ ହୋଲି ଖେଳ ବେଳେ ଟ୍ରକ୍ ଡ୍ରାଇଭରଙ୍କୁ ଆକ୍ରମଣ

# କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ

ବ୍ରହ୍ମଗିରି,୨୩।୩(ଡି.ଏନ୍.ଏ.):

ବ୍ରହ୍ମଗିରି ଥାନା ଅନ୍ତର୍ଗତ ରାଏବିଧାର ଛକରେ ହୋଲି ଖେଳ ବେଳେ ଜଣେ ଟ୍ରକ୍ ଡ୍ରାଇଭରଙ୍କୁ ଆକ୍ରମଣ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ଅଭିଯୋଗ ନ ରଖିବା ଓ କ୍ଷତିପୂରଣ ଦାବିରେ ଶନିବାର ଖଟଫିରିଙ୍ଗ ଗ୍ରାମବାସୀ ବ୍ରହ୍ମଗିରି-ଡେଲାଙ୍ଗ ରାସ୍ତାକୁ ଅବରୋଧ କରିଥିଲେ। ସୂଚନା ଅନୁଯାୟୀ, ବ୍ରହ୍ମଗିରି ଥାନା ଅଧୀନ ଖଟଫିରିଙ୍ଗ ଗ୍ରାମର ଅରବିନ୍ଦ ସାହୁ ଶୁକ୍ରବାର ଏକ ଟ୍ରକ ଚଳାଇ ବ୍ରହ୍ମଗିରିରୁ ଘରକୁ ଆସୁଥିଲେ। ରାଏବିଧାର ଛକ ନିକଟରେ ରାସ୍ତା ଜାମ ଥିବାରୁ ଟ୍ରକଟି ଅଟକି ରହିଥିଲା। ଏହି ସମୟରେ ଦାମୋଦରପୁର ଓ ନିକଟସ୍ଥ ଗ୍ରାମର ୬ଜଣ ଯୁବକ ୨ଟି ବାଇକ୍ ଯୋଗେ ହୋଲି ଖେଳି ଉକ୍ତ ରାସ୍ତାରେ ଯାଉଥିଲେ। ଯୁବକମାନେ ଗାଡି କାହିଁକି ରାସ୍ତାରେ ଅଟକାଇଛୁ ବୋଲି ଡ୍ରାଇଭରଙ୍କୁ କହିବା ସହ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଯୁବକମାନେ ଗାଡି ଡ୍ରାଇଭର ଅରବିନ୍ଦଙ୍କ ସମେତ ହେଲ୍‌ପର ପ୍ରକାଶ ରାଉତ ଓ ଶତ୍ରୁଘ୍ନ ସାହୁଙ୍କୁ ଆକ୍ରମଣ କରିଥିଲେ। ପ୍ରକାଶ ଓ ଶତ୍ରୁଘ୍ନ ଘଟଣା ସମ୍ପର୍କରେ ସ୍ଥାନୀୟ ଗ୍ରାମକୁ ଜଣାଇଥିଲେ। ଗ୍ରାମର ଶତାଧିକ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କୁ ଦେଖି ୬ଜଣ ଯୁବକଙ୍କ ମଧ୍ୟରୁ ୩ଜଣ ଘଟଣାସ୍ଥଳରୁ ଖସି ପଳାଇଥିବା ବେଳେ ଅନ୍ୟ ୩ଜଣଙ୍କୁ ଗ୍ରାମବାସୀ ଗ୍ରାମ କୋଠଘରେ ଅଟକ ରଖିଥିଲେ। ଖବରପାଇ ବ୍ରହ୍ମଗିରି ଥାନା ପୋଲିସ ରାତି ପ୍ରାୟ ୧୧ଟା ୩୦ରେ ପହଞ୍ଚିଥିଲା। ଅଟକ ରଖିଥିବା ଯୁବକମାନଙ୍କୁ ନେବାକୁ ଦାବି କରିଥିଲା। ସ୍ଥାନୀୟ ଲୋକେ ଆହତଙ୍କ ଚିକିତ୍ସା ଖର୍ଚ୍ଚ କିଏ ବହନ କରିବ ବୋଲି ପୋଲିସକୁ କହିଥିଲେ । ଅରବିନ୍ଦ ଗୁରୁତର ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ସେ ଏବେ କୋମାରେ ରହିଛନ୍ତି। ତାଙ୍କର ଚିକିତ୍ସା ଖର୍ଚ୍ଚ ଅଭିଯୁକ୍ତମାନେ ବହନ କରିବାର ପୋଲିସ ପ୍ରତିଶ୍ରୁତି ଦେଲେ ଯୁବକଙ୍କୁ ଛାଡିବୁ ବୋଲି ଗ୍ରାମବାସୀ ଦାବି କରିଥିଲେ। ପରେ ପୋଲିସ ଗ୍ରାମବାସୀଙ୍କ ଦାବିକୁ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି କହି ଘଟଣାସ୍ଥଳରୁ ଚାଲି ଆସିଥିଲା। ଶନିବାର ଖଟଫିରିଙ୍ଗ ଗ୍ରାମର ଶତାଧିକ ଲୋକ ଗୁରୁତରଙ୍କ ଚିକିତ୍ସା ଓ ବ୍ରହ୍ମଗିରି ପୋଲିସର ଅବହେଳା ପ୍ରତିବାଦରେ ବ୍ରହ୍ମଗିରି-ଡେଲାଙ୍ଗ ରାସ୍ତାକୁ ଅବରୋଧ କରିଥିଲେ। ଖବରପାଇ ସଦର ଏସ୍‌ଡିପିଓ କିଶୋର କୁମାର ମୁଣ୍ଡେ ଓ ବ୍ରହ୍ମଗିରି ଥାନା ଅଧିକାରୀ ମନୋଜ କୁମାର ଶତପଥୀ ପହଞ୍ଚିଥିଲେ। ପ୍ରାୟ ୨ଘଣ୍ଟା ଧରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଡ୍ରାଇଭର ଅରବିନ୍ଦଙ୍କ ଚିକିତ୍ସା ଖର୍ଚ୍ଚ ଅଭିଯୁକ୍ତଙ୍କ ପରିବାର ସହ ଆଲୋଚନା କରାଯାଇ ତା'ର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପରେ ୨ଦିନ ଧରି କୋଠ ଘରେ ଅଟକ ଥିବା ଦାମୋଦରପୁର ଯୁବକମାନଙ୍କୁ ପୋଲିସ ଉଦ୍ଧାର କରି ଥାନାକୁ ଆଣିଥିଲା। ଏନେଇ ଅରବିନ୍ଦଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।



ପୁରୀ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଓ ଅନ୍ୟ ଅଧିକାରୀମାନେ ପିଲାଙ୍କ ସହ ହୋଲି ଖେଳୁଛନ୍ତି।

## ଖବରଦାତା, କ୍ୟାମେରାମ୍ୟାନଙ୍କୁ ଆକ୍ରମଣ: ଜଣେ ଗିରଫ

କାକଟପୁର,୨୩।୩(ଡି.ଏନ୍.ଏ.):

ବୈଦ୍ୟୁତିକ ଗଣମାଧ୍ୟମର ଖବରଦାତା ଓ କ୍ୟାମେରାମ୍ୟାନଙ୍କୁ ଆକ୍ରମଣ ଅଭିଯୋଗରେ ଅସ୍ତରଙ୍ଗ ଥାନା ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଲକ୍ଷ୍ମୀଧର ଛାଟୋଇ। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୩ ଅଭିଯୁକ୍ତ ଫେରାର ଥିବା ଆଇଆଇସି ରଞ୍ଜନ କୁମାର ମଲ୍ଲିକ କହିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ଗୁରୁବାର ଅପରାହ୍ନରେ ଅସ୍ତରଙ୍ଗ ବଜାରଠାରେ ଏକ ବୈଦ୍ୟୁତିକ ଗଣମାଧ୍ୟମ ପକ୍ଷରୁ ନିର୍ବାଚନ ସଂକ୍ରାନ୍ତୀୟ ଖବର ସଂଗ୍ରହ କରାଯାଉଥିଲା। ଏହି ସମୟରେ କେତେଜଣ ବ୍ୟକ୍ତି ଖବରଦାତା ଚନ୍ଦନ ପାଇକରାୟ ଓ କ୍ୟାମେରାମ୍ୟାନ ଶୁଭ୍ରଜିତ୍‌ଙ୍କୁ ଆକ୍ରମଣ କରିଥିବା ନେଇ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ୪ଜଣଙ୍କ ବିରୋଧରେ ମାମଲା (ନଂ.୩୪/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ଲକ୍ଷ୍ମୀଧରଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅନ୍ୟ ଅଭିଯୁକ୍ତମାନେ ଶାସକ ବିଧାୟକଙ୍କ ସମର୍ଥିତ ହୋଇଥିବାରୁ ତାଙ୍କୁ ପୋଲିସ ଗିରଫ କରୁ ନ ଥିବା ଅଭିଯୋଗକରି ଶନିବାର ଇଣ୍ଟରନ୍ୟାଶନାଲ ହ୍ୟୁମାନ ରାଇଟ୍‌ସ କାଉନସିଲର ସଭ୍ୟାସଭ୍ୟ ଏକ ଦାବିପତ୍ର ପୁରୀ ଜିଲା ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଅସ୍ତରଙ୍ଗ ଆଇଆଇସିଙ୍କୁ ପ୍ରଦାନ କରିଛନ୍ତି। କାଉନସିଲର ରାଜ୍ୟ ସଭାପତି ସସ୍ମିତା ଦାସ, ଲିପିକା ରାୟ, ଶଶିକାନ୍ତ ପତି, ପ୍ରିୟବ୍ରତ ପଟ୍ଟନାୟକ, ସତ୍ୟବ୍ରତ ଦାସ, ପଦ୍ମନାଭ ବରାଳ ପ୍ରମୁଖ ଆଇଆଇସିଙ୍କ ସହିତ ଆଲୋଚନା କରିବା ପରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

## ଉତ୍ତ୍ୟକ୍ତ ମହିଳା ଭାଙ୍ଗିଲେ ୩ ମଦଦୋକାନ

**ଅଭିଯୋଗ ପରେ ପୋଲିସ ଚୁପ୍**

ଗୋପ,୨୩।୩(ଡି.ଏନ୍.ଏ.)

ଗୋପ ଥାନା ଅଧୀନ ଏରବଙ୍ଗ ହାଟ ବଜାର ନିକଟରେ ଶୁକ୍ରବାର ଉତ୍ତ୍ୟକ୍ତ ମହିଳାମାନେ ଏକ ଚୋରା ମଦ ବ୍ୟବସାୟୀଙ୍କ ୩ଟି ଦୋକାନ ଭାଙ୍ଗି ଦେଇଛନ୍ତି। ଏ ସମ୍ପର୍କରେ ଦୋକାନ ମାଲିକ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗ୍ରାମରେ ଦୀର୍ଘଦିନ ଧରି ଜଣେ ଚୋରା ମଦ ବ୍ୟବସାୟୀ ମଦ ବିକ୍ରି କରିବା ସହ ଖୋଲାରେ ମଧ୍ୟ ବିକ୍ରି କରୁଥିବା ଅଭିଯୋଗ ହୋଇଆସୁଥିଲା। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଗୋପ ଥାନା ପକ୍ଷରୁ ନିକଟରେ ଚଢ଼ାଉ କରି ସମ୍ପୃକ୍ତ ମଦ ବ୍ୟବସାୟୀଙ୍କୁ ଗିରଫ କରିଥିଲା। କିନ୍ତୁ ବ୍ୟବସାୟୀ ଜଣଙ୍କ ବେଲ୍‌ରେ ଆସି ପୁନର୍ବାର ମଦ ବିକ୍ରି କରୁଥିଲେ। ଶୁକ୍ରବାର ହୋଲି ଅବସରରେ ଚୋରା ମଦ ବ୍ୟବସାୟୀ ଜଣଙ୍କ ତିନିଜଣ ନାବାଳକଙ୍କୁ ମଦ ବିକ୍ରୟ କରିବା ପରେ ସମ୍ପୃକ୍ତ ନାବାଳକ ମଦ୍ୟପାନ କରି ଅସୁସ୍ଥ ହୋଇପଡ଼ିଥିଲେ। ଫଳରେ ସ୍ଥାନୀୟ ଅଞ୍ଚଳର ମହିଳାମାନେ ଉତ୍ତେଜିତ ହୋଇ ୩ଟି ମଦ ଦୋକାନକୁ ଭାଙ୍ଗି ଦେଇଥିଲେ। ଏ ନେଇ ଗୋପ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ କୌଣସି ମାମଲା ରୁଜୁ କରି ନ ଥିବାରୁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷେ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ଗୋପ ଥାନାଧିକାରୀ ସୌମ୍ୟଚିତ ମିଶ୍ର କୁହନ୍ତି, ଏଭଳି ଅଭିଯୋଗ ଆମ ନିକଟରେ ପହଞ୍ଚିଛି। ଘଟଣାର ତଦନ୍ତ ଚାଲୁଥିବା ବେଳେ ଏହାପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।



ପୁରୀ ଖବରକାଗଜ ହକର ସଂଘର ସଭ୍ୟମାନେ ହୋଲି ଖେଳୁଛନ୍ତି।

## ବିଶ୍ୱାବସୁ ଶୁଦ୍ଧ ସୁଆର ନିର୍ବାଚନ: ପ୍ରେମାନନ୍ଦ ସମ୍ପାଦକ ନିର୍ବାଚିତ

ପୁରୀ ଅଫିସ,୨୩।୩:

ଶ୍ରୀମନ୍ଦିର ଶୁଦ୍ଧ ସୁଆର ନିଯୋଗ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ୪ଟି ପଦବୀ ଅର୍ଥାତ୍ ସଭାପତି, ଉପସଭାପତି, ସହ ସମ୍ପାଦକ ଏବଂ କୋଷାଧ୍ୟକ୍ଷ ପଦବୀ ଅପ୍ରତିଦ୍ୱନ୍ଦ୍ୱୀ ରହିଥିବାବେଳେ କେବଳ ସମ୍ପାଦକ ପଦବୀ ଲାଗି ନିର୍ବାଚନ ହୋଇଥିଲା। ଏହି ପଦରେ ପ୍ରେମାନନ୍ଦ ଦାସମହାପାତ୍ର ଏବଂ ହରପ୍ରସାଦ ଦାସମହାପାତ୍ରଙ୍କ ମଧ୍ୟରେ ଲଢେଇ ହୋଇଥିଲା। ଏଥିରେ ହରପ୍ରସାଦଙ୍କୁ ପରାସ୍ତ କରି ପ୍ରେମାନନ୍ଦ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାରସ୍ଥିତ କକ୍ଷରେ ପୂର୍ବାହ୍ନ ସାଢେ ୧୦ଟାରୁ ମଧ୍ୟାହ୍ନ ସାଢେ ୧୨ଟା ମଧ୍ୟରେ ନିର୍ବାଚନ ହୋଇଥିଲା। ନିଯୋଗର ୫୦ ସଦସ୍ୟ ଭୋଟ ଦେଇଥିଲେ। ପ୍ରେମାନନ୍ଦ ୨୯ ଖଣ୍ଡ ଭୋଟ ପାଇଥିବା ବେଳେ ହରପ୍ରସାଦ ୨୧ ଭୋଟ ପାଇଥିଲେ। ଅପ୍ରତିଦ୍ୱନ୍ଦ୍ୱୀସଭାପତି ଭାବେ ଗଣେଶ ଦାସମହାପାତ୍ର, ଉପସଭାପତି ଭାବେ ରାମାନନ୍ଦ ଦାସମହାପାତ୍ର, ସହ ସମ୍ପାଦକ ଭାବେ ବଳଭଦ୍ର ଦାସମହାପାତ୍ର ଏବଂ କୋଷାଧ୍ୟକ୍ଷ ଭାବେ କୀର୍ତ୍ତିପ୍ରକାଶ ଦାସମହାପାତ୍ର ନିର୍ବାଚିତ ହୋଇଛନ୍ତି। ଆଇନଜୀବୀ ଦେବଦତ୍ତ ପଟ୍ଟନାୟକ ନିର୍ବାଚନ ଅଧିକାରୀ ରହିଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟର ଅଧିକାରୀ ସରୋଜ କୁମାର ରାୟ ନିର୍ବାଚନ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିଲେ।

### ଜିଲାପାଳଙ୍କୁ ବାଟମଙ୍ଗଳା କୃଷକ ମହାସଂଘର ଦାବିପତ୍ର

ପୁରୀ ଅଫିସ,୨୩।୩:

ପୁରୀ ସହର ଏବଂ ପୁରୀ ସଦର ଅଞ୍ଚଳର କୃଷକମାନଙ୍କ ବିଭିନ୍ନ ସମସ୍ୟା ନେଇ ବାଟମଙ୍ଗଳା କୃଷକ ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗୁରୁବାର ମହାସଂଘର କର୍ମକର୍ତ୍ତା ଏବଂ ସଦସ୍ୟ ଜିଲାପାଳଙ୍କୁ ସାକ୍ଷାତ୍ କରି କୃଷକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଦର୍ଶାଯାଇଛି ଯେ, ଅଠରନଳା ପାଖ ମୂଷା ନଦୀକୁ ତ୍ୱରିତ ଖନନ କରାଯାଇ ନଦୀର ଦୁଇପାର୍ଶ୍ୱ ବନ୍ଧ ପଥର ବା ଢଳାଇ ଦ୍ୱାରା ସ୍ଥାୟୀ ନିର୍ମାଣ କରାଯାଉ। ମଙ୍ଗଳାଘାଟ ବ୍ରିଜ ନିକଟରେ ଥିବା ଆନିକଟର ବ୍ୟବହାର କରାଯିବାର ଆବଶ୍ୟକତା ନ ଥିବାରୁ ତାହାକୁ ହଟାଇବା ନିମନ୍ତେ ପଦକ୍ଷେପ ନିଆଯାଉ। ଏହିପରି ମହାସଂଘ ପକ୍ଷରୁ କୃଷି ଏବଂ କୃଷକଙ୍କ ପାଇଁ ଏକାଧିକ ଦାବି ରହିଛି।

### ଶଁବାଳୁଆଙ୍କ ଉତ୍ପାତ: ପୌର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସ୍ମାରକପତ୍ର

ପୁରୀ ଅଫିସ,୨୩।୩:

ଶଁବାଳୁଆଙ୍କ ଉତ୍ପାତରେ ଅତିଷ୍ଠ ହୋଇ ପୌରସଂସ୍ଥାର ଦୃଷ୍ଟି ଆକର୍ଷଣ କରିଛନ୍ତି ଦଉତୋଟା ପ୍ରଭାତ ଲେନ୍‌ର ବାସିନ୍ଦା। ଏ ନେଇ ସେମାନେ ଶନିବାର ପୌରସଂସ୍ଥା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଇଛନ୍ତି ଯେ, ହେରାଗୋହିରୀ ସାହିର ଜଣେ ବ୍ୟକ୍ତିଙ୍କ ଜାଗା ପ୍ରଭାତ ଲେନ୍ ପର୍ଯ୍ୟନ୍ତ ଲମ୍ବିଛି। ହେଲେ ଏହି ଜାଗା ଆବର୍ଜନାମୟ ହୋଇପଡିଥିବାରୁ ଏଥିରେ ଶଁବାଳୁଆ ଅଧିକ ମାତ୍ରାରେ ହୋଇଛନ୍ତି। ଏଥିସହ କେତେକ ସାପ ଏବଂ ବିଷାକ୍ତ ଜନ୍ତୁ ମଧ୍ୟ ତା' ଭିତରେ ରହୁଛନ୍ତି। ଶଁବାଳୁଆ ଏତେମାତ୍ରାରେ ହୋଇଛନ୍ତି ଯେ, ନିକଟସ୍ଥ ଅନ୍ୟମାନଙ୍କ ଘରବାଡି ସବୁଠି ଚାଲୁଛନ୍ତି। ତେଣୁ ପ୍ରଭାତ ଲେନ୍ ଓମ୍ ଜୁଏଲାରି ଗଳି ପାଖ ବାସିନ୍ଦା ପୌର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସ୍ମାରକପତ୍ର ଦେଇ ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଯଦି ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆ ନ ଯାଏ, ତେବେ ଆଗାମୀ ଦିନରେ ଯାହା ଘଟିବ ସେଥିପାଇଁ ପୌର କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି।



ଝୁଲଣ ମଣ୍ଡପରେ ସୁସଜ୍ଜିତ ବିମାନରେ ରାଧାକୃଷ୍ଣ ଝୁଲୁଛନ୍ତି।

## ଝୁଲଣ ମଣ୍ଡପରେ ଝୁଲିଲେ ରାଧାକୃଷ୍ଣ, ଶୁଣିଲେ ନୂଆ ପାଞ୍ଜି

କାକଟପୁର,୨୩।୩(ଡି.ଏନ୍.ଏ.):

ଫଗୁଦଶମୀଠାରୁ ଗାଁ ଗାଁ ବୁଲି ଚାଚେରୀ ଭୋଗ ଖାଇଥିବା ପ୍ରଭୁ ରାଧାକୃଷ୍ଣ ଗୁରୁବାର ଅପରାହ୍ନରେ ସ୍ୱମନ୍ଦିରରେ ପହଞ୍ଚିଛନ୍ତି। ମନ୍ଦିର ପାଖରେ ଥିବା ଝୁଲଣ ମଣ୍ଡପ, ଦୋଳବେଦିରେ ସୁସଜ୍ଜିତ ବିମାନରେ ରାଧାକୃଷ୍ଣଙ୍କୁ ଝୁଲା ଯାଇଥିଲା। ଶ୍ରଦ୍ଧାଳୁମାନେ ଝୁଲଣ ମଣ୍ଡପରେ ବିମାନରେ ଝୁଲୁଥିବା ରାଧାକୃଷ୍ଣଙ୍କୁ ଦର୍ଶନ କରିବା ସହ ସନ୍ଧ୍ୟା ଆଳତିରେ ବନ୍ଦାପନା କରିଥିଲେ। ସନ୍ଧ୍ୟାରେ ଠାକୁରଙ୍କ ନିକଟରେ ମନ୍ଦିରର ପୂଜକ, ପୁରୋହିତ ନୂଆବର୍ଷର ପାଞ୍ଜି ପାଠ କରି ଶୁଣାଇଥିଲେ। ଓଡ଼ିଆ ନବବର୍ଷ ମହାବିଷୁବ ସଂକ୍ରାନ୍ତି ଅର୍ଥାତ ପଣା ସଂକ୍ରାନ୍ତି ତିଥିଠାରୁ ଆରମ୍ଭ ହୋଇଥିବାରୁ ନବ ବର୍ଷରେ ଗ୍ରହମାନଙ୍କ ଚଳନ, ରାଜ୍ୟ, ଦେଶ, ସ୍ଥାନୀୟ ଅଞ୍ଚଳରେ ଭଲମନ୍ଦ, ପାଣିପାଗ ବିବରଣୀ, ବିବାହ ବ୍ରତ, ତିଥିବାର, ଶୁଭବେଳା ଆଦିସମ୍ପର୍କରେ ଠାକୁର ଏବଂ ଉପସ୍ଥିତ ଭକ୍ତମାନଙ୍କୁ ସୂଚନା ଦିଆଯାଇଥିଲା। ଏହି ପରମ୍ପରା ଓଡ଼ିଆ ଚଳଣିରେ କାହିଁ କେଉଁ କାଳରୁ ରହିଆସିଛି।

## ମା'ମୃତ୍ୟୁର ୧୪ଦିନରେ ପୁଅ ମୃତ

ଗୋପ,୨୩।୩(ଡି.ଏନ୍.ଏ.):

ଗୋପ ଥାନା ଅଧୀନ ଓରୁଆଳି ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ମାଆ ସୁଲୋଚନାଙ୍କର ମୃତ୍ୟୁର ୧୪ଦିନ ସନ୍ଧ୍ୟାରେ ବିଦ୍ୟୁତ୍ କରେଣ୍ଟ ଲାଗି ପୁତ୍ର ଆଖି ବୁଜି ଦେଇଛି। ପ୍ରକାଶ ଯେ, କୁଆଁପଡ଼ା ପଞ୍ଚାୟତ ଓରୁଆଳି ଗ୍ରାମର ଗନ୍ଧର୍ବ ସ୍ୱାଇଁଙ୍କ ଏକମାତ୍ର ପୁତ୍ର ସଂଗ୍ରାମ ସ୍ୱାଇଁ (୨୨)ଙ୍କ ମାଆ ସୁଲୋଚନାଙ୍କ ଗତ ୧୩ ଦିନ ତଳେ ମୃତ୍ୟୁ ହୋଇଥିଲା। ଦଶାହ କର୍ମ ପାଇଁ ବିଭିନ୍ନ ସ୍ଥାନରେ ଲାଇଟ୍ ଲାଗିଥିଲା। ମାତ୍ର ଘର କାନ୍ଥରେ ଏକ ବିଦ୍ୟୁତ୍ ତାର ଓହଳିଥିବାବେଳେ ସଂଗ୍ରାମ ଏହି ସ୍ଥାନରେ ଛିଡ଼ା ହୋଇଥିଲେ। ଅସାବଧାନତା ବଶତଃ ହଠାତ୍ ତାଙ୍କ ବେକରେ କରେଣ୍ଟ ଲାଗିଯାଇଥିଲା। ସେଠାରେ ସେ ସଂଜ୍ଞାହୀନ ହୋଇ ପଡ଼ିଯାଇଥିଲେ। ଗ୍ରାମବାସୀ ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଅଟୋରେ ଚିକିତ୍ସା ଲାଗି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବାବେଳେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପରେ ଗୋପ ପୋଲିସ ମୃତଦେହକୁ ଜବତ କରିଥିବାବେଳେ ତଦନ୍ତ ଜାରି ରଖିଛି। ରବିବାର ସକାଳୁ ଶବ ବ୍ୟବଚ୍ଛେଦ ହେବା ଲାଗି ଚାରିଛକ ଡାକ୍ତରଖାନାକୁ ପଠାଯିବ ବୋଲି ପୋଲିସ ପ୍ରକାଶ କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଯୁବକଙ୍କ ମୃତ୍ୟୁକୁ ନେଇ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଏ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ, ୨ ଆହତ

ବଳଙ୍ଗା,୨୩।୩ (ଡି.ଏନ୍.ଏ.)

ବଳଙ୍ଗା ଥାନା ଅନ୍ତର୍ଗତ ବାୟାବର ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଆହତ ହୋଇଛନ୍ତି। ମୃତକ ହେଲେ ସ୍ଥାନୀୟ ଗ୍ରାମର ଅଶୋକ କୁମାର ବରାଳ (ପାଣ୍ଡବ)(୪୦)। ଆହତଦ୍ୱୟ ହେଲେ ସେହି ଗ୍ରାମର ସୌମ୍ୟରଞ୍ଜନ ସିଂ ଏବଂ ଗୌରାଙ୍ଗ ପରିଡା। ସୂଚନାଯୋଗ୍ୟ, ଅଶୋକ, ସୌମ୍ୟରଞ୍ଜନ ଓ ଗୌରାଙ୍ଗ ନିଜ ଜମି ଫସଲରେ ପାଣି ମଡେଇବା ପାଇଁ ଉଠା ଜଳସେଚନ ପ୍ରକଳ୍ପରୁ ବିଦ୍ୟୁତ ସଂଯୋଗ କରୁଥିବାବେଳେ ହଠାତ୍ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲେ। ଫଳରେ ସ୍ଥାନୀୟବାସିନ୍ଦା ସେମାନଙ୍କୁ ପିପିଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ଅଶୋକଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ତଦନ୍ତ ପୂର୍ବକ ଏକ ଅପମୃତ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ଅଶୋକଙ୍କର ୨ଟି ଝିଅ, ଗୋଟିଏ ପୁଅ ଏବଂ ବିଧବା ସ୍ତ୍ରୀ ଅଛନ୍ତି। ତାଙ୍କ ପରିବାରକୁ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଯୋଗେଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଆହତ ଅନ୍ୟ ୨ଜଣ ଚିକିତ୍ସାଧୀନ ଅଛନ୍ତି।

## ହୋଲିରେ ମାଡ଼ ଖାଇଲେ ପର୍ଯ୍ୟଟକ

■ ପଛ ସିଟ୍‌ରେ ବସିବାକୁ ନେଇ ପାଟିତୁଣ୍ଡ
■ ଅଭିଯୋଗ ନ ଥିବା କହି ଖସିଗଲା ପୋଲିସ

ପୁରୀ ଅଫିସ,୨୩।୩ :

ହୋଲି ପାଇଁ ଶ୍ରୀକ୍ଷେତ୍ରରେ ଉତ୍ସବର ମାହୋଲ ଲାଗି ରହିଥିବା ବେଳେ ମହାପ୍ରଭୁଙ୍କ ଦର୍ଶନ ଲାଗି ଆସିଥିବା ବାହାର ରାଜ୍ୟର କେତେଜଣ ପର୍ଯ୍ୟଟକ ଆକ୍ରମଣର ଶିକାର ହୋଇଛନ୍ତି। ଏକ ଟ୍ରାଭେଲ୍ସ ସଂସ୍ଥାର କର୍ମକର୍ତ୍ତାଙ୍କ ଆକ୍ରମଣରେ କେତେଜଣ ମହିଳାଙ୍କ ସମେତ ଏକାଧିକ ପର୍ଯ୍ୟଟକ ଆହତ ହୋଇଛନ୍ତି।

ଆକ୍ରମଣରେ ଜଣେ ମହିଳା ପର୍ଯ୍ୟଟକଙ୍କ ବେକରେ ଗଭୀର ଆଘାତ ଲାଗିଥିବା ବେଳେ, କେତେଜଣଙ୍କ ସୁନାଚେନ୍ ଝାମ୍ପିବା ବେଳେ ସେମାନେ ବି ଆହତ ହୋଇଛନ୍ତି। ଆଉ କେତେଜଣଙ୍କୁ ଟ୍ରାଭେଲ୍ସ ସଂସ୍ଥାର କର୍ମକର୍ତ୍ତା ଗୋଡାଇ ପିଟିଛନ୍ତି। ଏହି ଘଟଣା ଶୁକ୍ରବାର ସକାଳ ପ୍ରାୟ ସାଢେ ୯ଟା ସମୟରେ ଭିଆଇପି ରୋଡ ସୁଭାଷ ବୋଷ ଛକ ନିକଟରେ ଘଟିଥିଲା। ସମୁଦ୍ରକୂଳ ଥାନା ପୋଲିସ ପହଞ୍ଚି ଘଟଣାକୁ ରଫାଦଫା କରିବାକୁ ଉଦ୍ୟମ କରିଥିଲା। ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଦର୍ଶାଇ ପୋଲିସ ନିଜ ମୁଣ୍ଡରୁ ଦୋଷ ଖସାଇ ନେଇଛି। ଘଟଣା ସମ୍ପର୍କରେ ପୋଲିସ ନିକଟରେ କେତେଜଣ ପର୍ଯ୍ୟଟକ ମୌଖିକ ଅଭିଯୋଗ କରିବା ସତ୍ତ୍ୱେ ପୋଲିସ ନୀରବଦ୍ରଷ୍ଟା ସାଜିଥିଲା। ଫଳରେ ବିନା କାରଣରେ ପର୍ଯ୍ୟଟକମାନେ ମାଡ଼ ଖାଇ ତିକ୍ତ ଅନୁଭୂତି ନେଇ ଫେରିଛନ୍ତି। ଜଣେ ମହିଳା ପର୍ଯ୍ୟଟକ କହିଛନ୍ତି, ଏଥିପାଇଁ ପୋଲିସର ଅପାରଗତା ଦାୟୀ। ପୋଲିସ କିପରି ପର୍ଯ୍ୟଟକଙ୍କୁ ସୁରକ୍ଷା ଦେଉଛି, ଏଥିରୁ ସ୍ପଷ୍ଟ ବାରିହୋଇ ପଡୁଛି ବୋଲି ସେ କହିଛନ୍ତି। ଏନେଇ ପର୍ଯ୍ୟଟନ ଅଧିକାରୀ ବିଜୟ ଜେନା କୁହନ୍ତି, ଘଟଣାର ତଦନ୍ତ କରାଯିବା ସହ ଟ୍ରାଭେଲ୍ସ ସଂସ୍ଥାଗୁଡିକୁ ତାଗିଦ କରାଯିବ। ଯେପରି ଆଗକୁ ଏଭଳି ଘଟଣା ନ ଘଟିବ ସେଥିପ୍ରତି ଦୃଷ୍ଟି ଦିଆଯିବ। ମିଳିଥିବା ସୂଚନା ପ୍ରକାରେ, ଶୁକ୍ରବାର ଜଣେ ଯାତ୍ରୀପଣ୍ଡାଙ୍କ ପ୍ରାୟ ୬୦ଜଣ ପର୍ଯ୍ୟଟକ ନାଗପୁର, ଝାଡଖଣ୍ଡ, ମଧ୍ୟପ୍ରଦେଶରୁ ପୁରୀ ବୁଲିବାକୁ ଆସିଥିଲେ। ସେମାନେ କୋଣାର୍କ, କାକଟପୁର ଏବଂ ନନ୍ଦନକାନନ ବୁଲିବା ଲାଗି ଏକ ଟ୍ରାଭେଲ ଏଜେନ୍ସିରୁ ଏକ ମିନିବସ୍ ଭଡା କରିଥିଲେ। ତେବେ ବସ୍ ପଛ ସିଟ୍‌ରେ ବସିବାକୁ ନେଇ ଟ୍ରାଭେଲ ଏଜେନ୍ସି କର୍ମକର୍ତ୍ତାଙ୍କ ସହ କେତେଜଣ ପର୍ଯ୍ୟଟକଙ୍କ ପାଟିତୁଣ୍ଡ ହୋଇଥିଲା। ବସ୍‌ରେ ଥିବା ଜନୈକ ଗାଇଡ ହଠାତ୍ ଉତ୍କ୍ଷିପ୍ତ ହୋଇ ପର୍ଯ୍ୟଟକଙ୍କୁ ଗାଳିଗୁଲଜ କରିଥିଲେ। ସେମାନେ ଏହାର ପ୍ରତିବାଦ କରିଥିଲେ। ବସ୍‌ରେ ଥିବା ଟ୍ରାଭେଲ୍ସ ଏଜେନ୍ସି କର୍ମକର୍ତ୍ତା, ଗାଇଡ ସେମାନଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିଲେ।